# ବ୍ୟାକରଣ ପ୍ରବେଶ

୰ ରାୟ ରାଧାନାଥରାୟ ବାହାଦୁର

ସଙ୍କଳିତ

ପ୍ରକାଶକ

ନୂତନ ମୁଦ୍ରଣ

ମୂଲ୍ୟ [illegible]

# ବ୍ୟାକରଣ ପ୍ରବେଶ

## ପ୍ରଥମ ଭାଗ

### ବର୍ଣ୍ଣ

ଅ, ଆ, କ, ଖ ପ୍ରଭୃତିକୁ ବର୍ଣ୍ଣ ବୋଲାଯାଏ । ଓଡ଼ିଆ ଭାଷାରେ ଅଣଷାଠି ବର୍ଣ୍ଣ ଅଛି । ବର୍ଣ୍ଣ ଦୁଇ ପ୍ରକାର—ସ୍ୱର ଓ ବ୍ୟଞ୍ଜନ ।

### ସ୍ୱରବର୍ଣ୍ଣ

ଯେଉଁ ବର୍ଣ୍ଣମାନେ ଅନ୍ୟ ବର୍ଣ୍ଣର ସାହାଯ୍ୟ ନ ନେଇ ଉଚ୍ଚାରିତ ହୁଅନ୍ତି, ସେମାନଙ୍କୁ ସ୍ୱରବର୍ଣ୍ଣ ବୋଲାଯାଏ । ଅ ଠାରୁ ଔ ଏହି ତେରଟି ବର୍ଣ୍ଣ ସ୍ୱରବର୍ଣ୍ଣ । ସ୍ୱର ଦୁଇ ପ୍ରକାର—ହ୍ରସ୍ୱ ଓ ଦୀର୍ଘ । ଅ, ଇ, ଋ, ଉ, ଌ ଏହି ପାଞ୍ଚଟି ହ୍ରସ୍ୱ, ଅନ୍ୟମାନେ ଦୀର୍ଘ ଅଟନ୍ତି ।

### ବ୍ୟଞ୍ଜନବର୍ଣ୍ଣ

ପୂର୍ବେ କିମ୍ବା ପରେ ସ୍ୱରବର୍ଣ୍ଣ ନ ଥିଲେ ଯେଉଁ ବର୍ଣ୍ଣମାନେ ଉଚ୍ଚାରିତ ହୋଇ ନ ପାରନ୍ତି, ସେମାନଙ୍କୁ ବ୍ୟଞ୍ଜନବର୍ଣ୍ଣ ବୋଲାଯାଏ କ ଠାରୁ ହ ଏବଂ ଂ, ଃ, ଁ, ଏହି ଛତିଶଟି ବ୍ୟଞ୍ଜନବର୍ଣ୍ଣ । ଏମାନଙ୍କ ମଧ୍ୟରୁ କ ଠାରୁ ମ ପର୍ଯ୍ୟନ୍ତ ପଚିଶଟି ବର୍ଣ୍ଣକୁ ସ୍ପର୍ଶ ବା ବର୍ଗ୍ୟବର୍ଣ୍ଣ, ଅବଶିଷ୍ଟ ୧୧ଟିକୁ ଅବର୍ଗ୍ୟବର୍ଣ୍ଣ ବୋଲାଯାଏ । ( ୍ ) ଏହି ହସନ୍ତ ଚିହ୍ନଦ୍ୱାରା ସ୍ୱରବର୍ଜିତ ବ୍ୟଞ୍ଜନବର୍ଣ୍ଣ ସୂଚିତ [illegible]

ର୍ଣ୍ଣ ପାଞ୍ଚଭାଗରେ ବିଭକ୍ତ; ଯଥା—

କବର୍ଗ— କ ଠାରୁ ଙ;
ଚବର୍ଗ— ଚ ,, ଞ;
ଟବର୍ଗ— ଟ ,, ଣ;
ତବର୍ଗ— ତ ,, ନ;
ପବର୍ଗ— ପ ,, ମ ।

ଯ, ର, ଲ, ବ ଏମାନଙ୍କୁ ଅନ୍ତଃସ୍ଥବର୍ଣ୍ଣ; ଶ, ଷ, ସ, ହ ଏମାନଙ୍କୁ ଉଷ୍ମବର୍ଣ୍ଣ; ଂ, ଃ, ଁ ଏମାନଙ୍କୁ ଅଯୋଗବାହ ବର୍ଣ୍ଣ ବୋଲାଯାଏ ।

ଡ, ଢ, ଯ ଶବ୍ଦର ପ୍ରଥମାକ୍ଷର କିମ୍ବା ଅନ୍ୟ ବର୍ଣ୍ଣ ସଂଯୁକ୍ତ ନ ହେଲେ ଯଥାକ୍ରମରେ ଡ଼, ଢ଼, ୟ ବୋଲି ଉଚ୍ଚାରିତ ହୁଏ; ଯଥା—ଡଗର, ଗଡ଼, ଢଗ, ଦୃଢ଼, ଯନ୍ତ୍ର, ନିୟମ, ଜାଡ଼୍ୟ, ଷଣ୍ଢ, କାର୍ଯ୍ୟ । ସ୍ଥଳେ ସ୍ଥଳେ ଅନ୍ୟଥା ମଧ୍ୟ ଦେଖାଯାଏ; ଯଥା—ଖଡ୍ଗ, ସରଯୂ । ଳ ଓ ଲ ଏକ ବର୍ଣ୍ଣ; ମାତ୍ର ସ୍ଥଳଭେଦରେ ଉଚ୍ଚାରଣର ପାର୍ଥକ୍ୟ ଦେଖାଯାଏ । ଯଥା—ବେଳ, ବେଲ ।

ବ୍ୟଞ୍ଜନବର୍ଣ୍ଣରେ ଯୁକ୍ତ ହେଲେ ସ୍ୱରବର୍ଣ୍ଣର ଯେଉଁ ସାଙ୍କେତିକ ଆକାର ହୁଏ ଏବଂ ବ୍ୟଞ୍ଜନବର୍ଣ୍ଣରେ ବ୍ୟଞ୍ଜନବର୍ଣ୍ଣ ଯୁକ୍ତ ହୋଇ ଯେସବ ରୂପାନ୍ତରିତ ହୋଇଯାଏ, ପୂର୍ବରୁ ତାହା ପାଠକମାନେ ଜାଣିଥିବାରୁ ଏଠାରେ ସେଥିର ଉଲ୍ଲେଖ ଅନାବଶ୍ୟକ ଅଟେ । ର ରେଫ ହୋଇ ଉପରସ୍ଥ ହେଲେ ଚ, ଛ, ଜ, ତ, ଦ, ଧ, ବ, ମ ଏବଂ ଯ ଏହି ବର୍ଣ୍ଣମାନଙ୍କର ପ୍ରାୟ ଦ୍ୱିତ୍ୱ ହୁଏ ।

ଉଚ୍ଚାରଣ ସ୍ଥାନ ଭେଦରୁ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ ଭିନ୍ନ ଭିନ୍ନ ଶ୍ରେଣୀରେ ବିଭକ୍ତ ହୁଅନ୍ତି, ଯଥା—କବର୍ଗ, ଅ, ଆ, ହ ଏମାନେ କଣ୍ଠ୍ୟ ବର୍ଣ୍ଣ; ଚବର୍ଗ, ଇ, ଈ, ଯ, ଶ ଏମାନେ ତାଲବ୍ୟ ବର୍ଣ୍ଣ; ଟବର୍ଗ, ଋ, [illegible]—ର, ଷ ଏମାନେ ମୂର୍ଦ୍ଧନ୍ୟ ବର୍ଣ୍ଣ; ତବର୍ଗ,

ତ, ଲ, ସ ଏମାନେ ଦନ୍ତ୍ୟ ବର୍ଣ୍ଣ; ପବର୍ଗ, ଉ, ଊ, ଏମାନେ ଓଷ୍ଠ୍ୟ-ବର୍ଣ୍ଣ; ଏ, ଐ, ଏମାନେ କଣ୍ଠତାଲବ୍ୟ; ଓ, ଔ, ଏମାନେ କଣ୍ଠୋଷ୍ଠ୍ୟ; ଅବର୍ଗ୍ୟ ବା ଦନ୍ତୋଷ୍ଠ୍ୟ ।

ଙ, ଞ, ଣ, ନ, ମ ଏହି ୫ଟି ବର୍ଣ୍ଣ ଯଥାକ୍ରମରେ ପୂର୍ବୋକ୍ତ କଣ୍ଠ୍ୟ, ତାଲବ୍ୟ ପ୍ରଭୃତି ସଙ୍ଗରେ ସଞ୍ଚିତ, ନାସିକାରୁ ମଧ୍ୟ ଉଚ୍ଚାରିତ ହେଉଥିବାରୁ ଏମାନଙ୍କୁ ଅନୁନାସିକ ବୋଲଯାଏ । ଅନୁସ୍ୱାର ଓ ଚନ୍ଦ୍ରବିନ୍ଦୁ ଏମାନେ ମଧ୍ୟ ଅନୁନାସିକ ।

ବିସର୍ଗ ସ୍ୱରାଶ୍ରିତ । ପୂର୍ବବର୍ତ୍ତୀ ସ୍ୱରର ଉଚ୍ଚାରଣ ସ୍ଥାନ ବିସର୍ଗର ଉଚ୍ଚାରଣ ସ୍ଥାନ ।

ଷ, ସ ଏବଂ ନ, ଣ ଏହି ବର୍ଣ୍ଣମାନେ ଯଥାଶ୍ରିତ ଅନେକ ଶବ୍ଦରେ ବ୍ୟବହୃତ ହୁଅନ୍ତି । ଏପରି କେତେକ ଶବ୍ଦ ଅଛି, ଯହିଁରେ ବିଶେଷ କାରଣରୁ ନ ପରିବର୍ତ୍ତରେ ଣ୍ ଏବଂ ସ ପରିବର୍ତ୍ତରେ ଷ୍ ବ୍ୟବହୃତ ହୁଏ । ସଂସ୍କୃତ ବ୍ୟାକରଣରେ ଏ ବିଷୟରେ ଯେଉଁ ସୂତ୍ର ପ୍ରଦତ୍ତ ହୋଇଅଛି, ତାହା ଛାତ୍ରମାନଙ୍କ ପକ୍ଷରେ ନିତାନ୍ତ ଦୁର୍ବୋଧ । ସୂତ୍ରାପେକ୍ଷା ପ୍ରୟୋଗଦୃଷ୍ଟି ଦ୍ୱାରା ଏ ସମ୍ବନ୍ଧରେ ପ୍ରକୃତ ଜ୍ଞାନଲାଭ ହୋଇପାରେ । ଏଠାରେ ଣ ଓ ଷର ବ୍ୟବହାର ସମ୍ବନ୍ଧରେ କେତେକ ସ୍ଥୂଳଭାବରେ କେବଳ ନିୟମ ଦିଆଗଲା । ଏହି ନିୟମ ଅଳ୍ପ ସ୍ଥଳରେ ସଂସ୍କୃତ ନିୟମର ଅନୁରୂପ ନ ହେଲେ ସୁଦ୍ଧା ଓଡ଼ିଆ ଛାତ୍ରମାନଙ୍କ ପକ୍ଷରେ ଯଥେଷ୍ଟ ଅଟେ ।

## ଣତ୍ୱ ବିଧାନ

ଋ, ର୍, ଷ୍ ଏହି ତିନି ବର୍ଣ୍ଣ ପରେ ପଦ ମଧ୍ୟରେ ନ୍ ପରିବର୍ତ୍ତରେ ପ୍ରାୟ ଣ୍ ବ୍ୟବହୃତ ହୁଏ । ଯଥା—ଋଣ, ତୃଣ, ମସୃଣ, ତୃଷ୍ଣା, କର୍ଣ୍ଣ, ବର୍ଣ୍ଣ, ସ୍ୱର୍ଣ୍ଣ, ନିଷ୍ପ୍ରୟୁ, କୃଷ୍ଣ, ବିଷ୍ଣୁ ଇତ୍ୟାଦି ।

ଋ, ର୍, ଷ ପରେ ସ୍ୱରବର୍ଣ୍ଣ, କବର୍ଗ, ପବର୍ଗ, ଯ, ବ, ହ ଓ ଅନୁସ୍ୱାର, ଏଥିମଧ୍ୟରୁ କୌଣସି ଏକ କିମ୍ବା ଏକାଧିକ ବର୍ଣ୍ଣ ବ୍ୟବଧାନ

ଥିଲେ ମୁର୍ଦ୍ଧା ନ୍, ଣ୍ ହୋଇଯାଏ; ଯଥା—ଚରଣ, ବରଣ, ମରଣ, ହରଣ, ଅଗ୍ରଣୀ, ପ୍ରଣାମ, ପ୍ରଣାଳୀ, କ୍ଷିପଣ, ଭୂଷଣ, ଦୂଷଣ, ପୋଷଣ [illegible], ଘ୍ରାଣ, ବିଷାଣ, ଶ୍ରବଣ, ପରିମାଣ, ଦ୍ରୁଘଣ, କରୁଣ, ଦାରୁଣ, ତରୁଣ, ରେଣୁ, ଦ୍ରୋଣ, ଦ୍ରୋଣୀ, ତର୍କଣ, ରୁଗ୍‌ଣ, ମାର୍ଗଣ, ଦ୍ରୁହଣ, କୃପଣ, ଅର୍ପଣ, ଦର୍ପଣ, ପାର୍ବଣ, ଗର୍ଭିଣୀ, ଜୃମ୍ଭଣ, ଗ୍ରହଣ, ବୃଂହଣ, ଗୃହ୍ୟମାଣ, ଭ୍ରମ୍ୟମାଣ, ମ୍ରିୟମାଣ, ପ୍ରଣାମ, ପରିମାଣ, ପରାୟଣ, ପୂର୍ବାହ୍ଣ; ଅପରାହ୍ଣ ।

ଅନ୍ୟ ବର୍ଣ୍ଣ ବ୍ୟବଧାନ ଥିଲେ ନ୍, ଣ୍ ହୁଏ ନାହିଁ, ଯଥା—ରଚନା, ଅର୍ଚ୍ଚନା, ସୃଜନ, ମାର୍ଜ୍ଜନା, ରଟନା, ପର୍ଯ୍ୟଟନ, ବର୍ତ୍ତନା, କର୍ତ୍ତନ, ମର୍ଦ୍ଦନ, ବର୍ଦ୍ଧନ, ମୂର୍ଦ୍ଧନ୍ୟ, ବର୍ତ୍ତମାନ, ବର୍ଦ୍ଧମାନ, ପ୍ରଲୋଭନ, ପ୍ରସେନ, ଦର୍ଶନ, ସ୍ପର୍ଶନ, ଇତ୍ୟାଦି ।

କାନ, ଫାଲ୍‌ଗୁନ, ଗାନ, ଗମନ, ପାନ, ଫେନ, ବନ, ଶୂନ୍ୟ ପ୍ରଭୃତି ଶବ୍ଦ ବ୍ୟତୀତ ସ୍ୱତନ୍ତ୍ର, କ, ଗ, ପ, ଫ, ବ, ଷ ପରେ ପ୍ରାୟ ଣ୍ ବ୍ୟବହୃତ ହୁଏ; ଯଥା—କଣା, କାଣ, କଣ, ଉତ୍କୁଣ, କୋଣ, ଚିକ୍କଣ, ନିକ୍ୱଣ, ଗଣ, ଗୁଣ, ଗୌଣ, ପଣ, ପଣ୍ୟ, ପୁଣ୍ୟ, ଆପଣ, ବିପଣି, ଫଣା, କଫୋଣି, ବଣିକ, ବାଣ, ବାଣୀ, ବେଣୀ, ବେଣୁ, ବୀଣା, କ୍ୱାଣ, ଶଣ, ଶାଣ, ଶୋଣ, ଶୋଣିତ ଇତ୍ୟାଦି ।

## ଷତ୍ୱ ବିଧାନ

ଅ, ଆ ଭିନ୍ନ ସ୍ୱରବର୍ଣ୍ଣ ଏବଂ କ୍ ଓ ର୍ ପରେ ପଦ ମଧ୍ୟସ୍ଥିତ ଦନ୍ତ୍ୟ ସକାର ପ୍ରାୟ ମୂର୍ଦ୍ଧନ୍ୟ ହୁଏ ଏବଂ ସ୍ତ, ସ୍ଥ ଥିଲେ ଯଥାକ୍ରମରେ ଷ୍ଟ, ଷ୍ଠ ହୋଇଯାଏ; ଯଥା—ସମ—ବିଷମ, ସୁଷମ; ସ୍ଥିର—ଯୁଧିଷ୍ଠିର; ସ୍ଥାନ—ଅଧିଷ୍ଠାନ; ସେକ—ଅଭିଷେକ, ନିଷେକ; ସଙ୍ଗ—ନିଷଙ୍ଗ, ଅନୁଷଙ୍ଗ; ସିଦ୍ଧ-ନିଷିଦ୍ଧ, ପ୍ରତିଷିଦ୍ଧ; ସ୍ତୋମ-ଅଗ୍ନିଷ୍ଟୋମ; ସୁପ୍ତି-ସୁଷୁପ୍ତି; ସେନା—ସୁଷେଣ [illegible]—ପିତୃଷ୍ୱସା, ମାତୃଷ୍ୱସା; ପ୍ରସାଦ—ବିଷାଦ,

ନିଷାଦ, ପ୍ରସେବନ—ନିଷେବଣ; ପୁରସ୍କାର—ତିରସ୍କାର; ନମସ୍କାର—ନିଷ୍କାମ; ବାଚସ୍ପତି—ଗୀଷ୍ପତି; ମୁମୁସ୍ସା—ମୁମୂର୍ଷା; ଚିକିସ୍ସା—ଚିକୀର୍ଷା; ହବିସ୍—ହବିଷ୍ୟ ।

ଏହି ଉଦାହରଣମାନଙ୍କରେ ଦେଖାଯିବ ଯେ, ପୂର୍ବ ଶବ୍ଦରେ ଯାହା ସ୍ ଥିଲା, ପରବର୍ତ୍ତୀ ସେହିପରି ଶବ୍ଦରେ ତାହା ଷ୍ ହୋଇ ଯାଇଅଛି ;

### ଅନ୍ୟ ଉଦାହରଣ

ନିଷ୍ଫଳ, ନିଷ୍ପ୍ରଭ, ନିଷ୍କଳଙ୍କ, ନିଷ୍କାମ, ନିଷ୍ଠୁର, ନିଷ୍କ୍ରିୟ, ନିଃସ୍ୱର, ଉତ୍କ୍ଷେପଣ, ନିଷ୍ଠୀବନ, ନିଷ୍ଠୁର, ନିଷ୍ଠା, ଶିଷ୍ୟ, ଶିଷ୍ଟ, ଜଗୀଷା, ଜିଷ୍ଣୁ, ଉଷ୍ଣୀଷ, ଉଷ୍ଟ୍ର, ଶୁଶ୍ରୂଷା, ପରମେଷ୍ଠୀ, ନୈଷ୍ଠିକ, ନୈଷଧ, ଗୋଷ୍ଠ, ଓଷ୍ଠ, ମୁମୂର୍ଷା ।

ନିମ୍ନଲିଖିତ ଶବ୍ଦମାନଙ୍କରେ ଏହି ନିୟମର ବ୍ୟତିକ୍ରମ ଦେଖାଯାଏ; ଯଥା—ବିସର୍ଗ, ବିସର୍ପଣ, ବିସର୍ଜ୍ଜନ, ଭୂମିସାତ୍, ବିସ୍ତାର, ନିଃସ୍ତାର, ନିସ୍ତନ, ନିଃସ୍ପୃହ, ସୁସହ, ସୁସାଧ୍ୟ, ସୁସିଦ୍ଧ, ସୁସ୍ଥ, ପରିସର, ପ୍ରତିସନ୍ଧାନ, ଅନୁସନ୍ଧାନ, ଅନୁସରଣ, ବିସମ୍ବାଦ, ଅନୁସ୍ୱାର, ବିସୂଚିକା, ବିସ୍ମରଣ, ବିସ୍ତୀର୍ଣ୍ଣ, ବିସ୍ଫୋଟକ ଇତ୍ୟାଦି ।

କେତେଗୁଡ଼ିଏ ଶବ୍ଦରେ ସ୍ୱାଭାବିକ ଷ୍ ଅଛି । ଯଥା—ଅଭିଳାଷ, କଷାୟ, କଳୁଷ, ତୃଷ୍ଣା, ସୃଷ୍ଟି, ଭାଷା, ମାଷ, ପାଷାଣ, ନିକଷ, ଅଷାଢ଼, ପ୍ରଦୋଷ ଇତ୍ୟାଦି ।

## ଶବ୍ଦ ପ୍ରକରଣ

ବୋଧ (୧) ଓ ଧାତୁକୁ ପ୍ରକୃତି ବୋଲିଯାଏ; ଯଥା—ବନ, ଜନ, ଅରଣ୍ୟ, ସ୍ଥା, ଗମ୍, ଭୂଶ୍ ଇତ୍ୟାଦି ।

---

(୧) ଶବ୍ଦମୂଳ । ଯଥା—ବୃକ୍ଷ, ଯୌବନ, ସୋଦର୍ଯ୍ୟ । ଯେଉଁ ଶବ୍ଦ ପ୍ରକୃତି ପ୍ରତ୍ୟୟକୁ ଅର୍ଥରୁ ଭାଗ କରି ପ୍ରାତୀତି ହେଉନାହିଁ ଏବ ଯୋଗରୁ ବୁଝାଏ, ତାହାକୁ ରୂଢ଼ ଶବ୍ଦ ବୋଲିଯାଏ । ଯଥା—ମଣ୍ଡପ, ଦେବ, [illegible]

ପ୍ରକୃତିର ଉତ୍ତର ବିଶେଷ ବିଶେଷ ଅର୍ଥରେ ଯାହା ସନ୍ନିବେଶିତ ହୁଏ, ତାହାକୁ ପ୍ରତ୍ୟୟ ବୋଲନ୍ତି; ଯଥା—ଅଣୀ, ଇଣୀ, ଈ, ମାନେ, ଆରୁ, ରେ, ବନ୍, ଯ, ଇଲେ, ଇଅଛି, ଉଅଛି, ଅକ, ତବ୍ୟ, ଅନୀୟ ।

ବାକ୍ୟର ଅନ୍ତର୍ଗତ ଏକ ଏକ ଅର୍ଥବୋଧକ ବର୍ଣ୍ଣଚୟକୁ ପଦ ବୋଲାଯାଏ; ଯଥା—ମୁଁ କୃଷ୍ଣଙ୍କୁ ଦେଖିଲି । ଏଠାରେ ତିନି ପଦ ଘେନି ଗୋଟିଏ ବାକ୍ୟ ହେଲା ।

ପଦ ପାଞ୍ଚ ଭାଗରେ ବିଭକ୍ତ; ଯଥା—ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ ଓ କ୍ରିୟା ।

## ବିଶେଷ୍ୟ

ନାମବାଚକ ଶବ୍ଦକୁ ବିଶେଷ୍ୟ ବୋଲାଯାଏ । ତାହା ପାଞ୍ଚ ପ୍ରକାର । ଯଥା—ଜାତିବାଚକ, ସଂଜ୍ଞାବାଚକ, ବସ୍ତୁବାଚକ, ଗୁଣ-ବାଚକ ଓ କ୍ରିୟାବାଚକ ।

ଜାତି ବା ଶ୍ରେଣୀବାଚକ ବିଶେଷ୍ୟ; ଯଥା—ମନୁଷ୍ୟ, ଗୋ, ପତଙ୍ଗ, ବ୍ରାହ୍ମଣ, ନଦୀ, ପର୍ବତ, ବର୍ଷ, ମାସ, ଯୂଥ, ସଭା ଇତ୍ୟାଦି ।

ସଂଜ୍ଞାବାଚକ ବିଶେଷ୍ୟ; ଯଥା—ଯଦୁ, ମଧୁ, ଅପର୍ଣ୍ଣା, ସାବିତ୍ରୀ, ପରମେଶ୍ୱର, କଟକ, ମହାନଦୀ, ହିମାଳୟ, ତାଜମହଲ, କୋହିନୂର, ଶ୍ରୀପଞ୍ଚମୀ, ଶୁକ୍ରବାର, ବସୁନ୍ଧରା, ଜ୍ୟାମିତି ଇତ୍ୟାଦି ।

ବସ୍ତୁବାଚକ ବିଶେଷ୍ୟ; ଯଥା—କାଷ୍ଠ, ଲୌହ, ମୃତ୍ତିକା, ଜଳ, ଅଗ୍ନି, ବାୟୁ, ଇତ୍ୟାଦି ।

ଗୁଣବାଚକ ବିଶେଷ୍ୟ; ଯଥା—ଗୁରୁତା, ଲଘୁତା, ଦୀର୍ଘତା, ତାପ, ବଳ, କ୍ଷମା, ଯୌବନ, ବାର୍ଦ୍ଧକ୍ୟ, ସୁଖ, ଦୁଃଖ, ନୀଳିମା, ରକ୍ତିମା ଇତ୍ୟାଦି ।

---

ଯୋଗଲବ୍ଧ ଅର୍ଥକୁ ବୁଝାଏ, ତାହାକୁ ଯୌଗିକ ବୋଲାଯାଏ । ଯଥା—ପାଠକ, ଖେଚର; ଗୋଚର । ଯେ ପ୍ରକୃତି ପ୍ରତ୍ୟୟ ଯୋଗଲବ୍ଧ ଅର୍ଥ ମଧ୍ୟରୁ କୌଣସି ଏକ ବିଶେଷ ବ୍ୟକ୍ତି କିମ୍ବା ବସ୍ତୁକୁ ବୁଝାଏ, ତାହାକୁ ଯୋଗରୂଢ଼ ବୋଲାଯାଏ । ଯଥା—ପଙ୍କଜ, ବାରିଜ; ଜଳୌକା ।

କ୍ରିୟାବାଚକ ବିଶେଷ୍ୟ; ଯଥା—ଗମନ, ଶୟନ, ସ୍ଥିତି, ଭ୍ରାନ୍ତି, କଳ୍ପନା, ଖାଇବା, ପାଇବା ଇତ୍ୟାଦି ।

'ଉତ୍ତମ ଗୋଟିଏ ବିଶେଷଣ', 'ଓ ଗୋଟିଏ ଅବ୍ୟୟ', ଏହି ବାକ୍ୟଦ୍ୱୟରେ 'ଉତ୍ତମ' ଏବ 'ଓ' ବିଶେଷ୍ୟ; ହେତୁ କି ଏଠାରେ କେବଳ ଯୋଡ଼ିଏ ଶବ୍ଦକୁ ଲକ୍ଷ୍ୟ କରାଯାଇଅଛି ।

ବିଶେଷ୍ୟ ପଦର ଲିଙ୍ଗ, ବଚନ, ପୁରୁଷ ଓ କାରକ ଅଛି ।

## ଲିଙ୍ଗ

ପୁରୁଷ ଓ ସ୍ତ୍ରୀ ପ୍ରଭୃତିର ଭେଦବୋଧକ ଚିହ୍ନକୁ ଲିଙ୍ଗ କହାଯାଏ । ଲିଙ୍ଗ ତିନିପ୍ରକାର—ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଏବ କ୍ଳୀବଲିଙ୍ଗ ।

ଓଡ଼ିଆ ଭାଷାରେ ପୁଂଲିଙ୍ଗ ଓ କ୍ଳୀବଲିଙ୍ଗ ଶବ୍ଦର ରୂପଗତ କୌଣସି ପ୍ରଭେଦ ନାହିଁ; ସୁତରାଂ କ୍ଳୀବଲିଙ୍ଗ ଉପେକ୍ଷିତ ହେଲା ।

ବର୍ତ୍ତମାନ କେବଳ ସ୍ତ୍ରୀଲିଙ୍ଗ ଶବ୍ଦଗୁଡ଼ିକ ଜାଣିପାରିଲେ ଅବଶିଷ୍ଟ ଶବ୍ଦ ପୁଂଲିଙ୍ଗ ବୋଲି ଜାଣିବାକୁ ହେବ ।

ଯେଉଁମାନେ ସ୍ୱଭାବତଃ ସ୍ତ୍ରୀଜାତି, ସେମାନେ ପ୍ରାୟ ସ୍ତ୍ରୀଲିଙ୍ଗ ଅଟନ୍ତି; ଯଥା—ମାତା, କନ୍ୟା, ଜେମା, ରାଣୀ, ଜାୟା, ଭଗିନୀ, ଝିଅ, ମାଉସୀ, ଶାଶୂ, ନଣନ୍ଦ, ଭୂଆସୁଣୀ, କୁଳଟା, ବେଶ୍ୟା ଇତ୍ୟାଦି ।

କାଶୀ, କାଞ୍ଚୀ, ଉଜ୍ଜୟିନୀ, ପୁରୀ ପ୍ରଭୃତି କେତେକ ନଗରୀବାଚକ ଶବ୍ଦ ଓ ଗଙ୍ଗା, ଗୋଦାବରୀ, ନର୍ମଦା ପ୍ରଭୃତି କେତେକ ନଦୀବାଚକ ଶବ୍ଦ ସ୍ୱଭାବତଃ ସ୍ତ୍ରୀଲିଙ୍ଗ ।

ସଂସ୍କୃତ ନିୟମାନୁସାରେ କେତେକ ଶବ୍ଦ ଏବଂ ସେହି ଅର୍ଥବୋଧକ ଅନ୍ୟ ଶବ୍ଦ ପ୍ରାୟ ସ୍ତ୍ରୀଲିଙ୍ଗ; ଯଥା—ବିଦ୍ୟୁତ୍, ସରିତ୍, ଲତା, ନଦୀ, ବୀଣା, ଦିକ୍, ପୃଥିବୀ, ସମ୍ପଦ୍, ବିପଦ୍, କ୍ଷୁଧା, ତୃଷା, ଲଜ୍ଜା, କ୍ଷମା, ଆଶା, ଇଚ୍ଛା, ଶ୍ରେଣୀ, ଶୋଭା, ପ୍ରଭା, ଜ୍ୟୋତ୍ସ୍ନା, ସେନା, ତିଥି, ବୁଦ୍ଧି ଇତ୍ୟାଦି ।

ଯେଉଁ କ୍ରିୟାବାଚକ ବିଶେଷ୍ୟ ଶେଷରେ ନା, ଣା, ଆ ଶବ୍ଦ ଥାଏ ବା ଯେଉଁ ଗୁଣ ବା ଅବସ୍ଥାବାଚକ ବିଶେଷ୍ୟ ଶେଷରେ ତା ଥାଏ, ସେମାନେ ସ୍ତ୍ରୀଲିଙ୍ଗ; ଯଥା—ସଂସ୍ଥାପନା, ଆରାଧନା, ସମ୍ଭାବନା, ପ୍ରସ୍ତାବନା, ପ୍ରେରଣା, କ୍ରିୟା, ବାଧା, ପୂଜା, ଜିଗୀଷା, ପିପାସା, ଉତ୍କର୍ଷା, ତିତିକ୍ଷା, ବୁଭୁକ୍ଷା, ମତି, ଗତି, ଉନ୍ନତି, ଧୃତି, ଭ୍ରାନ୍ତି, ଗୂଢ଼ତା, ଗୃଢ଼ତା, ଲଘୁତା, ଧୀରତା, ଶତ୍ରୁତା ।

ହରିତକୀ, କଦଳୀ ପ୍ରଭୃତି କେତେଗୁଡ଼ିଏ ବୃକ୍ଷବାଚକ ଶବ୍ଦ ଓ ମକ୍ଷିକା, ପିପୀଲିକା, ବଳାକା, ମୃତ୍ତିକା, ବଡ଼ବା ପ୍ରଭୃତି ଶବ୍ଦ ସଂସ୍କୃତ ନିୟମ ଅନୁସାରେ ନିତ୍ୟ ସ୍ତ୍ରୀଲିଙ୍ଗ ।

ସ୍ତ୍ରୀଲିଙ୍ଗର ବିଶେଷଣ ପଦ ଅନେକ ସ୍ଥଳରେ ସ୍ତ୍ରୀଲିଙ୍ଗ ହୁଏ; ଯଥା—ସୁନ୍ଦରୀ-ନାରୀ, ପୁଷ୍ପିତା-ଲତା, ଶୋଭାମୟୀ-ବିଭାବରୀ, ଶୁଭ୍ରୀ-କଳା; ପ୍ରସନ୍ନନୀରା-ନଦୀ; ବଳବତୀ-ବାସନା ଇତ୍ୟାଦି ।

ପୁଂଲିଙ୍ଗର ସ୍ତ୍ରୀଲିଙ୍ଗବାଚକ ଶବ୍ଦ ପ୍ରସ୍ତୁତ କରିବାର ତିନୋଟି ପ୍ରଣାଳୀ ଅଛି । ପ୍ରଥମ—ସ୍ତ୍ରୀଲିଙ୍ଗ ପ୍ରତ୍ୟୟଦ୍ୱାରା; ଯଥା—ଗୌର—ଗୌରୀ; ଦ୍ୱିତୀୟ—ପୃଥକ୍ ଶବ୍ଦଦ୍ୱାରା; ଯଥା—ଭ୍ରାତା—ଭଗିନୀ, ତୃତୀୟ—ପୂର୍ବପଦଦ୍ୱାରା; ଯଥା—ଅଣ୍ଡିରା ବାଛୁରି—ମାଈ ବାଛୁରି, ଅଣ୍ଡିରା ପିଲା—ମାଈକିନିଆ ପିଲା ।

ଅଧିକାଂଶ ସ୍ତ୍ରୀଲିଙ୍ଗବାଚକ ଶବ୍ଦ ପ୍ରତ୍ୟୟଦ୍ୱାରା ନିଷ୍ପନ୍ନ ହୁଏ; ତଳେ ସେଥିର ସୂଚୀ ପ୍ରଦତ୍ତ ହେଲା :—

## ସ୍ତ୍ରୀଲିଙ୍ଗ ପ୍ରତ୍ୟୟ

ଜାତିବାଚକ ଅକାରାନ୍ତ ଶବ୍ଦ ସ୍ତ୍ରୀଲିଙ୍ଗରେ ପ୍ରାୟ ଈକାରାନ୍ତ ( ସଂସ୍କୃତ ଙୀପ୍ ) କ୍ୱଚିତ୍ ଆକାରାନ୍ତ (ସଂସ୍କୃତ ଟାପ୍) ହୁଏ । ଯଥା—ବ୍ରାହ୍ମଣ, ବ୍ରାହ୍ମଣୀ; ଦେବ, ଦେବୀ; ରାକ୍ଷସ, ରାକ୍ଷସୀ; ପିଶାଚ, ପିଶାଚୀ; ମୃଗ, ମୃଗୀ; ଛାଗ, ଛାଗୀ; ଘୋଟକ, ଘୋଟକୀ; ସିଂହ, ସିଂହୀ

କୁକୁର, କୁକୁରୀ; ବ୍ୟାଘ୍ର, ବ୍ୟାଘ୍ରୀ; ହଂସ, ହଂସୀ; କପୋତ, କପୋତୀ; ବକ, ବକୀ; ମୟୂର, ମୟୂରୀ; ଦ୍ୱିଜ, ଦ୍ୱିଜୀ; କ୍ଷତ୍ରିୟ, କ୍ଷତ୍ରିୟା; ଅଜ, ଅଜା; କୋକିଳ, କୋକିଳା; ବୈଶ୍ୟ, ବୈଶ୍ୟା; ଶୂଦ୍ର, ଶୂଦ୍ରା; ଇତ୍ୟାଦି ।

ଈ ପ୍ରତ୍ୟୟ ହେଲେ ସ୍ଥଳେ ସ୍ଥଳେ ଅନ୍ୟରୂପ ପରିବର୍ତ୍ତନ ମଧ୍ୟ ଘଟେ; ଯଥା—ନର, ନାରୀ; ମନୁଷ୍ୟ, ମାନୁଷୀ ।

ଓଡ଼ିଆ ଭାଷାର ନିୟମାନୁସାରେ ଅ, ଆ, ଇ, ଈକାରାନ୍ତ ଜାତିବାଚକ ଶବ୍ଦର ସ୍ତ୍ରୀଲିଙ୍ଗରେ ଉଣୀ, ଣୀ, ଆଣୀ, କିମ୍ବା ୟାଣୀ ପ୍ରତ୍ୟୟ ହୁଏ; ଯଥା—ବାଘ, ବାଘୁଣୀ; ଭଣ୍ଡ, ଭଣ୍ଡୁଣୀ; ପାଣ, ପାଣୁଣୀ; ତେଲି, ତେଲୁଣୀ; ଚମାର, ଚମାରୁଣୀ; କଣ୍ଡରା, କଣ୍ଡରୁଣୀ; ଚଷା, ଚଷୁଣୀ; ମିତ, ମିତଣୀ; ପାଠକ, ପାଠକଣୀ; ତାମ୍ବୁଲି, ତାମ୍ବୁଲାଣୀ; ଡାକ୍ତର, ଡାକ୍ତରଣୀ; ତନ୍ତୀ, ତନ୍ତିଆଣୀ; ମହାନ୍ତି, ମହାନ୍ତ୍ୟାଣୀ; ହାଡ଼ି, ହାଡ଼ିଆଣୀ ।

କେତେକ ଗୁଡ଼ିଏ ଅକାରାନ୍ତ ଶବ୍ଦ ସ୍ତ୍ରୀଲିଙ୍ଗରେ ଈ କିମ୍ବା ଆକାରାନ୍ତ ହୁଅନ୍ତି; ଯଥା—ନଦ, ନଦୀ; ସ୍ଥଳ, ସ୍ଥଳୀ; ପଟ, ପଟୀ; ତଟ, ତଟୀ; ଘଟ, ଘଟୀ; ନଟ, ନଟୀ; ସୁନ୍ଦର, ସୁନ୍ଦରୀ; କିଶୋର, କିଶୋରୀ; ଗୌର, ଗୌରୀ; ତରୁଣ, ତରୁଣୀ; କଲ୍ୟାଣ, କଲ୍ୟାଣୀ; କୁମାର, କୁମାରୀ; ପ୍ରବଳ, ପ୍ରବଳା; ଦୁର୍ବଳ, ଦୁର୍ବଳା; ଚଞ୍ଚଳ, ଚଞ୍ଚଳା; କ୍ଷୀଣ, କ୍ଷୀଣା; କୃଶ, କୃଶା; ଦୁଷ୍ଟ, ଦୁଷ୍ଟା; ସ୍ଥବିର, ସ୍ଥବିରା; ଗମ୍ଭୀର, ଗମ୍ଭୀରା; ପ୍ରବୀଣ; ପ୍ରବୀଣା ।

ଅପତ୍ୟ କିମ୍ବା ସମ୍ବନ୍ଧସୂଚକ ଅକାରାନ୍ତ ଶବ୍ଦଗୁଡ଼ିକ ସ୍ତ୍ରୀଲିଙ୍ଗରେ ପ୍ରାୟ ଈକାରାନ୍ତ ହୁଏ; ଯଥା—ଯାଦବ—ଯାଦବୀ, ମାଧବ—ମାଧବୀ, ଦ୍ରୌପଦ—ଦ୍ରୌପଦୀ, ବୈଦେହ—ବୈଦେହୀ, ଭଗୀରଥ—ଭାଗୀରଥୀ, ମାଥୁର—ମାଥୁରୀ, ଐନ୍ଦ୍ର—ଐନ୍ଦ୍ରୀ, ରୌଦ୍ର—ରୌଦ୍ରୀ,

ଐଣ—ଐଣୀ, ବୈଷ୍ଣବ—ବୈଷ୍ଣବୀ, ବ୍ରାହ୍ମ—ବ୍ରାହ୍ମୀ, ବାରୁଣ—ବାରୁଣୀ, ମାଘ—ମାଘୀ, ଚୈତ୍ର—ଚୈତ୍ରୀ, ବସନ୍ତ—ବାସନ୍ତୀ, ବୈୟାସିକ—ବୈୟାସିକୀ ଇତ୍ୟାଦ ।

ଯେଉଁ ସମ୍ବନ୍ଧସୂଚକ ଶବ୍ଦ ଶେଷରେ ଈୟ ଥାଏ, ସ୍ତ୍ରୀଲିଙ୍ଗରେ ସେମାନେ ଆକାରାନ୍ତ ହୁଅନ୍ତି; ଯଥା—ଶାରଦୀୟ—ଶାରଦୀୟା; ବଙ୍ଗୀୟ—ବଙ୍ଗୀୟା; ଦେଶୀୟ—ଦେଶୀୟା; ସ୍ୱକୀୟ—ସ୍ୱକୀୟା; ପରକୀୟ—ପରକୀୟା ଇତ୍ୟାଦ ।

ଯେଉଁ ଶବ୍ଦର ଶେଷରେ ମୟ, ଚର, କର, ଦୃଶ, ଅଚ୍, ଅତ୍, ବତ୍, ମତ୍, ଇନ୍, ବିନ୍, ଇୟସ୍ ପ୍ରଭୃତି ପ୍ରତ୍ୟୟ ଥାଏ, ସ୍ତ୍ରୀଲିଙ୍ଗରେ ସେମାନେ ଈକାରାନ୍ତ ହୁଅନ୍ତି; ଯଥା—ଦାରୁମୟ—ଦାରୁମୟୀ, ମୃଣ୍ମୟ—ମୃଣ୍ମୟୀ, ହିରଣ୍ମୟ—ହିରଣ୍ମୟୀ, ଖେଚର—ଖେଚରୀ, ନିଶାଚର—ନିଶାଚରୀ, ସହଚର—ସହଚରୀ, କିଙ୍କର—କିଙ୍କରୀ, ଅର୍ଥକର—ଅର୍ଥକରୀ, ଈଦୃଶ—ଈଦୃଶୀ, ତାଦୃଶ—ତାଦୃଶୀ, କୀଦୃଶ—କୀଦୃଶୀ, ପ୍ରାଚ୍—ପ୍ରାଚୀ, ଅବାଚ୍—ଅବାଚୀ, ମହତ୍—ମହତୀ, ସତ୍—ସତୀ, ବୃହତ୍—ବୃହତୀ, ଧନବତ୍—ଧନବତୀ; ଭଗବତ୍—ଭଗବତୀ, ଭାସ୍ୱତ୍—ଭାସ୍ୱତୀ, ଶ୍ରୀମତ୍—ଶ୍ରୀମତୀ, ବୁଦ୍ଧିମତ୍—ବୁଦ୍ଧିମତୀ, କାନ୍ତିମତ୍—କାନ୍ତିମତୀ, ସ୍ଥାୟିନ୍—ସ୍ଥାୟିନୀ, ଗୁଣିନ୍—ଗୁଣିନୀ, ମାନିନ୍—ମାନିନୀ, ମେଧାବିନ୍—ମେଧାବିନୀ, ମାୟାବିନ୍—ମାୟାବିନୀ, ଯଶସ୍ୱିନ୍—ଯଶସ୍ୱିନୀ, ଗରୀୟସ୍—ଗରୀୟସୀ, ଲଘୀୟସ୍—ଲଘୀୟସୀ, ଶ୍ରେୟସ—ଶ୍ରେୟସୀ, ଭୂୟସ୍—ଭୂୟସୀ ।

ପ୍ରତ୍ୟଚ୍ ଓ ଉଦଚ୍ ଶବ୍ଦର ସ୍ତ୍ରୀଲିଙ୍ଗ ନିପାତନରେ ଯଥାକ୍ରମରେ ପ୍ରତୀଚୀ ଓ ଉଦୀଚୀ ହୁଏ ।

ଅନ୍ ଭାଗାନ୍ତ ଶବ୍ଦର ଉତ୍ତର ସ୍ତ୍ରୀଲିଙ୍ଗରେ ପ୍ରାୟ ଈ ପ୍ରତ୍ୟୟ ହୁଏ ଏବ ଅନ୍ ଏହାର ଅକାରର ଲୋପ ହୁଏ; ଯଥା—ରାଜନ୍—

ରାଜ୍ଞୀ; ସୁନାମନ୍—ସୁନାମ୍ନୀ । ମେନକାନାମ୍ନୀ, ଶକୁନ୍ତଳାନାମ୍ନୀ ପ୍ରଭୃତି ଶବ୍ଦ ଏହି ସୂତ୍ରାନୁସାରେ ନିଷ୍ପନ୍ନ ।

ଶ୍ୱନ୍ ଶବ୍ଦ ସ୍ତ୍ରୀଲିଙ୍ଗ ନିପାତନରେ ଶୁନୀ ଏବଂ ଯୁବନ୍ ଶବ୍ଦର ଯୁନୀ କିମ୍ବା ଯୁବତୀ ପଦ ହୁଏ ।

ବିଦ୍ୱସ୍ ଓ ପତି ଶବ୍ଦର ସ୍ତ୍ରୀଲିଙ୍ଗ ନିପାତନରେ ଯଥାକ୍ରମରେ ବିଦୁଷୀ ଓ ପତ୍ନୀ ହୁଏ ।

ଯେଉଁସବୁ ଶବ୍ଦରେ ଶରୀରର ଅଙ୍ଗ କିମ୍ବା ଅଂଶବିଶେଷ ବୁଝାଏ, ସେ ସବୁ ସ୍ତ୍ରୀଲିଙ୍ଗରେ ବିଶେଷଣ ହେଲେ କ୍ୱଚିତ୍ କେବଳ ଆକାରାନ୍ତ; ମାତ୍ର ଅଧିକାଂଶ ସ୍ଥଳରେ ଦୀର୍ଘଈକାରାନ୍ତ, ଆକାରାନ୍ତ ଉଭୟ ହୁଅନ୍ତି । ଯଥା—ସୁନେତ୍ର—ସୁନେତ୍ରା, ମୃଗନୟନ—ମୃଗନୟନା, ଚନ୍ଦ୍ରବଦନ—ଚନ୍ଦ୍ରବଦନା, ଚତୁର୍ଭୁଜ—ଚତୁର୍ଭୁଜା, ସୂର୍ପଣଖ—ସୂର୍ପଣଖା, କୃଶାଙ୍ଗ—କୃଶାଙ୍ଗୀ, କୃଶାଙ୍ଗା, ସୁକେଶ—ସୁକେଶୀ, ସୁକେଶା, କୃଶୋଦର—କୃଶୋଦରୀ, କୃଶୋଦରା, ବିମ୍ବାଧର—ବିମ୍ବାଧରୀ, ବିମ୍ବାଧରା, କୁନ୍ଦଦନ୍ତ—କୁନ୍ଦଦନ୍ତୀ, କୁନ୍ଦଦନ୍ତା; କୋକିଳକଣ୍ଠ—କୋକିଳକଣ୍ଠୀ, କୋକିଳକଣ୍ଠା ଇତ୍ୟାଦି । ଓଡ଼ିଆ ପଦ୍ୟରେ ସୁନେତ୍ରୀ, ଚନ୍ଦ୍ରବଦନୀ ପ୍ରଭୃତି ବ୍ୟାକରଣବିରୁଦ୍ଧ ପ୍ରୟୋଗ ଅସୁଲଭ ନୁହେଁ ।

ଶାରୀରିକ ଦୋଷସୂଚକ କେତେ ଶବ୍ଦର ସ୍ତ୍ରୀଲିଙ୍ଗରେ ଈ ବା ଉଣୀ ପ୍ରତ୍ୟୟ ହୁଏ । ଯଥା—ମୋଟା—ମୋଟୀ, ଗେଣ୍ଠା—ଗେଣ୍ଠୀ, କଣା—କାଣୀ, ଖନା—ଖନୀ, କୁଜା—କୁଜୀ, ଡେଙ୍ଗା—ଡେଙ୍ଗୀ, ବାଙ୍ଗର—ବାଙ୍ଗରୀ, ମଢ଼ିଆ—ମଢ଼ୀ, କାଲ—କାଲୁଣୀ, ଅନ୍ଧ—ଅନ୍ଧୁଣୀ । ପ୍ରଥମା, ଦ୍ୱିତୀୟା, ତୃତୀୟାକୁ ଛାଡ଼ି ଅନ୍ୟ ସବୁ ପୂରଣବାଚକ ଶବ୍ଦର ଉତ୍ତର ଈ ପ୍ରତ୍ୟୟ ହୁଏ; ଯଥା—ଚତୁର୍ଥ—ଚତୁର୍ଥୀ, ପଞ୍ଚମ—ପଞ୍ଚମୀ, ଅଷ୍ଟମ—ଅଷ୍ଟମୀ, ନବମ—ନବମୀ, ଏକାଦଶ—ଏକାଦଶୀ ;

ମାତୃ, ସ୍ୱସୃ, ନନାନ୍ଦୃ, ଦୁହିତୃ ଓ ଯାତୃ ଭିନ୍ନ ଯାବତୀୟ ଋକାରାନ୍ତ ଶବ୍ଦ ସ୍ତ୍ରୀଲିଙ୍ଗ ହେଲେ ଈକାର ହୁଅନ୍ତ ଏବଂ ଋ ସ୍ଥାନରେ ର ହୁଏ; ଯଥା—କର୍ତ୍ତୃ—କର୍ତ୍ତ୍ରୀ, ବିଧାତୃ—ବିଧାତ୍ରୀ; ନେତୃ—ନେତ୍ରୀ, ଭୋକ୍ତୃ—ଭୋକ୍ତ୍ରୀ, ହୋତୃ—ହୋତ୍ରୀ, ଉପଦେଷ୍ଟୃ—ଉପଦେଷ୍ଟ୍ରୀ ।

ଗୁଣବାଚକ ଉକାରାନ୍ତ ଶବ୍ଦର ଉତ୍ତର ବିକଳ୍ପରେ ଈକାର ପ୍ରତ୍ୟୟ ହୁଏ ଏବଂ ଉକାରଠାରେ ବକାର ହୁଏ; ଯଥା—ସାଧୁ—ସାଧ୍ୱୀ, ମୃଦୁ—ମୃଦ୍ୱୀ, ତନୁ—ତନ୍ୱୀ, ଗୁରୁ—ଗୁର୍ବୀ, ଲଘୁ—ଲଘ୍ୱୀ ।

ଅକ ପ୍ରତ୍ୟୟାନ୍ତ ଶବ୍ଦର ଉତ୍ତର ସ୍ତ୍ରୀଲିଙ୍ଗରେ ଆ ପ୍ରତ୍ୟୟ ହେଲେ ଅଧିକାଂଶ ଶବ୍ଦର ଅକ ସ୍ଥାନରେ ଇକ ହୁଏ; ଯଥା—ବାଳକ—ବାଳିକା, ପାଠକ—ପାଠିକା, ନାୟକ—ନାୟିକା, ଗାୟକ—ଗାୟିକା, ପ୍ରେରକ—ପ୍ରେରିକା, ପରିଚାରକ—ପରିଚାରିକା, ପ୍ରଚାରକ—ପ୍ରଚାରିକା, ପୋଷକ—ପୋଷିକା, ବୃତକ—ବୃତିକା ।

ନର୍ତ୍ତକ, ରଚକ ପ୍ରଭୃତି କେତେଗୁଡ଼ିଏ ଶବ୍ଦ ଏହି ନିୟମର ବହିର୍ଭୂତ । ସ୍ତ୍ରୀଲିଙ୍ଗରେ ଏମାନେ ଈକାରାନ୍ତ ହୁଅନ୍ତି ।

ବ୍ରହ୍ମନ୍, ରୁଦ୍ର ପ୍ରଭୃତି ଶବ୍ଦର ଉତ୍ତର ପତ୍ନୀ ଅର୍ଥରେ ଆନୀ ପ୍ରତ୍ୟୟ ହୁଏ ଏବଂ ବ୍ରହ୍ମନ୍ ଶବ୍ଦର ନକାରର ଲୋପ ହୁଏ; ଯଥା—ବ୍ରହ୍ମନ୍—ବ୍ରହ୍ମାଣୀ, ରୁଦ୍ର—ରୁଦ୍ରାଣୀ, ଭବ—ଭବାନୀ, ସର୍ବ—ସର୍ବାଣୀ, ଇନ୍ଦ୍ର—ଇନ୍ଦ୍ରାଣୀ; ବରୁଣ—ବରୁଣାନୀ ଇତ୍ୟାଦି ।

ମାତୁଳ, ଉପାଧ୍ୟାୟ, କ୍ଷତ୍ରିୟ, ଆଚାର୍ଯ୍ୟ, ସୂର୍ଯ୍ୟ ଶବ୍ଦର ଉତ୍ତର ପତ୍ନୀ ପ୍ରଭୃତି ଅର୍ଥରେ ଆନୀ, ଆ ଓ ଈ ପ୍ରତ୍ୟୟ ହୁଏ; ଯଥା—ମାତୁଳ—ମାତୁଳାନୀ; ମାତୁଳା, ମାତୁଳୀ ( ମାତୁଳପତ୍ନୀ ); ଉପାଧ୍ୟାୟ—ଉପାଧ୍ୟାୟାନୀ; ଉପାଧ୍ୟାୟୀ (ଉପାଧ୍ୟାୟ ସ୍ତ୍ରୀ), ଉପାଧ୍ୟାୟା (ସ୍ୱୟଂ ଅଧ୍ୟାପିକା); କ୍ଷତ୍ରିୟ—କ୍ଷତ୍ରିୟାଣୀ; କ୍ଷତ୍ରିୟା (କ୍ଷତ୍ରିୟଜାତୀୟା ସ୍ତ୍ରୀ)

କ୍ଷତ୍ରିୟୀ (କ୍ଷତ୍ରିୟ ପତ୍ନୀ); ଉପାଧ୍ୟାୟ—ଉପାଧ୍ୟାୟାଣୀ (ଉପାଧ୍ୟାୟପତ୍ନୀ), ଉପାଧ୍ୟାୟା (ଅଧ୍ୟାପିକା) ଇତ୍ୟାଦି ।

କେତେକ ଶବ୍ଦର ସ୍ତ୍ରୀଲିଙ୍ଗ, ପୁଣି ଭାର୍ଯ୍ୟାବୋଧକ ଶବ୍ଦ ନିମ୍ନରେ ପ୍ରଦର୍ଶିତ ହେଲା; ଯଥା—

| | ସ୍ତ୍ରୀଲିଙ୍ଗ | ଭାର୍ଯ୍ୟା |
|---|---|---|
| ଭାଇ— | ଭଉଣୀ— | ଭାଉଜ |
| ନନା— | ନାନୀ— | ଭାଇଜ |
| ପିତା— | ମାତା— | ମାତା |
| ମାମୁଁ— | ମାଉସୀ— | ମାଇଁ |
| ପୁତ୍ର— | କନ୍ୟା— | ବଧୂ |
| ପୁଅ— | ଝିଅ— | ବୋହୂ |
| ଖୁଡ଼ୁତା— | ପିଉସୀ— | ଖୁଡ଼ୀ |
| ଦଦେଇ— | ପିଉସୀ— | ଜେଠେଇ |
| ଅଜା— | ଆଈ— | ଆଈ |

## ପ୍ରଶ୍ନ

୧ । ନିମ୍ନଲିଖିତ ପୁଂଲିଙ୍ଗ ପଦଗୁଡ଼ିକର ସ୍ତ୍ରୀଲିଙ୍ଗ କର :—
ଲକ୍ଷ୍ମୀବାନ୍, କୃପଣ, ପଶୁପାଳକ, ପଙ୍କିଳ, ମୈଥିଳ, ଅବଳ, କ୍ରୋଷ୍ଟୁ, ପୃଥୁ, ପାର୍ଥିବ, ତରଳ, ସୃଷ୍ଟ, ହସ୍ତୀ, ଶୁଭ୍ର, ସାଧୁ, ଜ୍ୟେଷ୍ଠ, ଅଦ୍ଭୁତକାରୀ, କୁଶଳ, ବନ୍ଧୁ, ମାନୁଷ, ଶୀତଳ, ଦୟିତ, ଭୟଙ୍କର, ମହୀୟାନ୍, ଚତୁର୍ଦ୍ଦଶ, ମ୍ଳାନବାଚକ, ଗୃଧ୍ର, ମାତୃଷ, ଶୋଚନୀୟ, ନୈକାଳିକ, ପ୍ରଣାୟକ, ବନଚର, କାମୀ, ଶ୍ୟାମ, ବିଶାଳାକ୍ଷ, କମ୍ବୁକଣ୍ଠ, ସୁବେଶ, ମୁଖର, ଶଙ୍କର, ମଧୁକର, ପ୍ରଖର, ଦରିଦ୍ର, ବାହକ, ଭଣ୍ଡାରୀ, କମାର, ଚୋର, ସୁଲୋଚନ, ପଣ୍ଡିତ, ଦୀପକ, ହିତୈଷୀ, ପୂଜକ, ଛିନ୍ନମସ୍ତକ, ତପସ୍ୱୀ, ଭଦ୍ର, ହରିଣ, ନର୍ତ୍ତକ, ଅମ୍ଭୋଦ୍, ଭୀମ, ପ୍ରାଚେତସ, ପୌରନ୍ଦର ।

୨ । ନିମ୍ନଲିଖିତ ସ୍ତ୍ରୀଲିଙ୍ଗ ଶବ୍ଦର ପୁଂଲିଙ୍ଗ ବୋଲ :—

ଲଘୀୟସୀ, ମିଷ୍ଟଭାଷିଣୀ, ସମୃଦ୍ଧିମତୀ, ବନ୍ଧୀ, ଷୋଡ଼ଶୀ, ପତିତା, ତେଜସ୍ୱିନୀ, ଯଶସ୍ୱିନୀ, ବିହାରିଣୀ, ଜ୍ଞାନବତୀ, ମାଳିନୀ, ଜଳମୟୀ, ବୁଢ଼ିକା, ଉଦାହୃଣୀ, ପ୍ରେୟସୀ, କୃଶାଙ୍ଗୀ, ବୈଶ୍ୟା, ଦାସୀ, ଶୂଦ୍ରା, ଶ୍ୟାମା, ବର୍ଷୀୟସୀ, ନାଟିକା, ଚଣ୍ଡାଳୀ, ସତୀ, ଶ୍ୟାମାଙ୍ଗୀ, ଲମ୍ବୋଦରୀ, ଦ୍ୱିତୀୟା, ମାଗଧୀ, ମେହାରିଣୀ, କୋମଳଗାତ୍ରୀ, ପଙ୍କଜନେତ୍ରା, ପଦ୍ମାକ୍ଷୀ, ବୈକୁଣ୍ଠୀ, ଶବରୀ, ଭିକାରୁଣୀ, ହରିଣୀ, ମନୋରମା, ବାୟସୀ, ବିଳାସିନୀ, ସ୍ନେହଜନନୀ, ପ୍ରଣେତ୍ରୀ, ଉଦ୍ୟମିନୀ ।

୩ । ନିମ୍ନଲିଖିତ ଶବ୍ଦମାନଙ୍କର ଲିଙ୍ଗ ସ୍ଥିର କର :—

ଢେମା, ବ୍ରହ୍ମା, ଚନ୍ଦ୍ରମା, କ୍ଷମା, ଲଙ୍ଘନ, ତ୍ରିଯାମା, ଗରିମା, ପତ, ମତ, ଯତ, ନିଯୁତ, ଉଣ୍ଡା, ଅଙ୍ଗୀ, ସଙ୍ଗା, ଚଉଡ଼ତ୍, କୁଣ୍ଡଳୀ, ଅବଳୀ, ବଳୀ, ଚମ୍ପା, ଆଶା, ବସୁଧା, ଟୀକା, ବଧୂ, ମାୟା, ବାୟା, ଛାୟା, ଜିଘାଂସା, ବଣୀ, ପ୍ରେୟସୀ, ନିର୍ମଳପ୍ରବାହ, ନଈ, ନାହା, ଅମୃତ, ଚନ୍ଦନନୀର, ବ୍ରାହ୍ମୀ, କୁଶଭଦ୍ରା, ଶୋଭା, ଧୋବା, ଗୃହସ୍ଥା, ବିଧାତା, ଦକ୍ଷିଣା, ଜନତା, ମାତା, ନିର୍ମାତା, ଧୀରତ୍ୱ, ସୃଷ୍ଟି, କଣ୍ଟକ, ଯମୁନା, ନିଉଛୁଣୀ, ବଳଙ୍ଗ, ସୁବେଶା, ତ୍ରୟୋଦଶୀ, ବୃଦ୍ଧରୀ, ଉଦୀଚୀ, ଦଧୀଚୀ, କୁମାରୀ, ବୈରୀ, ହର, ଶାସ୍ତ୍ରୀ, କଂସାର, ଶପଥ, କବି, ବିମାତା, ଜାମାତା, ଭ୍ରାତା, ଦୁହିତା, ଜେତା, ଭୃତ୍ୟା, ଉପଦେଷ୍ଟା, ଖାଗୀ, ସଖୀ, ନବମୀ, କାମୀ, ଦାସୀ, ଅଗ୍ନି, ଯାତ୍ରୀ, ନାରକୀ, ଗୃହକୀ, ପାତକୀ, ସନ୍ତାନ, ସନ୍ତତି ।

୪ । ନିମ୍ନଲିଖିତ ଶବ୍ଦମାନଙ୍କରେ ଅଶୁଦ୍ଧି ଥିଲେ ସଂଶୋଧନ କର:—

ମହାଶୟା, ସ୍ୱର୍ଣ୍ଣମୟୀ, ଘାତକୀ, ଅଭିଳଷିତା, ମଳିନୀ, ଖେଚରୀ, ତରୁଣୀ, ଯଶସ୍ୱର, ଦରିଦ୍ରୀ, ଚନ୍ଦ୍ରାନନୀ, ପଦ୍ମନେତ୍ରୀ, ନାୟକୀ, ପେଚକବଦନୀ, ଚତୁର୍ଭୁଜୀ, ବାଳକୀ, ମୃଗଣୀ, ବିଧବୀ, ଅପସରୀ,

ଜଉଚସ୍ତ, ବୈଦର୍ଭୀ, ଏତାଦୃଶା, ସ୍ୱଦେଶୀୟ, ନନ୍ଦନା, ନବ-ଯୌବନା, ମୃଗଲୋଚନା, କୋକିଳବଚନା ।

## ବଚନ

ପଦାର୍ଥର ଏକ କମ୍ବା ବହୁ ସଂଖ୍ୟାକୁ ଯେ ବୁଝାଇ ଦଏ, ତାହାକୁ ବଚନ ବୋଲଯାଏ । ଏକ ପଦାର୍ଥ ବୁଝାଇଲେ ଏକବଚନ ଏବଂ ଏକରୁ ଅଧିକ ପଦାର୍ଥ ବୁଝାଇଲେ ବହୁବଚନର ପ୍ରୟୋଗ ହୁଏ । ଏକବଚନରେ ଶବ୍ଦର ପ୍ରାୟ ପରବର୍ତ୍ତିନ କମ୍ବା ପରବର୍ଦ୍ଧନ ହୁଏ ନାହିଁ; ଯଥା—ଲତା, ପଶୁ ଇତ୍ୟାଦ ।

ବହୁବଚନରେ ଶବ୍ଦର ଉତ୍ତର ଏ, ମାନେ, ସବୁ, ସକଳ ଓ ଅନାଦର ଅର୍ଥରେ ଗୁଡ଼ଏ, ଗୁଡ଼ାକ, ଲୁଚଏ, ଲଗୃକ ପ୍ରୟୋଗ ହୁଏ; ଯଥା—ଲୋକେ, ପଣ୍ଡାଏ, ମୃନଏ, ଜନ୍ତୁଏ, ସାଧୁଏ, ସ୍ତ୍ରୀମାନେ, ସେବକମାନେ, କୁଞ୍ଜମାନ, ବଲମାନ, ଗଛସବୁ, ବଲସବୁ, ଫଳ-ସକଳ, ପ୍ରଜାସକଳ, ପିଲାଗୁଡ଼ଏ, ପାଣଗୁଡ଼ାକ, ଜାତୁଅଲୁଚଏ, ହଳଦାଲୁଚଏ, ଅମ୍ବଲଗୃକ, ଲେମ୍ବୁଲଗୃକ ଇତ୍ୟାଦ ।

ନର୍ଦ୍ଦିଷ୍ଟ ସଂଖ୍ୟାବାଚକ ଶବ୍ଦ ପୂର୍ବରେ ଥିଲେ ବହୁବଚନସୂଚକ ପ୍ରତ୍ୟୟ ପ୍ରୟୋଗ ହୁଏ ନାହିଁ; ଯଥା—ଦଶୋଟି ମନୁଷ୍ୟ, ଗୃହଦଶ ଇତ୍ୟାଦ ।

## ପୁରୁଷ

ଯେଉଁ ପଦମାନଙ୍କର କାରକ ଅଛି, ସେମାନଙ୍କ ନାମ ପୁରୁଷ । ପୁରୁଷ ତନ ପ୍ରକାର—ପ୍ରଥମ ପୁରୁଷ, ଦ୍ୱିତୀୟ ପୁରୁଷ ଓ ତୃତୀୟ ପୁରୁଷ । ଯଥା—ଅମ୍ଭେ କରବୁଁ, ତୁମ୍ଭେ କରବ, ସେ କରଥିଲା । ଅମ୍ଭେ ପ୍ରଥମ ପୁରୁଷ, ତୁମ୍ଭେ ଦ୍ୱିତୀୟ ପୁରୁଷ, ଅମ୍ଭେ ତୁମ୍ଭେ ବ୍ୟତୀତ ଆଉ ସବୁ ତୃତୀୟ ପୁରୁଷ ।

## କାରକ

କିୟା ସହତ ଯାହାର ସମ୍ବନ୍ଧ ଥାଏ, ତାହାକୁ କାରକ ବୋଲଯାଏ ।

କାରକ ଛଅ ପ୍ରକାର; ଯଥା—କର୍ତ୍ତା, କର୍ମ, କରଣ, ସମ୍ପ୍ରଦାନ, ଅପାଦାନ ଓ ଅଧିକରଣ । ବିଭକ୍ତିଦ୍ୱାରା କାରକ ବ୍ୟକ୍ତ ହୁଏ ।

କାରକ ବିଭକ୍ତି ଛଅ ପ୍ରକାର । ଯଥା—ପ୍ରଥମା, ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ ଓ ସପ୍ତମୀ । ସମ୍ବନ୍ଧରେ ଷଷ୍ଠୀ ବିଭକ୍ତି ହୁଏ ।

## ବିଭକ୍ତିର ଆକାର

| ବିଭକ୍ତି | ଏକବଚନ | ବହୁବଚନ |
|---|---|---|
| ପ୍ରଥମା— | | ଏ, ମାନେ, ମାନ |
| ଦ୍ୱିତୀୟା— | କୁ, ଙ୍କୁ, ତ, କି, ଠାକୁ | ମାନକୁ, ମାନଙ୍କୁ, ଙ୍କି, ମାନଙ୍କଠାକୁ । |
| ତୃତୀୟା— | ରେ, ରେକରି, ଦ୍ୱାରା, କର୍ତ୍ତୃକ, ଦେଇ, ଏ | ମାନଙ୍କରେ, ମାନଙ୍କରେ କରି, ମାନଙ୍କ ଦ୍ୱାରା, ମାନଙ୍କକର୍ତ୍ତୃକ, ମାନଙ୍କଦେଇ । |
| ଚତୁର୍ଥୀ— | କୁ, ଙ୍କୁ, ତ, କି | ମାନକୁ, ମାନଙ୍କୁ, ଙ୍କି । |
| ପଞ୍ଚମୀ— | ରୁ, ଉ, ହୁ, ଠୁ, ଥିରୁ, ଠାରୁ | ମାନଙ୍କରୁ, ମାନଙ୍କଠୁ, ମାନଙ୍କଠାରୁ । |
| ଷଷ୍ଠୀ— | ର, ଙ୍କର | ମାନଙ୍କର । |
| ସପ୍ତମୀ— | ଏ, ରେ, ଠାରେ, ଥିରେ, ଠି | ମାନଙ୍କରେ, ମାନଙ୍କଠାରେ । |

## କର୍ତ୍ତା

ଯେ କ୍ରିୟା କରେ ବା କରାଏ, ସେ କର୍ତ୍ତା । କର୍ତ୍ତା ଦୁଇପ୍ରକାର—ମୁଖ୍ୟ ଓ ପ୍ରଯୋଜକ । ଯେ ଆପେ କୌଣସି କ୍ରିୟା କରେ, ସେ ମୁଖ୍ୟ କର୍ତ୍ତା, ଯେ ଅନ୍ୟ ବ୍ୟକ୍ତିଙ୍କ କୌଣସି କ୍ରିୟା କରାଏ, ସେ ପ୍ରଯୋଜକ କର୍ତ୍ତା; ଯଥା—ରାମ ପଢ଼ିଲ, ରାମ ଗୋପାଳକୁ ପଢ଼ାଇଲ । ପ୍ରଥମ ବାକ୍ୟରେ ରାମ ମୁଖ୍ୟ କର୍ତ୍ତା, ଦ୍ୱିତୀୟ ବାକ୍ୟରେ ପ୍ରଯୋଜକ କର୍ତ୍ତା ।

ଯେତେବେଳେ କୌଣସି ବ୍ୟକ୍ତି ବା ବସ୍ତୁକୁ ଉଦ୍ଦେଶ୍ୟ ଏବଂ ଯାହା ବର୍ଣ୍ଣନା କରାଯାଏ, ସେହି ବ୍ୟକ୍ତି କିମ୍ବା ବସ୍ତୁକୁ ଆଉ କିଛି ବୋଲି

ଅପେକ୍ଷା କରାଯାଏ, ତାହାକୁ ବିଧେୟ ବୋଲାଯାଏ; ଯଥା—ରାମ ରାଜା ହେଲେ, ଏଠାରେ ରାମ ଉଦ୍ଦେଶ୍ୟ ଓ ରାଜା ବିଧେୟ ।

ଯାହା ସ୍ୱତଃସିଦ୍ଧ ବସ୍ତୁ ତାହାକୁ ପ୍ରକୃତ ଏବଂ ତାହାର ଅବସ୍ଥାନ୍ତରକୁ ବିକୃତ ବୋଲାଯାଏ; ଯଥା—କାଠ କୋଇଲା ହେବ, ଏଠାରେ କାଠ ପ୍ରକୃତ ଓ କୋଇଲା ବିକୃତ ।

ଉଦ୍ଦେଶ୍ୟ ଏବଂ ପ୍ରକୃତର ଯେଉଁ କାରକ, ବିଧେୟ ଓ ବିକୃତର ସେହି କାରକ ହୁଏ ।

କେବେ କେବେ ସମଗ୍ର ବାକ୍ୟ କର୍ତ୍ତୃପଦ ହୋଇଥାଏ; ଯଥା—ସେ ଏଠାକୁ ଆସିବେ ମୋତେ ଜଣା ନ ଥିଲା ।

କର୍ତ୍ତୃକାରକରେ କର୍ତ୍ତାର ପ୍ରାଧାନ୍ୟ ସ୍ଥଳରେ ପ୍ରଥମା ବିଭକ୍ତି ହୁଏ; ଯଥା—ରାମ ପୁସ୍ତକ ଲେଖିଲେ ।

କର୍ମର ପ୍ରାଧାନ୍ୟ ସ୍ଥଳରେ କର୍ତ୍ତାରେ ତୃତୀୟା ବିଭକ୍ତି ହୁଏ; ଯଥା—ପୁସ୍ତକ ରାମଙ୍କଦ୍ୱାରା ଲିଖିତ ହେଲା । ତାହାକୁ ଯିବାକୁ ହେବ ।

ସ୍ଥଳେ ସ୍ଥଳେ କର୍ତ୍ତାରେ ଦ୍ୱିତୀୟା ବିଭକ୍ତି ମଧ୍ୟ ହୋଇଥାଏ ।

## କର୍ମ

କ୍ରିୟାର ବ୍ୟାପ୍ୟ ଅର୍ଥାତ୍ ଯେ ବସ୍ତୁ ଅବଲମ୍ବନ କରି କ୍ରିୟାର ଘଟଣା ହୁଏ, ତାହାକୁ କର୍ମ ବୋଲାଯାଏ; ଯଥା—ମୁଁ ସୂର୍ଯ୍ୟ ଦେଖିଲି, ରାମ ରାବଣକୁ ମାରିଲେ, ଏ ଦୁଇ ବାକ୍ୟରେ ସୂର୍ଯ୍ୟ ଓ ରାବଣ କର୍ମପଦ ।

ଦଶରଥ ରାମଙ୍କୁ ରାଜା କଲେ, ସାନ୍ତାଳମାନେ କାଠକୁ କୋଇଲା କଲେ । ପ୍ରଥମ ବାକ୍ୟରେ ରାମ ଓ ରାଜା ଏବଂ ଦ୍ୱିତୀୟ ବାକ୍ୟରେ କାଠ ଓ କୋଇଲା ଉଭୟ କର୍ମକାରକ ।

କେବେ କେବେ ସମଗ୍ର ବାକ୍ୟ କର୍ମପଦ ହୋଇଥାଏ; ଯଥା—ମୁଁ ଦୂରରୁ ଜାଣିଥିଲି, ସେ କଟକକୁ ଆସିବେ ।

କର୍ମପଦରେ କର୍ତ୍ତାର ପ୍ରାଧାନ୍ୟ ସ୍ଥଳରେ ଦ୍ୱିତୀୟା ବିଭକ୍ତି ହୁଏ, ମାତ୍ର କର୍ମର ପ୍ରାଧାନ୍ୟ ସ୍ଥଳରେ ପ୍ରଥମା ବିଭକ୍ତି ହୁଏ । ଯଥା—ରାମ ପୁସ୍ତକ ଲେଖିଲେ, ପୁସ୍ତକ ରାମଙ୍କଦ୍ୱାରା ଲିଖିତ ହେଲା ।

ଅନେକ ସ୍ଥଳରେ କର୍ମପଦରେ ବିଭକ୍ତି ନ ଥାଏ । ଯଥାଃ—ସାଧୁ ଭାତ ଖାଉଅଛି, ଧୋବା କାଠ ଚିରୁଅଛି ।

କୌଣସି କୌଣସି କ୍ରିୟାର ଯୋଡ଼ିଏ କର୍ମ ଥାଏ । ଯଥାଃ—ରାମ ସୀତାଙ୍କୁ ଅରଣ୍ୟକୁ ପଠାଇଲେ । ତାହାଙ୍କୁ ଟଙ୍କା ମାଗିଲି । ଏଠାରେ 'ପଠାଇଲେ' ଓ 'ମାଗିଲି' କ୍ରିୟାର ଯୋଡ଼ିଏ କର୍ମପଦ ଅଛି ।

ଅକର୍ମକ ଧାତୁ ପ୍ରୟୋଗରେ କୋଶ, ହସ୍ତ ପ୍ରଭୃତି ପରିମାଣ-ବାଚକ, ଘଡ଼ି, ରାତି ପ୍ରଭୃତି କାଳବାଚକ ଏବଂ ପଥ ପ୍ରଭୃତି ସ୍ଥାନବାଚକ ଶବ୍ଦ କର୍ମ ହୁଅନ୍ତି । ଯଥା—ସେ କୋଶେ ଦଉଡ଼ିଲେ, ମୁଁ ତିନି ରାତି ଜାଗିଲି, ମୁଁ ଅନେକ ବାଟ ବୁଲିଲିଣି ।

ଧିକ୍ ଶବ୍ଦ ଯୋଗରେ ଦ୍ୱିତୀୟା ବିଭକ୍ତି ହୁଏ । ଯଥା—କୃପଣକୁ ଧିକ୍ । ଏଠାରେ 'କୃପଣ' କର୍ମକାରକ ନୁହେଁ, ହେତୁ କି କ୍ରିୟା ସହିତ ଏହାର କୌଣସି ସମ୍ବନ୍ଧ ନାହିଁ ।

## କରଣ

ଯାହାର ସାହାଯ୍ୟରେ କର୍ତ୍ତା କ୍ରିୟା ସାଧନ କରେ, ତାହାର ନାମ କରଣ । ଯଥାଃ—ଦିବ୍ୟସିଂହ ଘୋଡ଼ାରେ ପୁରୀ ଗଲେ, ଗୋପାଳ ଲେଖନୀରେ ଲେଖିଲା, ଚେଷ୍ଟାଦ୍ୱାରା କଣ ହୋଇ ନ ପାରେ ? ଏହି ତିନି ବାକ୍ୟରେ 'ଘୋଡ଼ାରେ', 'ଲେଖନୀରେ' ଏବଂ 'ଚେଷ୍ଟାଦ୍ୱାରା' କରଣକାରକ । କରଣକାରକରେ ତୃତୀୟା ବିଭକ୍ତି ହୁଏ ।

## ସମ୍ପ୍ରଦାନ

ଯାହାକୁ ଦାନ କରାଯାଏ, ସେ ସମ୍ପ୍ରଦାନ । ଦରିଦ୍ରକୁ ଅନ୍ନ ଦିଅ, ରୋଗୀକି ଔଷଧ ଦିଅ । ଏ ଦୁଇ ବାକ୍ୟରେ 'ଦରିଦ୍ରକୁ' ଓ

"ବୈଗୀକ" ସମ୍ପ୍ରଦାନ କାରକ* । ସମ୍ପ୍ରଦାନ କାରକରେ ଚତୁର୍ଥୀ ବିଭକ୍ତି ହୁଏ ।

ନିମିତ୍ତ କିମ୍ବା ବୋଧନାର୍ଥରେ ଚତୁର୍ଥୀ ବିଭକ୍ତି ହୁଏ—ପେଟକୁ ଦାନା ନାହିଁ, ଏ ବର୍ଷକୁ ଅନ୍ନ ଅଛି, ଯୁଦ୍ଧକୁ ବଳ ନାହିଁ, ଘରକୁ ବାଟ ନାହିଁ, ସ୍ୱର୍ଗକୁ ନିଶୁଣି ନାହିଁ, ତାହାଙ୍କୁ ଅନ୍ନ ରୁଚୁନାହିଁ, ଏହି ଉଦାହରଣମାନଙ୍କରେ 'ପେଟକୁ' ପ୍ରଭୃତି ଶବ୍ଦ ଚତୁର୍ଥୀ ବିଭକ୍ତିଯୁକ୍ତ ହୋଇ ସୁଦ୍ଧା ସମ୍ପ୍ରଦାନ କାରକ ନୁହନ୍ତି; ହେତୁ କ୍ରିୟା ସହିତ ଏମାନଙ୍କର କୌଣସି ସମ୍ବନ୍ଧ ନାହିଁ ।

## ଅପାଦାନ

ଯାହାଠାରୁ କୌଣସି ବ୍ୟକ୍ତି ବା ବସ୍ତୁ ଚଳିତ, ଭୀତ, ଗୃହୀତ, ଜାତ, ବିଚ୍ଛିନ୍ନ, ମୁକ୍ତ ପ୍ରଭୃତି ହୁଏ, ତାହା ଅପାଦାନ କାରକ । ଯଥା—ରାମାମଣି ଗୃହରୁ ଅଇଲା, ସର୍ପଠାରୁ ତାହାଙ୍କର ଭୟ ଜାତ ହେଲା, ସାମନ୍ତ ପ୍ରଜାମାନଙ୍କଠାରୁ କର ନେଲେ, ଦହିରୁ ଲହୁଣୀ ବାହାରିଲା, ସେ ଭାଇଙ୍କଠାରୁ ପୃଥକ୍ ହେଲା, ଚୋର କାରାଗାରରୁ ମୁକ୍ତ ହେଲା । ଏହି ବାକ୍ୟମାନଙ୍କରେ 'ରୁ' କିମ୍ବା 'ଠାରୁ' ବିଭକ୍ତି-ଯୁକ୍ତ ପ୍ରତ୍ୟେକ ପଦ ଅପାଦାନ କାରକ । ଅପାଦାନ କାରକରେ ପଞ୍ଚମୀ ବିଭକ୍ତି ହୁଏ ।

ଦୁଇ ମଧ୍ୟରେ ଏକର ଅଧିକ୍ୟ ବା ଉତ୍କର୍ଷ ବୁଝାଇଲେ ପଞ୍ଚମୀ ବିଭକ୍ତି ହୁଏ । ଯଥା :—ଗୋପାଳ ରାମଠାରୁ ବଡ଼, ନଦୀ ଜଳଠାରୁ କୂପଜଳ ଭଲ ।'

ହେତୁ ଅର୍ଥରେ ପଞ୍ଚମୀ ବିଭକ୍ତି ହୁଏ । ଯଥା :—ସେ ଚୋରି କରିଥିବାରୁ ଦଣ୍ଡ ପାଇଲା ।

---

* ଦତ୍ତ ଦ୍ରବ୍ୟରେ ଗ୍ରହୀତାର ସ୍ୱାମିତ୍ୱ ହେଲେ ସମ୍ପ୍ରଦାନ କାରକ ହୁଏ । ଅନ୍ୟଥା ହୁଏ ନାହିଁ । "ଧୋବାକୁ ଲୁଗା ଦିଅ" ଏଠାରେ ଧୋବାକୁ ସମ୍ପ୍ରଦାନ ନୁହେଁ, କର୍ମକାରକ । ବୈୟାକରଣମାନଙ୍କର ଏହି ମତ ବେଶ ଯୁକ୍ତ ସମୀଚୀନ, ଏ ସମ୍ବନ୍ଧରେ ମତଭେଦ ଦେଖାଯାଏ ।

## ସମ୍ବନ୍ଧ

ଗୋଟିଏ ପଦାର୍ଥ ଆଉ ଗୋଟିଏ ପଦାର୍ଥର ହୋଇଥିଲେ ଶେଷୋକ୍ତ ପଦାର୍ଥକୁ ସମ୍ବନ୍ଧ ବୋଲାଯାଏ । ଯଥା—ହରିଣର ଶୃଙ୍ଗ, ପୁଷ୍ପର ସୌରଭ ।

ସମ୍ବନ୍ଧ କାରକ ମଧ୍ୟରେ ପରିଗଣିତ ନୁହେ । ସମ୍ବନ୍ଧରେ ଷଷ୍ଠୀ ବିଭକ୍ତି ହୁଏ ।

ପ୍ରତି, ବିନା ପ୍ରଭୃତି କେତେକ ଶବ୍ଦ ଯୋଗରେ ଷଷ୍ଠୀ ବିଭକ୍ତି ହୁଏ । ଯଥା—ଗୁରୁଙ୍କ ପ୍ରତି ଭକ୍ତି କର, ପ୍ରଭୁଙ୍କ ବିନା ଅନ୍ୟ ଗତି ନାହିଁ ।

## ଅଧିକରଣ

କ୍ରିୟାର ଆଧାରକୁ ଅଧିକରଣ ବୋଲାଯାଏ । ଅଧିକରଣ ପାଞ୍ଚ ପ୍ରକାର । କାଳାଧିକରଣ, ଯଥା—ଶରତ୍କାଳରେ ଆକାଶ ନିର୍ମଳ ହୁଏ । ଭାବାଧିକରଣ, ଯଥା—ଚନ୍ଦ୍ରୋଦୟରେ କୁମୁଦ ପ୍ରସ୍ଫୁଟିତ ହୁଏ । ସ୍ଥାନାଧିକରଣ, ଯଥା—ହ୍ରଦରେ ପଦ୍ମ ଫୁଟିଅଛି । ବିଷୟାଧିକରଣ, ଯଥା—ଏ ବିଷୟରେ ମୋର କିଛି ବକ୍ତବ୍ୟ ଅଛି । ଏ ସମ୍ବନ୍ଧରେ ସେ ନାନାକଥା କହିଲେ । ନିର୍ଦ୍ଧାରଧିକରଣ, ଯଥା—ଜ୍ୟୋତିର୍ବିଦ୍ମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ଅଗ୍ରଗଣ୍ୟ ।

ଅଧିକରଣରେ ସପ୍ତମୀ ବିଭକ୍ତି ହୁଏ । ଅଧିକରଣରେ କେବେ କେବେ ବିଭକ୍ତି ନ ଥାଏ । ଯଥା—ଏ ବର୍ଷ ଧାନ ଭଲ ହେଲା । ଶ୍ୟାମ ସେ ଦିନ କହୁଥିଲା, ମୁଁ ରବିବାର ଯିବି । ଆଜି ତାହାଙ୍କର ଖୋର୍ଦ୍ଧା ରହଣି ହେବ ।

ବୀପ୍ସା ଅର୍ଥରେ ଅଧିକରଣ କାରକରେ କେ ପ୍ରତ୍ୟୟ ହୁଏ । ଯଥା—ଘରକେ ଟଙ୍କାଏ ଦେବେ । କଥା କଥାକେ ସେ ରୁଷନ୍ତି । 'ଦେଶକେ ଚାଲ, ନଈକେ ବାଲ' ଇତ୍ୟାଦି ।

## ସମ୍ବୋଧନ

ଡାକିବାକୁ ସମ୍ବୋଧନ ବୋଲାଯାଏ । ଯଥା—ଅହେ ମିତ୍ର, ନାନି ରେ ଇତ୍ୟାଦି । ଏଠାରେ 'ମିତ୍ର' ଓ 'ନାନି' ସମ୍ବୋଧନ ପଦ ।

ପ୍ରଥମା ବିଭକ୍ତିରେ ଶବ୍ଦର ଯେପରି ରୂପ ହୁଏ, ସମ୍ବୋଧନରେ ମଧ୍ୟ ସେହିପରି ହୁଏ ।

ସ୍ଥଳେ ସ୍ଥଳେ ସମ୍ବୋଧନରେ ସମ୍ବୋଧନସୂଚକ ପଦ ଆଦୌ ବ୍ୟବହୃତ ହୁଏ ନାହିଁ । ଯଥା :—ରାମ, ତୁମ୍ଭେ ଯିବଟିକି ?

କେତେଗୁଡ଼ିଏ ସଂସ୍କୃତମୂଳକ ଓଡ଼ିଆ ଶବ୍ଦର ସଂସ୍କୃତ ସମ୍ବୋଧନ ଭାଷାରେ ପ୍ରଚଳିତ ହୋଇଅଛି । ଯଥା—ଗୁରୁ-ଗୁରୋ, ପ୍ରଭୁ-ପ୍ରଭୋ, ସାଧୁ-ସାଧୋ, ମୁନି-ମୁନେ, ଶକୁନ୍ତଳା-ଶକୁନ୍ତଳେ, ବାଳା-ବାଳେ, ନାରୀ-ନାରି, ସଖୀ-ସଖି, ଭ୍ରାତା-ଭ୍ରାତଃ, ମାତା-ମାତଃ, ପିତା-ପିତଃ, ରାଜା-ରାଜନ୍, ଗୁଣବାନ-ଗୁଣବାନ୍, ଶ୍ରୀମାନ୍-ଶ୍ରୀମନ୍, ବିଦ୍ୱାନ୍-ବିଦ୍ୱନ୍, ଧନୀ-ଧନିନ୍ ।

ମୂଳ ଶବ୍ଦ ଯେପରି ଅଛି, ସମ୍ବୋଧନରେ ଅବିକଳ ସେହିପରି ବ୍ୟବହାର କଲେ ଯେ ଅଶୁଦ୍ଧ ହେବ, ତାହା ନୁହେ । ଯଥା—ହେ ରାଜା, ହେ ମୁନି ଇତ୍ୟାଦି । କେବଳ ଈକାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦ ସମ୍ବୋଧନରେ ଇକାରାନ୍ତ କରି ଲେଖିବାର ପ୍ରଚଳନ ହୋଇ ଯାଇଅଛି ।

### ପୁଂଲିଙ୍ଗ ନର ଶବ୍ଦର ରୂପ

| ବିଭକ୍ତି | ଏକବଚନ | | ବହୁବଚନ |
|---|---|---|---|
| | ଅମାନ୍ୟାର୍ଥରେ | ମାନ୍ୟାର୍ଥରେ | |
| ପ୍ରଥମା— | ନର | ନର | ନରେ, ନରମାନେ |
| ଦ୍ୱିତୀୟା— | ନରକୁ<br>ନରଠାକୁ | ନରଙ୍କୁ<br>ନରଙ୍କଠାକୁ | ନରଙ୍କୁ, ନରମାନଙ୍କୁ<br>ନରମାନଙ୍କଠାକୁ |

| | | | |
|---|---|---|---|
| ତୃତୀୟା— | ନରଦ୍ୱାରା<br>ନରକର୍ତ୍ତୃକ<br>ନରଦେଇ | ନରଙ୍କଦ୍ୱାରା<br>ନରଙ୍କକର୍ତ୍ତୃକ<br>ନରଙ୍କଦେଇ | ନରମାନଙ୍କଦ୍ୱାରା<br>ନରମାନଙ୍କକର୍ତ୍ତୃକ<br>ନରମାନଙ୍କଦେଇ |
| ଚତୁର୍ଥୀ— | ନରକୁ | ନରଙ୍କୁ | ନରଙ୍କୁ, ନରମାନଙ୍କୁ |
| ପଞ୍ଚମୀ— | ନରରୁ<br>ନରଠୁଁ<br>ନରଠାରୁ | ନରଙ୍କଠୁଁ<br>ନରଙ୍କଠାରୁ | ନରମାନଙ୍କରୁ<br>ନରମାନଙ୍କଠୁ<br>ନରମାନଙ୍କଠାରୁ |
| ଷଷ୍ଠୀ— | ନରର | ନରଙ୍କର | ନରମାନଙ୍କର |
| ସପ୍ତମୀ— | ନରଠାରେ | ନରଙ୍କଠାରେ | ନରମାନଙ୍କରେ<br>ନରମାନଙ୍କଠାରେ |
| ସମ୍ବୋଧନ— | ହେ ନର | ହେ ନର | ହେ ନରେ<br>ହେ ନରମାନେ |

ଅବଶିଷ୍ଟ ବିଭକ୍ତିମାନଙ୍କ ମଧ୍ୟରୁ ପ୍ରଥମା ବହୁବଚନର 'ମାନ', ଦ୍ୱିତୀୟା ବହୁବଚନର 'ମାନଙ୍କୁ', ତୃତୀୟା ଏକବଚନର 'ଦେଇ', 'କର୍ତ୍ତୃକ', ସପ୍ତମୀ ଏକ ବଚନର 'ଠାରେ' କେବଳ ଅଚେତନ ପଦାର୍ଥ-ବାଚକ ପଦର ଅମାନ୍ୟାର୍ଥରେ ବସେ ଏବଂ ଉକ୍ତ ପଦର ବହୁବଚନ-ମାନଙ୍କରେ 'ମାନଙ୍କ' ପରିବର୍ତ୍ତରେ 'ସବୁ, ସକଳ, ଗୁଡ଼ିକ' ପ୍ରଭୃତି ବ୍ୟବହୃତ ହୁଏ । ସ୍ଥଳେ ସ୍ଥଳେ ପ୍ରାଣୀବାଚକ ପଦର ମଧ୍ୟ ପ୍ରଥମା ବହୁବଚନରେ ଅମାନ୍ୟାର୍ଥରେ'ମାନ'ପ୍ରୟୋଗ ହେବାର ଦେଖାଯାଏ । ଆଉ ତୃତୀୟା ଓ ସପ୍ତମୀ ଏକବଚନରେ 'ଏ' ଚେତନ ପଦାର୍ଥବାଚକ ଅକାରାନ୍ତ ପଦର ଅମାନ୍ୟାର୍ଥରେ ଲାଗେ ଏବଂ ଇ ବା ଈକାରାନ୍ତ ପଦର ଦ୍ୱିତୀୟା ଓ ଚତୁର୍ଥୀ ଏକବଚନରେ ଅମାନ୍ୟାର୍ଥରେ 'କି' ଓ ମାନ୍ୟାର୍ଥରେ 'ଙ୍କି' ଲାଗେ । ଯଥା—ଖଣ୍ଡାମାନ, ଖଣ୍ଡାମାନଙ୍କୁ, ଖଣ୍ଡାରେ, ଖଣ୍ଡାକର୍ତ୍ତୃକ, ଖଣ୍ଡାଦେଇ, ଖଣ୍ଡାଗୁଡ଼ିକରୁ, ପିଲାମାନେ, ହାତେ,

ଲୁତେ, ଘରେ, ନାରୀକୁ, ନାରୀଙ୍କି, ଧନୀଙ୍କି ଇତ୍ୟାଦି । ଅବଶିଷ୍ଟ ଥିଲୁ, ଥିରେ ପ୍ରଭୃତି ବିଭକ୍ତିମାନଙ୍କର ପ୍ରୟୋଗ ସର୍ବନାମ ପରେ ପ୍ରଦର୍ଶିତ ହେବ ।

ଅନ୍ୟାନ୍ୟ ଶବ୍ଦମାନଙ୍କରେ ପୂର୍ବ ପରି ରୂପ ହେବ ।

ସ୍ତ୍ରୀଲିଙ୍ଗର ରୂପ ଓ ପୁଂଲିଙ୍ଗର ରୂପ ଏ ଉଭୟ ମଧ୍ୟରେ ବିଶେଷ ପ୍ରଭେଦ ନାହିଁ । ପିତୃ, ସମ୍ରାଜ, ବୁଦ୍ଧିମତ୍, ସୁହୃଦ୍, ରାଜନ୍, ମହିମନ୍ ଦିଶ, ପଥିନ୍, ଯଶସ୍ ପ୍ରଭୃତି ଶବ୍ଦ ଓଡ଼ିଆ ଭାଷାରେ ରୂପାନ୍ତରିତ ହୋଇ ଯାଇଅଛି । ଓଡ଼ିଆରେ ସେମାନଙ୍କର ଯେପରି ବ୍ୟବହାର ହୁଏ, ରୂପ ମଧ୍ୟ ସେହିପରି ହେବ ।

## ବିଶେଷଣ

ଗୁଣ, ଅବସ୍ଥା ପ୍ରଭୃତି ପ୍ରକାଶ କରିବା ନିମନ୍ତେ ଯେଉଁ ପଦ ପ୍ରୟୋଗ ହୁଏ, ତାହାକୁ ବିଶେଷଣ କହି । ଯଥା—କୋମଳ ଅଙ୍ଗ, ମୃଦୁ ଗମନ, ଶୁଭ୍ର ବସ୍ତ୍ର, ଗଳ୍ପ କଥା; ଏହି ସ୍ଥଳମାନଙ୍କରେ କୋମଳ, ମୃଦୁ, ଶୁଭ୍ର, ଗଳ୍ପ ବିଶେଷଣ ପଦ ।

ବିଶେଷଣ ତିନି ପ୍ରକାର—ବିଶେଷ୍ୟର ବିଶେଷଣ, ବିଶେଷଣର ବିଶେଷଣ ଓ କ୍ରିୟାବିଶେଷଣ ।

ବିଶେଷ୍ୟର ବିଶେଷଣ, ଯଥା—ବିଶାଳ ତରୁ, ଉଜ୍ଜ୍ୱଳ ପ୍ରଦୀପ, ରକ୍ତ ବସ୍ତ୍ର ।

ବିଶେଷଣର ବିଶେଷଣ, ଯଥା—ଅତ୍ୟନ୍ତ ମନ୍ଦ, ବଡ଼ ଧନୀ, ଭୟଙ୍କର ଦୁଷ୍ଟ ।

କ୍ରିୟାବିଶେଷଣ, ଯଥା—ଚଞ୍ଚଳ ଗଲା, ବଙ୍କା ଲେଖିଲା ।

କ୍ରିୟାବିଶେଷଣରେ ଅନେକ ସ୍ଥଳେ ଏ, ରେ ବା କରି ସଂଯୁକ୍ତ ଥାଏ । ଯଥା—ଧୀରେ ଗଲା, ସ୍ଥିର ଦୃଷ୍ଟିରେ ଦେଖ, ଭଲ କରି ଲେଖ ।

ବିଶେଷଣର ଲିଙ୍ଗ, ବଚନ, ପୁରୁଷ ବା କାରକ ନାହିଁ ।

କେବଳ ସ୍ତ୍ରୀଲିଙ୍ଗରେ ବିଶେଷଣରେ ଅନେକ ସ୍ଥଳରେ ରୂପାନ୍ତର ହୁଏ । ଯଥା—ସୁଶୀଳା ବାଳିକା, ସୁନ୍ଦରୀ ନାରୀ, ପୁଷ୍ପିତା ଲତା ।

ବିଶେଷ୍ୟର ବିଶେଷଣ ସାଧାରଣତଃ ବିଶେଷ୍ୟର ପୂର୍ବରେ ରହେ; ପରେ ରହିଲେ ତାହାକୁ ବିଧେୟ ବିଶେଷଣ ବୋଲିଯାଏ । ଯଥା—ରାମ ଚତୁର ଅଟେ, ଅପର୍ଣ୍ଣା ରୁଗ୍ଣା ଅଟେ । ଏହି ଦୁଇ ବାକ୍ୟରେ ଚତୁର ଓ ରୁଗ୍ଣା ବିଧେୟ ବିଶେଷଣ ।

କୌଣସି କୌଣସିଠାରେ ବିଶେଷଣଦ୍ୱାରା ବିଶେଷ୍ୟର ଅଧ୍ୟାହାର ହୁଏ । ଯଥା—ଉତ୍ତରରୁ ପଳାଇ, ଦକ୍ଷିଣରେ ଦୁର୍ଭିକ୍ଷ ହେଲା । ଏହି ଦୁଇ ବାକ୍ୟରେ ଉତ୍ତର ଓ ଦକ୍ଷିଣ ବିଶେଷଣଦ୍ୱାରା ସ୍ଥାନ କିମ୍ବା ଦେଶରୂପ ଅଧ୍ୟାହାର କରିବାକୁ ହେବ ।

## ସର୍ବନାମ

କୌଣସି ବିଶେଷ୍ୟ ପଦ ପରିବର୍ତ୍ତରେ ଯେଉଁ ପଦ ବ୍ୟବହୃତ ହୁଏ, ତାହାକୁ ସର୍ବନାମ ବୋଲି । ଏକ ପଦର ପୁନଃ ପୁନଃ ପ୍ରୟୋଗ ଜନିତ ଦୋଷ ପରିହାର ନିମନ୍ତେ ସର୍ବନାମର ବ୍ୟବହାର ହୁଏ । ଯଥା—ଯୁଧିଷ୍ଠିର ପରମ ଧାର୍ମିକ ଥିଲେ, ସେ ପରପୀଡ଼ାରୁ ବିରତ ଥିଲେ । ଏଠାରେ ପର ବାକ୍ୟରେ ଯୁଧିଷ୍ଠିର ପରିବର୍ତ୍ତରେ 'ସେ' ଏହି ସର୍ବନାମ ବ୍ୟବହୃତ ହୋଇଅଛି ।

ଅନେକ ସର୍ବନାମ ପଦ କେବେ ବିଶେଷ୍ୟ, କେବେ ଅବା ବିଶେଷଣସ୍ୱରୂପ ବ୍ୟବହୃତ ହୁଅନ୍ତି । ବିଶେଷ୍ୟ, ଯଥା—ସେ ବଡ଼ ଧାର୍ମିକ । ବିଶେଷଣ, ଯଥା—ସେ ଲୋକ ଅତି ପାଷଣ୍ଡ; ଏ ଫଳଟି ସୁପକ୍ୱ । ସର୍ବନାମର ବିଶେଷ୍ୟ ପରି ଲିଙ୍ଗ, ବଚନ, ପୁରୁଷ ଓ କାରକ ଅଛି । ଯାହା ପରିବର୍ତ୍ତରେ ସର୍ବନାମ ବସେ, ତାହାର ଯେଉଁ ଲିଙ୍ଗ ଓ ଯେଉଁ ବଚନ, ସର୍ବନାମ ପଦର ସେହି ଲିଙ୍ଗ ଓ ସେହି ବଚନ ହୁଏ । ଏକ ଲିଙ୍ଗ, ଯଥା—ରାଜା ଗୁଣଗ୍ରାହୀ ଥିଲେ,

ଯେହେତୁ ସେ ନିଜେ ଗୁଣୀ ଥିଲେ । ଦ୍ରୌପଦୀ ପାଣ୍ଡବମାନଙ୍କର ମହିଷୀ ଥିଲେ, ସେ ଗୁଣବତୀ ଓ ଶିଷ୍ଟାଚାରିଣୀ ବୋଲି ଜଗତରେ ପ୍ରସିଦ୍ଧ ଥିଲେ । ତୁଲ୍ୟ ବଚନ—ଯଥା—ରାବଣ ଅତି ଦୁରାତ୍ମା, ସେ ସର୍ବଦା ଅସତ୍ ପ୍ରବୃତ୍ତିର ବଶୀଭୂତ ଥିଲା । ଯେଉଁମାନେ ଅଜ୍ଞାନ, ସେମାନେ ସର୍ବଦା ବିପଦରେ ପଡ଼ନ୍ତି ।

ସ୍ତ୍ରୀଲିଙ୍ଗ ବା ପୁଂଲିଙ୍ଗ ହେତୁରୁ ସର୍ବନାମ ପଦର ଆକାରଭେଦ ହୁଏ ନାହିଁ । ଯଥା—ବାଳକମାନେ ସାହସୀ ଥିଲେ, ଆଗନ୍ତୁକ ଦେଖି ସେମାନେ ଭୀତ ହେଲେ ନାହିଁ । ବାଳକମାନେ ଭୀରୁ, ଆଗନ୍ତୁକ ଦେଖି ସେମାନେ ନିତାନ୍ତ ଶଙ୍କିତ ହେଲେ ।

ସର୍ବନାମ ପଦର ସମ୍ବୋଧନ ନାହିଁ ।

ପ୍ରାୟ ସମସ୍ତ ଓଡ଼ିଆ ସର୍ବନାମ ପଦ ସଂସ୍କୃତରୁ ଉତ୍ପନ୍ନ । ଯଥା—

ସଂସ୍କୃତ ଓଡ଼ିଆ

ଅସ୍ମଦ୍—ଆମ୍ଭେ, ମୁଁ, ମୁହିଁ, ମୁଇଁ ।
ଯୁଷ୍ମଦ୍—ତୁମ୍ଭେ, ତୁ, ତୁହି, ତୁଇ ।
ଯଦ୍—ଯେ, ଯାହା, ଯା, ଯେଉଁ, ଯଉଁ ।
ତଦ୍—ସେ, ତାହା, ତା, ସେହି, ସେହୁ ।
ଏତଦ୍—ଏ, ଏହି, ଏ, ଏହା, ଏହୁ ।
କିମ୍—କି, କିଏ, କେ, କଅଣ, କେହୁ, କେଉଁ,
କୌଣସି, କେଉଣସି ।

## ସର୍ବନାମ ରୂପ

### ଆମ୍ଭେ ଶବ୍ଦ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା— | ଆମ୍ଭେ— | ଆମ୍ଭେମାନେ |
| କର୍ମ— | ଆମ୍ଭକୁ— | ଆମ୍ଭମାନଙ୍କୁ |
| କରଣ— | ଆମ୍ଭଦ୍ୱାରା— | ଆମ୍ଭମାନଙ୍କଦ୍ୱାରା |

| | | |
|---|---|---|
| ସମ୍ପ୍ରଦାନ— | ଅମ୍ଭଙ୍କୁ— | ଅମ୍ଭମାନଙ୍କୁ |
| ଅପାଦାନ— | ଅମ୍ଭଠାରୁ— | ଅମ୍ଭମାନଙ୍କଠାରୁ |
| ଅଧିକରଣ— | ଅମ୍ଭଠାରେ— | ଅମ୍ଭମାନଙ୍କଠାରେ |
| ସମ୍ବନ୍ଧ | ଅମ୍ଭର— | ଅମ୍ଭମାନଙ୍କର |

## * ମୁଁ ଶବ୍ଦ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା— | ମୁଁ, ମୁହିଁ, ମୁଇଁ— | ଅମ୍ଭେମାନେ |
| କର୍ମ— | ମୋତେ ବା ମତେ— | ଅମ୍ଭମାନଙ୍କୁ |
| କରଣ— | ମୋହଦ୍ୱାରା ବା ମୋଦ୍ୱାରା— | ଅମ୍ଭମାନଙ୍କଦ୍ୱାରା |
| ସମ୍ପ୍ରଦାନ— | ମୋତେ ବା ମତେ— | ଅମ୍ଭମାନଙ୍କୁ |
| ଅପାଦାନ— | ମୋହଠାରୁ ବା ମୋଠାରୁ, ମୋଠୁଁ | ଅମ୍ଭମାନଙ୍କଠାରୁ |
| ଅଧିକରଣ— | ମୋହଠାରେ ବା ମୋଠାରେ | ଅମ୍ଭମାନଙ୍କଠାରେ |
| ସମ୍ବନ୍ଧ— | ମୋହର ବା ମୋର— | ଅମ୍ଭମାନଙ୍କର |

ତୁମ୍ଭେ ଓ ତୁ ଶବ୍ଦର ରୂପ ଯଥାକ୍ରମେ ଅମ୍ଭେ ଓ ମୁଁ ଶବ୍ଦର ଅନୁରୂପ ଅଟେ । ଅଧିକ ମାନ୍ୟାର୍ଥରେ ତୁମ୍ଭେ ପରିବର୍ତ୍ତିରେ ଆପଣ ସର୍ବନାମ ବ୍ୟବହୃତ ହୁଏ । ଯଥା :—

## * ଆପଣ ଶବ୍ଦ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା— | ଆପଣ— | ଆପଣମାନେ |
| କର୍ମ— | ଆପଣଙ୍କୁ— | ଆପଣମାନଙ୍କୁ |
| କରଣ— | ଆପଣଙ୍କଦ୍ୱାରା— | ଆପଣମାନଙ୍କଦ୍ୱାରା |

*ଅମ୍ଭେ ଏବଂ ତୁମ୍ଭେ ପ୍ରକୃତ ଅର୍ଥରେ ମୁଁ ଓ ତୁ ର ବହୁବଚନ । ମାନ୍ୟାର୍ଥରେ କେତେ ଏକବଚନ ସ୍ଥଳେ ବହୁବଚନ ପ୍ରୟୋଗ କରିବାରୁ ଏହି ସର୍ବନାମ ଯୋଗକୁ ଏକବଚନରେ ପ୍ରୟୋଗ ଦେଖାଯାଏ ।

| | | |
|---|---|---|
| ସମ୍ପ୍ରଦାନ— | ଅପଣଙ୍କୁ— | ଅପଣମାନଙ୍କୁ |
| ଅପାଦାନ— | ଅପଣଙ୍କଠାରୁ— | ଅପଣମାନଙ୍କଠାରୁ |
| ଅଧିକରଣ— | ଅପଣଙ୍କଠାରେ— | ଅପଣମାନଙ୍କଠାରେ |
| ସମ୍ବନ୍ଧ— | ଅପଣଙ୍କର— | ଅପଣମାନଙ୍କର |

## ଯେ ଓ ଯାହା ଶବ୍ଦ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା— | ଯେ, ଯାହା, ଯା— | ଯେଉଁମାନେ |
| କର୍ମ— | ଯାକୁ, ଯାହାକୁ, ଯାଙ୍କୁ, ଯାହାଙ୍କୁ | ଯେଉଁମାନଙ୍କୁ |
| କରଣ— | ଯାଦ୍ୱାରା, ଯାହାଦ୍ୱାରା, ଯାଙ୍କଦ୍ୱାରା, ଯାହାଙ୍କଦ୍ୱାରା | ଯେଉଁମାନଙ୍କଦ୍ୱାରା |
| ସମ୍ପ୍ରଦାନ— | ଯାକୁ, ଯାହାକୁ, ଯାହାଙ୍କୁ— | ଯେଉଁମାନଙ୍କୁ |
| ଅପାଦାନ— | ଯାଠାରୁ, ଯାହାଠାରୁ, ଯାଙ୍କଠାରୁ, ଯାହାଙ୍କଠାରୁ | ଯେଉଁମାନଙ୍କଠାରୁ |
| ଅଧିକରଣ— | ଯାଠାରେ, ଯାହାଠାରେ ଯାଙ୍କଠାରେ, ଯାହାଙ୍କଠାରେ | ଯେଉଁମାନଙ୍କଠାରେ |
| ସମ୍ବନ୍ଧ— | ଯାର, ଯାହାର, ଯାଙ୍କର, ଯାହାଙ୍କର | ଯେଉଁମାନଙ୍କର |

## ସେ ଓ ତାହା ଶବ୍ଦ

| | ଏକବଚନ | ବହୁବଚନ |
|---|---|---|
| କର୍ତ୍ତା— | ସେ, ତାହା, ତା— | ସେମାନେ |
| କର୍ମ— | ତାକୁ, ତାହାକୁ, ତାହାଙ୍କୁ— | ସେମାନଙ୍କୁ |
| କରଣ— | ତାଦ୍ୱାରା, ତାହାଦ୍ୱାରା, ତାଙ୍କଦ୍ୱାରା, ତାହାଙ୍କଦ୍ୱାରା, ତଦ୍ୱାରେ | ସେମାନଙ୍କଦ୍ୱାରା |

| | |
|---|---|
| ସମ୍ପ୍ରଦାନ—ତାକୁ, ତାହାକୁ, ତାଙ୍କୁ, ତାହାଙ୍କୁ— | ସେମାନଙ୍କୁ |
| ଅପାଦାନ—ତାଠାରୁ, ତାହାଠାରୁ, ତାଙ୍କଠାରୁ, ତାହାଙ୍କଠାରୁ, ତହୁଁ | ସେମାନଙ୍କଠାରୁ |
| ଅଧିକରଣ—ତାଠାରେ, ତାହାଠାରେ, ତହିଁରେ, ତହିଁ, ତଥି, ସେଥି, ତାଙ୍କଠାରେ, ତାହାଙ୍କଠାରେ | ସେମାନଙ୍କଠାରେ |
| ସମ୍ବନ୍ଧ—ତାର, ତାହାର, ତାଙ୍କର, ତାହାଙ୍କର— | ସେମାନଙ୍କର |

## ଏ ଓ ଏହା ଶବ୍ଦ

| ଏକବଚନ | ବହୁବଚନ |
|---|---|
| କର୍ତ୍ତା—ଏହା, ଏ, ଏହି, ଏହୁ— | ଏମାନେ |
| କର୍ମ—ଏହାକୁ, ଏହାଙ୍କୁ— | ଏମାନଙ୍କୁ |
| କରଣ—ଏହାଦ୍ୱାରା—ଏହାଙ୍କଦ୍ୱାରା, ଏଥିରେ— | ଏମାନଙ୍କଦ୍ୱାରା |
| ସମ୍ପ୍ରଦାନ—ଏହାକୁ, ଏହାଙ୍କୁ | ଏମାନଙ୍କୁ |
| ଅପାଦାନ—ଏହାଠାରୁ, ଏହାଙ୍କଠାରୁ, ଏଠୁ, ଏଥିରୁ, ଏଠୁଁ— | ଏମାନଙ୍କଠାରୁ |
| ଅଧିକରଣ—ଏହାଠାରେ, ଏହାଙ୍କଠାରେ, ଏଥିରେ, ଏଥି— | ଏମାନଙ୍କଠାରେ |
| ସମ୍ବନ୍ଧ—ଏହାର, ଏହାଙ୍କର— | ଏମାନଙ୍କର |

## କେ ଓ କାହା ଶବ୍ଦ

| ଏକବଚନ | ବହୁବଚନ |
|---|---|
| କର୍ତ୍ତା—କେ, କିଏ, କଣ ବା କଅଣ— | କେଉଁମାନେ |
| କର୍ମ—କାକୁ, କାହାକୁ— | କେଉଁମାନଙ୍କୁ |
| କରଣ—କାଦ୍ୱାରା, କାହାଦ୍ୱାରା, କାହିଁରେ— | କେଉଁମାନଙ୍କଦ୍ୱାରା |

ସମ୍ପ୍ରଦାନ—ତାକୁ, ତାହାକୁ— ତେଓଁମାନଙ୍କୁ
ଅପାଦାନ—ତାଠାରୁ, ତାହାଠାରୁ, ତେଓଁଠୁ, ତାହିଁରୁ, ତାହିଁ } ତେଓଁମାନଙ୍କଠାରୁ
ଅଧିକରଣ—ତାଠାରେ, ତାହାଠାରେ, ତେଓଁଠି, ତାହିଁ— } ତେଓଁମାନଙ୍କଠାରେ
ସମ୍ବନ୍ଧ—ତାର, ତାହାର— ତେଓଁମାନଙ୍କର

## ଅବ୍ୟୟ

ଶବ୍ଦରୂପର ନିୟମାନୁସାରେ ଯହିଁରେ କୌଣସି ବିଭକ୍ତି ଯୋଗ ହୁଏ ନାହିଁ ତାହାକୁ ଅବ୍ୟୟ ବୋଲଯାଏ । ଅବ୍ୟୟ ପଦର ଲିଙ୍ଗ, ବଚନ, ପୁରୁଷ ବା କାରକ ନାହିଁ ।

ଅବ୍ୟୟ ଅନେକ ପ୍ରକାର । ସମସ୍ତ ଅବ୍ୟୟର ଉଲ୍ଲେଖ ସମ୍ପ୍ରତିକର କିମ୍ବା ଆବଶ୍ୟକ ନୁହେ । ସେମାନଙ୍କ ମଧ୍ୟରୁ କେତେଗୁଡ଼ିଏ ଶ୍ରେଣୀ ବିଭାଗ ଅନୁସାରେ ନିମ୍ନରେ ପ୍ରଦର୍ଶିତ ହେଲା :—

ସଂଯୋଜକ ଅବ୍ୟୟ—ଓ, ଏବଂ, ଆଉ, ଆହୁରି, ଅପି, ପୁନଃ, ପୁଣି, ମଧ୍ୟ, ତଥା ଇତ୍ୟାଦି ।

ବିଯୋଜକ ଅବ୍ୟୟ—କିନ୍ତୁ, ମାତ୍ର, ଅଥଚ ଇତ୍ୟାଦି ।

ସମୟବୋଧକ ଅବ୍ୟୟ—ଅଗ୍ରେ, ପଛେ, ପଶ୍ଚାତ୍, ପୂର୍ବେ, ଏହିକ୍ଷଣେ, ଏବେ, କେବେ, ସତତ, ଯେବେ, ସମ୍ପ୍ରତି ଇତ୍ୟାଦି ।

ସାମ୍ୟବୋଧକ ଅବ୍ୟୟ—ଏମନ୍ତ, ଯେମନ୍ତ, ତେମନ୍ତ, ଏପରି, ଯେପରି, ସେପରି, ଏପ୍ରକାର, ସେପ୍ରକାର, ଯେପ୍ରକାର, ପ୍ରାୟ, ଯଥା, ତଥା ଇତ୍ୟାଦି ।

ହେତୁବୋଧକ ଅବ୍ୟୟ—ଯେହେତୁ, ହେତୁକ, ସୁତରାଂ, ତାହିଁକି, ବଳେ, ଅତଏବ ଇତ୍ୟାଦି ।

ନିଷେଧାର୍ଥକ ଅବ୍ୟୟ—ନା, ନାହିଁ, ନୁହେ ଇତ୍ୟାଦି ।

ସମ୍ଭାବନାର୍ଥକ ଅବ୍ୟୟ—ଯଦି, ଯେବେ, ଯଦ୍ୟପି, ତାକେ ଇତ୍ୟାଦି ।

ସ୍ୱୀକାରାର୍ଥକ ଅବ୍ୟୟ—ଅଜ୍ଞ, ଅବଧାନ, ହଁ, ହୋଉ ଇତ୍ୟାଦି ।

ପୌନଃପୁନିକତା ସୂଚକ ଅବ୍ୟୟ—ଅହରହଃ, ବାରମ୍ବାର, ପୁନଃପୁନଃ, ମୁହୁର୍ମୁହୁଃ ଇତ୍ୟାଦି ।

କ୍ରମବୋଧକ ଅବ୍ୟୟ—କ୍ରମେ କ୍ରମେ, ଶନୈଃଶନୈଃ, କ୍ରମଶଃ ଇତ୍ୟାଦି ।

ପ୍ରଶ୍ନାର୍ଥକ ଅବ୍ୟୟ—ପରା, କି, ତ, କିଓ ଇତ୍ୟାଦି ।

ନିଶ୍ଚୟାର୍ଥକ ଅବ୍ୟୟ—ହିଁ, ହଁ, ସିନା, ଅବଶ୍ୟ, ନିତାନ୍ତ, ନିଶ୍ଚୟ ଇତ୍ୟାଦି ।

ବିକଳ୍ପାର୍ଥକ ଅବ୍ୟୟ—ବା, ଅବା, କିମ୍ବା, କିଅବା, ନତୁବା, ନୋହିଲେ, ନଚେତ୍ ଇତ୍ୟାଦି ।

ବିସ୍ମୟାଦିସୂଚକ ଅବ୍ୟୟ—ଓଃ, ଇ, ଅହୋ, ଆହା, ହା, ଇସ୍ ଇତ୍ୟାଦି ।

ସମ୍ବୋଧନାର୍ଥ ଅବ୍ୟୟ—ହେ, ଅହେ, ଅହୋ, ଭୋ, ଅରେ, ମ, ଅଗୋ, ଅଲୋ, ଲୋ ଇତ୍ୟାଦି ।

ଶବ୍ଦାନୁକାରୀ ଅବ୍ୟୟ—ମଡ଼ମଡ଼, କଟକଟ, ସଁସଁ, ସାଇଁସାଇଁ, ଝଣଝଣ, ଘୋଘୋ ଇତ୍ୟାଦି ।

ଉଲ୍ଲିଖିତ ଏବଂ ଅନ୍ୟାନ୍ୟ ଅବ୍ୟୟ ମଧ୍ୟରୁ ଅନେକଗୁଡ଼ିଏ କ୍ରିୟାବିଶେଷଣ ରୂପେ ବ୍ୟବହୃତ ହୁଅନ୍ତି ।

ପ୍ର, ପରା ପ୍ରଭୃତି ୨୦ ଟି ଉପସର୍ଗ ମଧ୍ୟରୁ କେବଳ ପ୍ରତି ଏବଂ ଅତି ବାକ୍ୟ ମଧ୍ୟରେ ସ୍ୱତନ୍ତ୍ର ପଦସ୍ୱରୂପ ବ୍ୟବହୃତ ହୁଅନ୍ତି । ଅନ୍ୟାନ୍ୟ ଉପସର୍ଗର ବ୍ୟବହାର ଭିନ୍ନ ପ୍ରକାର ହୋଇଥିବାରୁ ଦ୍ୱିତୀୟ ଭାଗରେ ଉପସର୍ଗ ସମ୍ବନ୍ଧରେ ସ୍ୱତନ୍ତ୍ର ଅଧ୍ୟାୟ ସନ୍ନିବେଶ ହେବ ।

## କ୍ରିୟା

ଧାତୁମାନଙ୍କର ଅର୍ଥକୁ କ୍ରିୟା ବୋଲାଯାଏ । ଯଥା—ଗମ୍ ଧାତୁର ଅର୍ଥ ଯିବାର, କୃ ଧାତୁର ଅର୍ଥ କରିବାର, ଭୂ ଧାତୁର ଅର୍ଥ ହେବାର,

ଦୃଶ୍ ଧାତୁର ଅର୍ଥ ଦେଖିବାର, ଶୀ ଧାତୁର ଅର୍ଥ ଶୋଇବାର; ଅତଏବ ଯିବାର, କରିବାର, ହେବାର, ଦେଖିବାର, ଶୋଇବାର ଏମାନେ କ୍ରିୟା ।

ଧାତୁ ସକର୍ମକ ଓ ଅକର୍ମକ; ସୁତରାଂ କ୍ରିୟା ସକର୍ମକ ଓ ଅକର୍ମକ । ଯାହାର କର୍ମ ଅଛି ସେ ସକର୍ମକ କ୍ରିୟା । ଯଥା—ରାମ ପୋଥି ପଢ଼ିଲେ, କୃଷ୍ଣ ବଂଶୀ ବଜାଇଲେ । ଏଠାରେ ପ୍ରଥମ କ୍ରିୟାର କର୍ମ ପୋଥି, ଦ୍ୱିତୀୟ କ୍ରିୟାର କର୍ମ ବଂଶୀ ।

ଯେଉଁ କ୍ରିୟାଦ୍ୱାରା କେବଳ କର୍ତ୍ତାର ଅବସ୍ଥାବିଶେଷ ଜଣାଯାଏ, ସେ ଅକର୍ମକ କ୍ରିୟା । ଯଥା—ରାମ ଶୋଇଅଛି, ଦୀପ ଜଳୁଅଛି, ଗୋପାଳ ଗଲା । ଏଠାରେ ତିନୋଟି କ୍ରିୟାର କୌଣସି କର୍ମ ନ ଥିବାରୁ ଏମାନେ ଅକର୍ମକ କ୍ରିୟା ।

ସମୟ ସମୟରେ ଅକର୍ମକ କ୍ରିୟା ସକର୍ମକରୂପେ ପ୍ରୟୋଗ ହୁଏ, ଯଥା—କୃଷ୍ଣ ଦଣ୍ଡହାତ ଦବିଗଲା, ମୁଁ ରାତିସାରା ଜାଗିଲି, ହରି କଟକରେ ଏକ ସପ୍ତାହ ରହିଲେ, ଗଛ ତିନି ହାତ ବଢ଼ିଗଲାଣି ।

ହେବା ଅର୍ଥ ବୋଧକ କ୍ରିୟା କେବେ କେବେ ଉହ୍ୟ ଥାଏ । ଯଥା—ତୁମେ ବଡ଼ ମନ୍ଦଲୋକ (ଅଟ), ତୁ ଅଧାନ ହୁଅ (ଅଟେ), କାଶୀ ଗଙ୍ଗାତୀରରେ ଅବସ୍ଥିତ (ଅଟେ), ରାମ ପରମ ଧାର୍ମିକ (ଅଟନ୍ତି) ।

କେତେଗୁଡ଼ିଏ ଅକର୍ମକ କ୍ରିୟା ଅନ୍ତ ସାମାନ୍ୟ ପରିବର୍ତ୍ତନଦ୍ୱାରା ସକର୍ମକ ହୋଇଯାଏ । ଯଥା—ସରିବା—ସାରିବା, ମରିବା—ମାରିବା, ତରିବା—ତାରିବା, ଚଳିବା—ଚଳାଇବା ଇତ୍ୟାଦି ।

କେତେଗୁଡ଼ିଏ ସକର୍ମକ କ୍ରିୟା ଦ୍ୱିକର୍ମକ । ଯଥା—ଶିଷ୍ୟ ଗୁରୁଙ୍କୁ ପ୍ରଶ୍ନ ପଚାରିଲା, ସାଧୁ ଖାତକଙ୍କୁ ଟଙ୍କା ମାଗିଲା, ବିଚାରକ ଚୋରକୁ ଦଣ୍ଡ ବେତ ଦେଲେ, ଏଠାରେ ତିନୋଟି କ୍ରିୟା ଦ୍ୱିକର୍ମକ । ଏପରି ସ୍ଥଳମାନଙ୍କରେ ଦ୍ୱିତୀୟ କର୍ମକୁ ମୁଖ୍ୟ କର୍ମ ଏବଂ ପ୍ରଥମ କର୍ମକୁ ଗୌଣ କର୍ମ ବୋଲଯାଏ ।

ସମାପିକା ଓ ଅସମାପିକା ଭେଦରେ କ୍ରିୟା ଦୁଇ ପ୍ରକାର । ଯେଉଁ କ୍ରିୟାର ପ୍ରୟୋଗଦ୍ୱାରା ବାକ୍ୟର ସମାପ୍ତି ହୁଏ ଏବଂ ଅନ୍ୟ କ୍ରିୟାର ଅପେକ୍ଷା ନ ଥାଏ, ସେ ସମାପିକା କ୍ରିୟା । ଯଥା—ମଧୁ ଦେଖିଲ, ଏଠାରେ ଦେଖିଲ ସମାପିକା କ୍ରିୟା । ମଧୁ ଦେଖି କହିଲ, ଏ ବାକ୍ୟରେ 'ଦେଖି' ଅସମାପିକା କ୍ରିୟା; ହେତୁକି ବାକ୍ୟର ସମାପ୍ତି ସକାଶେ 'କହିଲ' ଏହି କ୍ରିୟା ଅବଶ୍ୟକ ହେଲ ।

ଓଡ଼ିଆ ଭାଷାରେ ଅଧିକାଂଶ କ୍ରିୟା ସଂସ୍କୃତ ଧାତୁରୁ ଉତ୍ପନ୍ନ । ସ୍ଥଳେ ସ୍ଥଳେ ଧାତୁ ରୂପାନ୍ତରିତ ହୋଇ କ୍ରିୟା ଅନ୍ୟ ଆକାର ଧାରଣ କରିଅଛି । ଯଥା—ଭୂ—ହେବାର, ଦୃଶ୍—ଦେଖିବାର, ସ୍ଥା—ଥିବାର, ଦା—ଦେବାର, କୃ—କରିବାର, ଧୃ—ଧରିବାର, ସହ୍—ସହିବାର, ନୀ—ନେବାର, ଗୈ—ଗାଇବାର ଇତ୍ୟାଦ ।

ନିମ୍ନରେ ଏହି ଭଳି ଅଳ୍ପ କେତେଗୁଡ଼ିଏ ଧାତୁ ସନ୍ନିବିଷ୍ଟ ହେଲ :—

| ମୂଳସଂସ୍କୃତ ଧାତୁ | ଓଡ଼ିଆରେ ରୂପାନ୍ତରିତ | ମୂଳସଂସ୍କୃତ ଧାତୁ | ଓଡ଼ିଆରେ ରୂପାନ୍ତରିତ |
|---|---|---|---|
| ଅସ୍ ... | ଅଛି | ପରି-ଧା ... | ... ପିନ୍ଧ୍ |
| ଆପ୍ | ପା | ଆ-ନୀ | ... ଆଣ୍ |
| କଥ୍ | କହ୍ | ନୃତ୍ | ନାଚ୍ |
| କୁଟ୍ | କାଟ | ପଠ୍ | ପଢ଼୍ |
| କନ୍ଦ୍ | କାନ୍ଦ୍ | ପତ୍ | ପଡ୍ |
| କ୍ରୀ | କିଣ୍ | ପା | ପି |
| ବିକ୍ରୀ | ବିକ୍ | ପ୍ଲୁ | ପହଁର୍ |
| ଖନ୍ | ଖୋଳ୍ | ପୁଷ୍ପ | ଫୁଲ୍ |
| ଖାଦ୍ | ଖା | ବନ୍ଧ୍ | ବାନ୍ଧ୍ |
| ଗ୍ରନ୍ଥ | ଗୁନ୍ଥ୍ | ବଦ୍ | ... ବୋଲ୍ |

| ମୂଳସଂସ୍କୃତ ଧାତୁ | ଓଡ଼ିଆରେ ରୂପାନ୍ତରିତ | ମୂଳସଂସ୍କୃତ ଧାତୁ | ଓଡ଼ିଆରେ ରୂପାନ୍ତରିତ |
|---|---|---|---|
| ଘଟ୍ | ଗଢ଼୍ | ବୁଧ୍ | ବୁଝ୍ |
| ଘୂର୍ଣ୍ଣ | ଘୂର | ବେଷ୍ଟ୍ ... | ବେଢ଼୍ |
| ଘୃଷ୍ | ଘଷ୍ | ଭନ୍ଜ ... | ଭାଙ୍ଗ୍ |
| ଚର୍ବ୍ ... | ଚୋବା | ପ୍ର-ଆପ ... | ପାଅ୍ |
| ଚିତ୍ ... | ଚେତ୍ | ଭୃ | ଭର୍ |
| ଛିଦ୍ | ଛି | ମୁହ୍ | ମୋହ୍ |
| ଛୁଦ୍ | ଛୁଡ଼୍ | ମିଶ୍ର | ମିଶ୍ |
| ଜାଗୃ | ଜାଗ୍ | ମୃ | ମର୍ |
| ଜି | ଜିଣ୍ | ଯୁଧ୍ ... | ଯୁଝ୍ |
| ଜ୍ଞା | ଜାଣ୍ | ରକ୍ଷ୍ ... | ରଖ୍ |
| ଉତ୍-ଡୀ | ଉଡ଼୍ | ବଦ୍ | ବୋଲ୍ |
| ତୃ ... | ତର | ପ୍ର-ବିଶ୍ ... | ପଶ୍ |
| ବ୍ୟଥ୍ ... | ବଥ୍ | ଉତ୍-ସ୍ଥା ... | ଉଠ୍ |
| ବଣ୍ଟ୍ ... | ବାଣ୍ଟ୍ | ସ୍ପୃହ୍ ... | ଗୁହ୍ |
| ଶିକ୍ଷ୍ | ଶିଖ୍ | ହନ୍ | ହାଣ୍ |
| ଶୀ | ଶୋ | ହୃ ... | ହର୍ |
| ଶ୍ରୁ | ଶୁଣ୍ | | ଇତ୍ୟାଦି । |

ପାସୋରିବା, ଝଡ଼ିବା, ଗଢ଼ିବା, ବୁଝିବା, ବଢ଼ିବା, ହଳିବା, ପେଟିବା, ଖାଇବା ପ୍ରଭୃତି କେତେଗୁଡ଼ିଏ ଓଡ଼ିଆ କ୍ରିୟା ସମ୍ଭବତଃ ଅସଂସ୍କୃତ ମୂଳକ ।

## ପୁରୁଷ

କର୍ତ୍ତାର ଯେଉଁ ପୁରୁଷ କ୍ରିୟାର ସେହି ପୁରୁଷ, ଅର୍ଥାତ୍ କର୍ତ୍ତା ପ୍ରଥମ ପୁରୁଷର ହେଲେ କ୍ରିୟା ପ୍ରଥମ ପୁରୁଷର, ଦ୍ୱିତୀୟ ପୁରୁଷର ହେଲେ ଦ୍ୱିତୀୟ ପୁରୁଷର, ତୃତୀୟ ପୁରୁଷର ହେଲେ ତୃତୀୟ ପୁରୁଷର ହେବ । ଯଥା—ଆମ୍ଭେ ଯାଉଅଛୁ, ତୁମ୍ଭେ ଯାଉଅଛ, ସେ ଯାଉଅଛନ୍ତି ।

ସମସ୍ତ ପୁରୁଷ ଏକ କ୍ରିୟାର କର୍ତ୍ତା ହେଲେ ନିମ୍ନଲିଖିତରୂପେ କ୍ରିୟା ପ୍ରୟୋଗ ହେବ । ଯଥା—ଆମ୍ଭେ, ତୁମ୍ଭେ ଓ ସେ ଯାଇଥିଲୁଁ । ପ୍ରଥମ ଓ ଦ୍ୱିତୀୟ ଥିଲେ ପ୍ରଥମ; ଯଥା—ଆମ୍ଭେ ଓ ତୁମ୍ଭେ ଯିବା । ପ୍ରଥମ ଓ ତୃତୀୟ ଥିଲେ ପ୍ରଥମ; ଯଥା—ଆମ୍ଭେ ଓ ସେ ଯିବୁଁ । ଦ୍ୱିତୀୟ ଓ ତୃତୀୟ ଥିଲେ ଦ୍ୱିତୀୟ; ଯଥା—ତୁମ୍ଭେ ଓ ସେ ଯିବ ।

ଦ୍ୱିତୀୟ ପୁରୁଷ ଅଧିକ ମାନ୍ୟ ହେଲେ ଆପଣ, ମହାଶୟ ପ୍ରଭୃତି ପ୍ରୟୋଗ ହୋଇ କ୍ରିୟା ଶେଷରେ ହେଲେ, ହେଉନ୍ତୁ, ହେବେ ଇତ୍ୟାଦି ପ୍ରୟୋଗ ହୁଏ । ଯଥା—ଆପଣ କହୁଥିବା ହେଲେ, ଆସିବା ହେଉନ୍ତୁ, ଯିବା ହେବେ ଇତ୍ୟାଦି । ଅତି ମାନ୍ୟ ଯଥା—( ରାଜକୀୟ ) ବ୍ୟକ୍ତିମାନଙ୍କ ସମ୍ବନ୍ଧରେ "କହୁ ଅଛନ୍ତି ହେଲେ" ଇତ୍ୟାଦି ପ୍ରକାର ପ୍ରୟୋଗ ମଧ୍ୟ ହୋଇଥାଏ ।

## କାଳ

କ୍ରିୟାର ସମୟକୁ କାଳ ବୋଲଯାଏ । କାଳ ସ୍ଥୂଳରେ ତିନି ପ୍ରକାର । ଯଥା—ବର୍ତ୍ତମାନ, ଭୂତ ଓ ଭବିଷ୍ୟତ୍ ।

## ବର୍ତ୍ତମାନ କାଳ

ବର୍ତ୍ତମାନକାଳ ସାଧାରଣତଃ ଚାରି ପ୍ରକାର । ଯଥା—ଶୁଦ୍ଧ, ନିତ୍ୟପ୍ରବୃତ୍ତ, ସମ୍ଭାବ୍ୟ ଓ ଅନୁମାନିକ ।

କେବଳ ଉପସ୍ଥିତ ସମୟବୋଧକ କ୍ରିୟାକୁ ବିଶୁଦ୍ଧ ବା ଅସମ୍ପନ୍ନ ବର୍ତ୍ତମାନ ବୋଲଯାଏ । ଯଥା—ସାଧୁ ପଢୁଅଛୁ, ବର୍ଷା ହେଉଅଛୁ ।

ବାକ୍ୟର ପ୍ରୟୋଗ କାଳରେ ଘଟୁ ଅବା ନ ଘଟୁ ଯାହା ନିୟମିତ ଅଥବା ସ୍ୱାଭାବିକରୂପେ ଘଟିଥାଏ, ଏପ୍ରକାର କ୍ରିୟାର କାଳକୁ ନିତ୍ୟ-ପ୍ରବୃତ୍ତ ବର୍ତ୍ତମାନ ବୋଲଯାଏ । ଯଥା—ପ୍ରଭାତରେ ସୂର୍ଯ୍ୟୋଦୟ ହୁଏ, ଶରତ୍‌କାଳରେ ପଦ୍ମ ଫୁଟେ ।

ଯେଉଁ କ୍ରିୟାଦ୍ୱାରା ସମ୍ଭାବନା ସୂଚିତ ହୁଏ, ତାହାର କାଳକୁ ସମ୍ଭାବ୍ୟ ବର୍ତ୍ତମାନ ବୋଲଯାଏ । ଯଥା—ବନମାଳୀ ପଢୁଥାନ୍ତା, ଆମ୍ଭେ କରୁଥାନ୍ତୁ ।

ଯେଉଁ କ୍ରିୟା ଅନୁମାନଦ୍ୱାରା ସିଦ୍ଧ ହୁଏ, ତାହାର କାଳକୁ ଅନୁମାନିକ ବର୍ତ୍ତମାନ ବୋଲଯାଏ । ଯଥା—କୃଷ୍ଣ ହସୁଥିବ, ଗୋବିନ୍ଦ ମାରୁଥିବ ।

ଅନୁଜ୍ଞା ବା ଅନୁମତ୍ୟର୍ଥକ ପ୍ରୟୋଗ କେବଳ ଦ୍ୱିତୀୟ ଓ ତୃତୀୟ ପୁରୁଷରେ ସଙ୍ଗତ । ଏ ହେତୁରୁ ତାହା କାଳ ମଧ୍ୟରେ ଗୃହୀତ ହୁଏ ନାହିଁ । ଯଥା—ତୁମ୍ଭେ ଥାଅ, ସେ ଯାଉ ।

ଭୂତକାଳ ପରିବର୍ତ୍ତରେ ସମୟ ସମୟରେ (ବିଶେଷତଃ ପଦ୍ୟରେ) ବର୍ତ୍ତମାନକାଳର ପ୍ରୟୋଗ ହୁଏ । ଯଥା—"କହନ୍ତି ଗୋବିନ୍ଦେ ମିଳେ ଏକାନ୍ତେ ।" "ବାହୁଡ଼େ କାହିଁ କରି ଦକ୍ଷିଣ ଗିରି ।" ଇତ୍ୟାଦି ।

## ଭୂତ ବା ଅତୀତକାଳ

ଭୂତକାଳ ସାତ ପ୍ରକାର; ଯଥା—ଅଦ୍ୟତନ, ଅନଦ୍ୟତନ, ପରୋକ୍ଷ, ଅସମ୍ପନ୍ନ, ନିତ୍ୟପ୍ରବୃତ୍ତ, ସମ୍ଭାବ୍ୟ ଓ ଅନୁମାନିକ ।

ବର୍ତ୍ତମାନ ସମୟର ପୂର୍ବରେ ଯେଉଁ କ୍ରିୟା ଘଟିଥିଲା, ତାହାର କାଳକୁ ବିଶୁଦ୍ଧ ବା ଅଦ୍ୟତନ ଭୂତ ବୋଲଯାଏ । ଯଥା—ମେଘ ଗର୍ଜିଲା, ବର୍ଷା ହେଲା; ବିଶୁଦ୍ଧ ଭୂତ ହୋଇଥିବାରୁ ଏହାକୁ

ଐତିହାସିକ କାଳ ମଧ୍ୟ ବୋଲାଯାଇ ପାରେ । ଯଥା—ଅନଙ୍ଗଭୀମ ଦେବ ପୁରୀର ବଡ଼ ଦେଉଳ ନିର୍ମାଣ କରାଇଲେ ।

ଯେଉଁ କ୍ରିୟା ଅତୀତରେ ଘଟିଅଛି, ମାତ୍ର ଯାହାର ଫଳ ବର୍ତ୍ତମାନ ସହିତ ବିଶେଷରୂପେ ସମ୍ପୃକ୍ତ, ସେହି କ୍ରିୟାର କାଳକୁ ଅନଦ୍ୟତନ ବୋଲାଯାଏ । ଯଥା—ମୁଁ ଖାଇଅଛି, ସେ ଦେଖିଅଛି ।

ଯେଉଁ କ୍ରିୟା ସର୍ବାପେକ୍ଷା ଅଧିକ ପୂର୍ବେ କିମ୍ବା ଅନ୍ୟ ଅତୀତ କ୍ରିୟା ପୂର୍ବେ ହୋଇ ଯାଇଅଛି, ତାହାର କାଳକୁ ପରୋକ୍ଷ ଭୂତ ବୋଲାଯାଏ । ଯଥା—ତ୍ରେତା ଯୁଗରେ ରାମାବତାର ହୋଇଥିଲା, କାଲି ବୃଷ୍ଟି ହେବା ପୂର୍ବରୁ ଇନ୍ଦ୍ରଧନୁ ପଡ଼ିଥିଲା ।

ଅତୀତକାଳରେ କୌଣସି କ୍ରିୟା ଚାଲୁଥିଲା, ଶେଷ ହୋଇ ନ ଥିଲା, ଏପରି କ୍ରିୟାର କାଳକୁ ଅସମ୍ପନ୍ନ ଭୂତ ବୋଲାଯାଏ । ଯଥା—ଫାଲ୍‌ଗୁନ ମାସରେ ସୁଦ୍ଧା ଅସହ୍ୟ ଗ୍ରୀଷ୍ମ ହେଉଥିଲା, ମୁଁ ଗଲାବେଳେ ସେ ପିଲା ପଢୁଥିଲା ।

ଯେଉଁ ଭୂତକାଳର କ୍ରିୟା କୌଣସି ଅତୀତକାଳରେ ନିୟମିତ ସମୟରେ ଘଟୁଥିଲା, ତାହାକୁ ନିତ୍ୟ ପ୍ରବୃତ୍ତ ଭୂତକାଳ ବୋଲାଯାଏ । ଯଥା—ରାମ ପ୍ରତିଦିନ ଦଶଟା ବେଳେ ଖାଉଥିଲା, ଗତବର୍ଷ ବୈଶାଖ ମାସରେ ପ୍ରତ୍ୟହ ବୃଷ୍ଟି ହେଉଥିଲା ।

ଯେଉଁ ଭୂତକାଳର କ୍ରିୟା ଘଟିବାର ସମ୍ଭାବନା ଥିଲା, ତାହାର କାଳକୁ ସମ୍ଭାବ୍ୟ ଭୂତ ବୋଲାଯାଏ । ଯଥା—ସନ୍ଧ୍ୟା ହୋଇ ନ ଥିଲେ ରାମ ଭାଷା ପଢ଼ିଥାନ୍ତା, ଗୋବିନ୍ଦ କଟକରୁ ଆସିଥାନ୍ତା ।

ଯେଉଁ ଭୂତକାଳର କ୍ରିୟା ଅନୁମାନ ଦ୍ୱାରା ସିଦ୍ଧ ହୋଇଅଛି, ତାହାର କାଳକୁ ଅନୁମାନିକ ଭୂତକାଳ ବୋଲାଯାଏ । ଯଥା—ସମ୍ଭବତଃ କାଲି ପୁରୀରେ ବୃଷ୍ଟି ହୋଇଥିବ ।

## ଭବିଷ୍ୟତ୍ କାଳ

ଭବିଷ୍ୟତ୍ ପାଞ୍ଚ ପ୍ରକାର । ଯଥା—ଶୁଦ୍ଧ ଭବିଷ୍ୟତ୍, ଅସମାପ୍ତ ଭବିଷ୍ୟତ୍, ନିତ୍ୟପ୍ରବୃତ୍ତ ଭବିଷ୍ୟତ୍, ପ୍ରାଗ୍‌ଭବିଷ୍ୟତ୍, ସମ୍ଭାବ୍ୟ ଭବିଷ୍ୟତ୍ ।

ରାମ ପଢ଼ିବ । ଏଠାରେ ଆଗକୁ ଗୋଟିଏ କ୍ରିୟା ଘଟିବ, କେବଳ ଏହାହିଁ ବ୍ୟକ୍ତ ହେଲା । ଏହା ଶୁଦ୍ଧ ଭବିଷ୍ୟତ୍ ।

ରାମ ପଢୁଥିବ । ଏଠାରେ ଭବିଷ୍ୟତ୍‌ରେ ଗୋଟିଏ କ୍ରିୟାର କାର୍ଯ୍ୟ ଚାଲୁଥିବାର ବ୍ୟକ୍ତ ହେଲା । ଏହା ଅସମାପ୍ତ ଭବିଷ୍ୟତ୍ ।

ଭବିଷ୍ୟତକୁ ସଭା ପ୍ରତି ଶନିବାର ୫ଟା ବେଳେ ବସୁଥିବ । ଏଠାରେ ନିୟମିତରୂପେ ଗୋଟିଏ ଭବିଷ୍ୟତ୍ କ୍ରିୟା ଘଟୁଥିବାର ଉଲ୍ଲେଖ ହେଲା । ଏହା ନିତ୍ୟପ୍ରବୃତ୍ତ ଭବିଷ୍ୟତ୍ ।

ମୁଁ ପଢ଼ିବା ଆଗରୁ ରାମ ପଦ ପଢ଼ିଥିବ । ଏଠାରେ ଗୋଟିଏ ଭବିଷ୍ୟତ୍ କାର୍ଯ୍ୟ ପୂର୍ବରେ ଆଉ ଗୋଟିଏ ଭବିଷ୍ୟତ୍ କାର୍ଯ୍ୟ ଘଟିବାର ବ୍ୟକ୍ତ ହେଲା । ଏହା ପ୍ରାଗ୍‌ଭବିଷ୍ୟତ୍ ।

ରାମ ବୁଦ୍ଧିମାନ୍, ବୃତ୍ତି ପାଇଲେ ଭଲ ପଢ଼ନ୍ତା । ଏଠାରେ ସମ୍ଭାବନା ସୂଚିତ ହେବାରୁ ଏହା ସମ୍ଭାବ୍ୟ ଭବିଷ୍ୟତ୍ ।

ଓଡ଼ିଆ ଭାଷାରେ ଇ-ପ୍ରତ୍ୟୟାନ୍ତ ଅସମାପିକା କ୍ରିୟାପଦରେ ପାର୍ ଧାତୁ ଯୁକ୍ତ ହୋଇ ଯେଉଁ ପଦ ନିଷ୍ପନ୍ନ ହୁଏ, ତାହା ଧାତୁରୂପେ ସ୍ୱୀକୃତ ହୋଇ ସାଧାରଣ କ୍ରିୟା ପରି ତାହାର ରୂପ ହୁଏ । ଯଥା— ଆମ୍ଭେ ଯାଇ ପାରୁଁ, ତୁମ୍ଭେ ଯାଇ ପାରନ୍ତ, ସେ ଯାଇପାରିବ ଇତ୍ୟାଦି ।

ଅନ ଓ ଅ ପ୍ରତ୍ୟୟାନ୍ତ କ୍ରିୟାବାଚକ ବିଶେଷ୍ୟ କୃ ଧାତୁରେ ଏବଂ ତ ଓ ଅ ପ୍ରତ୍ୟୟାନ୍ତ କ୍ରିୟାବାଚକ ବିଶେଷଣ ଭୂଧାତୁରେ ଯୁକ୍ତ ହୋଇ ଓଡ଼ିଆରେ ଗୋଟିଏ କ୍ରିୟା ବୋଲି ପରିଗଣିତ ହୁଏ;

ଯଥା—ସେ ମୋତେ ଶାସନ କଲେ, ମୁଁ ତାହାଙ୍କୁ ଭଯ୍ କଲି, ସର୍ବ୍ୟ ତାହାଙ୍କଦ୍ୱାରା ଶାସିତ ହେଲି, ଏକ ସନ୍ଧିରେ ଦେଉଳ ତୋଳା ହେଲା ।

## ବାଚ୍ୟ

ଓଡ଼ିଆ ଭାଷାରେ କ୍ରିୟାର ଦୁଇଟି ବାଚ୍ୟ ଅଛି । ଯଥା—କର୍ତ୍ତୃ-ବାଚ୍ୟ ଓ କର୍ମବାଚ୍ୟ । ଯେଉଁ ବାଚ୍ୟରେ କର୍ତ୍ତାର ପ୍ରାଧାନ୍ୟ ଥିବାରୁ କର୍ତ୍ତାଠାରେ ପ୍ରଥମା ବିଭକ୍ତି ଥାଏ, ତାହାର କ୍ରିୟାକୁ କର୍ତ୍ତୃବାଚ୍ୟର କ୍ରିୟା ବୋଲିଯାଏ । ଯଥା—ରାମ ପୁସ୍ତକ ଲେଖିଲେ, ଏଠାରେ 'ଲେଖିଲେ' କର୍ତ୍ତୃବାଚ୍ୟର କ୍ରିୟା ।

ଯେଉଁ ବାଚ୍ୟରେ କର୍ମର ପ୍ରାଧାନ୍ୟ ଥିବାରୁ କର୍ମଠାରେ ପ୍ରଥମା ଓ କର୍ତ୍ତାଠାରେ ତୃତୀୟା ବିଭକ୍ତି ଥାଏ, ତାହାର କ୍ରିୟାକୁ କର୍ମ-ବାଚ୍ୟର କ୍ରିୟା କହନ୍ତି । ଯଥା—ରାମଙ୍କଦ୍ୱାରା ପୁସ୍ତକ ଲିଖିତ ହେଲା, ଏଠାରେ 'ଲିଖିତ ହେଲା' କର୍ମବାଚ୍ୟର କ୍ରିୟା ।

## ବିଭକ୍ତି

ପ୍ରତ୍ୟେକ କାଳ ପ୍ରତ୍ୟେକ ପୁରୁଷରେ ଧାତୁର ରୂପଭେଦ ଜାଣିବା ନିମିତ୍ତ ଭିନ୍ନ ଭିନ୍ନ ବିଭକ୍ତି ଯୋଗ ହୁଏ । ଯଥା—ଉଁ, ଅ, ଅନ୍ତି ଇତ୍ୟାଦି । ଏହି ବିଭକ୍ତିମାନ ନିମ୍ନରେ କ୍ରିୟାରୂପରେ ପ୍ରଦର୍ଶିତ ହେଲା ।

## କ୍ରିୟାରୂପ

### ବର୍ତ୍ତମାନ

ବିଶୁଦ୍ଧ ବା ଅସମ୍ପନ୍ନ

କୃ, ଅର୍ଥାତ୍ କର୍ ଧାତୁ

ପ୍ରଥମ ପୁରୁଷ···ଅମ୍ଭେ କରୁଅଛୁଁ—ଅମ୍ଭେମାନେ କରୁଅଛୁଁ
ମୁଁ କରୁଅଛି—ଅମ୍ଭେମାନେ କରୁଅଛୁଁ ।

ଦ୍ୱିତୀୟ ପୁରୁଷ···ତୁମ୍ଭେ କରୁଅଛ—ତୁମ୍ଭେମାନେ କରୁଅଛ,
ତୁ କରୁଅଛୁ— ତୁମ୍ଭେମାନେ କରୁଅଛ ।
ତୃତୀୟ ପୁରୁଷ···ସେ କରୁଅଛନ୍ତି—ସେମାନେ କରୁଅଛନ୍ତି,
ସେ କରୁଅଛି— ସେମାନେ କରୁଅଛନ୍ତି ।

ନିତ୍ୟପ୍ରବୃତ୍ତ

ପ୍ରଥମ ପୁରୁଷ··· କରୁଁ ··· କରୁଁ,
କରେ କରୁଁ ।
ଦ୍ୱିତୀୟ ପୁରୁଷ···କର ··· କର,
କରୁ ··· କର ।
ତୃତୀୟ ପୁରୁଷ···କରନ୍ତି ··· କରନ୍ତି,
କରେ ··· କରନ୍ତି ।

ସମ୍ଭାବ୍ୟ

ପ୍ରଥମ ପୁରୁଷ···କରୁଥାନ୍ତୁ ··· କରୁଥାନ୍ତୁ,
କରୁଥାନ୍ତି ··· କରୁଥାନ୍ତୁ ।
ଦ୍ୱିତୀୟ ପୁରୁଷ···କରୁଥାନ୍ତ ··· କରୁଥାନ୍ତ,
କରୁଥାନ୍ତୁ ··· କରୁଥାନ୍ତ ।
ତୃତୀୟ ପୁରୁଷ···କରୁଥାନ୍ତେ ··· କରୁଥାନ୍ତେ,
କରୁଥାନ୍ତା ··· କରୁଥାନ୍ତେ ।

ଅନୁମାନିକ

ପ୍ରଥମ ପୁରୁଷ··· କରୁଥିବୁ ··· କରୁଥିବୁଁ,
କରୁଥିବ କରୁଥିବୁଁ ।
ଦ୍ୱିତୀୟ ପୁରୁଷ···କରୁଥିବ କରୁଥିବ,
କରୁଥିବୁ କରୁଥିବ ।

| | | | | |
|---|---|---|---|---|
| ତୃତୀୟ ପୁରୁଷ | ... | କରୁଥିବେ | ... | କରୁଥିବେ, |
| | | କରୁଥିବ | ... | କରୁଥିବେ । |

## ଅତୀତ

### ଶୁଦ୍ଧ ବା ଅଦ୍ୟତନ

| | | | | |
|---|---|---|---|---|
| ପ୍ରଥମ ପୁରୁଷ | ... | କଲୁଁ | ... | କଲୁଁ, |
| | | କଲି | ... | କଲୁଁ । |
| ଦ୍ୱିତୀୟ ପୁରୁଷ | ... | କଲ | ... | କଲ, |
| | | କଲୁ | ... | କଲ । |
| ତୃତୀୟ ପୁରୁଷ | ... | କଲେ | ... | କଲେ, |
| | | କଲା | ... | କଲେ । |

### ଅନଦ୍ୟତନ

| | | | | |
|---|---|---|---|---|
| ପ୍ରଥମ ପୁରୁଷ | ... | କରିଅଛୁଁ | ... | କରିଅଛୁଁ, |
| | | କରିଅଛି | ... | କରିଅଛୁଁ । |
| ଦ୍ୱିତୀୟ ପୁରୁଷ | ... | କରିଅଛ | ... | କରିଅଛ, |
| | | କରିଅଛୁ | | କରିଅଛ । |
| ତୃତୀୟ ପୁରୁଷ | ... | କରିଅଛନ୍ତି | ... | କରିଅଛନ୍ତି । |
| | | କରିଅଛି | ... | କରିଅଛନ୍ତି । |

### ପରୋକ୍ଷ

| | | | | |
|---|---|---|---|---|
| ପ୍ରଥମ ପୁରୁଷ | ... | କରିଥିଲୁଁ | ... | କରିଥିଲୁଁ, |
| | | କରିଥିଲି | ... | କରିଥିଲୁଁ । |

ଦ୍ୱିତୀୟ ପୁରୁଷ ... କରିଥିଲ    କରିଥିଲ,
କରିଥିଲୁ ... କରିଥିଲ ।
ତୃତୀୟ ପୁରୁଷ ... କରିଥିଲେ    କରିଥିଲେ,
କରିଥିଲା    କରିଥିଲେ ।

### ଅସମ୍ପନ୍ନ

ପ୍ରଥମ ପୁରୁଷ ... କରୁଥିଲି ... କରୁଥିଲୁଁ,
କରୁଥିଲୁ ... କରୁଥିଲୁଁ ।
ଦ୍ୱିତୀୟ ପୁରୁଷ ... କରୁଥିଲ ... କରୁଥିଲ,
କରୁଥିଲୁ    କରୁଥିଲ ।
ତୃତୀୟ ପୁରୁଷ ... କରୁଥିଲେ    କରୁଥିଲେ,
କରୁଥିଲା    କରୁଥିଲେ ।

### ନିତ୍ୟପ୍ରବୃତ୍ତ

ଏହାର ରୂପ ଅସମ୍ପନ୍ନ ରୂପ ପରି

### ସମ୍ଭାବ୍ୟ

ପ୍ରଥମ ପୁରୁଷ ... କରିଥାନ୍ତି    କରିଥାନ୍ତୁ,
କରିଥାନ୍ତି    କରିଥାନ୍ତୁ ।
ଦ୍ୱିତୀୟ ପୁରୁଷ ... କରିଥାନ୍ତ    କରିଥାନ୍ତ,
କରିଥାନ୍ତୁ    କରିଥାନ୍ତ ।
ତୃତୀୟ ପୁରୁଷ ... କରିଥାନ୍ତେ    କରିଥାନ୍ତେ,
କରିଥାନ୍ତା    କରିଥାନ୍ତେ ।

### ଅନୁମାନକ

| | | |
|---|---|---|
| ପ୍ରଥମ ପୁରୁଷ ... | କରିଥିବୁଁ ... | କରିଥିବୁଁ, |
| | କରିଥିବି ... | କରିଥିବୁଁ। |
| ଦ୍ୱିତୀୟ ପୁରୁଷ ... | କରିଥିବ ... | କରିଥିବ, |
| | କରିଥିବୁ | କରିଥିବ। |
| ତୃତୀୟ ପୁରୁଷ ... | କରିଥିବେ | କରିଥିବେ |
| | କରିଥିବ | କରିଥିବେ। |

## ଭବିଷ୍ୟତ୍

### ଶୁଦ୍ଧ

| | | |
|---|---|---|
| ପ୍ରଥମ ପୁରୁଷ ... | କରିବୁଁ | କରିବୁଁ, |
| | କରିବି | କରିବୁଁ। |
| ଦ୍ୱିତୀୟ ପୁରୁଷ ... | କରିବ | କରିବ, |
| | କରିବୁ ... | କରିବ। |
| ତୃତୀୟ ପୁରୁଷ ... | କରିବ | କରିବେ, |
| | କରିବେ | କରିବେ। |

### ଅସମ୍ପନ୍ନ

| | | |
|---|---|---|
| ପ୍ରଥମ ପୁରୁଷ ... | କରୁଥିବୁଁ | କରୁଥିବୁଁ, |
| | କରୁଥିବି | କରୁଥିବୁଁ। |
| ଦ୍ୱିତୀୟ ପୁରୁଷ ... | କରୁଥିବ | କରୁଥିବ, |
| | କରୁଥିବୁ | କରୁଥିବ। |
| ତୃତୀୟ ପୁରୁଷ ... | କରୁଥିବେ | କରୁଥିବେ, |
| | କରୁଥିବ | କରୁଥିବେ। |

ନିତ୍ୟପ୍ରବୃତ୍ତ

ଏହାର ରୂପ ଅସମ୍ପନ୍ନ ରୂପ ପରି

ପ୍ରାଗ୍‌ଭବିଷ୍ୟତ୍

| | | |
|---|---|---|
| ପ୍ରଥମ ପୁରୁଷ ... | କରିଥିବୁଁ ... | କରିଥିବୁଁ, |
| | କରିଥିବି | କରିଥିବୁଁ । |
| ଦ୍ୱିତୀୟ ପୁରୁଷ ... | କରିଥିବ | କରିଥିବ, |
| | କରିଥିବୁ | କରିଥିବ । |
| ତୃତୀୟ ପୁରୁଷ ... | କରିଥିବେ | କରିଥିବେ, |
| | କରିଥିବ | କରିଥିବେ । |

ସମ୍ଭାବ୍ୟ

| | | |
|---|---|---|
| ପ୍ରଥମ ପୁରୁଷ | କରନ୍ତୁ | କରନ୍ତୁ, |
| | କରନ୍ତି | କରନ୍ତୁ । |
| ଦ୍ୱିତୀୟ ପୁରୁଷ ... | କରନ୍ତ | କରନ୍ତ, |
| | କରନ୍ତୁ | କରନ୍ତ । |
| ତୃତୀୟ ପୁରୁଷ ... | କରନ୍ତେ | କରନ୍ତେ, |
| | କରନ୍ତା | କରନ୍ତେ । |

ଅନ୍ୟାନ୍ୟ ଧାତୁର ରୂପ ଏହିପରି ।

## ପ୍ରେରଣାର୍ଥ ବା ପ୍ରଯୋଜକ କ୍ରିୟା

କ୍ରିୟାର ମୁଖ୍ୟକର୍ତ୍ତା ଥାଇ ପ୍ରଯୋଜକ କର୍ତ୍ତାର ଆବଶ୍ୟକ ହେଲେ, ଅର୍ଥାତ୍ ପ୍ରଯୋଜକ କର୍ତ୍ତା ସ୍ୱୟଂ ନ କରି ଅନ୍ୟଦ୍ୱାରା କରାଇଲେ ସେହି କ୍ରିୟାକୁ ପ୍ରେରଣାର୍ଥ ବା ପ୍ରଯୋଜକ କ୍ରିୟା ବୋଲାଯାଏ । ପ୍ରେରଣାର୍ଥ କ୍ରିୟାର ଯୋଡ଼ିଏ କର୍ତ୍ତା ଥାଏ । ମୁଖ୍ୟ

କର୍ତ୍ତୃ ବ୍ୟବହାର ଓ ଧାତୁ ଭେଦରେ କର୍ମକାରକ ଓ ସ୍ଥଳେ ସ୍ଥଳେ କରଣକାରକ ହୁଏ ।

ପ୍ରେରଣାର୍ଥ ବୋଧ ନିମନ୍ତେ ଧାତୁର ଉତ୍ତର ବିଭକ୍ତି ପୂର୍ବରେ ଗୋଟିଏ ଆ ପ୍ରତ୍ୟୟ ହୁଏ ଏବଂ ଧାତୁର କେତେକ ଆକାର ପରିବର୍ତ୍ତିତ ହୁଏ । ଯଥା—ମଧୁ ପଢୁଅଛି, ସ୍ୱମ ମଧୁକୁ ପଢ଼ାଉଅଛି ।

ପ୍ରେରଣାର୍ଥ କ୍ରିୟାର ଅନ୍ୟ ଉଦାହରଣ । ଯଥା—ଡାକିବା—ଡକାଇବା, ପିଇବା—ପିଆଇବା, ବସିବା—ବସାଇବା, ହସିବା—ହସାଇବା, ଧରିବା—ଧରାଇବା, ମରିବା—ମରାଇବା, ଚାଲିବା—ଚଳାଇବା, ବଳିବା—ବଳାଇବା, ଖେଳିବା—ଖେଳାଇବା, ମଣିବା—ମଣାଇବା ଇତ୍ୟାଦି ।

ପୂର୍ବେ ଯେପରି କ୍ରିୟାରୂପ ପ୍ରଦର୍ଶିତ ହୋଇଅଛି, ଏମାନଙ୍କର ମଧ୍ୟ ସେହିପରି ରୂପ ହେବ ।

ସଂସ୍କୃତ ନିୟମାନୁସାରେ ପ୍ରେରଣାର୍ଥ କ୍ରିୟା ଗଠନର ରୀତି ପରେ ପ୍ରଦର୍ଶିତ ହେବ ।

## ନାମଧାତୁ

ଓଡ଼ିଆରେ କୌଣସି କୌଣସି ବିଶେଷ୍ୟ ପଦର ଉତ୍ତର ବିଶେଷ ବିଶେଷ ଅର୍ଥରେ ଇବା, ଏଇବା ପ୍ରଭୃତି ପ୍ରତ୍ୟୟ କରି ଯେଉଁ ଧାତୁ ନିଷ୍ପନ୍ନ ହୁଏ, ସେଗୁଡ଼ିକୁ ଓଡ଼ିଆରେ ନାମଧାତୁ ବୋଲାଯାଏ । ଯଥା—ଗଜା—ଗଜାଇବା, ପଲ୍ଲବ—ପଲ୍ଲବିବା, ଡଙ୍କ ଡଙ୍କେଇବା, ଚାନ—ଚାନେଇବା, ଦାନ୍ତ—ଦାନ୍ତିବା; ଏହିପରି 'ଫଳିବା, ପାଣେଇବା, ନାଲେଇବା, ରଙ୍ଗେଇବା, ଅଣ୍ଡୋଇବା, ଅଖେଇବା, ନାକେଇବା, ମୂର୍ଚ୍ଛେଇବା, ଚୁଣ୍ଡେଇବା, ପେଟେଇବା, ଛାନ୍ଦେଇବା, ବାଙ୍ଗେଇବା, ମୁଠାଇବା, ଗୋଡ଼େଇବା, ଝପାଇବା,

ମୁଣ୍ଡାଇବା, ଗଢ଼େଇବା, ଚମେଇବା, ଶିଳେଇବା, ତେଜବା ଇତ୍ୟାଦି ।

ଉକ୍ତ ନିୟମାନୁସାରେ ନାମଧାତୁ ଗଠନର ରୀତି ପରେ ପ୍ରଦର୍ଶିତ ହେବ ।

## ଅସମାପିକା କ୍ରିୟା

ଧାତୁର ଉତ୍ତର ଅନନ୍ତର ଅର୍ଥରେ ଇ ପ୍ରତ୍ୟୟ ହୁଏ । ଇ ପ୍ରତ୍ୟୟାନ୍ତ ପଦ ଅସମାପିକା କ୍ରିୟାରୂପରେ ବ୍ୟବହୃତ ହୁଏ । ଯଥା— ହରି **ଆସି** ବସିଅଛି, ହରି ଖାଇ ଶୋଇଅଛି । ଏଠାରେ **ଆସି** ଓ ଖାଇ **ଅସମାପିକା** କ୍ରିୟା; **ଆସିବା** ପରେ ଓ ଖାଇବା ପରେ ବସିବା ଓ ଶୋଇବା କ୍ରିୟା ସାଧିତ ହୋଇଅଛି ।

ଯୌଗପଦ୍ୟ ଅର୍ଥରେ ଧାତୁର ଉତ୍ତର ଉଁ ପ୍ରତ୍ୟୟ କରି ଅସମାପିକା କ୍ରିୟା କଲେ ତାହାର ଦ୍ୱିତ୍ୱ ହୁଏ, ଯଥା—ସେ ଖାଉଁ ଖାଉଁ କାଶିଲା, ଗୋବିନ୍ଦ କଥା କହୁଁ କହୁଁ ମରିଗଲା—ଇତ୍ୟାଦି ।

ସେହିପରି ଇ-ପ୍ରତ୍ୟୟାନ୍ତ ଅସମାପିକା କ୍ରିୟାର ମଧ୍ୟ ଦ୍ୱିତ୍ୱ ହୁଏ, ଯଥା—ରାମ ବହି ଦେଖି ଲେଖିଲା, ସେ ବସି ବସି ଢୁଳିଗଲା— ଇତ୍ୟାଦି ।

ନିମିତ୍ତ ଅର୍ଥରେ ଧାତୁର ଉତ୍ତର ଇବାକୁ ପ୍ରଭୃତି ପ୍ରତ୍ୟୟ ହୁଏ, ଯଥା—ଟଙ୍କା ଦେବାକୁ ଯାଇଅଛି, ଚାଉଳ ଚଢ଼ିବାକୁ ଗଲା ।

କେବେ କେବେ ନିମିତ୍ତାର୍ଥକ ଇବାକୁ ପ୍ରତ୍ୟୟ ସଂକ୍ଷିପ୍ତ ହୋଇ ଇ ହୋଇଯାଏ, ଯଥା—ଚାଉଳ ଚଢ଼ିଗଲା, ଭିକ ମାଗି ଯାଇଥିଲି ।

ହେତୁ ଅର୍ଥରେ ଧାତୁର ଉତ୍ତର ଇବାରୁ ଏବଂ ଇଲାରୁ ପ୍ରତ୍ୟୟ ହୁଏ; ଯଥା—ସେ ଯିବାରୁ ମୁଁ ଆସିଲି, ସେ କହିଲାରୁ ମୁଁ ଗଲି ।

ଏତଦ୍ଭିନ୍ନ ଧାତୁର ଉତ୍ତର ଅସମାପିକା କ୍ରିୟାରେ ଲେ, ଇଲେ, ଇଥିଲେ, କଥିଲେ, ଅନ୍ତେ, ଉଣୁ ପ୍ରଭୃତି ପ୍ରତ୍ୟୟ ହୁଏ, ଯଥା—ସେ ଗଲେ ମୁଁ ଆସିବି, ସେ ଆସିଲେ ମୁଁ ଯିବି, ତୁମ୍ଭେ ସେଠାରେ ବସିଥିଲେ ଭଲ ହେବ, ସେ ସବୁ ବାହାରୁଥିଲେ ତାଙ୍କୁ ଭେଟିବ, ଦିନ ଅବସାନ ହୁଅନ୍ତେ ମୁଁ ଗ୍ରାମରେ ପହଞ୍ଚିବି, ପାଠ ଶେଷ ନ ହେଉଣୁ ସେ ଚାଲିଗଲା ।

## ଅନ୍ୱୟ

ପଦମାନଙ୍କର ପରସ୍ପର ସମ୍ବନ୍ଧକୁ ଅନ୍ୱୟ ବୋଲାଯାଏ । ବାକ୍ୟ ମଧ୍ୟରେ ଯେତେ ପଦ ଥାଏ, ଅନ୍ୱୟରେ ପ୍ରତ୍ୟେକ ପଦର ବୈୟାକରଣିକ ବ୍ୟାଖ୍ୟା କରିବାକୁ ହୁଏ । ପଦ ବିଶେଷ୍ୟ ହେଲେ ତାହା କେଉଁ ଜାତୀୟ ବିଶେଷ୍ୟ, ତାହାର ଲିଙ୍ଗ, କାରକ, ବଚନ, ପୁରୁଷ ଏବଂ ତାହା କେଉଁ କ୍ରିୟା ସହିତ ଅନ୍ୱିତ, ବିଶେଷଣ ହେଲେ ତାହା କେଉଁ ବିଶେଷ୍ୟ, କ୍ରିୟା କିମ୍ବା ବିଶେଷଣର ବିଶେଷଣ, ସର୍ବନାମ ହେଲେ ତାହା କେଉଁ ପଦର ପ୍ରତିନିଧିସ୍ୱରୂପ ବ୍ୟବହୃତ—ତାହାର ଲିଙ୍ଗ, ବଚନ, ପୁରୁଷ, କାରକ ଏବଂ ତାହା କେଉଁ କ୍ରିୟା ସହିତ ଅନ୍ୱିତ; ଅବ୍ୟୟ ହେଲେ ତାହା କେଉଁ ଶ୍ରେଣୀର ଅବ୍ୟୟ, କ୍ରିୟା ହେଲେ ତାହା ସମାପିକା କି ଅସମାପିକା, ସକର୍ମକ କି ଅକର୍ମକ, ତାହାର କାଳ, ପୁରୁଷ, ବଚନ ଏବଂ ତାହା କେଉଁ କାରକ ସହିତ ଅନ୍ୱିତ, ଅନ୍ୱୟରେ ଏହି ବିଷୟମାନ ଦେଖାଇବାକୁ ହୁଏ ।

ପଦ୍ୟକୁ ଆଗେ ଗଦ୍ୟରେ ପରିଣତ କରି ଅନ୍ୱୟ କରିବାକୁ ହୁଏ । "ବ୍ୟାକରଣ ପରିଚୟ" ରେ ଅନ୍ୱୟର ଆଦର୍ଶ ପ୍ରଦର୍ଶିତ ହୋଇଅଛି । ଏ ପୁସ୍ତକରେ ତାହାର ପୁନରୁଲ୍ଲେଖ ଅନାବଶ୍ୟକ ।

# ଦ୍ୱିତୀୟ ଭାଗ

ମୂଳ ବ୍ୟାକରଣାଂଶ ପ୍ରଥମ ଭାଗରେ ପ୍ରଦତ୍ତ ହୋଇଅଛି । ମନର ଭାବ ପ୍ରକାଶାର୍ଥ ବାକ୍ୟ ଗଢ଼ିବାର ସମସ୍ତ ଉପାଦାନ ସେଥିରେ ଅଛି ।

ଯୁକ୍ତ ଶବ୍ଦ କିମ୍ବା ଶବ୍ଦରୁ ଗଠିତ ଯୌଗିକ ଶବ୍ଦଦ୍ୱାରା ବାକ୍ୟକୁ ସଂକ୍ଷିପ୍ତ କିମ୍ବା ରୂପାନ୍ତରିତ କରାଯାଇ ପାରେ । ଦ୍ୱିତୀୟ ଭାଗରେ ଏହି ଭଳି ଶବ୍ଦ ପ୍ରସ୍ତୁତ କରିବାର ପ୍ରଣାଳୀ ପ୍ରଦର୍ଶିତ ହେବ ।

ସନ୍ଧିଦ୍ୱାରା ଯୁକ୍ତ ହୋଇ ଶବ୍ଦ ସଂକ୍ଷିପ୍ତ ହୁଏ; ଯଥା—ନବ—ଅନ୍ନ, ନବାନ୍ନ; ଜଗତ୍—ମୋହନ, ଜଗନ୍ମୋହନ । ଏହି ସଂକ୍ଷେପଣ କେବଳ ବର୍ଣ୍ଣଗତ ସଂକ୍ଷେପଣ ଅଟେ ।

ଧାତୁ ଓ ଶବ୍ଦରେ ପୂର୍ବ ପଦ ଏବଂ ପ୍ରତ୍ୟୟ ଯୋଗଦ୍ୱାରା ନୂତନ ଶବ୍ଦ ଗଢ଼ି ବାକ୍ୟ ସଂକ୍ଷିପ୍ତ କିମ୍ବା ରୂପାନ୍ତରିତ କରାଯାଏ । ଏହି ସଂକ୍ଷେପଣ କିମ୍ବା ପରିବର୍ତ୍ତନ ତିନି ପ୍ରକାର ।

୧ମ—ଉପସର୍ଗଯୁକ୍ତ ପଦଦ୍ୱାରା; ଯଥା—

| ମୂଳବାକ୍ୟ | ସଂକ୍ଷିପ୍ତ କିମ୍ବା ରୂପାନ୍ତରିତ |
|---|---|
| ବୃକ୍ଷ ଅତିଶୟ କର୍ଷିତ ହେଲା— | ବୃକ୍ଷ **ପ୍ରକର୍ଷିତ** ହେଲା । |
| ସେ ଯାହା କଲେ ମୁଁ ସେହିପରି କଲି— | ମୁଁ ତାହାଙ୍କର **ଅନୁକରଣ** କଲି । |
| ଶର ଊର୍ଦ୍ଧ୍ୱକୁ କ୍ଷିପ୍ତ ହେଲା— | ଶର **ଉତ୍କ୍ଷିପ୍ତ** ହେଲା । |
| ରାମ ଯାହା କହିଲେ ଶ୍ୟାମ ତାହା ବିରୁଦ୍ଧରେ କହିଲେ— | ରାମ ଶ୍ୟାମର **ପ୍ରତିବାଦ** କଲେ । |
| ଭରତ ଅତିଶୟ ଆକୁଳ ହେଲେ— | ଭରତ **ବ୍ୟାକୁଳ** ହେଲେ । |

୨ଯ଼—କୃଦନ୍ତ ପଦଦ୍ୱାରା; ଯଥା—

| ମୂଳ ବାକ୍ୟ | ସଂକ୍ଷିପ୍ତ କମ୍ବା ରୂପାନ୍ତରିତ |
|---|---|
| ଏହା ମୋର କରିବା ଉଚିତ— | ଏହା ମୋର **କର୍ତ୍ତବ୍ୟ** । |
| ସେ ସର୍ବଦା ମୋହର ହିତ କରନ୍ତି— | ସେ ମୋହର **ହିତକାରୀ** । |
| ତାର ଶୀଘ୍ର ଭାଙ୍ଗିଯାଏ— | ତାର **ଭଙ୍ଗୁର** । |
| ସେ ବିଦ୍ୟାଳଯ଼ ପରିଦର୍ଶନ କରନ୍ତି— | ସେ ବିଦ୍ୟାଳଯ଼ **ପରିଦର୍ଶକ** । |
| ହୀରକ ସହଜରେ ଲବ୍ଧ ହୁଏ ନାହିଁ— | ହୀରକ **ଦୁର୍ଲ୍ଲଭ** । |

୩ଯ଼—ତଦ୍ଧିତ ପ୍ରତ୍ୟଯ଼ାନ୍ତ ପଦଦ୍ୱାରା; ଯଥା—

| ମୂଳ ବାକ୍ୟ | ସଂକ୍ଷିପ୍ତ କମ୍ବା ରୂପାନ୍ତରିତ |
|---|---|
| ଦଶରଥପୁତ୍ର ରାବଣକୁ ସଂହାର କଲେ— | **ଦାଶରଥି** ରାବଣକୁ ସଂହାର କଲେ । |
| ପରୀକ୍ଷିତ ଅର୍ଜୁନଙ୍କର ପୁତ୍ରର ପୁତ୍ର ଥିଲେ— | ପରୀକ୍ଷିତ ଅର୍ଜୁନଙ୍କର **ପୌତ୍ର** ଥିଲେ । |
| ନିକଷାଙ୍କର ପୁତ୍ର ଶିବଙ୍କର ଭକ୍ତ ଥିଲେ— | **ନୈକଷେଯ଼ ଶୈବ** ଥିଲେ । |
| ଯେଉଁମାନଙ୍କର ଧନ ଅଛି, ସେମାନଙ୍କର ସବୁ ସ୍ଥଳରେ ଆଦର | **ଧନୀଙ୍କର ସର୍ବତ୍ର ଆଦର** |
| ଯେ ପ୍ରଦେଶରେ ଗଙ୍ଗା ପ୍ରବାହିତ, ସେ ପ୍ରଦେଶରେ ଅନେକ ଶସ୍ୟ ଜନ୍ମେ | **ଗାଙ୍ଗେଯ଼ ପ୍ରଦେଶ ଶସ୍ୟଶାଳୀ** । |

ଶବ୍ଦରେ ଶବ୍ଦ ଯୋଡ଼ି ବାକ୍ୟ ସଂକ୍ଷିପ୍ତ କମ୍ବା ରୂପାନ୍ତରିତ କରାଯାଇ ପାରେ । ଏହି ପ୍ରକ୍ରିଯ଼ା ସମାସଦ୍ୱାରା ସାଧିତ ହୁଏ, ଯଥା—

| ମୂଳ ବାକ୍ୟ | ସଂକ୍ଷିପ୍ତ କମ୍ବା ରୂପାନ୍ତରିତ |
|---|---|
| ଭୀଷ୍ମ ଇନ୍ଦ୍ରିଯ଼ମାନଙ୍କୁ ଜଯ଼ କରିଥିଲେ— | ଭୀଷ୍ମ **ଜିତେନ୍ଦ୍ରିଯ଼** ଥିଲେ । |

ଭୀମ ଓ ଅର୍ଜୁନ ବୀରଙ୍କର ଅଗ୍ରଣୀ ଥିଲେ—**ଭୀମାର୍ଜୁନ ବୀରାଗ୍ରଣୀ** ଥିଲେ । ହରିର ବଣ୍ଡିମାନ ଚର୍ମ ନାହିଁ—ହରି ବଣ୍ଡିମାନ **ନିଶ୍ଚର୍ମା** । ପାଲଦୀର ନୀର ସ୍ୱଚ୍ଛ ଅଟେ—ପାଲନ୍ଦୀ **ସ୍ୱଚ୍ଛନୀରା** ।

ତାଙ୍କର ରାଜ୍ୟ ସମୁଦ୍ର ପର୍ଯ୍ୟନ୍ତ ବିସ୍ତୃତ ଥିଲା । } ତାହାଙ୍କର ରାଜ୍ୟ **ଆସମୁଦ୍ର** ବିସ୍ତୃତ ଥିଲା ।

ବୋଧସୌକର୍ଯ୍ୟ ସକାଶେ ଉଲ୍ଲିଖିତ ଉଦାହରଣମାନଙ୍କରେ ପ୍ରତ୍ୟେକ ଯୌଗିକ ଏବଂ ଯୁକ୍ତ ଶବ୍ଦକୁ ଭିନ୍ନାନ୍ତର କରି ଦିଆଗଲା ।

ଯୁକ୍ତ ଏବଂ ଯୌଗିକ ଶବ୍ଦ ଗଠନରେ ଅନେକ ସମୟରେ ସନ୍ଧିର ଆବଶ୍ୟକ ହୁଏ । ଏହି ହେତୁରୁ ଦ୍ୱିତୀୟ ଭାଗରେ ସର୍ବାଦୌ ସନ୍ଧିର ପ୍ରକ୍ରିୟା ପ୍ରଦର୍ଶିତ ହେବ ଏବଂ ତତ୍ପରେ ଉପସର୍ଗ, କୃତ୍ ଏବଂ ତଦ୍ଧିତ ପ୍ରତ୍ୟୟ ଏବଂ ସମାସ ସନ୍ନିବେଶିତ ହେବ ।

## ସନ୍ଧି

ପରସ୍ପର ସନ୍ନିହିତ ବର୍ଣ୍ଣର ମିଳନକୁ ସନ୍ଧି କହନ୍ତି । ସନ୍ଧି ଦୁଇ ପ୍ରକାର । ଦୁଇ ସ୍ୱରବର୍ଣ୍ଣ ମିଶି ଯେଉଁ ସନ୍ଧି ହୁଏ, ତାହାକୁ ସ୍ୱରସନ୍ଧି କହନ୍ତି । ଦୁଇ ବ୍ୟଞ୍ଜନବର୍ଣ୍ଣ ବା ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣ ମିଶି ଯେଉଁ ସନ୍ଧି ହୁଏ, ତାହାକୁ ବ୍ୟଞ୍ଜନସନ୍ଧି କହନ୍ତି ।

ଅ, ଇ, ଉ, ଋ ଏହି ବର୍ଣ୍ଣମାନେ ଯଥାକ୍ରମରେ ଆ, ଈ, ଊ, ୠ, ସହିତ ପରସ୍ପର ସମାନ ସ୍ୱର ବୋଲି କଥିତ ।

## ସ୍ୱରସନ୍ଧି

ସମାନ ସ୍ୱର ପରେ ଥିଲେ ଦୁହେଁ ଦୀର୍ଘ ହୁଅନ୍ତି, ଦୀର୍ଘସ୍ୱର ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ । ଯଥା—ଶଶ—ଅଙ୍କ, ଶଶାଙ୍କ; ଦେବ—ଅସୁର, ଦେବାସୁର; କୁଳ—ଅଙ୍କୁର, କୁଳାଙ୍କୁର; ବିମ୍ବ—ଅଧର, ବିମ୍ବାଧର ।

ମେଘ—ଆସନ, ମେଘାସନ; ରତ୍ନ—ଆକର, ରତ୍ନାକର; ଅଳ୍ପ—ଆୟୁଃ, ଅଳ୍ପାୟୁ; ଜଳ—ଆଶୟ, ଜଳାଶୟ; ହିମ—ଆଳୟ, ହିମାଳୟ; ବିଦ୍ୟା—ଅଧ୍ୟୟନ, ବିଦ୍ୟାଧ୍ୟୟନ; ନାର—ଅୟନ, ନାରାୟଣ; ଲତା—ଅନ୍ତ, ଲତାନ୍ତ; ନୀଳା—ଅରବିନ୍ଦ, ନୀଳାରବିନ୍ଦ; ଗଙ୍ଗା—ଅମ୍ବୁ, ଗଙ୍ଗାମ୍ବୁ ।

ବିଦ୍ୟା—ଆଳୟ, ବିଦ୍ୟାଳୟ; ସଦା—ଆନନ୍ଦ, ସଦାନନ୍ଦ; ମହା—ଆକାଶ, ମହାକାଶ; ମହା—ଆଶୟ, ମହାଶୟ; କରୁଣା—ଆଧାର, କରୁଣାଧାର ।

( କୁଳ—ଅଟା, କୁଳଟା; ସୀମ—ଅନ୍ତ, ସୀମାନ୍ତ; ଏ ଯୋଡ଼ିଏ ସନ୍ଧି ସାଧାରଣ ନିୟମର ବହିର୍ଭୂତ । )

ଗିରି—ଇନ୍ଦ୍ର; ଗିରୀନ୍ଦ୍ର; ପ୍ରତି—ଇତ, ପ୍ରତୀତ; ପରି—ଈକ୍ଷା, ପରୀକ୍ଷା, ରବି—ଇନ୍ଦ୍ର, ରବୀନ୍ଦ୍ର; ମୁନି—ଈଶ୍ୱର, ମୁନୀଶ୍ୱର; କ୍ଷିତି—ଈଶ, କ୍ଷିତୀଶ; ମହୀ—ଇନ୍ଦ୍ର, ମହୀନ୍ଦ୍ର; ପୃଥ୍ୱୀ—ଈଶ୍ୱର, ପୃଥ୍ୱୀଶ୍ୱର ।

ଭାନୁ—ଉଦୟ, ଭାନୂଦୟ; କଟୁ—ଉକ୍ତି, କଟୂକ୍ତି; ମଧୁ—ଉଚ୍ଛିଷ୍ଟ, ମଧୂଚ୍ଛିଷ୍ଟ; ସ୍ୱାଦୁ—ଉଦକ, ସ୍ୱାଦୂଦକ; ଲଘୁ—ଊର୍ମି, ଲଘୂର୍ମି; ବଧୂ—ଉତ୍ସବ, ବଧୂତ୍ସବ ।

ଅ ବା ଆ ପରେ ଇ ବା ଈ ଥିଲେ ଦୁହେଁ ମିଶି ଏ ହୁଅନ୍ତି, ଏ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ । ଯଥା—ନର—ଇନ୍ଦ୍ର, ନରେନ୍ଦ୍ର; ଦର୍ଶନ—ଇନ୍ଦ୍ରିୟ, ଦର୍ଶନେନ୍ଦ୍ରିୟ; ପୂର୍ଣ୍ଣ—ଇନ୍ଦୁ, ପୂର୍ଣ୍ଣେନ୍ଦୁ; ଉପ—ଇନ୍ଦ୍ର, ଉପେନ୍ଦ୍ର; ବାଲ—ଈଶ୍ୱର, ବାଲେଶ୍ୱର; ଭୁବନ—ଈଶ୍ୱର, ଭୁବନେଶ୍ୱର, ଗଣ—ଈଶ, ଗଣେଶ; ମହା—ଇନ୍ଦ୍ର, ମହେନ୍ଦ୍ର; ଯଥା—ଇଷ୍ଟ, ଯଥେଷ୍ଟ; ରମା—ଈଶ, ରମେଶ ।

ଅ ବା ଆ ପରେ ଉ ବା ଊ ଥିଲେ ଦୁହେଁ ମିଶି ଓ ହୁଅନ୍ତି । ଓ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ । ଯଥା—ସୂର୍ଯ୍ୟ—ଉଦୟ, ସୂର୍ଯ୍ୟୋଦୟ; ବୋଧ—ଉଦୟ, ବୋଧୋଦୟ; ଶବ—ଉପଳା, ଶବୋପଳା; ଲମ୍ବ—

ଉଦର, ଲମ୍ବୋଦର; ପୁରୁଷ—ଉତ୍ତମ, ପୁରୁଷୋତ୍ତମ; ଗୃହ—ଊର୍ଦ୍ଧ୍ୱ, ଗୃହୋର୍ଦ୍ଧ୍ୱ; ମହା—ଉନ୍ନତ, ମହୋନ୍ନତ; ଗଙ୍ଗା—ଉଦକ, ଗଙ୍ଗୋଦକ; ମହା—ଊର୍ମି, ମହୋର୍ମି।
(ପ୍ର—ଊଢ଼, ପ୍ରୌଢ଼; ଏହି ଶବ୍ଦ ସାଧାରଣ ନିୟମର ବହିର୍ଭୂତ) *

ଅ ବା ଆ ପରେ ଋ ଥିଲେ ଦୁହେଁ ମିଶି ଅର୍ ହୁଅନ୍ତି; ଅକାର ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ ଏବଂ ର୍ ରେଫ୍ ହୋଇ ପରବର୍ଣ୍ଣରେ ଉପରକୁ ଯାଏ। ଯଥା—ଦେବ—ଋଷି, ଦେବର୍ଷି; ଉତ୍ତମ—ଋଣ ଉତ୍ତମର୍ଣ୍ଣ; ଅଧମ—ଋଣ, ଅଧମର୍ଣ୍ଣ।

(କେତେଗୁଡ଼ିଏ ଶବ୍ଦ ସମ୍ବନ୍ଧରେ ଏହି ନିୟମର ସାମାନ୍ୟ ରୂପାନ୍ତର ହୁଏ। ଯଥା—କ୍ଷୁଧା—ଋତ, କ୍ଷୁଧାର୍ତ୍ତ; ଶୀତ—ଋତ, ଶୀତାର୍ତ୍ତ।)

ଅ ବା ଆ ପରେ ଏ ବା ଐ ଥିଲେ ଦୁହେଁ ମିଶି ଐ ହୁଅନ୍ତି, ଐ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ। ଯଥା—ଏକ—ଏକ, ଏକୈକ; ହିତ—ଏଷୀ, ହିତୈଷୀ; ଶୁଦ୍ଧ—ଏରଣ୍ଡ, ଶୁଦ୍ଧୈରଣ୍ଡ; ଶୁକ୍ଳ—ଏକାଦଶୀ, ଶୁକ୍ଳୈକାଦଶୀ; ମତ—ଐକ୍ୟ, ମତୈକ୍ୟ; ବିପୁଳ—ଐଶ୍ୱର୍ଯ୍ୟ, ବିପୁଳୈଶ୍ୱର୍ଯ୍ୟ; ସୂକ୍ଷ୍ମ—ଏଳା, ସୂକ୍ଷ୍ମୈଳା; ମହା—ଐସ୍ୱବତ, ମହୈସ୍ୱବତ।

ଅ ବା ଆ ପରେ ଓ ବା ଔ ଥିଲେ ଦୁହେଁ ମିଶି ଔ ହୁଅନ୍ତି, ଔ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ। ଯଥା—ଜଳ—ଓଘ, ଜଳୌଘ; ଜଳ—ଓକା, ଜଳୌକା; ଧବ—ଓକା, ଧବୌକା; ଦିବ୍ୟ—ଔଷଧି, ଦିବ୍ୟୌଷଧି; ବନ—ଔଷଧି, ବନୌଷଧି; ମହା—ଔତ୍ସୁକ୍ୟ, ମହୌତ୍ସୁକ୍ୟ।

ଇ ଈ ଛଡ଼ା ଅନ୍ୟ ସ୍ୱରବର୍ଣ୍ଣ ପରେ ଥିଲେ ଇ ଈ ସ୍ଥାନରେ ୟ୍

* ଅ—ବନ୍ୟ, ଉ—ଧାଳବା, ସନ୍ଧିଦ୍ୱାରା ଯୁକ୍ତ ହୋଇ ଏମାନେ 'ଏ' ଅର୍ଥାତ୍ ବନ୍ୟା ଧାଳବା ହେଲେ। ଅ—ବନ୍ୟ, ଉ—ଅଣୁ, ସନ୍ଧିଦ୍ୱାରା ଯୁକ୍ତ ହୋଇ ଏମାନେ 'ଓ' ଅର୍ଥାତ୍ ବନ୍ୟୋଣୁ ହେଲେ।

ହୁଏ, ଯ୍ ଏବଂ ପରସ୍ଥିତ ସ୍ୱରବର୍ଣ୍ଣ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଅନ୍ତି । ଯଥା—ଅତି—ଅନ୍ତ, ଅତ୍ୟନ୍ତ; ଯଦି—ଅପି ଯଦ୍ୟପି; ବି—ଅଙ୍ଗ, ବ୍ୟଙ୍ଗ; ପରି—ଅନ୍ତ, ପର୍ଯ୍ୟନ୍ତ; ପ୍ରତି—ଅହ, ପ୍ରତ୍ୟହ; ନଦୀ—ଅମ୍ବୁ, ନଦ୍ୟମ୍ବୁ; ସୂଚୀ—ଅଗ୍ର, ସୂଚ୍ୟଗ୍ର, ଇତି—ଆଦି, ଇତ୍ୟାଦି, ଅତି—ଆଗ୍ରହ, ଅତ୍ୟାଗ୍ରହ; ଅତି—ଆହାର, ଅତ୍ୟାହାର, ମସୀ—ଆଧାର, ମସ୍ୟାଧାର; ଅତି—ଉଚ୍ଚ, ଅତ୍ୟୁଚ୍ଚ; ଅଭି—ଉଦୟ, ଅଭ୍ୟୁଦୟ, ପ୍ରତି—ଉଷ, ପ୍ରତ୍ୟୁଷ; ପ୍ରତି—ଏକ, ପ୍ରତ୍ୟେକ; ଅତି—ଐଶ୍ୱର୍ଯ୍ୟ, ଅତ୍ୟୈଶ୍ୱର୍ଯ୍ୟ; ଅତି—ଔତ୍ସୁକ୍ୟ, ଅତ୍ୟୌତ୍ସୁକ୍ୟ । *

ଉ ଊ ଛଡ଼ା ଅନ୍ୟ ସ୍ୱରବର୍ଣ୍ଣ ପରେ ଥିଲେ ଉ ଊ ସ୍ଥାନରେ ବ୍ ହୁଏ, ବ୍ ଓ ପରସ୍ଥିତ ସ୍ୱରବର୍ଣ୍ଣ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଅନ୍ତି; ଯଥା—ଅନୁ—ଅୟ, ଅନ୍ୱୟ, ସୁ—ଅଳ୍ପ, ସ୍ୱଳ୍ପ; ମନୁ—ଅନ୍ତର, ମନ୍ୱନ୍ତର; ତନୁ—ଅଙ୍ଗ, ତନ୍ୱଙ୍ଗ; ଗୁରୁ—ଅଙ୍ଗନା, ଗୁର୍ବଙ୍ଗନା; ସୁ—ଆଗତ, ସ୍ୱାଗତ; ପଶୁ—ଆଗାର, ପଶ୍ୱାଗାର; ଅନୁ—ଆଦେଶ, ଅନ୍ୱାଦେଶ, ସ୍ଥାଣୁ—ଆଶ୍ରମ, ସ୍ଥାଣ୍ୱାଶ୍ରମ; ବଧୂ—ଆବାସ, ବଧ୍ୱାବାସ; ଅନୁ—ଇତ, ଅନ୍ୱିତ; ତନୁ—ଈଶ୍ୱର, ତନ୍ୱୀଶ୍ୱର; ଅନୁ—ଏଷଣ, ଅନ୍ୱେଷଣ ।

ଋ ପରେ ଋ ଭିନ୍ନ ଅନ୍ୟ ସ୍ୱର ଥିଲେ ଋ ର୍ ହୋଇଯାଏ, ର୍ ଓ ପରସ୍ଥିତ ସ୍ୱର ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ । ଯଥା—ପିତୃ—ଆଳୟ, ପିତ୍ରାଳୟ, ପିତୃ—ଆଜ୍ଞା, ପିତ୍ରାଜ୍ଞା; ମାତୃ—ଆବାସ, ମାତ୍ରାବାସ ।

ସ୍ୱରବର୍ଣ୍ଣ ପରେ ଥିଲେ ଏ ସ୍ଥାନରେ ଅୟ୍, ଐ ସ୍ଥାନରେ ଆୟ୍, ଓ ସ୍ଥାନରେ ଅବ୍ ଏବଂ ଔ ସ୍ଥାନରେ ଆବ୍ ହୁଏ । ଯଥା—ଶେ—ଅନ, ଶୟନ; ନେ—ଅନ, ନୟନ; ନୈ—ଅକ, ନାୟକ; ଭୋ—

* ଇ ସ୍ଥାନରେ ୟ ହେବାର ହେତୁ ଏହି ଯେ ଉଭୟେ ତାଲବ୍ୟ ବର୍ଣ୍ଣ । ଉ ସ୍ଥାନରେ ବ୍ ହେବାର କାରଣ ଏହି ଯେ ଉଭୟେ ଓଷ୍ଠ୍ୟ ବର୍ଣ୍ଣ । ସନ୍ଧିର ଅଧିକାଂଶ ସୂତ୍ର ଏହିପରି ବୈଜ୍ଞାନିକ ଯୁକ୍ତି ଉପରେ ପ୍ରତିଷ୍ଠିତ ।

ଅନ, ଭବନ; ଯାଦୋ—ଅ, ଯାଦବ; ପୌ—ଅକ, ପାବକ; ଭୌ—ଉକ, ଭାବୁକ ।

(ଗୋ—ଅକ୍ଷ, ଗବାକ୍ଷ; ଏଠାରେ ଗୋ ଶବ୍ଦର ଓକାର ସ୍ଥାନରେ ଅବ୍ ନ ହୋଇ ଅବ୍ ହୋଇଅଛି ଏବଂ ତତ୍ପରେ ସନ୍ଧି ହୋଇଅଛି; ଏହିପରି ଗବାକ୍ଷି, ଗବେନ୍ଦ୍ର ।)

ହେ, ଅହେ, ଅୟି ପ୍ରଭୃତି ଶବ୍ଦର ସନ୍ଧି ହୁଏ ନାହିଁ । ଯଥା— ହେ ଈଶ୍ୱର, ଅୟି ଅମୃତଭାଷିଣି, ଅହୋ ଅଶ୍ଚର୍ଯ୍ୟ ।

## ପ୍ରଶ୍ନ

୧ । ନିମ୍ନ ଶବ୍ଦଗୁଡ଼ିକର ସନ୍ଧି ବିଚ୍ଛେଦ କର ଏବଂ କେଉଁ ସ୍ଥଳରେ କେଉଁ ସୂତ୍ରାନୁସାରେ ସନ୍ଧି ହେଲା ବୋଲ :—

ଅଦ୍ୟାବଧି, କୁଳାନ୍ତକ, କୃତାନ୍ତ, ଶସ୍ୱସନ, ସମାଯୃଣ, ମସ୍ୱମର, ଅନାଶନ, ବାକ୍ୟାଳାପ, ସ୍ୱାର୍ଥ, ବ୍ୟର୍ଥ, ଗୁଣାକର, ବିଦ୍ୟାର୍ଣ୍ଣବ, କାରାଗାର, ଦେବାଳୟ, ବୃଥାଳାପ, ରଚନାବଳୀ, ପ୍ରାଣାୟମ, ସୁସ୍ୱାସ୍ଥ୍ୟ, ହୃଷୀକେଶ, ତୃତାନଳ, ପ୍ରତୀକ୍ଷା, ବ୍ୟତୀତ, ମହୀଶ, ବୃଷ୍ଣୀଶ୍ୱର, ସାଟ୍କ୍ରୁ, ବୀତ, ବ୍ୟତିହାର, ସେଗୋପଯୁକ୍ତ, ଦଣ୍ଡୋତ୍ପଳ, ତୃଣ୍ଣୋଦର, ସିନ୍ଧୁଦକ, ବ୍ୟବହାରଜୀବ, ଚିତ୍ତପାର୍ଜିତ, ଦ୍ୱେରଣ, ଅଭ୍ୟର୍ଥନା, ପ୍ରତ୍ୟୁପକାର, ପ୍ରତ୍ୟପକାର, ବ୍ୟସ୍ତ, କବିତାବଳୀ, ବ୍ୟତ୍ୟୟ, ବନୋକ୍ତି, ଗାୟକ, ଗ୍ରୀଶ, ନବୋଢ଼ା, ସହୋଦର, ମହର୍ଷି, ପ୍ରତଂନ୍ତର, ବୀରସନୋପବିଷ୍ଟ, କାର୍ଯ୍ୟାନ୍ତର, ଗୀତାଭିଧାନ, ଦାମୋଦର, ସ୍ୱର୍ଯ୍ୟକ୍ଷ, ଦୈତ୍ୟାରି, ଅତ୍ୟାଶ୍ଚର୍ଯ୍ୟ, ପୁଣ୍ଡରୀକାକ୍ଷ, ପୀତାମ୍ବର, ଜନାର୍ଦ୍ଦନ, ଅଧ୍ୟକ୍ଷ, ବାତ୍ୟାମ୍ଳ, କଂସାରତ, ଲକ୍ଷ୍ମଣାଗ୍ରଜ, ତାଳାଙ୍କ, ବ୍ୟବସାୟ, ଅଧ୍ୟବସାୟ, ଭବାଳୟ, ଗବାଳୟ, ନବାନ୍ନ, ଗବାକ୍ଷ, ଶବାଦ, ଗବାଦ, କ୍ଷୁଧାତୁର, କ୍ଷୁଧାର୍ତ୍ତି, ପଲୌଘ, ବନୌଷଧି, ପ୍ରୌଢ଼, ସତ୍ୟାଦେଶ, ପ୍ରତ୍ୟାଦେଶ, ସତ୍ୟାସତ୍ୟ, ପ୍ରତ୍ୟାଗତ, ନିତ୍ୟାନନ୍ଦ, ଅତ୍ୟାନନ୍ଦ, ସ୍ଥଦାବାସ, ମାହାଦେଶ, ନିଃସଙ୍ଗ,

ବେତ୍ରାଘାତ, ଆର୍ଯ୍ୟାବର୍ତ୍ତ, ପର୍ଯ୍ୟାପ୍ତ, ସୂର୍ଯ୍ୟାସ୍ତ, ପର୍ଯ୍ୟାଲୋଚନା, ଧୈର୍ଯ୍ୟାବଲମ୍ବନ, କାର୍ଯ୍ୟାକାର୍ଯ୍ୟ, ସ୍ୱାଧୀନ, ସ୍ୱାଗତ, ଅଶ୍ୱାରୂଢ଼, ପଶ୍ୱାଗୃର, ବନ୍ୟାଶ୍ୱ, ଧ୍ୱନ୍ୟାତ୍ମକ, ନକ୍ଷତ୍ରାବଳୀ, ବଧାନ୍ତାଦେଶ, ଅଶ୍ୱାଳୟ, ଅଶ୍ୱାବଳୀ, ଶସ୍ୟାଗାର ଓ ଶସ୍ୟାଧାର ।

୨ । ନିମ୍ନଲିଖିତ ପଦମାନଙ୍କର ସନ୍ଧି କର ଏବ ପ୍ରତ ସ୍ଥଳରେ ସୂତ୍ର ବୋଲ :—

ଷପର—ଅସ୍ତ, ମଧୁ—ଉତ୍ସବ, ଉପର—ଉପର, ଅରୁଣ—ଉଦୟ, ବ—ଅବହୃତ, ବାଞ୍ଛା—ଅତୀତ, ଚରଣ—ଅରବିନ୍ଦ, ଗତ—ଅନ୍ତର, ଅଧି—ଉଷିତ, ତୃଷ୍ଣା—ଋତ, ପରମ—ଈଶ, ରସ—ଆବଳୀ, ଗଜ—ଆନନ, ଅଧି—ଅୟନ, ମୂଳ—ଉତ୍ପାଟନ, ତ୍ରିପୁର—ଅରି, ଦ୍ରୁମ—ଅଗ୍ର, ମନ—ଔତ୍ସୁକ୍ୟ, ଚକ୍ଷୁ—ଆଘାତ, ପ୍ରସଙ୍ଗ—ଅଧୀନ, ନୀଳ—ଅମ୍ବୁସ୍ୱାମୀ, ସାର—ଅସାର, ବୀର—ଉଚିତ, ମନ୍ଦ—ଅନିଳ, କୋଣ—ଅର୍କ, ବ୍ରହ୍ମ—ଆନନ୍ଦ, ଅଗ୍ନି—ଉଦ୍ଗୀରଣ, ଚେ—ଅନ, ସ୍ତ୍ରୀ—ଅଙ୍କ, ବଳ—ଅସିତ, ମାସ—ଅନ୍ତ, ଭାବ—ଆବେଶ, ଜିତ—ଇନ୍ଦ୍ରିୟ, ବ୍ରହ୍ମ—ଅଣ୍ଡ, ଶବ୍ଦ—ଅମ୍ବୁଧି, ଗୋ—ଏଷଣା, ଶାରଦ—ଅଭ୍ର, ଶିଖା—ଅଗ୍ର, ପ୍ରତି—ଇତ, ଚକ୍ଷା—ଉଦକ, ଅନୁ—ଅୟ, ଭାନୁ—ଉଦୟ, ସୂର୍ଯ୍ୟ—ଉଦୟ, ଅକ୍ଷ—ଊହିଣୀ, ଦେବ—ଋଷି, ଶୀତ—ଋତୁ, ପିତୃ—ଆଳୟ, ପ୍ରତି—ଏକ, ଅନୁ—ଏଷଣ ।

## ବ୍ୟଞ୍ଜନସନ୍ଧି

ଚ କିମ୍ବା ଛ ପରେ ଥିଲେ ତ୍ ଓ ଦ୍ ସ୍ଥାନରେ ଚ୍ ହୁଏ । ଯଥା—ଉତ୍—ଚାରଣ, ଉଚ୍ଚାରଣ; ଉତ୍—ଛେଦ, ଉଚ୍ଛେଦ, ବୃହତ୍—ଛନ୍ଦ, ବୃହଚ୍ଛନ୍ଦ; ବିପଦ୍—ଚୟ, ବିପଚ୍ଚୟ ।

ଜ କିମ୍ବା ଝ ପରେ ଥିଲେ ତ୍ ଓ ଦ୍ ସ୍ଥାନରେ ଜ୍ ହୁଏ । ଯଥା—ସତ୍—ଜନ, ସଜ୍ଜନ; ଉତ୍—ଜ୍ୱଳ, ଉଜ୍ଜ୍ୱଳ, ତଦ୍—ଜନିତ, ତଜ୍ଜନିତ; ବୃହତ୍—ଝଙ୍କାର, ବୃହଜ୍ଝଙ୍କାର ।

ଟ କିମ୍ବା ଠ ପରେ ଥିଲେ ତ୍ ଓ ଦ୍ ସ୍ଥାନରେ ଟ୍ ହୁଏ । ଯଥା—ବୃହତ୍—ଟଙ୍କାର, ବୃହଟ୍ଟଙ୍କାର; ଉତ୍—ଟଙ୍କନ, ଉଟ୍ଟଙ୍କନ; ତଦ୍—ଟୀକା, ତଟ୍ଟୀକା ।

ଡ କିମ୍ବା ଢ ପରେ ଥିଲେ ତ୍ ଓ ଦ୍ ସ୍ଥାନରେ ଡ୍ ହୁଏ । ଯଥା—ଉତ୍—ଡୀନ, ଉଡ୍ଡୀନ; ବୃହତ୍—ଢକ୍କା, ବୃହଡ୍ଢକ୍କା ।

ଚ୍ ଓ ଜ୍ ର ପରସ୍ଥିତ ନ ସ୍ଥାନରେ ଞ୍ ହୁଏ । ଯଥା—ଯାଚ୍—ନା, ଯାଚ୍ଞା; ଯଜ୍—ନ, ଯଜ୍ଞ ।

ତ୍ ବା ଦ୍ ପରେ ଥିଲେ ଦୁହେଁ ମିଶି ଦ୍ଧ ହୁଅନ୍ତି । ଯଥା—ଉତ୍—ହତ, ଉଦ୍ଧତ; ଈଷତ୍—ହାସ୍ୟ, ଈଷଦ୍ଧାସ୍ୟ; ତଦ୍—ହିତ, ତଦ୍ଧିତ ।

କ, ଖ, ପ, ଫ ଓ ସ ପରେ ଥିଲେ ପଦର ଅନ୍ତସ୍ଥିତ ଦ୍ ଓ ଧ୍ ସ୍ଥାନରେ ତ୍ ହୁଏ । ଯଥା—ବିପଦ୍—କାଳ, ବିପତ୍କାଳ; ତଦ୍—କାଳ, ତତ୍କାଳ, ଶରଦ୍—କାଳ, ଶରତ୍କାଳ; ବିପଦ୍—ଖନି, ବିପତ୍ଖନି; ତଦ୍—ପର, ତତ୍ପର; ଶରଦ୍—ପୂର୍ଣ୍ଣିମା, ଶରତ୍ପୂର୍ଣ୍ଣିମା; ଶରଦ୍—ପର୍ବ, ଶରତ୍ପର୍ବ; କ୍ଷୁଧ୍—ପିପାସା, କ୍ଷୁତ୍ପିପାସା; ତଦ୍—ଫଳ, ତତ୍ଫଳ; ସମ୍ପଦ୍—ସମୃଦ୍ଧ, ସମ୍ପତ୍ସମୃଦ୍ଧ ।

ଶ ପରେ ଥିଲେ ତ୍ ଓ ଦ୍ ସ୍ଥାନରେ ଚ୍ ଓ ଶ୍ ସ୍ଥାନରେ ଛ ହୁଏ । ଯଥା—ଉତ୍—ଶଳିତ, ଉଚ୍ଛଳିତ; ଉତ୍—ଶୃଙ୍ଖଳ, ଉଚ୍ଛୃଙ୍ଖଳ, ଦ୍ୱିଷତ୍—ଶିରଃ; ଦ୍ୱିଷଚ୍ଛିରଃ ।

ମୂର୍ଦ୍ଧନ୍ୟ ଷ ପରେ ତ କିମ୍ବା ଥ ଥିଲେ ତ ସ୍ଥାନରେ ଟ ଓ ଥ ସ୍ଥାନରେ ଠ ହୁଏ । ଯଥା—ପ୍ରବିଷ୍—ତ, ପ୍ରବିଷ୍ଟ; ଷଷ୍—ଥ, ଷଷ୍ଠ ।

ଯେଉଁ ବର୍ଗର ବର୍ଣ୍ଣ ପରେ ଥାଏ, ମ୍ ସ୍ଥାନରେ ସେହି ବର୍ଗର (ଅନୁନାସିକ) ପଞ୍ଚମ ବର୍ଣ୍ଣ ହୁଏ ଏବଂ ସ୍ଥଳେ ସ୍ଥଳେ ମ ସ୍ଥାନରେ ଅନୁସ୍ୱାର ହୁଏ, ମାତ୍ର ଅବର୍ଗ ବର୍ଣ୍ଣ ପରେ ଥିଲେ, କେବଳ ଅନୁସ୍ୱାର ହୁଏ । ଯଥା—ସମ୍—କର, ସଙ୍କର, ସଂକର; ସମ୍—କ୍ରମ,

ସଙ୍କ୍ରମ, ସଂକ୍ରମ; ସମ୍—କ୍ରାନ୍ତ, ସଙ୍କ୍ରାନ୍ତ, ସଂକ୍ରାନ୍ତ; ସମ୍—ଖ୍ୟା, ସଙ୍ଖ୍ୟା, ସଂଖ୍ୟା; ସମ୍—ଗତ, ସଙ୍ଗତ, ସଂଗତ; ସମ—ଗୋପନ, ସଙ୍ଗୋପନ, ସଂଗୋପନ; ସମ୍—ଗ୍ରହ, ସଙ୍ଗ୍ରହ, ସଂଗ୍ରହ; ସମ୍—ଘାତ, ସଙ୍ଘାତ, ସଂଘାତ; ସମ୍—ଚୟ, ସଞ୍ଚୟ, ସଂଚୟ; ସମ୍—ଜାତ, ସଞ୍ଜାତ, ସଂଜାତ; ସମ୍—ତାନ, ସନ୍ତାନ, ସଂତାନ; ସମ—ଦେହ, ସନ୍ଦେହ, ସଂଦେହ; ସମ୍—ଧାନ, ସନ୍ଧାନ, ସଂଧାନ; ସମ୍—ପୂର୍ଣ୍ଣ, ସମ୍ପୂର୍ଣ୍ଣ, ସଂପୂର୍ଣ୍ଣ; ସମ୍—ବାଦ, ସମ୍ବାଦ, ସଂବାଦ; ସମ୍—ଯତ, ସଂଯତ; ସମ୍—ଯୁକ୍ତ, ସଂଯୁକ୍ତ; ସମ୍—ରମ୍ଭ, ସଂରମ୍ଭ; ସମ୍—ଲଗ୍ନ, ସଂଲଗ୍ନ; ସମ୍—ଶୟ, ସଂଶୟ; ସମ୍—ଶୋଧନ, ସଂଶୋଧନ; ସମ୍—ଶ୍ଳିଷ୍ଟ, ସଂଶ୍ଳିଷ୍ଟ; ସମ୍—ସର୍ଗ, ସଂସର୍ଗ; ସମ୍—ସାର, ସଂସାର; ସମ୍—ହାର, ସଂହାର; ସମ୍—ହୃତ, ସଂହୃତ ।

ଲ ପରେ ଥିଲେ ତ ଓ ଦ ସ୍ଥାନରେ ଲ ହୁଏ । ଯଥା—ଉତ୍—କଟା, ଉତ୍କଟା; ବିଦ୍ୟୁତ୍—ଲେଖା, ବିଦ୍ୟୁଲ୍ଲେଖା; ଉତ୍—ଲଙ୍ଘନ, ଉଲ୍ଲଙ୍ଘନ; ଉତ୍—ଲୋଳ, ଉଲ୍ଲୋଳ ।

ସ୍ୱରବର୍ଣ୍ଣ ବର୍ଗର ତୃତୀୟ, ଚତୁର୍ଥ ବର୍ଣ୍ଣ କିମ୍ବା ଯ,ର,ଲ,ବ,ହ ପରେ ଥିଲେ ବର୍ଗର ପ୍ରଥମ ବର୍ଣ୍ଣ ଠାରେ ସେହି ବର୍ଗର ତୃତୀୟ ବର୍ଣ୍ଣ ହୁଏ । ଯଥା—ଦିକ୍—ଅମ୍ବର, ଦିଗମ୍ବର; ଦିକ୍—ଅନ୍ତ, ଦିଗନ୍ତ; ବାକ୍—ଆଡ଼ମ୍ବର, ବାଗାଡ଼ମ୍ବର; ଋକ୍—ଇନ୍ଦ୍ରିୟ, ଋଗିନ୍ଦ୍ରିୟ; ବାକ୍—ଈଶ, ବାଗୀଶ; ଦିକ୍—ଗଜ, ଦିଗ୍ଗଜ; ବାକ୍—ଜାଲ, ବାଗ୍ଜାଲ; ବାକ୍—ଦାନ, ବାଗ୍ଦାନ; ବାକ୍—ବାଗୁରା, ବାଗାଗୁରା; ବାକ୍—ବୀର, ବାଗ୍ବୀର; ଦିକ୍—ଭ୍ରମ, ଦିଗ୍ଭ୍ରମ; ପ୍ରାକ୍—ଜ୍ୱଳନ, ପ୍ରାଗ୍ଜ୍ୱଳନ; ଅଚ୍—ଅନ୍ତ, ଅଜନ୍ତ; ଷଟ୍—ଆନନ, ଷଡ଼ାନନ; ଷଟ୍—ରିପୁ, ଷଡ଼୍ରିପୁ; ତତ୍—ଅନ୍ତ, ତଦନ୍ତ; ଚିତ୍—ଆନନ୍ଦ, ଚିଦାନନ୍ଦ; ଜଗତ୍—ଈଶ, ଜଗଦୀଶ; ସତ୍—ଉପାୟ, ସଦୁପାୟ; ବୃହତ୍—

ଔଷଧ, ବୃହଦୌଷଧ, ମୃତ୍—ଘଟ, ମୃଦ୍ଘଟ; ଚିତ୍—ଘନ, ଚିଦ୍ଘନ; ସତ୍—ବିଦ୍ୟା, ସଦ୍ବିଦ୍ୟା, ବୃହତ୍—ଯାନ, ବୃହଦ୍ୟାନ; ଜଗତ୍—ରଥ, ଜଗଦ୍ରଥ; ଶ୍ରୀମତ୍—ରାମଚନ୍ଦ୍ର, ଶ୍ରୀମଦ୍ରାମଚନ୍ଦ୍ର; ଉତ୍—ବେଗ, ଉଦ୍ବେଗ; ଅପ୍—ଇନ୍ଧନ, ଅବିନ୍ଧନ; ଅପ୍—ଜ, ଅବ୍ଜ ।

ନ କିମ୍ବା ମ ପରେ ଥିଲେ, ବର୍ଗର ପ୍ରଥମ ବର୍ଣ୍ଣ ସ୍ଥାନରେ ସେହି ବର୍ଗର ପଞ୍ଚମ ବର୍ଣ୍ଣ ହୁଏ । ଯଥା—ବାକ୍—ମୟ, ବାଙ୍ମୟ; ଦିକ୍—ନାଗ, ଦିଙ୍ନାଗ; ଦିକ୍—ମୁଖ, ଦିଙ୍ମୁଖ; ଷଟ୍—ମୁଖ, ଷଣ୍ମୁଖ; ଜଗତ୍—ନାଥ, ଜଗନ୍ନାଥ ।

ସ୍ୱରବର୍ଣ୍ଣ ପରସ୍ଥିତ ଛ ଚ୍ଛ ହୁଏ । ଯଥା—ବୃକ୍ଷ—ଛାୟା, ବୃକ୍ଷଚ୍ଛାୟା; ଆ—ଛାଦନ, ଆଚ୍ଛାଦନ; ପତ୍ର—ଛଦ, ପତ୍ରଚ୍ଛଦ; ମତ—ଛନ୍ନ, ମତଚ୍ଛନ୍ନ; ତରୁ—ଛାୟା, ତରୁଚ୍ଛାୟା ।

ବ୍ୟଞ୍ଜନବର୍ଣ୍ଣ ପରେ ଥିଲେ ଦିବ୍ ସ୍ଥାନରେ ଦ୍ୟୁ ଆଦେଶ ହୁଏ । ଯଥା—ଦିବ୍—ନିବାସ, ଦ୍ୟୁନିବାସ; ଦିବ୍—ଲୋକ, ଦ୍ୟୁଲୋକ ।

ଉତ୍ ଏହି ଶବ୍ଦର ପରସ୍ଥିତ ସ୍ଥା ଓ ସ୍ତମ୍ଭ ଶବ୍ଦର ସକାରର ଲୋପ ହୁଏ । ଯଥା—ଉତ୍—ସ୍ଥାନ, ଉତ୍ଥାନ; ଉତ୍—ସ୍ତମ୍ଭ, ଉତ୍ତମ୍ଭ ।

ସମ୍ ଓ ପରି ଏହି ଦୁଇ ପଦର ପରେ କୃ ଧାତୁର ପଦ ଥିଲେ ଗୋଟିଏ ସକାର ଆଗମ ହୁଏ ଏବ ଅବଶ୍ୟକ ସ୍ଥଳରେ ସେହି ସ୍ ଷ୍ ହୋଇଯାଏ । ଯଥା—ସମ୍—କାର, ସଂସ୍କାର; ପରି—କାର, ପରିଷ୍କାର ।

ପଦର ଅନ୍ତସ୍ଥିତ ର୍ ଓ ସ୍ ସ୍ଥାନରେ ବିସର୍ଗ ହୁଏ । ଯଥା— ଅନ୍ତର୍, ଅନ୍ତଃ; ପୁନର୍, ପୁନଃ; ପ୍ରାତର୍, ପ୍ରାତଃ; ନିର୍, ନିଃ; ଦୁର୍, ଦୁଃ; ସ୍ୱର୍, ସ୍ୱଃ; ବକ୍ଷସ୍, ବକ୍ଷଃ; ମନସ୍, ମନଃ; ତେଜସ୍, ତେଜଃ; ରଜସ୍, ରଜଃ; ତପସ୍, ତପଃ; ପୟସ୍, ପୟଃ; ଅୟସ୍, ଅୟଃ; ଶିରସ୍, ଶିରଃ, ଅଧସ୍, ଅଧଃ, ଆୟୁସ୍, ଆୟୁଃ; ଶନୈସ୍, ଶନୈଃ; ସଦ୍ୟସ୍, ସଦ୍ୟଃ; ଯଶସ୍, ଯଶଃ; ତପସ୍, ତପଃ, ତମସ୍, ତମଃ ।

ବିସର୍ଗ ସ୍ଥାନରେ ଚ ଛ ପରେ ଥିଲେ ଶ୍, ଟ ଠ ପରେ ଥିଲେ ଷ୍ ଏବଂ ତ ଥ ପରେ ଥିଲେ ସ୍ ହୁଏ । ଯଥା—ତପଃ—ଚରଣ, ତପଶ୍ଚରଣ; ନଭଃ—ଚର, ନଭଶ୍ଚର; ଜ୍ୟୋତଃ—ଛାୟା, ଜ୍ୟୋତଶ୍ଛାୟା; ଧନୁଃ—ଟଙ୍କାର, ଧନୁଷ୍ଟଙ୍କାର; ଅନ୍ତଃ—ତତ୍ତ୍ୱ, ଅନ୍ତସ୍ତତ୍ତ୍ୱ; ମନଃ—ତାପ, ମନସ୍ତାପ; ନିଃ—ତାର, ନିସ୍ତାର ।

କ, ଖ, ପ, ଫ ପରେ ଥିଲେ ବିସର୍ଗ ସ୍ଥାନରେ ସ୍ ହୁଏ ଏବଂ ଆବଶ୍ୟକ ସ୍ଥଳରେ ଷତ୍ୱବିଧି ନିୟମାନୁସାରେ ସେହି ସ୍ ଷ୍ ହୁଏ । ଯଥା—ମନଃ—କାମ, ମନସ୍କାମ; ଭ୍ରାତୁଃ—କନ୍ୟା, ଭ୍ରାତୁଷ୍କନ୍ୟା, ଦୁଃ—ଟ, ଦୁଷ୍ଟ, ବାଚଃ—ପତି, ବାଚସ୍ପତି; ଗୀଃ—ପତି, ଗୀଷ୍ପତି; ଭ୍ରାତୁଃ—ପୁତ୍ରୀ, ଭ୍ରାତୁଷ୍ପୁତ୍ରୀ; ନିଃ—ଫଳ, ନିଷ୍ଫଳ । ଏହି ସୂତ୍ରର ବାଧା ସ୍ଥଳେ ସ୍ଥଳେ ବିକଳ୍ପରେ ହୁଏ । ଯଥା—ଦୁଃଖ, ପୁନଃପୁନଃ, ଅନ୍ତଃକରଣ, ପ୍ରାତଃକାଳ, ପ୍ରାତଃକୃତ୍ୟ ଇତ୍ୟାଦି ।

ଅକାର, ବର୍ଗର ତୃତୀୟ, ଚତୁର୍ଥ ଓ ପଞ୍ଚମ ବର୍ଣ୍ଣ କିମ୍ବା ଯ, ର, ଲ, ବ, ହ ପରେ ଥିଲେ ଅକାର ଏବଂ ଅକାରର ପରସ୍ଥିତ ସ୍ୱଜାତ ବିସର୍ଗ ଦୁହେଁ ମିଶି ଓ ହୁଅନ୍ତି । ଓ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ, ଅକ ଅକାର ପରେ ଥିଲେ ତାହାର ଲୋପ ହୁଏ । ଯଥା—ମନଃ—ଅଭୀଷ୍ଟ, ମନୋଽଭୀଷ୍ଟ, ତତଃ—ଅଧିକ, ତତୋଽଧିକ; ମନଃ—ଗତ, ମନୋଗତ; ସଦ୍ୟଃ—ଜାତ, ସଦ୍ୟୋଜାତ; ପୟଃ—ଜନ୍ମା, ପୟୋଜନ୍ମା, ଶିରଃ—ଦେଶ, ଶିରୋଦେଶ; ପୟଃ—ଦ, ପୟୋଦ; ବୟଃ—ବୃଦ୍ଧି, ବୟୋବୃଦ୍ଧି; ଯଶଃ—ବର୍ମା, ଯଶୋବର୍ମା, ତମଃ—ଘ୍ନ, ତମୋଘ୍ନ; ଶିରଃ—ଧାର୍ଯ୍ୟ, ଶିରୋଧାର୍ଯ୍ୟ; ପୟଃ—ଧର, ପୟୋଧର; ଶିରଃ—ଭୂଷଣ, ଶିରୋଭୂଷଣ; ମନଃ—ନୀତ, ମନୋନୀତ, ଶିରଃ—ମଣି, ଶିରୋମଣି; ତେଜଃ—ମୂର୍ତ୍ତି, ତେଜୋମୂର୍ତ୍ତି; ଶିରଃ—ରତ୍ନ, ଶିରୋରତ୍ନ, ମନଃ—ରଞ୍ଜନ, ମନୋରଞ୍ଜନ; ମନଃ—ରଥ, ମନୋରଥ; ଯଶଃ—

ଲଭ, ଯଶୋଲଭ; ତପଃ—ଲୋକ, ତପୋଲୋକ; ତପଃ—ବନ, ତପୋବନ; ଶିରଃ—ବେଷ୍ଟନ, ଶିରୋବେଷ୍ଟନ; ମନଃ—ହର, ମନୋହର; ତମଃ—ହର, ତମୋହର ।

ସ୍ୱରବର୍ଣ୍ଣ, ବର୍ଗର ତୃତୀୟ, ଚତୁର୍ଥ ଓ ପଞ୍ଚମ ବର୍ଣ୍ଣ କିମ୍ବା ଯ, ର, ଲ, ବ, ହ ପରେ ଥିଲେ, ଅକାର ପରସ୍ଥିତ ର ଜାତ ବିସର୍ଗ ସ୍ଥାନରେ ର ହୁଏ । ଯଥା—ପୁନଃ—ଅପି, ପୁନରପି; ଅନ୍ତଃ—ଆତ୍ମା, ଅନ୍ତରାତ୍ମା; ଅନ୍ତଃ—ଇନ୍ଦ୍ରିୟ, ଅନ୍ତରିନ୍ଦ୍ରିୟ; ପୁନଃ—ଉକ୍ତ, ପୁନରୁକ୍ତ; ପ୍ରାତଃ—ଉତ୍ଥାନ, ପ୍ରାତରୁତ୍ଥାନ; ସ୍ୱଃ—ଗତ, ସ୍ୱର୍ଗତ; ଅନ୍ତଃ—ଜଳ ଅନ୍ତର୍ଜଳ; ପୁନଃ—ଜନ୍ମ, ପୁନର୍ଜନ୍ମ; ଅନ୍ତଃ—ଦେଶ, ଅନ୍ତର୍ଦେଶ; ପୁନଃ—ବାର, ପୁନର୍ବାର; ପୁନଃ—ବସୁ, ପୁନର୍ବସୁ; ଅନ୍ତଃ—ଧାନ, ଅନ୍ତର୍ଦ୍ଧାନ; ପୁନଃ—ଭୂ, ପୁନର୍ଭୂ; ପୁନ—ନବା, ପୁନର୍ନବା; ଅନ୍ତଃ—ମୁଖୀ, ଅନ୍ତର୍ମୁଖୀ; ଅନ୍ତଃ—ଯାମୀ, ଅନ୍ତର୍ଯାମୀ; ସ୍ୱଃ—ଲୋକ, ସ୍ୱର୍ଲୋକ; ଅନ୍ତଃ—ବର୍ତ୍ତୀ, ଅନ୍ତର୍ବର୍ତ୍ତୀ; ଅନ୍ତ—ହିତ, ସ୍ୱନ୍ତର୍ହିତ ।

ସ୍ୱରବର୍ଣ୍ଣ, ବର୍ଗର ତୃତୀୟ, ଚତୁର୍ଥ ଓ ପଞ୍ଚମ ବର୍ଣ୍ଣ କିମ୍ବା ଯ, ର, ଲ, ବ, ହ ପରେ ଥିଲେ ଅ ଆ ଭିନ୍ନ ସ୍ୱରବର୍ଣ୍ଣ ପରସ୍ଥିତ ସକଳ ବିସର୍ଗ ସ୍ଥାନରେ ର୍ ହୁଏ । ଯଥା—ନି—ଅଙ୍କୁଶ, ନିରଙ୍କୁଶ; ନିଃ—ଅନ୍ନ, ନିରନ୍ନ; ନିଃ—ଆହାର, ନିରାହାର; ନିଃ—ଆକାର, ନିରାକାର; ବହିଃ—ଇନ୍ଦ୍ରିୟ, ବହିରିନ୍ଦ୍ରିୟ; ନିଃ—ଇକ୍ଷଣ, ନିରୀକ୍ଷଣ; ନିଃ—ଈଶ୍ୱର, ନିରୀଶ୍ୱର; ନିଃ—ଉକ୍ତ, ନିରୁକ୍ତ; ନିଃ—ଉତ୍ତର, ନିରୁତ୍ତର; ବହିଃ—ଗତ, ବହିର୍ଗତ; ନିଃ—ଗତ, ନିର୍ଗତ; ନିଃ—ଜନ, ନିର୍ଜନ; ନିଃ—ଜଳ, ନିର୍ଜଳ; ନିଃ—ଦେଶ, ନିର୍ଦ୍ଦେଶ; ଦୁଃ—ବଳ, ଦୁର୍ବଳ; ନିଃ—ଘୋଷ, ନିର୍ଘୋଷ; ନିଃ—ଝର, ନିର୍ଝର; ନିଃ—ଧନ, ନିର୍ଦ୍ଧନ; ପ୍ରାଦୁଃ—ଭବ, ପ୍ରାଦୁର୍ଭବ; ଦୁଃ—ନୀତ, ଦୁର୍ନୀତ; ମୁହୁଃ—ମୁହୁଃ, ମୁହୁର୍ମୁହୁଃ; ନିଃ—ମଳ, ନିର୍ମଳ; ଦୁଃ—ଯୋଗ, ଦୁର୍ଯୋଗ;

ନିଃ—ଲୋଭ ନିର୍ଲୋଭ; ଆଶୀଃ—ବାଦ, ଆଶୀର୍ବାଦ; ନିଃ—ବାଚ, ନିର୍ବାଚ; ନିଃ—ଦ୍ବନ୍ଦ, ନିର୍ଦ୍ବନ୍ଦ।

ର ପରେ ଥିଲେ ବିସର୍ଗଜାତ ର୍ ର ଲୋପ ହୁଏ ଏବଂ ପୂର୍ବସ୍ଥିତ ସ୍ୱରବର୍ଣ୍ଣ ଦୀର୍ଘ ହୁଏ। ଯଥା—ନିଃ—ରୋଗ, ନୀରୋଗ; ନିଃ—ରବ, ନୀରବ; ନିଃ—ରସ, ନୀରସ।

ଅକାର ଭିନ୍ନ ସ୍ୱରବର୍ଣ୍ଣ ପରେ ଥିଲେ ଅକାରର ପରସ୍ଥିତ ବିସର୍ଗର ଲୋପ ହୁଏ ଏବଂ ଲୋପ ପରେ ଆଉ ସନ୍ଧି ହୁଏ ନାହିଁ। ଯଥା—ଅତଃ—ଏବ, ଅତଏବ; ଯଶଃ—ଇନ୍ଦ୍ର, ଯଶଇନ୍ଦ୍ର।

ଯେଉଁ ସ୍ଥଳେ ସନ୍ଧି କର୍ତ୍ତବ୍ୟ ଏବଂ ଯେଉଁ ସ୍ଥଳେ କର୍ତ୍ତବ୍ୟ ନୁହେଁ, ଏ ବିଷୟରେ କୌଣସି ନିୟମ ନିର୍ଦ୍ଦେଶ କରିବା ସହଜ ନୁହେଁ। କେବଳ ସ୍ଥୂଳରେ ଏତିକି ବୋଲିଯାଇ ପାରେ ଯେ, ପ୍ରଚଳିତ ଶବ୍ଦରେ କିମ୍ବା ଶ୍ରୁତିକଟୁ ସନ୍ଧି ସର୍ବଥା ପରିତ୍ୟାଜ୍ୟ, ଯଥା—ସେ ଅତ୍ୟଧର୍ମ ବ୍ୟକ୍ତି, ହରି ଅତ୍ୟଶିଷ୍ଟ ବାଳକ, ଶରଚ୍ଛଶଧରଙ୍କ କିରଣରେ ଦଣ୍ଡମଣ୍ଡଳୋଦ୍ଭାସିତ ହେଲା। ଏଠାରେ ବାକ୍ୟମାନଙ୍କରେ 'ଅତ୍ୟଧର୍ମ', 'ଅତ୍ୟଶିଷ୍ଟ', 'ଶରଚ୍ଛଶଧରଙ୍କ', 'ଦଣ୍ଡମଣ୍ଡଳୋଦ୍ଭାସିତ' ଦୂଷଣୀୟ ସନ୍ଧିର ଉଦାହରଣ ଅଟେ। ପୁଣି ସେ ମୋତେ ଅତ୍ୟନ୍ତ ବିରକ୍ତ କଲେ, ଏଠାରେ ଅତ୍ୟନ୍ତ ପରିବର୍ତ୍ତେ 'ଅତିଅନ୍ତ' ବ୍ୟବହାର କଲେ ଦୂଷଣୀୟ ହେବ।

## ପ୍ରଶ୍ନ

୧। ନିମ୍ନଲିଖିତ ପଦମାନଙ୍କର ସନ୍ଧିବିଚ୍ଛେଦ କର ଏବଂ ସୂତ୍ର କହ :-

ଶରଦିନ୍ଦୁ, ଉଦ୍‌ଗାର, ଉଚ୍ଛ୍ୱାସ, ମନୋରମ, ନିରଙ୍କୁଶ, ଅଭ୍ରଂକଷ ସନ୍ଧିତ, ସନ୍ନିକଟ, ସନ୍ନିହିତ, ଚତୁଷ୍ପଦ, ପର୍ଯ୍ୟୁଦସ୍ତ, ଉଦିତ, ଧନୁର୍ଦ୍ଧର ସଙ୍ଗୀତ, ଚଳଚ୍ଚିତ୍ର, ଯଜ୍ଞୀୟ; ସଂହାର, ବଦ୍ଧ୍ରୁଚ, ସନ୍ତତ, ଦ୍ୱିଷ୍ଟ, ଉଚ୍ଚୈଃଶ୍ରବା, ତନ୍ମୟ, ଷଣ୍ମୁଖ, ଅବଶ୍ୟମ୍ଭାବୀ, ତିରସ୍କାର, ପୁରୋଭାଗ, ନିର୍ବିକାର, ଉଲ୍ଲାସ, ମନୋଭଙ୍ଗ, ଚେତୋଦର୍ପଣ, ସନ୍ନ୍ୟାସ, ଉଚ୍ଛିଷ୍ଟ,

ଦିଗୀଶ, ଜଗଦ୍‌ବନ୍ଧୁ, ଦୁର୍ଭେଦ୍ୟ, ପୁନର୍ଯାତ୍ରା, ପ୍ରାଙ୍‌ମୁଖ, ପ୍ରତ୍ୟଙ୍‌ମୁଖ, ଉଦଙ୍‌ମୁଖ, ଷଣ୍ଣୁଦ, ନିଷ୍କରଣ, ଅନ୍ତରତ, ନିରୂପ, ଦୁସ୍ତର, ପରିଶସ୍ପ, ନିଶ୍ଚିନ୍ତ, ସ୍ୱେଚ୍ଛାଜନ, ପୁନଃଗମନ, ଅନ୍ତଃସମର, ପୁନଃଗତ, ଅପରାପର, ପ୍ରାତଃଗମନ, ନିଷ୍ଠାର, ନିଷ୍କାର, ଈଶ୍ୱରାନୁଗ୍ରହ, ଅନ୍ତଃସ୍ଥା, ପୁଷ୍କରାକ୍ଷ, ପରୀକ୍ଷଣ, ନିରୀକ୍ଷଣ, ନିରୂପ, ନିରୁକ୍ତ, ଗୁରୂପଦେଶ, ନିରୁପଦ୍ରବ, ପରୋପକାର, ସର୍ବୋତ୍କୃଷ୍ଟ, ଲମ୍ବୋଦର, ପୟୋଧର, ଧନୋପାର୍ଜ୍ଜନ, ମନୋହର, ଜନୋଚିତ, ମନୋନୀତ, ଯୋଗୀଶ, ବାଗୀଶ, ଜନ୍ମାନ୍ଧ, ସନ୍ମାର୍ଗ, ଚିଦାନନ୍ଦ, ସଦାନନ୍ଦ, ସଦାଗୁର, ଶୁଦ୍ଧାନ୍ତ, ଉଦ୍ଧାର, ସିଦ୍ଧାନ୍ତ, ଜଗଦ୍ଧାତ୍ରୀ, ଉଚ୍ଛନ୍ନ, ଉଚ୍ଛଳିତ, ବିଚ୍ଛେଦ, ସ୍ୱେଚ୍ଛାଗୃହ, ଆଚ୍ଛାଦନ, ଉଚ୍ଚାସନ, ଉଚ୍ଚାରଣ, ସଦାଧୀନ, ଉଦାସୀନ, ପୁରସ୍କୃତ, ପୁରୋବର୍ତ୍ତୀ, ଜନ୍ମାବଧି, ଉନ୍ମାଦ, ସ୍ୱାସ୍ଥ୍ୟ, ନିଷ୍କାମ, ପୁରସ୍କାର, ଅଙ୍କାର, ସଂସାର, ସଂସାଗ, ବୁଦ୍ଧୀଶ, ତଦ୍ଧିତ ।

୧୭ ନିମ୍ନଲିଖିତ ଅସିଦ୍ଧ ପଦମାନଙ୍କର ସନ୍ଧି କର ଏବଂ ସୂତ୍ର ବୋଲ:—

ପୟଃ—ନିଧି, ବାକ୍—ମନଃ, ସମ୍—ହୃତ, ଦୁଃ—ନାମ, ନିଃ—ଅନଶସ୍ପ, ଉତ୍—ବୋଧନ, ସତ୍—ଜାତ, ଅନ୍ତଃ—କାନ୍ତ, ନିଃ—କର୍ମା, ବାକ୍—ବ୍ରଜ, ବାକ୍—ରୋଧ, ବାକ୍—ମାନ୍ଦ୍ୟ, ମରୁତ—ବ୍ୟୋମ, ଦିକ୍—ମଣ୍ଡଳ, ଅପ୍—ଧି, ସ୍ୱଃ—ଦନ୍ତୀ, ଦିକ୍—ବାରଣ, ଭଗବତ୍—ଭକ୍ତ, ଧନୁଃ—ପାଣି, ଆୟୁଃ—କାମ, ବାକ୍—ଆଡ଼ମ୍ବର, ହରିତ—ଅଶ୍ୱ, ବୃହତ୍—ଆରଣ୍ୟକ, ଉତ୍—ଘାଟନ, ପ୍ରାକ୍—ଅଗ୍ରବ, ମୃତ୍—ଶକଟିକ, ସତ୍—ଗୁରୁ, ଜଗତ୍—ଜୀବନ, ଜଗତ୍—ଅନ୍ତ, ନିଃ—ଅନ୍ତର, ନିଃ—ରନ୍ଧ୍ର, ଉତ୍—ଛନ୍ନ, ଉତ୍—ଜ୍ୱଳ, ଉତ୍—ଟଙ୍କନ, ଉତ୍—ଡୀନ, ଉତ୍—ଶଳିତ, ଉତ୍—ହୃତ, ଉତ୍—ଲେଖ, ଉତ୍—ନତ, ଉତ୍—ମୁଖ, ଉତ୍—ସ୍ତମ୍ଭ, ବୃହତ୍—ଗୃହ, ବୃହତ୍—କାଳ, ବୃହତ୍—ଯାନ, ସମ୍—କର, ସମ୍—ଶପ୍ତ, ବାକ୍—ଜାଲ,

ବାକ୍—ମସ୍ତ୍, ନିଃ—ଶନ୍ଦ, ନିଃ—ଗମ, ନିଃ—ଅଶ୍ରୁ, ନିଃ—ବେଗ, ନିଃ—କର, ମନଃ—ଯୋଗ, ମନଃ—ତାପ, ମନଃ—କାମ ।

ନିମ୍ନଲିଖିତ ପଦମାନଙ୍କରେ ଅଶୁଦ୍ଧ ଥିଲେ ସଂଶୋଧନ କର:—

ଦ୍ୱିଅମ୍ବକ, ଭୂମ୍ୟାଅଧିକାରୀ, ଜାତ୍ୟାଭିମାନ, ଦିଗାମ୍ବର, ଦିଗାନ୍ତ, ଦୁର୍ବସ୍ଥା, ଦୁର୍ବୃଷ୍ଟ, ଚତୁରଷ୍ଠ, ମନାନ୍ତକ, ପୁନର୍ସର୍ପଣ, ନିର୍ବଲମ୍ବ, ମନବାକ୍ୟ, ମନୋକଷ୍ଟ, ସନ୍ମାନ, ଅସଦାଭିପ୍ରାୟ, ବୃହତାବୟବ, ଜ୍ୱଳଦାଙ୍ଗାର, ଭଗବଦାର୍ଚ୍ଚନା, ବହୁସମ୍ପଦାଧିକାରୀ, ଶରଦାଭ୍ର ନିରସ, ଭଗବଦେଚ୍ଛା, ଅଚ୍ଛିଦ୍ର, ଅଚ୍ଛିନ୍ନ, ଶିରସ୍ଥି, ବାଗ୍ମନୋକର୍ମ, ଶ୍ରୀମଦାଗ୍ରହ, ଗଳଦାଶ୍ରୁ, ଜ୍ୱଳଦାଗ୍ନିକୁଣ୍ଡ, ନଭଚର, ପଠଦାବସ୍ଥା, ବଦ୍ଧ୍ୟତାଗ୍ନି, ଦିଗାଙ୍ଗନା, ସମ୍ୟଗାବଧାରିତ, ଜଗଦାନ୍ତକ, ପ୍ରାଗାଭିବ, ଅନୁମତ୍ୟାନୁସାରେ, ଅତ୍ୟନ୍ତ, ଗତ୍ୟାନ୍ତର, ସୃକ୍ତ୍ୟାତୀତ, ତଦାତରକ୍ତ, ନିରଭିମାନ, ସ୍ରୋତାଭିମୁଖ, ଅଯୂକାମ, ଦିଗାନ୍ତର, ମନକାମନା, ମନବାସନା, ବୟବୃଦ୍ଧି, ଯଶଚନ୍ଦ୍ର, ଅୟୁଗଣନା, ଅୟୁରଣିତ; ସର-ଗୃହୀ, ଯଶଧନ, ପୟାମୃତ, ଶିରବେଦନା, ଶିରତ୍ରାଣ, ଶିରଭୂଷଣ, ସରରୁହ, ଶିରଧାର୍ଯ୍ୟ, ମନବୋଧ, ଶିରରୁହ, ମନଜାତ, ଚେତଦର୍ପଣ, ବାଗ୍ମନାତୀତ, ଭ୍ରୂଗେନ୍ଦ୍ରୟୁ, ଯଶାଙ୍କୁର, ପୁନର୍ବଧିକାରୀ, ଶିରପା, ନିର୍ବପେକ୍ଷ ।

## ଉପସର୍ଗ

ଉପସର୍ଗ ଅବ୍ୟୟର ଅନ୍ତର୍ଗତ ହେଲେହେଁ ତାହାର ବ୍ୟବହାର ଭିନ୍ନ ପ୍ରକାର । କେବଳ ପ୍ରତି ଓ ଅତି ବ୍ୟତୀତ ଅନ୍ୟ ଉପସର୍ଗ ବାକ୍ୟ ମଧ୍ୟରେ ପଦସ୍ୱରୂପ ବ୍ୟବହୃତ ହୁଏ ନାହିଁ ।

ଉପସର୍ଗ ବିଂଶତି ସଂଖ୍ୟକ, ଯଥା—ପ୍ର, ପରା, ଅପ୍, ସମ୍, ନି, ଅଧି, ସୁ, ଉତ୍, ନିର୍, ପରି, ଅବ, ଅନୁ, ଦୁର୍, ବି, ଅଭି, ଅତି, ଅପି, ଉପ, ଆ ।

ଉପସର୍ଗ, କ୍ରିୟାବିଶେଷଣ କିମ୍ବା ବିଶେଷ୍ୟ ପୂର୍ବରେ ଶବ୍ଦର ଅଂଶ

ସ୍ୱରୂପ ବ୍ୟବହୃତ ହୋଇ ସେଥିରେ ଅର୍ଥର ବୈଚିତ୍ର୍ୟ ସମ୍ପାଦନ କରେ, ଯଥା— ବିରଚିଲେ, ପ୍ରବୋଧିଲେ, ନିଯୋଜିଲେ, ପ୍ରଗାଢ଼, ପ୍ରଚଣ୍ଡ; ପ୍ରସିଦ୍ଧ, ପ୍ରବାସ, ପ୍ରପାତ, ପ୍ରପୌତ୍ର, ପ୍ରଶାଖା ଇତ୍ୟାଦି ।

ଭିନ୍ନ ଭିନ୍ନ ଉପସର୍ଗ ପୂର୍ବରେ ବସିଲେ ଧାତୁର ଅର୍ଥ ରୂପାନ୍ତରିତ ହୋଇଯାଏ । ଯଥା—ନୀତ, ଏହି ଶବ୍ଦର ଅର୍ଥ—ଯାହା ନିଆଯାଇଅଛି; ମାତ୍ର ପ୍ରଣୀତ, ଅପନୀତ, ଅନୁନୀତ, ନିର୍ଣ୍ଣୀତ, ବିନୀତ ଉନ୍ନୀତ, ପରିଣୀତ, ଅଭିନୀତ, ଉପନୀତ ଏହି ଶବ୍ଦମାନଙ୍କରେ ସେହି ନୀତ ଶବ୍ଦ ଥାଇ ତାହାର ନାନା ପ୍ରକାର ଅର୍ଥ ହୋଇଅଛି । ଏହିପରି ଅସ୍ତରୁ ପରସ୍ତ, ଅପାସ୍ତ, ସମସ୍ତ, ନିରସ୍ତ, ବ୍ୟସ୍ତ, ଉଦସ୍ତ, ପର୍ଯ୍ୟସ୍ତ, ପର୍ଯ୍ୟୁଦସ୍ତ, ଅଭ୍ୟସ୍ତ, ଉପାସ୍ତ, ବିପର୍ଯ୍ୟସ୍ତ ଇତ୍ୟାଦି ।

ଉପସର୍ଗ ସ୍ଥଳେ ସ୍ଥଳେ ସକର୍ମକ ଧାତୁକୁ ଅକର୍ମକ, ଅକର୍ମକ ଧାତୁକୁ ସକର୍ମକ ଏବଂ ସକର୍ମକୁ ପ୍ରେରଣାର୍ଥକ କରାଇ ଦିଏ । ଯଥା— ହୃ ଧାତୁ ସକର୍ମକ, ବିହରିବା ଅକର୍ମକ, ସ୍ଥା ଧାତୁ ଅକର୍ମକ, ଅନୁଷ୍ଠାନ କରିବା ସକର୍ମକ, ଦୃଶ୍ ଧାତୁର ଅର୍ଥ ଦେଖିବା, ପ୍ରଦର୍ଶନ ଅର୍ଥ ଦେଖାଇବା ।

ଉପସର୍ଗାନୁସାରେ ଶବ୍ଦର ଅର୍ଥ ସାମଞ୍ଜସ୍ୟ ଘଟାଇବାର ସବୁ ସ୍ଥଳରେ ସହଜ ନୁହେ । ପାରମ୍ପରିକ ପ୍ରୟୋଗାନୁସାରେ ଉପସର୍ଗର ନାନାପ୍ରକାର ଅର୍ଥ ହୁଏ । ଯେତେଦୂର ସମ୍ଭବ, ସ୍ଥୂଳଭାବରେ ନିମ୍ନରେ ଉପସର୍ଗର ଅର୍ଥ ପ୍ରଦର୍ଶିତ ହେଲା :—

| ଉପସର୍ଗ | ଅର୍ଥ | ଉଦାହରଣ |
|---|---|---|
| ପ୍ର— | ସମ୍ମୁଖତା, ଉତ୍କର୍ଷ, ଆଧିକ୍ୟ— | ପ୍ରକ୍ଷେପ, ପ୍ରକୃଷ୍ଟ, ପ୍ରଶାନ୍ତ । |
| ପରା— | ବୈପରୀତ୍ୟ, ଲାଘବ, ପ୍ରାଧାନ୍ୟ, | ପରାଜୟ, ପଳାୟନ, ପରାକ୍ରମ । |
| ଅପ— | ମନ୍ଦଭାବ— | ଅପକୃଷ୍ଟ, ଅପବାଦ । |
| ସମ୍— | ଐକ୍ୟ, ଉତ୍କର୍ଷ, ଆଭିମୁଖ୍ୟ — | ସଂଗତ, ସମ୍ବାଦ, ସଂରକ୍ଷଣ, ସମକ୍ଷ, ସମ୍ମୁଖ । |

ନି—ଅନ୍ତର୍ମୁଖତା, ନୈଶ୍ଚିତ୍ୟ, ନିଷେଧାର୍ଥତା } ନିକ୍ଷେପ, ନିବେଦନ, ନିବୃତ୍ତ ।

ଅଧି—ଊର୍ଦ୍ଧ୍ୱତା, ପ୍ରଭୁତ୍ୱ—ଅଧିରୋହଣ, ଅଧ୍ୟକ୍ଷ, ଅଧିକାର ।

ସୁ—ଉତ୍କର୍ଷ, ସୌକର୍ଯ୍ୟ—ସ୍ୱଚ୍ଛ, ସୁଲଭ ।

ନିର୍—ଅଭାବ, ବହିର୍ମୁଖତା—ନିରସ, ନିଃସଙ୍ଗ, ନିର୍ଗତ, ନିଃସୃତ ।

ଉତ୍—ଊର୍ଦ୍ଧ୍ୱତା, ଆଧିକ୍ୟ—ଉତ୍ପାତ, ଉତ୍କ୍ଷେପ, ଉଦ୍ଧାର, ଉତ୍କର୍ଷ ।

ପରି—ସର୍ବତୋଭାବ, ବେଷ୍ଟନଶୀଳତା, ଲାଘବ— } ପରିପୂର୍ଣ୍ଣ, ପରିଦର୍ଶନ, ପରିଧି ।

ପ୍ରତି—ସାଦୃଶ୍ୟ, ବୈପରୀତ୍ୟ; ଉତ୍କର୍ଷ—ପ୍ରତିରୂପ, ପ୍ରତିବିମ୍ବ, ପ୍ରତିଗମନ, ପ୍ରତିବାଦ, ପ୍ରତିପାଳନ ।

ଅବ—ଅଧୋମୁଖତା, ନୈଶ୍ଚିତ୍ୟ—ଅବରୋହଣ, ଅବମାନନା, ଅବଧାରଣ ।

ଅନୁ—ପାଶ୍ଚାତ୍ୟ, ପୌନଃପୁନ୍ୟ, ସାଦୃଶ୍ୟ, ଅନୁଶୋଚନା, ଅନୁଗତ, ଅଧୀନତା—ଅନୁରୂପ, ଅନୁକ୍ଷଣ, ଅନୁଦାସ ।

ଦୁର୍—ଅପକର୍ଷ, ଦୁଷ୍କରତା—ଦୁର୍ନାମ, ଦୁର୍ଗମ, ଦୁର୍ଲ୍ଲଭ, ଦୁର୍ବହ ।

ବି—ଅଭାବ, ବୈପରୀତ୍ୟ, ଆଧିକ୍ୟ—ବିତୃଷ୍ଣା, ବିଯୋଗ, ବିଷମ, ବିବାହ, ବିନ୍ୟାସ, ବିଦ୍ୱେଷ ।

ଅଭି—ସର୍ବତୋଭାବ— ଅଭିନିବେଶ, ଅଭିବ୍ୟକ୍ତ ।

ଅତି—ଅତିଶଯ୍ୟ, ଅତିବର୍ତ୍ତିତା—ଅତିସାର, ଅତିକ୍ରାନ୍ତ, ଅତୀତ ।

ଅପି—ସମ୍ୟକ୍‌ଭାବ— ଅପିଧାନ ।

ଉପ—ଦୂଷଣୀୟତା, ହେୟତା, ସାମୀପ୍ୟ, ଆନୁକୂଲ୍ୟ, ଆଧିକ୍ୟ— } ଉପପତି, ଉପେକ୍ଷା, ଉପନମ୍ରତା, ଉପତ୍ୟକା, ଉପକାର, ଉପକୂଳ, ଉପଚୟ ।

ଅ—ଅଲ୍ପତା, ଅବଧି, ବୈପରୀତ୍ୟ—ଅରକ୍ତ, ଅବାଲ୍ୟ, ଅଦାନ ।

ଉପସର୍ଗ ପ୍ରୟୋଗଦ୍ୱାରା ଅର୍ଥର କିପରି ବୈପରୀତ୍ୟ ସୂଚିତ ହୁଏ, ସେଥିର କେତେଗୁଡ଼ିଏ ଉଦାହରଣ ନିମ୍ନରେ ପ୍ରଦର୍ଶିତ ହେଲା । ଯଥାଃ—ଉତ୍କର୍ଷ—ଅପକର୍ଷ, ଆୟ—ବ୍ୟୟ, ଆବୃତ—ବିବୃତ, ଉପାୟ—ଅପାୟ, ଉପକାର—ଅପକାର, ଉପଚୟ—ଅପଚୟ, ପ୍ରବଳ—ଦୁର୍ବଳ, ସମ୍ପଦ୍—ବିପଦ୍, ସଂସର୍ଗ—ବିସର୍ଗ, ସଂଯୋଗ—ବିଯୋଗ, ସମ୍ମୁଖ—ବିମୁଖ, ସମାସ—ବ୍ୟାସ, ସମଷ୍ଟି—ବ୍ୟଷ୍ଟି, ସଂଶ୍ଳେଷ—ବିଶ୍ଳେଷ, ସୁଗମ—ଦୁର୍ଗମ, ସୁଲଭ—ଦୁର୍ଲଭ, ସୁକର—ଦୁଷ୍କର, ସୁପଥ—ବିପଥ, ଅନୁରାଗ—ବିରାଗ, ଅନୁକୂଳ—ପ୍ରତିକୂଳ, ଅନୁଲୋମ—ପ୍ରତିଲୋମ, ଅନୁଗ୍ରହ—ନିଗ୍ରହ, ପ୍ରସାଦ—ବିଷାଦ, ପ୍ରକୃତି—ବିକୃତି, ପ୍ରଦାନ—ଆଦାନ, ପ୍ରଳାପ—ଆଳାପ, ପ୍ରବାସ—ନିବାସ, ପ୍ରଶ୍ୱାସ—ନିଃଶ୍ୱାସ, ପ୍ରବୃତ୍ତି—ନିବୃତ୍ତି, ଉନ୍ମୀଳନ—ନିମୀଳନ, ଉନ୍ମେଷ—ନିମେଷ, ଉନ୍ନତ—ଅବନତ, ଅନ୍ୱେଷଣ—ଅବରୋହଣ ।

ସୁ ଏବଂ ଦୁର୍ ଏମାନେ ବୈପରୀତ୍ୟାର୍ଥବୋଧକ । ବି ଏବଂ ସମ୍ ଏମାନେ ମଧ୍ୟ ଅଧିକାଂଶ ସ୍ଥଳରେ ବିପରୀତାର୍ଥବୋଧକ । ଏହାର ଉଦାହରଣ ଉପରେ ପ୍ରଦର୍ଶିତ ହୋଇଅଛି । ଅନ୍ୟ ଉଦାହରଣ ଯଥାଃ—ବିଘଟିତ—ସଂଘଟିତ, ବିକାର—ସଂସ୍କାର, ବିବାଦ—ସମ୍ବାଦ, ବିକୀର୍ଣ୍ଣ—ସଂକୀର୍ଣ୍ଣ ଇତ୍ୟାଦି ।

ସ ( ଅର୍ଥାତ୍ ସହ ) ପୂର୍ବପଦ, ନିଷେଧାର୍ଥକ ନିର୍ ଏବଂ ବି ଉପସର୍ଗର ବିପରୀତାର୍ଥବୋଧକ ଅଟେ । ଯଥାଃ—ନୀରସ—ସରସ, ନିଷ୍କାମ—ସକାମ, ନିର୍ଜ୍ଜନ—ସଜ୍ଜନ, ବିରାଗ—ସରାଗ, ବିକଳ—ସକଳ ଇତ୍ୟାଦି ।

ସମ୍ ଉପସର୍ଗ ଯେପରି ଆଧିକ୍ୟ କିମ୍ବା ଉତ୍କର୍ଷବୋଧକ, ସେହିପରି ମିଳନ କିମ୍ବା ଏକତ୍ରୀକରଣବୋଧକ ଅଟେ । ଯଥା—ସଙ୍ଗମ, ସଂଗ୍ରହ,

ସଂକ୍ଷେପ, ସମାସ, ସମିତ, ସମର, ସଂକର, ସଂକୁଳ, ସଂହାର, ସଞ୍ଚୟ, ସନ୍ଧି, ସନ୍ଧାନ, ସମ୍ବାଦ, ସଂକଳନ, ସଂହୃତା, ସନ୍ନିପାତ, ସମଞ୍ଜସ, ସମବାୟ, ସଂଘର୍ଷ, ସଂଘାତ ଇତ୍ୟାଦି ।

ବି ଏବଂ ପରି ଉପସର୍ଗ ଅନେକ ସ୍ଥଳରେ ଆଧିକ୍ୟସୂଚକ । ଯଥା—ବିଶୁଦ୍ଧ, ବିଜୟ, ବିଭିନ୍ନ, ବିଲୁପ୍ତ, ବିଦ୍ୱେଷ, ବିଚେସ, ବ୍ୟତୀତ, ବ୍ୟତିକ୍ରମ, ବ୍ୟାକୁଳ, ପରିତ୍ୟାଗ, ପରିତୋଷ, ପରିହାଣ, ପରିସମାପ୍ତି, ପରିପୂର୍ଣ୍ଣ, ପରିଶେଷ, ପରୀକ୍ଷା ଇତ୍ୟାଦି ।

ଉତ୍ ଉପସର୍ଗ ଊର୍ଦ୍ଧ୍ୱଗାମିତା ଏବଂ ଅବ୍ ଉପସର୍ଗ ନିମ୍ନଗାମିତା-ସୂଚକ । ଯଥା—ଉତ୍ପାତ, ଉଦାର, ଉଦ୍‌ବୃତ୍ତ, ଉଦ୍‌ଗମ, ଉତ୍ଥାନ, ଉଦାହରଣ, ଉତ୍‌କ୍ଷେପ, ଉଦୟ, ଉଦ୍ଦୀପନ, ଉତ୍ତେଜନା, ଅବତାର, ଅବରୋହ, ଅବସନ୍ନ, ଅବପାତ ଇତ୍ୟାଦି ।

ପ୍ରତି ଏବଂ ବି ଉପସର୍ଗ ପ୍ରୟୋଗଦ୍ୱାରା ବୈପରୀତ୍ୟ ସୂଚିତ ହେବାର ଉଦାହରଣ ଓଡ଼ିଆରେ ଅନେକ ଦେଖାଯାଏ । ଯଥା:—କ୍ରିୟା—ପ୍ରତିକ୍ରିୟା, ଦାନ—ପ୍ରତିଦାନ, ଘାତ—ପ୍ରତିଘାତ, ଅର୍ପଣ—ପ୍ରତ୍ୟର୍ପଣ, ପକ୍ଷ—ପ୍ରତିପକ୍ଷ, ଉପକାର—ପ୍ରତ୍ୟୁପକାର, ଅପକାର—ପ୍ରତ୍ୟପକାର, ରଥ—ପ୍ରତିରଥ, ଦ୍ୱନ୍ଦ୍ୱୀ—ପ୍ରତିଦ୍ୱନ୍ଦ୍ୱୀ, କୃତ—ବିକୃତ, ରତ—ବିରତ, ସ୍ମୃତ—ବିସ୍ମୃତ, କ୍ରୟ—ବିକ୍ରୟ, ସମ—ବିଷମ, ସଦୃଶ—ବିସଦୃଶ, ତୃଷ୍ଣା—ବିତୃଷ୍ଣା ।

ଉପ ଉପସର୍ଗ ଦୂଷଣୀୟତା କିମ୍ବା ନିମ୍ନତା ଅବା କ୍ଷୁଦ୍ରତାସୂଚକ ହୋଇ ଅନେକ ବିଶେଷ୍ୟ ପଦ ପୂର୍ବରେ ବ୍ୟବହୃତ ହୁଏ । ଯଥା—ଉପହିତ, ଉପଦେବତା, ଉପଧର୍ମ, ଉପନଦୀ, ଉପଶାଖା, ଉପଗ୍ରହ, ଉପନାୟକ, ଉପାର୍ଜ୍ଜନ, ଉପବିଧି, ଉପକାର ଇତ୍ୟାଦି ।

ଅପ ଉପସର୍ଗ ଅଧିକାଂଶ ସ୍ଥଳରେ ମନ୍ଦ ଅର୍ଥବୋଧକ । ଯଥା—ଅପାୟ, ଅପଚୟ, ଅପକାର, ଅପମାନ, ଅପବ୍ୟୟ, ଅପବାଦ, ଅପରାଧ, ଅପଘାତ, ଅପଭ୍ରଂଶ, ଅପଭାଷା, ଅପହୃତ, ଅପସାରିତ, ଇତ୍ୟାଦି ।

ଅନୁ ଉପସର୍ଗ ଅନେକ ସ୍ଥଳରେ ପାଶ୍ଚାତ୍ୟ କିମ୍ବା ଅଧୀନତା-ବୋଧକ । ଯଥା—ଅନୁଯାୟୀ, ଅନୁତାପ, ଅନୁଶୋଚନା, ଅନୁକରଣ, ଅନୁବାଦ, ଅନୁମାନ, ଅନୁସୃତ, ଅନୁଗତ, ଅନୁଜୀବୀ, ଅନୁପ୍ରାସ ଇତ୍ୟାଦି ।

ସବୁ ଉପସର୍ଗ ସବୁ ଧାତୁ ପୂର୍ବରେ ବ୍ୟବହୃତ ହୁଏ ନାହିଁ । ବିଶ୍ ଧାତୁରୁ ପ୍ରବେଶ, ବିବେଶ, ଅଧିବେଶନ, ପରିବେଶନ, ପ୍ରତିବେଶୀ, ଉପବେଶନ, ବିନିବେଶ, ଅଭିନିବେଶ, ଉପନିବେଶ, ଆବେଶ ପ୍ରଭୃତି ଶବ୍ଦ ନିଷ୍ପନ୍ନ ହୋଇଅଛି, ମାତ୍ର ଅବବେଶ, ଅପବେଶ ଏପରି ପ୍ରୟୋଗ ପ୍ରାୟ ଦେଖାଯାଏ ନାହିଁ । ଏ ବିଷୟରେ ଜ୍ଞାନଲାଭ ପ୍ରାୟତଃ ପ୍ରୟୋଗସାପେକ୍ଷ ।

ଏକ ସମୟରେ ଏକ ଶବ୍ଦରେ ଏକାଧିକ ଉପସର୍ଗ ପ୍ରୟୋଗ ହେବାର ଦେଖାଯାଏ । ପୂର୍ବ ସୂତ୍ରମାନଙ୍କରେ ଏପରି ଉଦାହରଣ ସ୍ଥଳେ ସ୍ଥଳେ ମିଳିବ । ଅନ୍ୟ ଉଦାହରଣ; ଯଥା—ସୁଦୁର୍ଲଭ, ବ୍ୟତିକ୍ରମ, ବ୍ୟତିବ୍ୟସ୍ତ, ପ୍ରତ୍ୟବାୟ, ସମଭିବ୍ୟାହାର ଇତ୍ୟାଦି ।

ଉପସର୍ଗ ବ୍ୟତୀତ ଆବିଃ, ତିରଃ, ଅନ୍ତର୍, ବହିର୍, ପୁରଃ, ଶନୈଃ ପ୍ରଭୃତି ଅନ୍ୟାନ୍ୟ ଅବ୍ୟୟ ଶବ୍ଦ କେତେବେ ପୂର୍ବପଦ-ରୂପେ ବ୍ୟବହୃତ ହୁଏ । ଯଥା—ଆବିର୍ଭାବ, ଆବିଷ୍କାର, ତିରୋଧାନ, ତିରୋଭାବ, ତିରସ୍କରିଣୀ, ଅନ୍ତର୍ଦ୍ଧାନ, ଅନ୍ତର୍ଗତ, ଅନ୍ତର୍ଭୁକ୍ତ, ବହିର୍ଗତ, ବହିର୍ଭୂତ, ପୁରସ୍କାର, ପୁରସ୍କୃତ, ଶନୈଶ୍ଚର ଇତ୍ୟାଦି ।

ଉପସର୍ଗ ବ୍ୟତୀତ ନିଷେଧାର୍ଥରେ ଅ, ନି, ବେ ଓ ଅଣ ଏବଂ ଅଳ୍ପାର୍ଥରେ ଦ , କାଣି ପ୍ରଭୃତି ବିଶେଷଣ ପୂର୍ବପଦରୂପେ ବ୍ୟବହୃତ ହୁଅନ୍ତି ଯଥା—ଅଲଗା, ଅପୁଷ୍ଟ, ଅଗଣା, ନିଦାନ୍ତ, ନିକମା, ବେନ [illegible], ବେଓଜନ, ଅଣାଗା, ଅଣଓସାର (ଏ ଅଳ୍ପ ପ୍ରାୟତଃ ଗ୍ରାମ୍ୟ ପ୍ର[illegible] ମଧ୍ୟରେ ପରିଗଣିତ) ଦରଘଷା, ଦରଭିଜା, କାଣିନଦୀ, କାଣି[illegible] ଇତ୍ୟାଦି ।

## ପ୍ରଶ୍ନ

୧ । ନିମ୍ନଲିଖିତ ପ୍ରତ୍ୟେକ ପଦରେ ଯେଉଁ ଉପସର୍ଗ ଅଛି, ତଦ୍ୱାରା ପରବର୍ତ୍ତୀ ପଦର ଅର୍ଥର କପରେ ବୈଲକ୍ଷଣ ଘଟିଅଛି, ତାହା ଦେଖାଇ ଦଅ ।

ଅନୁଗମନ, ଅନୁକରଣ, ଅନୁସରଣ, ଅନୁମତ, ଅନୁଚର, ଅନୁଭୂତ, ପ୍ରସ୍ଥିତ, ଉପସ୍ଥିତ, ଉପହାର, ଉପଢୌକନ, ଅପଲାପ, ଅବସର, ଅନୁଶୋଚନା, ପ୍ରତ୍ୟୁଦ୍ଗମନ, ବିଶୀର୍ଣ୍ଣ, ବିବସ୍ତ୍ର, ବିଦେଶ, ବିଲେପନ, ବିରେଚନ, ବିଶୋଧନ, ବିସଦୃଶ, ପରିହାସ, ପରିଖା, ପରିବାର, ପରିଧି, ଅପମାନ, ନିରୀକ୍ଷଣ, ପରୀକ୍ଷା, ବୀକ୍ଷଣ, ଉପେକ୍ଷା, ଉଦ୍ଧାର, ଉଦ୍ଧତ, ଉତ୍ପାତ, ଉଦ୍ୟାନ, ଉଦାସୀନ, ଅଭିଯାନ, ଅଭିଷେକ, ଅଭିଜାତ, ଅଭିଜ୍ଞାନ, ଅଧିବେଶନ, ଅବବାଧୁକା, ପ୍ରତିଦେଶ, ପ୍ରତ୍ୟାଖ୍ୟାନ, ପ୍ରତିଦାନ, ଉତ୍‌ଖାତ, ପ୍ରତିବେଦନ, ପ୍ରତିଫଳିତ, ପ୍ରତିହତ, ବିଚ୍ଛିନ୍ନ, ବିନଷ୍ଟ, ପ୍ରକ୍ଷାଳନ, ପର୍ଯ୍ୟୁଷିତ, ସମଗ୍ର, ସମୃଦ୍ଧ; ବ୍ୟସ୍ତ, ନିର୍ଗତ, ନିଃସୃତ, ନିସ୍ତ୍ରସ୍ତ, ପ୍ରଣାମ, ଉଦ୍ଗମ, ଆହୃତ, ନିହତ, ଅବକ୍ର, ଅତୀତ, ପ୍ରେତ, ସମିତ, ସଂହତ, ସଂକଳିତ, ଆତାମ୍ର, ବିଜୟ, ବିଜ୍ଞାନ, ପ୍ରତାପ, ପରାକ୍ରମ, ପରିଚ୍ଛଦ, ବିବାହ, ଉଦ୍‌ବାହ, ପ୍ରଶଂସା, ପରିବେଶ, ଆୟ, ବ୍ୟୟ, ଅନ୍ୱୟ, ଉପାୟ, ବ୍ୟତ୍ୟୟ, ପ୍ରତ୍ୟବାୟ, ବିପର୍ଯ୍ୟୟ, ଅପାୟ ।

୨ । ନିମ୍ନଲିଖିତ ପଦମାନଙ୍କରେ ଅଧିକ୍ୟ କିମ୍ବା ଉତ୍କର୍ଷବୋଧକ ଉପସର୍ଗ ଯଥାଯଥ ଯୋଗ କରି ଅନ୍ୟ ଶବ୍ଦ ପ୍ରସ୍ତୁତ କର ।

ଭିନ୍ନ, କୀର୍ଣ୍ଣ, ପୂର୍ଣ୍ଣ, ସେକ, କର୍ଷ, ନ୍ୟାସ, ଭ୍ରଷ୍ଟ, ସ୍ଥିତ, ମତ, ଲତ, ନନ୍ଦିତ, କୀର୍ତ୍ତନ, କୃଷ୍ଟ, ଛିନ୍ନ, ଲୋମ, କ୍ଲାନ୍ତ, ଶାନ୍ତ, ଖ୍ୟାତ, ଦୃଢ଼, ଅଟନ, ନତ, ସାର, ପାକ, ତପ୍ତ, ତୁଷ୍ଟ, ଯାଚି, ଜ୍ଞାନ, ଜୟ, ଗର ।

୩ । ଜାତ, ବାଦ, ବନ୍ଧ, ଚେତନ, ଧ୍ୱନି ଏହି ଶବ୍ଦମାନଙ୍କ ପୂର୍ବରେ ପ୍ରତି ଉପସର୍ଗ ଲଗାଇଲେ କପରି ଅର୍ଥ ପ୍ରକାଶ ହେବ ?

୪ । ଏକାଧିକ ଉପସର୍ଗଯୁକ୍ତ ଦଶୋଟି ଶବ୍ଦ କହ । ଭୂତ, ଗତ, ହୃତ, ହୀନ, କୃତ, କଳିତ, ବାଦ ଏବଂ ବାସ ଏହି ଶବ୍ଦମାନଙ୍କ ପୂର୍ବରେ ଭିନ୍ନ ଭିନ୍ନ ଯଥାଯୋଗ୍ୟ ଏକ କିମ୍ବା ଏକାଧିକ ଉପସର୍ଗ ବସାଇଲେ କିପରି ଅର୍ଥବୈଚିତ୍ର୍ୟ ହେବ, ତାହା ଦେଖାଅ ।

୫ । ପୁରସ୍କାର, ଅନ୍ତର୍ଗତ, ଆବିର୍ଭାବ, ସମସ୍ତ, ପ୍ରସନ୍ନ, ସଂପନ୍ନ, ସଂଶ୍ଳିଷ୍ଟ, ନିବୃତ୍ତ, ନିବୃତ୍ତ, ନିଗ୍ରହ, ବିଜ୍ଞ, ପ୍ରବର, ନିକୃଷ୍ଟ ଏହି ଶବ୍ଦମାନଙ୍କର ବିପରୀତାର୍ଥବୋଧକ ଶବ୍ଦ କହ । ଅଧିନାୟକ ଓ ଉପନାୟକ ଏ ଉଭୟର ପ୍ରଭେଦ କଣ ?

## କୃଦନ୍ତ

ଧାତୁରୁ ଶବ୍ଦ ନିଷ୍ପନ୍ନ କରିବାକୁ ହେଲେ ଧାତୁର ଉତ୍ତର ବିଶେଷ ବିଶେଷ ଅର୍ଥରେ ବିଶେଷ ବିଶେଷ ପ୍ରତ୍ୟୟ କରିବାକୁ ହୁଏ । ସେହି ସବୁ ପ୍ରତ୍ୟୟକୁ କୃତ୍ ଏବଂ କୃତ୍ ପ୍ରତ୍ୟୟ କରି ଯେଉଁ ପଦ ସିଦ୍ଧ ହୁଏ, ତାହାକୁ କୃଦନ୍ତ ବୋଲଯାଏ । ସଂସ୍କୃତ କୃଦନ୍ତର ନିୟମ ଅତ୍ୟନ୍ତ କଠିନ । ସେଥିରୁ କେତେଗୁଡ଼ିଏ ସ୍ଥୂଳ ନିୟମ ମାତ୍ର ନିମ୍ନରେ ସନ୍ନିବିଷ୍ଟ ହେଲା । କୃତ୍ପ୍ରତ୍ୟୟ ହେଲେ ସ୍ଥଳେ ସ୍ଥଳେ ଆଦେଶ, ଆଗମ, ଲୋପ, ଗୁଣ ଓ ବୃଦ୍ଧି ହୁଏ । କୌଣସି ବର୍ଣ୍ଣକୁ ମାରି ତାହା ସ୍ଥାନରେ ଅନ୍ୟ ବର୍ଣ୍ଣ ହେବାର ନାମ ଆଦେଶ, ଏକ ବର୍ଣ୍ଣ ନିକଟରେ ଆଉ ଏକ ବର୍ଣ୍ଣ ପ୍ରବେଶର ନାମ ଆଗମ ଏବଂ କୌଣସି ବର୍ଣ୍ଣ ଅଦୃଶ୍ୟ ହେବାର ନାମ ଲୋପ । ଇ, ଈ ସ୍ଥାନରେ ଏ; ଉ, ଊ ସ୍ଥାନରେ ଓ; ଋ, ୠ ସ୍ଥାନରେ ଅର୍ ଏବଂ ଌ ସ୍ଥାନରେ ଅଲ୍ ଆଦେଶକୁ ଗୁଣ ବୋଲଯାଏ । ଅ ସ୍ଥାନରେ ଆ; ଇ, ଈ; ଏ, ଐ ସ୍ଥାନରେ ଐ; ଉ, ଊ, ଓ, ଔ, ସ୍ଥାନରେ ଔ; ଋ, ୠ, ସ୍ଥାନରେ ଆର୍ ଏବଂ ଌ ସ୍ଥାନରେ ଆଲ୍ ଆଦେଶକୁ ବୃଦ୍ଧି ବୋଲଯାଏ । କୃଦନ୍ତ ନିଷ୍ପନ୍ନ ପ୍ରାୟ ସମସ୍ତ ପଦ ବିଶେଷ୍ୟ କିମ୍ବା ବିଶେଷଣ ଏହି ଦୁଇଶ୍ରେଣୀର ଅନ୍ତର୍ଗତ ।

## ବାଚ୍ୟ

ଧାତୁର ଉତ୍ତର କୌଣସି ପ୍ରତ୍ୟୟ କଲେ ସେହି ପ୍ରତ୍ୟୟ-ଦ୍ୱାରା ଯାହାକୁ ବୁଝାଏ, ତାହାର ନାମ ବାଚ୍ୟ । ବାଚ୍ୟ ସାତ ପ୍ରକାର । ଯଥା—କର୍ତ୍ତୃବାଚ୍ୟ, କର୍ମବାଚ୍ୟ, କରଣବାଚ୍ୟ, ସମ୍ପ୍ରଦାନ ବାଚ୍ୟ, ଅପାଦାନବାଚ୍ୟ, ଅଧିକରଣବାଚ୍ୟ ଓ ଭାବବାଚ୍ୟ ।

ଯାହାଦ୍ୱାରା କର୍ତ୍ତା ଜଣାଯାଏ, ସେ କର୍ତ୍ତୃବାଚ୍ୟ । ଯଥା—'ଦାତା' କହିଲେ, ଯେ ଦାନ କରେ ତାହାକୁ ବୁଝାଏ । ଏହିପରି ହାରକ—ଯେ ହରଣ କରେ; ନନ୍ଦନ—ଯେ ଆନନ୍ଦିତ କରେ ।

କର୍ମବାଚ୍ୟର ପଦ କର୍ମକୁ ବୁଝାଏ । ଯଥା—ଦତ୍ତ—ଯାହା ଦିଆଗଲା, ହୃତ—ଯାହା ହରଣ କରାଗଲା, ହାର୍ଯ୍ୟ—ଯାହା ହରଣ କରାଯିବ ।

କରଣବାଚ୍ୟର ପଦ କରଣକୁ ବୁଝାଏ । ଯଥା—ଲେଖନୀ—ଯାହାଦ୍ୱାରା ଲେଖାଯାଏ, ଶରାସନ—ଯାହାଦ୍ୱାରା ଶର ଅସନ ଅର୍ଥାତ୍ କ୍ଷେପଣ କରାଯାଏ, ଅଧିରୋହଣୀ—ଯାହାଦ୍ୱାରା ଉପରକୁ ଆରୋହଣ କରାଯାଏ ।

ସମ୍ପ୍ରଦାନବାଚ୍ୟର ପଦ ସମ୍ପ୍ରଦାନକୁ ବୁଝାଏ । ଯଥା—ଦାନୀୟ—ଯାହାକୁ ଦାନ କରାଯାଏ । ସମ୍ପ୍ରଦାନ—ଯାହାକୁ ଦାନ କରାଯାଏ ।

ଅପାଦାନବାଚ୍ୟର ପଦ ଅପାଦାନକୁ ବୁଝାଏ । ଯଥା—ଭୟାନକ—ଯାହାଠାରୁ ଭୟ ଜାତ ହୁଏ, ପ୍ରତ୍ୟବାୟ—ଯାହାଠାରୁ ଦୂରରେ ରହିବାର ଉଚିତ ଅର୍ଥାତ୍ ଅନିଷ୍ଟ ।

ଓଡ଼ିଆ ଭାଷାରେ ସମ୍ପ୍ରଦାନ ଓ ଅପାଦାନବାଚ୍ୟନିଷ୍ପନ୍ନ ପଦ ଅତି ବିରଳ ।

ଅଧିକରଣବାଚ୍ୟର ପଦ ଅଧିକରଣକୁ ବୁଝାଏ । ଯଥା—ଶଯ୍ୟା—ଯହିଁରେ ଶୟନ କରାଯାଏ, ଆସନ—ଯହିଁରେ ଉପବେଶନ କରାଯାଏ, ସ୍ଥାନ—ଯହିଁରେ ରହିବାକୁ ହୁଏ ।

ଭାବବାଚ୍ୟର ପଦ କେବଳ ଧାତୁର ଅର୍ଥ ପ୍ରକାଶ କରେ; ସୁତରାଂ ବିଶେଷ୍ୟ ହୁଏ । ଯଥା :—ଯାଚ—ମାଗିବା, ଗମନ—ଯିବା ଭୋଜନ—ଖାଇବା, ଉକ୍ତି—କହିବା, ହାସ୍ୟ—ହସିବା * ।

ବ୍ୟୁତ୍ପତ୍ତିସିଦ୍ଧ ଅର୍ଥାନୁସାରେ ଏକ ଶବ୍ଦ ଭିନ୍ନ ଭିନ୍ନ ବାଚ୍ୟ ହୋଇପାରେ; ଯଥା—ଶୟନ ଶବ୍ଦର ଅର୍ଥ ଶୋଇବା ହେଲେ ଭାବବାଚ୍ୟ; "ଶଯ୍ୟା" (ଅର୍ଥାତ୍ ଯହିଁରେ ଶୁଆଯାଏ) ହେଲେ ଅଧିକରଣ ବାଚ୍ୟ ହେବ । ଲୋଚନ ଶବ୍ଦର ଅର୍ଥ "ଆଲୋଚନା" ହେଲେ ଭାବବାଚ୍ୟ; ମାତ୍ର "ଯାହାଦ୍ୱାରା ଦେଖାଯାଏ" ଅର୍ଥାତ୍ "ଚକ୍ଷୁ" ହେଲେ କରଣବାଚ୍ୟ ହେବ । ନୟନ ଶବ୍ଦର ଅର୍ଥ "ନେଇଯିବା" ହେଲେ ଭାବବାଚ୍ୟ; ମାତ୍ର "ଚକ୍ଷୁ" ହେଲେ କରଣ ବାଚ୍ୟ ହେବ । ଶ୍ରବଣ ଶବ୍ଦର ଅର୍ଥ "ଶୁଣିବା" ହେଲେ ଭାବବାଚ୍ୟ; ମାତ୍ର ଯାହାଦ୍ୱାରା ଶୁଣାଯାଏ, ଅର୍ଥାତ୍ "କର୍ଣ୍ଣ" ହେଲେ କରଣବାଚ୍ୟ ହେବ । ଏହିପରି ଲଜ୍ଜାନିବାରଣ, ଅରିମର୍ଦ୍ଦନ, ଦର୍ପଦଳନ, ଗର୍ବ-ଗଞ୍ଜନ, ମନୋରଞ୍ଜନ ପ୍ରଭୃତି ଶବ୍ଦ ଅର୍ଥାନୁସାରେ କର୍ତ୍ତୃବାଚ୍ୟ କିମ୍ବା ଭାବବାଚ୍ୟ ହୋଇପାରେ ।

ସଂସ୍କୃତ କୃତ୍ ପ୍ରତ୍ୟୟନିଷ୍ପନ୍ନ ଅନେକ ଶବ୍ଦ ଓଡ଼ିଆରେ ବ୍ୟବହୃତ ହୁଏ । ସଂସ୍କୃତ ପ୍ରତ୍ୟୟରେ ଗୁଣ, ବୃଦ୍ଧି ପ୍ରଭୃତି ଜ୍ଞାପକ ସାଙ୍କେତିକ ବର୍ଣ୍ଣ ମିଶ୍ରିତ ଥିବାରୁ କାର୍ଯ୍ୟ ସମୟରେ ସେହି ବର୍ଣ୍ଣଗୁଡ଼ିକ ଇତ୍ ଅର୍ଥାତ୍ ଲୁପ୍ତ ହୋଇଯାନ୍ତି । ପ୍ରତ୍ୟୟର ଯାହା ସ୍ଥାୟୀ ଅଂଶ, ତାହା ଧାତୁରେ ଯୁକ୍ତ ହୋଇ ଶବ୍ଦ ନିଷ୍ପନ୍ନ ହୁଏ । ନିମ୍ନୋକ୍ତ ସୂତ୍ରମାନଙ୍କରେ ପ୍ରତ୍ୟୟର ସେହି ସ୍ଥାୟୀ ଅଂଶ ପ୍ରଦତ୍ତ ହେବ ଏବଂ ସ୍ଥଳେ ସ୍ଥଳେ ପ୍ରତ୍ୟୟର ସଂସ୍କୃତ ନାମ ବନ୍ଧନୀ ମଧ୍ୟରେ ପ୍ରଦର୍ଶିତ ହେବ । ସେହି ସେହି ସ୍ଥଳମାନଙ୍କରେ ଦେଖିବ ଯେ ଯେଉଁ କୃତ୍ ପ୍ରତ୍ୟୟର

---

* କୃଦନ୍ତ ପ୍ରକରଣରେ ବ୍ୟବହୃତ ପ୍ରତ୍ୟେକ ଧାତୁର ଅର୍ଥ ଛାତ୍ରମାନଙ୍କୁ ବୁଝାଇ ଦେବା ଆବଶ୍ୟକ । ଧାତୁର ଅର୍ଥଜ୍ଞାନ ବ୍ୟତୀତ ଉଦାହରଣର ଉପଯୋଗିତା ସେମାନଙ୍କର ହୃଦୟଙ୍ଗମ ହୋଇପାରିବ ନାହିଁ ।

ବ ଓ ଙ ଇତ୍ ହୋଇଯାଏ, ତାହା ଭିନ୍ନ ଅନ୍ୟ ପ୍ରତ୍ୟୟ ପରେ ଥିଲେ ଧାତୁର ଅନ୍ତ୍ୟ ସ୍ୱରର ଉପାନ୍ତ୍ୟ ଲଘୁସ୍ୱରରର ଗୁଣ ହେବ । କୃତ୍ ପ୍ରତ୍ୟୟର ଣ ଅଥବା ଞ ଇତ୍ ହେଲେ ଧାତୁର ଅନ୍ତ୍ୟସ୍ୱରର ଓ ଉପାନ୍ତ୍ୟ ଅକାରର ବୃଦ୍ଧି, ଆଉ ଆକାରାନ୍ତ ଧାତୁର ଉତ୍ତର ଗୋଟିଏ ଯ ର ଆଗମ ହେବ । ଘ ଇତ୍ ହେଲେ ଧାତୁର ଅନ୍ତସ୍ଥିତ ଚ୍ ସ୍ଥାନରେ କ୍ ଓ ଜ୍ ସ୍ଥାନରେ ଗ୍ ହେବ । ପ ଇତ୍ ହେଲେ ହ୍ରସ୍ୱସ୍ୱରାନ୍ତ ଧାତୁର ଉତ୍ତର ଗୋଟିଏ ତ୍ ର ଆଗମ ହେବ ଇତ୍ୟାଦି ।

ଧାତୁର ଉତ୍ତର ଭାବବାଚ୍ୟରେ ଅନ (ସଂସ୍କୃତ ଅନଟ୍) ପ୍ରତ୍ୟୟ ହେଲେ ଧାତୁର ଅନ୍ତ୍ୟସ୍ୱର ଓ ଉପାନ୍ତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ । ଯଥା—ଚି+ଅନ=ଚେ+ଅନ=ଚୟ୍+ଅନ= ଚୟନ, ଅଧି—ଇ+ଅନ=ଅଧି—ଏ + ଅନ=ଅଧି—ଅୟ୍+ଅନ=ଅଧ୍ୟୟନ, ଶୀ+ଅନ=ଶେ+ଅନ = ଶୟନ, ଶ୍ରୁ+ଅନ=ଶ୍ରବ୍+ଅନ= ଶ୍ରବଣ, ସ୍ତୁ+ଅନ=ସ୍ତୋ+ଅନ=ସ୍ତବନ, କୃ+ଅନ=କର୍+ ଅନ=କରଣ, ମୃ+ଅନ=ମରଣ, ଭୃ+ଅନ=ଭରଣ, ସ୍ମୃ+ ଅନ=ସ୍ମରଣ, ହୃ+ଅନ=ହରଣ, ଲିଖ + ଅନ=ଲେଖ୍+ ଅନ=ଲେଖନ, ଲିଖନ*,ଛିଦ୍+ଅନ=ଛେଦନ,ଭିଦ୍+ଅନ= ଭେଦନ, ଶୁଧ୍+ଅନ=ଶୋଧନ, ବୁଧ୍+ଅନ=ବୋଧନ, ଶୁଚ୍+ ଅନ=ଶୋଚନ, ମୁଚ୍+ଅନ=ମୋଚନ, ଭୁଜ୍ + ଅନ=ଭୋଜନ, ଚ୍ଛିଦ୍+ଅନ=ବେଦନ, ଅ—ନ୍ବିଷ+ଅନ=ଅନ୍ବେଷଣ, ଦୃଶ୍+ ଅନ=ଦର୍ଶନ, କୃଷ୍+ଅନ=କର୍ଷଣ, ତୃପ୍+ଅନ=ତର୍ପଣ, ନୃତ୍ +ଅନ=ନର୍ତ୍ତନ, ସ୍ପୃଶ୍+ଅନ=ସ୍ପର୍ଶନ ଇତ୍ୟାଦି ।

ଅନ ପ୍ରତ୍ୟୟ ପରେ ଥିଲେ ଋକାରାନ୍ତ ଧାତୁର ଋ ସ୍ଥାନରେ ଇର୍ ହୁଏ । ଯଥା—କୃ+ଅନ=କିର୍+ ଅନ=କିରଣ, ଉତ୍—ଗୄ+ଅନ=ଉଦ୍‌ଗୀରଣ, ଗୃ+ଅନ=ଗିଳନ (ର=ଳ) ଇତ୍ୟାଦି ।

* ଲିଖ ଧାତୁର ସବୁବେଳେ ବିକଳ୍ପରେ ଗୁଣ ହୁଏ ।

ଅନ୍ତ୍ୟସ୍ୱର ଅ ହେଲେ କିମ୍ବା ଉପାନ୍ତ୍ୟ ସ୍ୱର ଅ ଅଥବା ଗୁରୁ ( ଦୀର୍ଘ କିମ୍ବା ସଂଯୁକ୍ତବର୍ଣ୍ଣର ପୂର୍ବବର୍ତ୍ତୀ ) ସ୍ୱର ହେଲେ ଧାତୁର ପରିବର୍ତ୍ତନ ହୁଏ ନାହିଁ । ଯଥା—ଦା + ଅନ = ଦାନ, ମା + ଅନ = ମାନ, ପା + ଅନ = ପାନ, ସ୍ନା + ଅନ = ସ୍ନାନ, ବି—ଧା + ଅନ = ବିଧାନ, ଜ୍ଞା + ଅନ = ଜ୍ଞାନ, ଘ୍ରା + ଅନ = ଘ୍ରାଣ, ପଠ୍ + ଅନ = ପଠନ, ଚଲ୍ + ଅନ = ଚଳନ, ଗଠ୍ + ଅନ = ଗଠନ, ଗମ୍ + ଅନ = ଗମନ, ସ୍ଖଳ୍ + ଅନ = ସ୍ଖଳନ, କ୍ଷର୍ + ଅନ = କ୍ଷରଣ, ଭ୍ରମ୍ + ଅନ = ଭ୍ରମଣ, ପତ୍ + ଅନ = ପତନ, ଶାସ୍ + ଅନ୍ = ଶାସନ, ଜୀବ୍ + ଅନ = ଜୀବନ, ପୂଜ୍ + ଅନ = ପୂଜନ, ସୂଚ୍ + ଅନ = ସୂଚନ, ଭୂଷ୍ + ଅନ = ଭୂଷଣ, ସେବ୍ + ଅନ = ସେବନ, ଖେଳ୍ + ଅନ = ଖେଳନ, ଲେଖ୍ + ଅନ = ଲେଖନ, ସ୍ପନ୍ଦ୍ + ଅନ = ସ୍ପନ୍ଦନ, ଖଣ୍ଡ୍ + ଅନ = ଖଣ୍ଡନ, ରଞ୍ଜ୍ + ଅନ = ରଞ୍ଜନ, ମନ୍ଥ୍ + ଅନ = ମନ୍ଥନ, ଅଙ୍କ୍ + ଅନ୍ = ଅଙ୍କନ, ଗର୍ଜ୍ + ଅନ = ଗର୍ଜନ, ନିନ୍ଦ୍ + ଅନ = ନିନ୍ଦନ, ରକ୍ଷ୍ + ଅନ = ରକ୍ଷଣ, ଈକ୍ଷ୍ + ଅନ = ଈକ୍ଷଣ, ଭକ୍ଷ୍ + ଅନ = ଭକ୍ଷଣ, ଲଙ୍ଘ୍ + ଅନ = ଲଙ୍ଘନ, ମୁଣ୍ଡ୍ + ଅନ = ମୁଣ୍ଡନ, ଲୁଣ୍ଠ୍ + ଅନ = ଲୁଣ୍ଠନ ଇତ୍ୟାଦି ।

କୃତ୍ ପ୍ରତ୍ୟୟ ପରେ ଥିଲେ ଏକାରାନ୍ତ, ଐକାରାନ୍ତ ଓ ଓକାରାନ୍ତ ଧାତୁ ଆକାରାନ୍ତ ହୋଇଯାଏ । ଯଥା—ଆ—ହ୍ୱେ + ଅନ = ଆ + ହ୍ୱା + ଅନ = ଆହ୍ୱାନ, ହୈ + ଅନ = ହାଣ, ଗୈ + ଅନ = ଗାନ, ଶୋ + ଅନ = ଶାନ, ଦୋ + ଅନ = ଦାନ (ଛେଦନ) ।

## ପ୍ରଯୋଜକ ବା ଣିଜନ୍ତ ଧାତୁ

ଧାତୁର ଉତ୍ତର ପ୍ରଯୋଜକ ଅର୍ଥରେ ଇ (ଣିଚ) ପ୍ରତ୍ୟୟ ହୁଏ, ଇ ପ୍ରତ୍ୟୟ କଲେ ଅନ୍ତ୍ୟ ସ୍ୱରର ଓ ଉପାନ୍ତ୍ୟ ଅକାରର ବୃଦ୍ଧି ହୁଏ । ଅକାରାନ୍ତ ଭିନ୍ନ ଉପାନ୍ତ୍ୟ ସ୍ୱରର ଗୁଣ ହୁଏ ଏବଂ ଆକାରାନ୍ତ ଧାତୁର ଉତ୍ତର ଗୋଟିଏ ପ୍ ର ଆଗମ ହୁଏ । ଯଥା—କୃ + ଇ = କାର୍ + ଇ

= ଭାବି, ବସ୍ + ଇ = ବାସି, ମୁଚ୍ + ଇ = ମୋଚି, ସ୍ଥା + ଇ = ସ୍ଥାପି, ଜ୍ଞା + ଇ = ଜ୍ଞାପି ।

ଇ ପ୍ରତ୍ୟୟ ପରେ ଜାଗୃ ଓ ଜୃ ଧାତୁର ଅନ୍ତ୍ୟ ସ୍ୱରର ଗୁଣ ହୁଏ, ଆଉ ଜନ୍ ପ୍ରଭୃତି ଧାତୁର ଏବଂ କମ୍ ଭିନ୍ନ ମକାରାନ୍ତ ଧାତୁର କୌଣସି ପ୍ରତ୍ୟୟରେ ବୃଦ୍ଧି ହୁଏ ନାହିଁ, କେବଳ ଇନ୍ ( ଣିନ୍ ) ପ୍ରତ୍ୟୟ ପରେ ଗମ୍ ଧାତୁର ବୃଦ୍ଧି ହୁଏ । ଯଥା—ଜାଗୃ + ଇ = ଜାଗରି, ଜୃ + ଇ = ଜରି, ଜନ୍ + ଇ = ଜନି, ଗମ୍ + ଇ = ଗମି । ଇ, ଇନ୍ ପ୍ରତ୍ୟୟରେ ଯଥା ଊର୍ଦ୍ଧ୍ୱଗାମୀ । ଇ ପ୍ରତ୍ୟୟ ପରେ ଋ, ଅଧି—ଇ, ସ୍ମୃ, ସ୍ଫୁର୍, ପ୍ରୀ, ଭୀ, ରୁହ୍, ହ୍ରୀ ଓ ଦୁଷ୍ ଧାତୁ ସ୍ଥାନରେ ଯଥାକ୍ରମରେ ଅର୍ପ୍, ଅଧ୍ୟାପ୍, ସ୍ମାପ୍, ସ୍ଫାର୍, ପ୍ରୀଣ୍, ଭୀଷ୍, ରୋହ୍ ବା ରୋପ୍, ହ୍ରେପ୍ ଓ ଦୂଷ୍ ଆଦେଶ ହୁଏ । ଯଥା—ଅର୍ପି, ଅଧ୍ୟାପି, ବିସ୍ମାରି, ବିସ୍ଫାରି, ପ୍ରୀଣି, ଭୀଷି, ରୋହି ବା ରୋପି, ଘାତି, ଦୂଷି ।

ଭାବବାଚ୍ୟରେ ପ୍ରଯୋଜକ ଧାତୁର ଉତ୍ତର ଅନ ପ୍ରତ୍ୟୟ ପରେ ଧାତୁର ଅନ୍ତ୍ୟ ଇକାରର ଲୋପ ହୁଏ । ଯଥା—କାରି + ଅନ = କାରଣ (କରାଇବା); ମାରି + ଅନ = ମାରଣ (ମରାଇବା), ପାତି + ଅନ = ପାତନ (ପକାଇବା); ପାଚି + ଅନ = ପାଚନ (ସିଝାଇବା) ଜ୍ଞାପି + ଅନ = ଜ୍ଞାପନ ( ଜଣାଇବା ); ସ୍ଥାପି + ଅନ = ସ୍ଥାପନ (ରଖାଇବା); ଯାପି + ଅନ = ଯାପନ(ଚଳାଇବା); ଅଧ୍ୟାପି + ଅନ = ଅଧ୍ୟାପନ (ପଢ଼ାଇବା); ପ୍ରେରି + ଅନ = ପ୍ରେରଣ (ପଠେଇବା); ତର୍ପି + ଅନ = ତର୍ପଣ (ତୃପ୍ତ କରାଇବା) ଏହିପରି ସ୍ମରଣ, ଶ୍ଳଥନ, ପଠନ, ମାରଣ, ଅବତାରଣ, ସମ୍ପାଦନ, ସନ୍ତାପନ, ରୋପଣ, ଶୋଧନ, ସାଧନ, ଦୂଷଣ, ସାଧନ, ବାଦନ, ପ୍ରବୋଧନ ଇତ୍ୟାଦି ।

ପ୍ରଯୋଜକ ଧାତୁର ଏବଂ ବଦ୍ ପ୍ରଭୃତି କେତେକ ଧାତୁର ଉତ୍ତର ଭାବବାଚ୍ୟରେ ଅନ୍ ପ୍ରତ୍ୟୟ ହେଲେ ଅଧିକାଂଶ ସ୍ଥଳରେ ନିଷ୍ପନ୍ନଶବ୍ଦ

ସ୍ତ୍ରୀଲିଙ୍ଗ ହୁଏ । ଯଥା—ଅଧ୍ୟାପି+ଅନ=ଅଧ୍ୟାପନା, ବି—ଜ୍ଞପି+ଅନ=ବିଜ୍ଞପନା, ପ୍ର—ବଞ୍ଚି+ଅନ=ପ୍ରବଞ୍ଚନା, ପ୍ର—ବର୍ତ୍ତି+ଅନ=ପ୍ରବର୍ତ୍ତନା, ପ୍ର—ତାର+ଅନ=ପ୍ରତାରଣା, ଧାର+ଅନ=ଧାରଣା, ଯାତ+ଅନ=ଯାତନା, ବନ୍ଦ୍+ଅନ=ବନ୍ଦନା, ବର୍ଣ୍ଣ୍+ଅନ=ବର୍ଣ୍ଣନା, ଗଣ୍+ଅନ=ଗଣନା, ଚନ୍ତ+ଅନ=ଚନ୍ତଣା, କଳ୍+ଅନ=କଳନା, ବି—ଡମ୍ବ୍+ଅନ=ବିଡମ୍ବନା ଆ—ରାଧ୍+ଅନ=ଆରାଧନା, ଅବ—ମାନ+ଅନ=ଅବମାନନା, ବେଦ୍+ଅନ=ବେଦନା ଇତ୍ୟାଦି । କରଣ ଓ ଅଧିକରଣ ବାଚ୍ୟରେ ମଧ୍ୟ ଧାତୁର ଉତ୍ତର ଅନ (ସଂସ୍କୃତ ଅନଟ୍) ପ୍ରତ୍ୟୟ ହୁଏ । ଯଥା—କରଣବାଚ୍ୟ—ନୀ+ଅନ=ନୟନ, ଲୋଚ୍+ଅନ=ଲୋଚନ । ଏହିପରି ଚରଣ, ସାଧନ, ଦର୍ଶନ, ଭୂଷଣ, ମନ୍ତ୍ରଣ, ଯାନ, ବାହନ, ଅଞ୍ଜନ, ରସନା, ମାର୍ଜନା ଇତ୍ୟାଦି । ଅଧିକରଣବାଚ୍ୟ—ଶୀ+ଅନ ଶୟନ, ଭୂ+ଅନ=ଭବନ; ଏହିପରି ସ୍ଥାନ, ତୋରଣ, ବହନ ଇତ୍ୟାଦି

ନନ୍ଦ ପ୍ରଭୃତି ଧାତୁ ଏବଂ ଶୀଳାଦି ଅର୍ଥରେ କ୍ରୋଧାର୍ଥ ଓ ଜ୍ୱଲ ପ୍ରଭୃତି ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଅନ୍ ପ୍ରତ୍ୟୟ ହୁଏ । ଯଥା ନନ୍ଦ+ଅନ=ନନ୍ଦନ, ଶମି+ଅନ=ଶମନ, ମର୍ଦ୍ଦି+ଅନ=ମର୍ଦ୍ଦନ, ବର୍ଦ୍ଧି+ଅନ=ବର୍ଦ୍ଧନ, ଶୋଭ+ଅନ=ଶୋଭନ, ବାର+ଅନ=ବାରଣ, ରମି+ଅନ=ରମଣ, ସୂଦ+ଅନ=ସୂଦନ, ଭୀଷି+ଅନ=ଭୀଷଣ;. ନାଶି+ଅନ ନାଶନ, ଦାହ୍+ଅନ=ଦାହନ, ସହ୍+ଅନ=ସହନ, ତପ୍+ଅନ=ତପନ, ଦମ୍+ଅନ=ଦମନ, ଜ୍ୱଲ୍+ଅନ=ଜ୍ୱଳନ, ଚଲ୍+ଅନ=ଚଳନ, କ୍ରୁଧ୍+ଅନ=କ୍ରୋଧନ, ରୁଷ୍+ଅନ=ରୋଷଣ, କୁପ୍+ଅନ=କୋପନ, ଶୁଚ୍+ଅନ=ଶୋଚନ, ବୃଧ୍+ଅନ=ବର୍ଦ୍ଧନ, ଲୂ+ଅନ=ଲବଣ, ଶିରଃ—ତ୍ରୈ+ଅନ=ଶିରସ୍ତ୍ରାଣ ଇତ୍ୟାଦି ।

ସୁ ଓ ଦୁର୍ ଶବ୍ଦର ପରସ୍ଥିତ ଦୃଶ୍ ପ୍ରଭୃତି କେତେକ ଧାତୁର କର୍ମବାଚ୍ୟରେ ଅନ ପ୍ରତ୍ୟୟ ହୁଏ; ଯଥା—ସୁଦର୍ଶନ, ଦୁର୍ଦ୍ଦର୍ଶନ, ସୁଶାସନ, ଦୁଃଶାସନ, ସୁଯୋଧନ, ଦୁର୍ଯ୍ୟୋଧନ, ସୁଧର୍ଷଣ, ଦୁର୍ଦ୍ଧର୍ଷଣ, ଦୁର୍ମର୍ଷଣ।

ଭାବବାଚ୍ୟରେ ଓ କର୍ତ୍ତୃଭିନ୍ନ କାରକବାଚ୍ୟରେ ଧାତୁର ଉତ୍ତର ଅ (ସଂସ୍କୃତ ଘଞ୍) ପ୍ରତ୍ୟୟ ହେଲେ ଧାତୁର ଅନ୍ତ୍ୟସ୍ୱରର ଓ ଉପାନ୍ତ୍ୟ ଅକାରର ବୃଦ୍ଧି ହୁଏ। ମାତ୍ର ଉପାନ୍ତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ। ଅଜ୍ ଧାତୁର ଅନ୍ତସ୍ଥିତ ଚ୍ ଓ ଜ୍ ସ୍ଥାନରେ ଯଥାକ୍ରମରେ କ୍ ଓ ଗ୍ ହୁଏ। ଯଥା—ଭାବବାଚ୍ୟର ଉଦାହରଣ ଇ+ଅ=ଐ+ଅ=ଆୟ, ରୁ+ଅ=ରୌ+ଅ=ରାବ, ସ୍ରୁ+ଅ=ସ୍ରାବ, ଭୂ+ଅ=ଭାବ, ମୃ+ଅ=ମାର, ବି—ହୃ+ଅ=ବିହାର, ବି—ସ୍ତୃ+ଅ=ବିସ୍ତାର, ବି—ଆ—ପୃ+ଅ=ବ୍ୟାପାର, ଅବ୍—ତୃ+ଅ=ଅବତାର, ପଚ୍+ଅ=ପାକ, ପତ୍+ଅ=ପାତ, ହନ୍+ଅ=ଘାତ=ଅ (ହନ୍ ଧାତୁଠାରେ ଘାତ୍ ଆଦେଶ ହୁଏ), ନଶ୍+ଅ=ନାଶ, ହସ୍+ଅ=ହାସ, ଶ୍ୱସ୍+ଅ=ଶ୍ୱାସ, ସମ୍—ଅସ୍+ଅ=ସମାସ, ହ୍ରସ୍+ଅ=ହ୍ରାସ, ଭଜ୍+ଅ=ଭାଗ, ଯଜ୍+ଅ=ଯାଗ, ତ୍ୟଜ୍+ଅ=ତ୍ୟାଗ, ବଦ୍+ଅ=ବାଦ, ସ୍ୱଦ୍+ଅ=ସ୍ୱାଦ, ଶପ୍+ଅ=ଶାପ, ତପ୍+ଅ=ତାପ, ଦହ୍+ଅ=ଦାହ, ବି—ବହ୍+ଅ=ବିବାହ, ଲଭ୍+ଅ=ଲାଭ, ପଠ୍+ଅ=ପାଠ, ଆ—ଚର୍+ଅ=ଆଚାର, ଶୁଚ୍+ଅ=ଶୋକ, ଭୁଜ୍+ଅ=ଭୋଗ, ସୁ—ଋଜ୍+ଅ=ସ୍ୱର୍ଗ, ଇତ୍ୟାଦି। କର୍ମବାଚ୍ୟର ଉଦାହରଣ—ଲଭ+ଅ=ଲାଭ, ଭଜ୍+ଅ=ଭାଗ, ପଠ୍+ଅ=ପାଠ, ଆ—କୃ+ଅ=ଆକାର, ନି—ହୃ+ଅ=ନିହାର

ଘଞ୍ ପ୍ରତ୍ୟୟାନ୍ତ ପଦ ପରେ ଥିଲେ କେବେ କେବେ ପୂର୍ବସ୍ଥିତ ଉପସର୍ଗର ହ୍ରସ୍ୱସ୍ୱର ଦୀର୍ଘ ହୁଏ, ନି—ବୃ+ଅ=ନୀବାର, ଅଧି—ଇ+ଅ=ଅଧ୍ୟାୟ, ବୃଜ୍+ଅ=ବର୍ଗ, ବି—ଦା+ଅ=ବିଦାୟ

(ସୃ ଅଗମ) ଇତ୍ୟାଦି । କରଣବାଚ୍ୟର ଉଦାହରଣ—ବହ୍ + ଅ = ବାହ, ବି—ଅବ୍—ହୃ + ଅ = ବ୍ୟବହାର, ଉପ—ଇ + ଅ = ଉପାୟ, ପଦ୍ + ଅ = ପାଦ ଇତ୍ୟାଦି । ଅଧିକରଣବାଚ୍ୟର ଉଦାହରଣ—ବସ୍ + ଅ = ବାସ, ପ୍ର—ସଦ୍ + ଅ = ପ୍ରସାଦ, ଆ—ଧୃ + ଅ = ଆଧାର, ସମ୍—ସୃ + ଅ = ସଂସାର ଇତ୍ୟାଦି ।

ଭାବବାଚ୍ୟରେ ଏବଂ କର୍ତ୍ତୃ ଭିନ୍ନ କାରକ ବାଚ୍ୟରେ ଧାତୁର ଉତ୍ତର ଅ ( ସଂସ୍କୃତ ଅଲ୍ ) ପ୍ରତ୍ୟୟ ହେଲେ ଧାତୁର ଅନ୍ତ୍ୟସ୍ୱର ଓ ଉପାନ୍ତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ ।

ଭାବବାଚ୍ୟର ଉଦାହରଣ—ଜି + ଅ = ଜୟ, ସମ୍—ଚି + ଅ = ସଞ୍ଚୟ, ପ୍ରତି—ଇ + ଅ = ପ୍ରତ୍ୟୟ, ବି—ସ୍ମି + ଅ = ବିସ୍ମୟ, କ୍ଷି + ଅ = କ୍ଷୟ, ଲୀ + ଅ = ଲୟ, ପ୍ର—ଲୀ + ଅ = ପ୍ରଳୟ, ବି—ନୀ + ଅ = ବିନୟ, ଭୀ + ଅ = ଭୟ, କ୍ରୀ + ଅ = କ୍ରୟ, ସ୍ତୁ + ଅ = ସ୍ତବ, ସ୍ରୁ + ଅ = ସ୍ରବ, ଦ୍ରୁ + ଅ = ଦ୍ରବ, ଅନୁ—ଭୂ + ଅ = ଅନୁଭବ, ଖିଦ୍ + ଅ = ଖେଦ, ସ୍ନିହ୍ + ଅ = ସ୍ନେହ, ଶ୍ଳିଷ୍ + ଅ = ଶ୍ଳେଷ, ଦୁଷ୍ + ଅ = ଦୋଷ, ରୁଷ୍ + ଅ = ରୋଷ, କୁପ୍ + ଅ = କୋପ, ମୁହ୍ + ଅ = ମୋହ, ଦ୍ରୁହ୍ + ଅ = ଦ୍ରୋହ, କ୍ରୁଧ୍ + ଅ = କ୍ରୋଧ, ତୁଷ୍ + ଅ = ତୋଷ, କ୍ଷୁଭ୍ + ଅ = କ୍ଷୋଭ, ହୃଷ୍ + ଅ = ହର୍ଷ, ଦୃପ୍ + ଅ = ଦର୍ପ, ସ୍ପୃଶ୍ + ଅ = ସ୍ପର୍ଶ, ପରା—ମୃଶ୍ + ଅ = ପରାମର୍ଶ ଇତ୍ୟାଦି । କର୍ମବାଚ୍ୟର ଉଦାହରଣ—ରୁ + ଅ = ରବ, ବୃ + ଅ = ବର, ସ୍ତୃ + ଅ = ସ୍ତର, ଦିହ୍ + ଅ = ଦେହ ଇତ୍ୟାଦି, କରଣବାଚ୍ୟର ଉଦାହରଣ—ପରା—କ୍ରମ୍ + ଅ = ପରାକ୍ରମ, ପଦ୍ + ଅ = ପଦ, ପଥ୍ + ଅ = ପଥ, କୃ + ଅ = କାର ଇତ୍ୟାଦି । ଅଧିକରଣବାଚ୍ୟର ଉଦାହରଣ—ଭୂ + ଅ = ଭବ, ସମ୍—ଋ + ଅ = ସମର, ଆ—ଲୀ + ଅ = ଆଳୟ, ନି—ଲୀ + ଅ = ନିଳୟ, ପ୍ର—ଲୀ + ଅ ପ୍ରଳୟ, ରଣ୍ + ଅ = ରଣ ଇତ୍ୟାଦି ।

# ସନନ୍ତ ଓ ଯଙନ୍ତ ଧାତୁ

ସଂସ୍କୃତ ଧାତୁର ଉତ୍ତର ଇଚ୍ଛା ଅର୍ଥରେ ସ (ସଂସ୍କୃତ ସନ୍) ପ୍ରତ୍ୟୟ କର ଯେଉଁ ସବୁ ଧାତୁ ଉତ୍ପନ୍ନ ହୁଏ, ତାହାକୁ ସନନ୍ତ ଧାତୁ କହନ୍ତି । କେତେଗୁଡ଼ିଏ ଧାତୁର ଉତ୍ତର ପୌନଃପୁନ୍ୟ ଓ ଅତିଶଯ୍ୟ ଅର୍ଥରେ ଯ (ସଂସ୍କୃତ ଯଙ୍) ପ୍ରତ୍ୟୟ କର ଯେଉଁସବୁ ଧାତୁ ଉତ୍ପନ୍ନ ହୁଏ, ତାହାକୁ ଯଙନ୍ତ ଧାତୁ କହନ୍ତି ।

ଧାତୁକୁ ସନନ୍ତ ଓ ଯଙନ୍ତ କରିବାର ନିୟମ ଅତି ଜଟିଳ ଓ ଓଡ଼ିଆଭାଷା ସକାଶେ ଅନାବଶ୍ୟକ ଥିବାରୁ ତାହା ପରିତ୍ୟକ୍ତ ହେଲା । କେବଳ ସ୍ଥୂଳ ଜ୍ଞାନ ଜନ୍ମିବା ସକାଶେ ସଂକ୍ଷେପରେ କେତେଗୁଡ଼ିଏ ନିୟମ ଏଠାରେ ପ୍ରଦର୍ଶିତ ହେଲା । ଏହି ନିୟମଗୁଡ଼ିକ ମନେରଖି ନ ପାରିଲେ ଏଥିରେ ଯେଉଁ ଉଦାହରଣଗୁଡ଼ିକ ଦିଆଯାଇଅଛି, ତାହାକୁ ମନେ ରଖିଲେ ମଧ୍ୟ ଯଥେଷ୍ଟ ହେବ ।

ସନନ୍ତ ଓ ଯଙନ୍ତ କଲେ ସ୍ୱରସହିତ ଧାତୁର ପ୍ରଥମ ବର୍ଣ୍ଣ ଦ୍ୱିତ୍ୱ ହୁଏ ।

ସ ପ୍ରତ୍ୟୟ କଲେ ଧାତୁର ପ୍ରଥମ ବର୍ଣ୍ଣ କ ଖ ହୋଇଥିଲେ ତାହା ପୂର୍ବରେ ଚ, ଗ, ଘ, ହ, ହୋଇଥିଲେ ଜ, ଓ ବର୍ଗର ଦ୍ୱିତୀୟ ବର୍ଣ୍ଣ ହୋଇଥିଲେ ସେହି ବର୍ଗର ପ୍ରଥମ ବର୍ଣ୍ଣ ଓ ଚତୁର୍ଥବର୍ଣ୍ଣ ହୋଇଥିଲେ ତୃତୀୟ ବର୍ଣ୍ଣ ହୁଏ । ଧାତୁର ପ୍ରଥମ ବର୍ଣ୍ଣରେ ଉ ଊ ଥିଲେ ଧାତୁର ପୂର୍ବସ୍ଥିତ ନୂତନ ବର୍ଣ୍ଣରେ ଉ ଏବଂ ସ୍ୱର ଥିଲେ ଇ ହୁଏ । କେତେଗୁଡ଼ିଏ ଧାତୁର ଅନ୍ତରେ ଗୋଟିଏ ଇକାର ଆଗମ ହୁଏ । ତାହାହେଲେ ଧାତୁର ଅନ୍ତ୍ୟସ୍ୱର ଓ ବୁଧ୍ ପ୍ରଭୃତି ଧାତୁ ଭିନ୍ନ ଧାତୁର ଉପାନ୍ତ୍ୟ ଲଘୁ ସ୍ୱରର ଗୁଣ ହୁଏ । ମାତ୍ର ଇ ଆଗମ ନ ହେଲେ ଗୁଣ ହୁଏ ନାହିଁ ଏବଂ ଅନ୍ତ୍ୟସ୍ୱର ଦୀର୍ଘ ହୁଏ । ଧାତୁର ଅନ୍ତସ୍ଥିତ ଋ ୠ ଠାରେ ଈର୍ ଓ ଓଷ୍ଠ୍ୟ ବର୍ଣ୍ଣର ପରସ୍ଥିତ ଋ ୠ ଠାରେ ଊର୍ ହୁଏ । ଦା, ଧା ପ୍ରଭୃତି କେତେକ ଧାତୁର ରୂପର ପରିବର୍ତ୍ତନ ହୁଏ । ଧାତୁର ଅନ୍ତସ୍ଥିତ ଚ୍, ଛ୍, ଜ୍, ଶ୍, ଷ୍, ହ୍ ସ୍ଥାନରେ କ୍ ଏବଂ ଦ୍, ଧ୍, ସ୍

ସ୍ଥାନରେ ତ୍ ହୁଏ । ଦ୍, ଓ ହ୍ କାରାନ୍ତ ଧାତୁର ଅଦ୍ୟସ୍ଥିତ ବର୍ଗର ତୃତୀୟ ବର୍ଣ୍ଣଠାରେ ଚତୁର୍ଥ ବର୍ଣ୍ଣ ହୁଏ ଇତ୍ୟାଦି ।

ସନନ୍ତ ଧାତୁର ଉଦାହରଣ :—କୃତ୍ + ସ = ଚିକିତ୍ସ, ଗୁପ୍ + ସ୍ = ଜୁଗୁପ୍ସ, ଗମ୍ + ସ = ଜିଗମିଷ, ଜୀବ୍ + ସ = ଜିଜୀବିଷ, ପା + ସ = ପିପାସ, କୃ + ସ = ଚିକୀର୍ଷ, ମୃ + ସ = ମୁମୂର୍ଷ, ମୁଚ୍ + ସ = ମୁମୁକ୍ଷ, ବଚ୍ + ସ = ବିବକ୍ଷ, ତ୍ୟଜ୍ + ସ = ତିତ୍ୟକ୍ଷ, ଭୁଜ୍ + ସ = ବୁଭୁକ୍ଷ, ଭୃଶ୍ + ସ = ବିଭୃକ୍ଷ, ଯୁଧ୍ + ସ = ଯୁଯୁତ୍ସ, ଧା + ସ = ଧିତ୍ସ, ଲଭ୍ + ସ = ଲିପ୍ସ, ଆପ୍ + ସ = ଈପ୍ସ, ଜି + ସ = ଜିଗୀଷ, ହନ୍ + ସ = ଜିଘାଂସ, ବଧ୍ + ସ = ବୀଭତ୍ସ, ମାନ୍ + ସ = ମୀମାଂସ, ଶ୍ରୁ + ସ = ଶୁଶ୍ରୂଷ, ଜ୍ଞା + ସ = ଜିଜ୍ଞାସ ଇତ୍ୟାଦି ।

ଯ ପ୍ରତ୍ୟୟ ହେଲେ ଧାତୁର ପୂର୍ବରେ ଯେଉଁ ନୂତନ ବର୍ଣ୍ଣଟି ହୁଏ ତାହାର ଅ, ଇ, ଉ ସ୍ଥାନରେ ଯଥାକ୍ରମରେ ଆ, ଏ, ଓ ହୁଏ; ଅନ୍ତ ଋ ଥିଲେ ତାହା ସ୍ଥାନରେ ଅରି ବା ଅର୍ ହୁଏ । ନ୍, ମ୍, ଲ୍ ଯାହାର ଅନ୍ତରେ ଥାଏ, ଏପରି ଧାତୁର ଓ ଦଂଶ ପ୍ରଭୃତି କେତେକ ଧାତୁର ପୂର୍ବରେ ନୂତନ ବର୍ଣ୍ଣର ଉତ୍ତର, ଯେଉଁ ବର୍ଗର ବର୍ଣ୍ଣ ପରେ ଥାଏ, ତାହାର ପଞ୍ଚମ ବର୍ଣ୍ଣ ଅଥବା ଅନୁସ୍ୱାର ହୁଏ, ଅନ୍ତ ଅ ସ୍ଥାନରେ ଆ ହୁଏ ନାହିଁ ଇତ୍ୟାଦି ।

ଯଙନ୍ତ ଧାତୁର ଉଦାହରଣ—ଲସ୍ + ଯ = ଲାଲସ୍ୟ; ଜ୍ୱଲ + ଯ = ଜାଜ୍ୱଲ୍ୟ, ଦୀପ୍ + ଯ = ଦେଦୀପ୍ୟ, ଲୁପ୍ + ଯ = ଲୋଲୁପ୍ୟ, ରୁଦ୍ + ଯ = ରୋରୁଦ୍ୟ, ଗମ୍ + ଯ = ଜଙ୍ଗମ୍ୟ; ଚଲ୍ + ଯ = ଚଞ୍ଚଲ୍ୟ; ଗଲ୍ + ଯ = ଜଙ୍ଗଲ୍ୟ, ସୃପ୍ + ଯ = ସରୀସୃପ୍ୟ ଇତ୍ୟାଦି ।

## ନାମଧାତୁ

କେତେଗୁଡ଼ିଏ ଶବ୍ଦ କୌଣସି ପ୍ରତ୍ୟୟଯୁକ୍ତ ହୋଇ ଧାତୁ ହୁଏ । ସେହି ହେତୁରୁ ସେହି ସବୁ ଧାତୁକୁ ନାମଧାତୁ କୁହାଯାଏ ।

ଆଚରଣ, କରଣ ପ୍ରଭୃତି ଅର୍ଥରେ ଶବ୍ଦର ଉତ୍ତର ଯ ପ୍ରତ୍ୟୟ ହୁଏ, ଯ ପ୍ରତ୍ୟୟ ହେଲେ ପୂର୍ବସ୍ୱର ଦୀର୍ଘ ଓ ସକାରାନ୍ତ ଶବ୍ଦର ଅନ୍ତ୍ୟ ବର୍ଣ୍ଣର ପ୍ରାୟ ଲୋପ ହୁଏ । ଯଥା—ଦଣ୍ଡ+ଯ=ଦଣ୍ଡାୟ (ଦଣ୍ଡ ପରି ଆଚରଣ କରିବା); ଏହିପରି ଅମୃତାୟ, ଦୋଳାୟ, ଗନ୍ଧାୟ, ଦଂଷ୍ଟ୍ରାୟ ଇତ୍ୟାଦି । ଶବ୍ଦ+ଯ=ଶବ୍ଦାୟ (ଶବ୍ଦ କରିବା), ବାଷ୍ପ+ଯ =ବାଷ୍ପାୟ (ବାଷ୍ପ ଛାଡ଼ିବା), ଏହିପରି ଫେନାୟ, ଧୂମାୟ ଇତ୍ୟାଦି; ଦୁର୍ମନା+ଯ=ଦୁର୍ମନାୟ (ପୂର୍ବେ ନ ଥିଲା ବର୍ତ୍ତମାନ ଦୁର୍ମନା ହେବା); ଏହିପରି ବିମନାୟ ଇତ୍ୟାଦି ।

ସନନ୍ତ, ଯଙନ୍ତ ନାମଧାତୁର ଉତ୍ତର ଭାବବାଚ୍ୟରେ ଅ ପ୍ରତ୍ୟୟ ହୁଏ । ଅ ପ୍ରତ୍ୟୟାନ୍ତ ପଦଗୁଡ଼ିକ ସ୍ତ୍ରୀଲିଙ୍ଗ ହୁଏ । ଯଥା—ଜିଜ୍ଞାସ+ଅ=ଜିଜ୍ଞାସା, ପିପାସ୍+ଅ=ପିପାସା, ଚିକୀର୍ଷ+ଅ=ଚିକୀର୍ଷା, ଜିଗୀଷ+ଅ=ଜିଗୀଷା, ଲିପ୍ସ+ଅ=ଲିପ୍ସା, ଜିଘାସ+ଅ= ଜିଘାସା, ଚିକିତ୍ସ+ଅ=ଚିକିତ୍ସା, ମୀମାଂସ+ଅ=ମୀମାଂସା, ଜୁଗୁପ୍ସ+ଅ=ଜୁଗୁପ୍ସା, ଶୁଶ୍ରୂଷ+ଅ=ଶୁଶ୍ରୂଷା, ଜିଗମିଷ+ଅ=ଜିଗମିଷା, ବୁଭୁକ୍ଷ୍+ଅ=ବୁଭୁକ୍ଷା, ଜିଜୀବିଷ+ଅ= ଜିଜୀବିଷା, ମୁମୂର୍ଷ+ଅ=ମୁମୂର୍ଷା, ଧିତ୍ସ+ଅ=ଧିତ୍ସା, ମୁମୁକ୍ଷ+ଅ= ମୁମୁକ୍ଷା, ଦିଦୃକ୍ଷ+ଅ=ଦିଦୃକ୍ଷା, ଯୁଯୁତ୍ସ+ଅ=ଯୁଯୁତ୍ସା, ଲାଲସ୍ୟ +ଅ=ଲାଲସା ( ଯ ଲୋପ ), ତପସ୍ୟା+ଅ=ତପସ୍ୟା ଇତ୍ୟାଦି ।

ଉପସର୍ଗଯୁକ୍ତ ଶବ୍ଦ—ଯଥା—ଅନୁଚିକୀର୍ଷା, ଉପଚିକୀର୍ଷା, ବିଜିଗୀଷା, ପ୍ରତିବିଧିତ୍ସା, ଅନୁସନ୍ଧିତ୍ସା ଇତ୍ୟାଦି ।

ଚିନ୍ତି, ପୂଜି ପ୍ରଭୃତି କେତେକ ପ୍ରଯୋଜକ ଧାତୁ ଏବଂ ଘଟ ପ୍ରଭୃତି କେତେଗୁଡ଼ିଏ ଧାତୁର 'ଉତ୍ତର' ଭାବବାଚ୍ୟରେ ଅ (ସଂସ୍କୃତ ଟାପ୍) ପ୍ରତ୍ୟୟ ହୁଏ । ପ୍ରତ୍ୟୟ ପରେ ଥିଲେ ଧାତୁର ଗୁଣ ବୃଦ୍ଧି କିଛି ହୁଏ ନାହିଁ । ଅତ ପ୍ରଯୋଜକ ଧାତୁର ଅନ୍ତ୍ୟ ଇକାରର ଲୋପ ହୁଏ ଏବଂ ପ୍ରତ୍ୟୟାନ୍ତ ଶବ୍ଦ ସ୍ତ୍ରୀଲିଙ୍ଗ ହୁଏ । ଯଥା—ଚିନ୍ତ+ଅ=ଚିନ୍ତା,

ସ୍ପୃହ+ଅ=ସ୍ପୃହା, ଦୋଳ+ଅ=ଦୋଳା, ପୀଡ଼+ଅ=ପୀଡ଼ା, ଶୋଭ+ଅ=ଶୋଭା, ଘଟ୍+ଅ=ଘଟା, ବ୍ୟଥ୍+ଅ=ବ୍ୟଥା, ତ୍ୱର୍+ଅ=ତ୍ୱରା, ଜୃ+ଅ=ଜରା, ତପ୍+ଅ=ତପା, କୃପ୍+ଅ =କୃପା, କ୍ଷମ୍+ଅ=କ୍ଷମା, ଦୟ୍+ଅ=ଦୟା, ଇଷ୍+ଅ= ଇଚ୍ଛା (ଷ୍=ଚ୍ଛ), ପ୍ରଚ୍ଛ୍+ଅ=ପୃଚ୍ଛା (ପ୍ର=ପୃ) ଇତ୍ୟାଦି ।

ଉପସର୍ଗର ପରବର୍ତ୍ତୀ ଆକାରାନ୍ତ ଧାତୁର ଉତ୍ତର ଏବଂ ଗୁରୁସ୍ୱର ବଶିଷ୍ଟ ବ୍ୟଞ୍ଜନାନ୍ତ ଧାତୁର ଉତ୍ତର ମଧ୍ୟ ଭାବବାଚ୍ୟରେ ଅ (ସଂସ୍କୃତ ଅ) ପ୍ରତ୍ୟୟ ହୁଏ । ପ୍ରତ୍ୟୟାନ୍ତ ଶବ୍ଦ ସ୍ତ୍ରୀଲିଙ୍ଗ ହୁଏ, ଯଥା—ଅ—ଭା+ଅ=ଆଭା, ଏହିପରି ପ୍ରଭା ବିଭା, ପ୍ରତିଭା, ଉପ—ମା+ଅ=ଉପମା, ଏହିପରି ପ୍ରତିମା; ନି—ଦ୍ରା+ଅ=ନିଦ୍ରା, ବି—ଧା+ଅ=ବିଧା, ଏହିପରି ଅଭିଧା, ଉପଧା, ଶ୍ରଦ୍ଧା; ପ୍ର—ଜ୍ଞା+ ଅ=ପ୍ରଜ୍ଞା, ଏହିପରି ଅନୁଜ୍ଞା, ସଂଜ୍ଞା, ଅବଜ୍ଞା, ପ୍ରତିଜ୍ଞା, ଆଜ୍ଞା; ଆ— ଖ୍ୟା+ଅ=ଆଖ୍ୟା, ଏହିପରି ସଂଖ୍ୟା; ଅବ—ସ୍ଥା+ଅ=ଅବସ୍ଥା, ଏହିପରି ନିଷ୍ଠା, ପ୍ରତିଷ୍ଠା, ଆସ୍ଥା; ଭିକ୍ଷ୍+ଅ=ଭିକ୍ଷା, ସେବ୍+ଅ =ସେବା, ଆ—କାଙ୍କ୍ଷ୍+ଅ=ଆକାଙ୍କ୍ଷା, ପରି—ଈକ୍ଷ୍+ଅ =ପରୀକ୍ଷା, ଦୀକ୍ଷ୍+ଅ=ଦୀକ୍ଷା, ନିନ୍ଦ+ଅ=ନିନ୍ଦା, ଖେଳ୍+ଅ =ଖେଳା, ରକ୍ଷ୍+ଅ=ରକ୍ଷା, ଶଙ୍କ୍+ଅ=ଶଙ୍କା, ମୂର୍ଚ୍ଛ୍+ଅ= ମୂର୍ଚ୍ଛା, ଲଜ୍ଜ୍+ଅ=ଲଜ୍ଜା, କ୍ରୀଡ଼୍+ଅ=କ୍ରୀଡ଼ା, ବାଧ୍+ଅ=ବାଧା, ଅନୁ—କମ୍ପ୍+ଅ=ଅନୁକମ୍ପା, ହିଂସ୍+ଅ=ହିଂସା, ବାଞ୍ଛ୍+ଅ =ବାଞ୍ଛା, ପ୍ର—ଶଂସ୍+ଅ=ପ୍ରଶଂସା ।

ସ୍ୱପ୍, ଯଜ୍, ଯତ୍, ଯାଚ୍, ତୃଷ୍, ପ୍ରଚ୍ଛ୍, ଧାତୁର ଉତ୍ତର ଭାବ-ବାଚ୍ୟରେ ନ (ସଂସ୍କୃତ ନଙ୍) ପ୍ରତ୍ୟୟ ହୁଏ । ଯଥା—ସ୍ୱପ୍+ନ= ସ୍ୱପ୍ନ, ଯଜ୍ ନ=ଯଜ୍ଞ, ଯତ୍ ନ=ଯତ୍ନ, ଯାଚ୍ ନ=ଯାଚ୍ଞା, ତୃଷ୍+ନ=ତୃଷ୍ଣା, ପ୍ରଚ୍ଛ୍+ନ=ପ୍ରଶ୍ନ (ଚ୍ଛ=ଶ) ।

ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ତୃ ( ସଂସ୍କୃତ ତୃନ୍, ତୃଚ୍ ) ପ୍ରତ୍ୟୟ ହେଲେ, ଧାତୁର ଅନ୍ତ୍ୟ ସ୍ୱର ଓ ଉପାନ୍ତ୍ୟ ହ୍ରସ୍ୱ ସ୍ୱରର ଗୁଣ ହୁଏ । ଓଡ଼ିଆରେ ତୃ ପ୍ରତ୍ୟୟାନ୍ତ ଶବ୍ଦ ସାଧାରଣତଃ ତା ପ୍ରତ୍ୟୟାନ୍ତ ହୋଇ ବ୍ୟବହୃତ ହୁଏ । ଯଥା—ଦା+ତୃ=ଦାତା, ଧା+ତୃ=ଧାତା, ପା+ତୃ=ପାତା (ରକ୍ଷା କରିବା), ଜି+ତୃ=ଜେ+ତୃ=ଜେତା, ନୀ+ତୃ=ନେତା, କ୍ରୀ+ତୃ=କ୍ରେତା, ଶ୍ରୁ+ତୃ=ଶ୍ରୋତା, ହୁ+ତୃ=ହୋତା, କୃ+ତୃ=କର୍+ତୃ=କର୍ତ୍ତା, ଭୃ+ତୃ=ଭର୍ତ୍ତା, ଗୈ+ତୃ=ଗା+ତୃ=ଗାତା, ଧ୍ୟୈ+ତୃ=ଧ୍ୟାତା, ବପ୍+ତୃ=ବପ୍ତା, ହନ୍+ତୃ=ହନ୍ତା, ଯମ୍+ତୃ=ଯନ୍ତା (ମ୍=ନ୍), ଦ୍ୱିଷ୍+ତୃ=ଦ୍ୱେଷ୍ଟା ଇତ୍ୟାଦି ।

ତୃ ପରେ ଥିଲେ ଧାତୁର ଅନ୍ତସ୍ଥିତ ଚ୍ ଓ ଜ୍ ସ୍ଥାନରେ କ୍ ଏବଂ ଛ୍ ଓ ଶ୍ ସ୍ଥାନରେ ଷ୍ ହୁଏ, ମାତ୍ର ଯଜ୍, ସୃଜ୍, ମୃଜ୍ ଓ ଭ୍ରସଜ୍ ଧାତୁର ଜ୍ ସ୍ଥାନରେ ଷ୍ ହୁଏ ଏବଂ ଧାତୁର ଅନ୍ତସ୍ଥିତ ଦ୍, ଧ୍ ଏହି ଦୁଇ ବର୍ଣ୍ଣ ତ ସହିତ ମିଶି ଯଥାକ୍ରମେ ତ୍ତ, ଦ୍ଧ ହୁଅନ୍ତି; ଯଥା—ବଚ୍+ତୃ=ବକ୍ତା, ଭୁଜ୍+ତୃ=ଭୋକ୍ତା, ପ୍ରଚ୍ଛ୍+ତୃ=ପ୍ରଷ୍ଟା, ଦୃଶ୍+ତୃ=ଦ୍ରଷ୍ଟା, ସୃଜ୍+ତୃ=ସ୍ରଷ୍ଟା (ଜ=ଷ), ଉପ—ଦିଶ୍+ତୃ=ଉପଦେଷ୍ଟା, ବିଦ୍+ତୃ=ବେତ୍ତା, ବୁଧ୍+ତୃ=ବୋଦ୍ଧା, ଯୁଧ୍+ତୃ=ଯୋଦ୍ଧା ଇତ୍ୟାଦି ।

ତୃ ପ୍ରତ୍ୟୟ ପରେ ଥିଲେ କେତେକ ଧାତୁର ଉତ୍ତର ଗୋଟିଏ ଇ ଆଗମ ହୁଏ । ଯଥା—ଦୁହ୍+ତୃ=ଦୁହିତା, କାରି+ତୃ=କାରେ+ଇ+ତୃ=କାରୟ୍+ଇ+ତୃ=କାରୟିତା, ସ୍ଥାପି+ତୃ=ସ୍ଥାପୟିତା, ରଚି+ତୃ=ରଚୟିତା, ଶିକ୍ଷି+ତୃ=ଶିକ୍ଷୟିତା, ଅଧ୍ୟାପି+ତୃ=ଅଧ୍ୟାପୟିତା, ଜନ୍+ତୃ=ଜନୟିତା, ସୂ+ତୃ=ସବିତା, ଗ୍ରହ୍+ତୃ=ଗ୍ରହୀତା (ଇ=ଈ) ଇତ୍ୟାଦି ।

ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଅକ୍ (ଣ୍ବୁଲ୍ ଣକ୍) ପ୍ରତ୍ୟୟ ହେଲେ ଧାତୁର ଅନ୍ତ୍ୟସ୍ୱର ଓ ଉପାନ୍ତ୍ୟ ଅକାରରେ ବୃଦ୍ଧି ହୁଏ ଏବଂ ଉପାନ୍ତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ । ଅଣ ଅକାରାନ୍ତ ଧାତୁର ଉତ୍ତର ଗୋଟିଏ ଯ୍ ଆଗମ ହୁଏ ଏବଂ ପ୍ରଯୋଜକ ଧାତୁର ଗୁଣ ବୃଦ୍ଧି କିଛି ନ ହୋଇ କେବଳ ଅନ୍ତ୍ୟ ଇକାରରେ ଲୋପ ହୁଏ; ଯଥା—ପରି—ଣୀ+ଅକ=ପରିଣାୟକ, ନୀ+ଅକ = ନାୟକ, ସ୍ତୁ+ଅକ=ସ୍ତାବକ, ଶ୍ରୁ+ଅକ=ଶ୍ରାବକ, ପୂ+ଅକ=ପାବକ, କୃ+ଅକ=କାରକ, ଧୃ+ଅକ=ଧାରକ, ବି—ଦୃ+ଅକ=ବିଦାରକ, ପଠ୍+ଅକ=ପାଠକ, ହନ୍+ଅକ=ଘାତକ (ହନ=ଘାତ), ପଚ୍+ଅକ=ପାଚକ, ଗ୍ରହ+ଅକ=ଗ୍ରାହକ, ଭଜ୍+ଅକ=ଭାଜକ, ପରି—ଚର୍+ଅକ=ପରିଚାରକ, ବହ୍+ଅକ=ବାହକ, ଯଜ୍+ଅକ=ଯାଜକ, ଚଲ୍+ଅକ=ଚାଳକ, ସିଚ୍+ଅକ=ସେଚକ, ରିଚ୍+ଅକ=ରେଚକ, କ୍ଷିପ୍+ଅକ=କ୍ଷେପକ, ଲିପ୍+ଅକ=ଲେପକ, ବୁଧ୍+ଅକ=ବୋଧକ, ଶୁଧ୍+ଅକ=ଶୋଧକ, ପୁଷ୍+ଅକ=ପୋଷକ, ଶୁଷ୍+ଅକ=ଶୋଷକ, ଦୃଶ୍+ଅକ=ଦର୍ଶକ, କୃଷ୍+ଅକ=କର୍ଷକ (ବିକଳ୍ପେ); ଦା+ଅକ=ଦାୟକ, ଗୈ+ଅକ=ଗାୟକ, ଶୋ+ଅକ=ଶା+ଅକ=ଶାୟକ, ଜନି+ଅକ=ଜନ୍+ଅକ=ଜନକ, ପାଲି+ଅକ=ପାଳକ, ଯୋଜି+ଅକ=ଯୋଜକ, ବାହି+ଅକ=ବାହକ, ଚିନ୍ତି+ଅକ=ଚିନ୍ତକ; ଶିକ୍ଷି+ଅକ=ଶିକ୍ଷକ, ସେଚି+ଅକ=ସେଚକ, ରକ୍ଷି+ଅକ=ରକ୍ଷକ, ଜ୍ଞାପି+ଅକ=ଜ୍ଞାପକ, ପାତି+ଅକ=ପାତକ, ସ୍ମର+ଅକ+ସ୍ମାରକ; ନି—ବାରି+ଅକ=ନିବାରକ ।

ଉପାନ୍ତ୍ୟ ଗୁରୁସ୍ୱରର ଗୁଣ ବା ବୃଦ୍ଧି କିଛି ହୁଏ ନାହିଁ । ଯଥା—ଅର୍ଚ୍ଚ+ଅକ=ଅର୍ଚ୍ଚକ, ରକ୍ଷ୍+ଅକ=ରକ୍ଷକ, ଭକ୍ଷ୍+ଅକ=

ଭକ୍ଷକ, ଯାଚ୍‌+ଅକ=ଯାଚକ, ନନ୍ଦ୍‌+ଅକ=ନନ୍ଦକ, ଲେଚ୍‌+ଅକ=ଲେଚକ, ସେବ୍‌+ଅକ=ସେବକ, ଚୀକ୍‌+ଅକ=କୀଚକ, (ଚୀକ୍‌=କୀଚ) ଇତ୍ୟାଦ ।

ଶିଳ୍ପୀ ବୁଝାଇଲେ ନୃତ୍‌, ରଞ୍ଜ୍‌ ପ୍ରଭୃତି ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଅକ (ଷକ) ପ୍ରତ୍ୟୟ ହୁଏ । ଯଥା—ନୃତ୍‌+ଅକ=ନର୍ତ୍ତକ, ଖନ୍‌+ଅକ=ଖନକ, ରଞ୍ଜ୍‌+ଅକ=ରଜକ (ନଲୋପ) ।

ଶିଳ୍ପୀ ବୁଝାଇଲେ ଗୈ ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଅନ (ଣନଟ୍‌) ଓ ଅକ୍‌ ପ୍ରତ୍ୟୟ ହୁଏ । ଯଥା—ଗୈ+ଅନ=ଗାୟନ, ଗୈ+ଅକ=ଗାୟକ ।

ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଇନ୍‌ (ସଂସ୍କୃତ ଣିନ୍‌) ପ୍ରତ୍ୟୟ ହେଲେ ପୂର୍ବବର୍ତ୍ତୀ ଅକ ପ୍ରତ୍ୟୟ ପର ଧାତୁର ଗୁଣ ବୃଦ୍ଧି ପ୍ରଭୃତି ହେବ । ଯଥା—କୃ+ଇନ୍‌=କାରୀ, ସମ୍‌—ସୃ+ଇନ୍‌=ସଂସାରୀ, ଅଧି—କୃ+ଇନ୍‌=ଅଧିକାରୀ, ବଦ୍‌+ଇନ୍‌=ବାଦୀ, ପ୍ରତି—ବଦ+ଇନ୍‌=ପ୍ରତିବାଦୀ ବସ୍‌+ଇନ୍‌=ବାସୀ, ପ୍ରତି—ବସ୍‌+ଇନ୍‌=ପ୍ରତିବାସୀ, ପ୍ର—ବସ୍‌+ଇନ୍‌=ପ୍ରବାସୀ, ଅଧି—ବସ+ଇନ୍‌=ଅଧିବାସୀ, ଅଭି—ଲଷ୍‌+ଇନ୍‌=ଅଭିଲାଷୀ, ଦ୍ୱିଷ୍‌+ଇନ୍‌=ଦ୍ୱେଷୀ, ବି—ଦ୍ୱିଷ୍‌+ଇନ୍‌=ବିଦ୍ୱେଷୀ, ବଦ୍‌+ଇନ୍‌=ବେଦୀ, ରୁଧ୍‌+ଇନ୍‌=ରୋଧୀ, ବି—ରୁଧ୍‌+ଇନ୍‌=ବିରୋଧୀ, ପ୍ରତି—ରୁଧ୍‌+ଇନ୍‌=ପ୍ରତିରୋଧୀ, ଦ୍ରୁହ୍‌+ଇନ୍‌=ଦ୍ରୋହୀ, ବି—ଦ୍ରୁହ୍‌+ଇନ୍‌=ବିଦ୍ରୋହୀ, ସ୍ଥା+ଇନ୍‌=ସ୍ଥାୟୀ, ମନ୍ତ୍ର+ଇନ୍‌=ମନ୍ତ୍ରୀ, ଅପ୍‌—ରାଧ୍‌+ଇନ୍‌=ଅପରାଧୀ ଇତ୍ୟାଦ ।

ଉପସର୍ଗ ଓ ଅନ୍ୟ ପଦର ପରବର୍ତ୍ତୀ ଧାତୁର ଉତ୍ତର ଶୀଳ ଓ ପୌନଃପୁନ୍ୟ ଅର୍ଥରେ ଇନ (ଣିନ୍‌) ପ୍ରତ୍ୟୟ ହୁଏ । ଯଥା—ଉଷ୍ଣ—ଭୁଜ୍‌+ଇନ୍‌=ଉଷ୍ଣଭୋଜୀ, ମାଂସ—ଭୁଜ୍‌+ଇନ୍‌=ମାଂସଭୋଜୀ,

ଅନୁ—ଯା+ଇନ୍=ଅନୁଯାୟୀ, ଅନୁ—ଜୀବ+ଇନ୍=ଅନୁଜୀବୀ, ମିଥ୍ୟା—ବଦ୍+ଇନ୍=ମିଥ୍ୟାବାଦୀ, ମନ—ହୃ+ଇନ୍=ମନୋହାରୀ, ବି—ବଦ୍+ଇନ୍=ବିବାଦୀ, ବି—ଲସ୍+ଇନ୍=ବିଳାସୀ, ଉତ୍—ସହ୍+ଇନ୍=ଉତ୍ସାହୀ, ହୃଦୟ—ଗ୍ରହ୍+ଇନ୍=ହୃଦୟଗ୍ରାହୀ, ଅନୁ—ଗମ୍+ଇନ୍=ଅନୁଗାମୀ, ପାପ—କୃ+ଇନ୍=ପାପକାରୀ, ମିତ୍ର—ଦ୍ରୁହ୍+ଇନ୍=ମିତ୍ରଦ୍ରୋହୀ, ଏହିପରି ଚିରସ୍ଥାୟୀ, ଦଣ୍ଡଧାରୀ, ଚକ୍ରଧାରୀ, ଚିରବାସୀ, ସତ୍ୟଭାଷୀ, ବୃକ୍ଷଚ୍ଛେଦୀ, ମର୍ମଭେଦୀ, ଚକ୍ରବର୍ତ୍ତୀ, ପକ୍ଷପାତୀ, ଲକ୍ଷପୋଷୀ, ଲକ୍ଷଶୋଷୀ, ମଦ୍ୟପାୟୀ, ଅଗ୍ରଯାୟୀ, ପଥ୍ୟସେବୀ, ଦୀର୍ଘଜୀବୀ ଇତ୍ୟାଦି ।

କର୍ମବାଚକ ପଦର ପରବର୍ତ୍ତୀ ହନ୍ ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଅତୀତକାଳରେ ଇନ୍ (ଣିନ୍) ପ୍ରତ୍ୟୟ ହେଲେ ଧାତୁର ହ ସ୍ଥାନରେ ଘ ଓ ନ୍ ସ୍ଥାନରେ ତ ହୁଏ । ଯଥା—ପିତୃ—ହନ୍+ଇନ୍=ପିତୃଘାତୀ, ପୁତ୍ର—ହନ୍+ଇନ୍=ପୁତ୍ରଘାତୀ; ଏହିପରି ମିତ୍ରଘାତୀ, ଆତ୍ମଘାତୀ ଇତ୍ୟାଦି ।

'ଭବିଷ୍ୟତ୍ କାଳ ବୁଝାଇଲେ ଭୂ, ଯା, ସ୍ଥା, ଗମ୍, ବୁଧ୍, ଯୁଧ୍ ଓ ରୁଧ୍ ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଇନ୍ (ଣିନ୍) ପ୍ରତ୍ୟୟ ହୁଏ । ଯଥା—ଭୂ+ଇନ୍=ଭାବୀ, ଯା+ଇନ୍=ଯାୟୀ, ସ୍ଥା+ଇନ୍=ସ୍ଥାୟୀ, ଆ—ଗମ୍+ଇନ୍=ଆଗାମୀ, ପ୍ରତି—ଯୁଧ୍+ଇନ୍=ପ୍ରତିଯୋଧୀ, ପ୍ରତି—ରୁଧ୍+ଇନ୍=ପ୍ରତିରୋଧୀ ।

ଯୁଜ୍, ତ୍ୟଜ୍, ଭଜ୍, ବି ପୂର୍ବକ ଚର୍ ଏବଂ ସମ୍ ପୂର୍ବକ ପୃଚ୍ ଓ ମୃଜ୍ ଧାତୁର ଉତ୍ତର ଶୀଳ ଅର୍ଥରେ କର୍ତ୍ତୃବାଚ୍ୟରେ ଇନ୍ (ସଂସ୍କୃତ ଘିନୁଣ୍) ପ୍ରତ୍ୟୟ ହେଲେ ଧାତୁର ଅନ୍ତସ୍ଥିତ ଚ୍ ସ୍ଥାନରେ କ୍ ଓ ଜ୍ ସ୍ଥାନରେ ଗ୍ ହୁଏ । ଯଥା—ଯୁଜ୍+ଇନ୍=ଯୋଗୀ, ବି—ଯୁଜ୍+ଇନ୍=ବିଯୋଗୀ, ପ୍ରତି—ଯୁଜ୍+ଇନ୍=ପ୍ରତିଯୋଗୀ, ତ୍ୟଜ୍+

ଇନ୍ = ତ୍ୟାଗୀ, ଭଜ୍ + ଇନ୍ = ଭାଗୀ, ରଞ୍ଜ୍ + ଇନ୍ = ରାଗୀ (ନ ର ଲୋପ) ଏହିପରି ବିରାଗୀ, ଅନୁରାଗୀ, ବି—ବଚ୍ + ଇନ୍ = ବିବେକୀ, ସମ୍—ପୃଚ୍ + ଇନ୍ = ସମ୍ପର୍କୀ, ସମ୍—ସୃଜ୍ + ଇନ୍ = ସଂସର୍ଗୀ ।

ଜି, ଶମ୍ ପ୍ରଭୃତି ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଇନ୍ ପ୍ରତ୍ୟୟ ହେଲେ ଅନ୍ତ୍ୟସ୍ୱରର ଗୁଣ ହୁଏ ଏବଂ ଉପାନ୍ତ୍ୟ ଅକାରର ବୃଦ୍ଧି ହୁଏ ନାହିଁ । ଯଥା—ଜି + ଇନ୍ = ଜୟୀ, ବି—କ୍ରୀ + ଇନ୍—ବିକ୍ରୟୀ, କ୍ଷି + ଇନ୍ = କ୍ଷୟୀ, ପରି—ଶ୍ରମ + ଇନ୍ = ପରିଶ୍ରମୀ, ବି—କ୍ରମ୍ + ଇନ୍ = ବିକ୍ରମୀ, ଉତ୍—ଯମ୍ + ଇନ୍ = ଉଦ୍ୟମୀ; ଇତ୍ୟାଦି ।

ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଅ (ସଂସ୍କୃତ ଅଚ୍, ଟ, ଟକ ପ୍ରଭୃତି) ପ୍ରତ୍ୟୟ ହେଲେ ଅନ୍ତ୍ୟସ୍ୱରର ଉପାନ୍ତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ ଏବଂ କର୍ମପଦ ପରସ୍ଥିତ ହନ୍ ଧାତୁ ସ୍ଥାନରେ ଘ୍ନ ଆଦେଶ ହୁଏ; ଯଥା — ସମ୍—ଇ + ଅ = ସମ୍—ଏ + ଅ = ସମ୍—ଅୟ୍ + ଅ = ସମୟ, ସହ—ଇ + ଅ = ସହାୟ, ଧୃ + ଅ = ଧାର, ହୃ + ଅ = ହାର, ନୃ + ଅ = ନର, ଜଲ୍ + ଅ = ଜଳ, ଆ—ତପ୍ + ଅ = ଆତପ; ଚଲ୍ + ଅ = ଚଳ, ସ୍ଥଲ୍ + ଅ = ସ୍ଥଳ, ଦିବ୍ + ଅ = ଦେବ, ବୀର୍ + ଅ = ବୀର, ହିଂସ୍ + ଅ = ସିଂହ (ନିପାତନ), ସୃପ୍ + ଅ = ସର୍ପ, ପୀଡ଼ା—କୃ + ଅ = ପୀଡ଼ାକର, ଏହିପରି ପୁଷ୍ଟିକର, ସ୍ୱାସ୍ଥ୍ୟକର, ବଳକର, ଦିବାକର, ନିଶାକର, ବିଭାକର, ଭାସ୍କର, ଲିପିକର, ଚିତ୍ରକର, କର୍ମକର, ଯଶସ୍କର, କ୍ଲେଶକର, ହିତକର ଇତ୍ୟାଦି । ଅଗ୍ର—ସୃ + ଅ = ଅଗ୍ରସର, ଏହିପରି ପୁରଃସର, ଅଂଶ—ହୃ + ଅ = ଅଂଶହର; ସେହିପରି ରୋଗହର, ତାପହର, ଶୋକହର, ଦୁଃଖହର ଇତ୍ୟାଦି । ପୂଜା—ଅର୍ହ + ଅ = ପୂଜାର୍ହ, ଏହିପରି ଭାଗାର୍ହ, ନିନ୍ଦାର୍ହ, ସତ୍କାରାର୍ହ ଇତ୍ୟାଦି, ବନ—ଚର୍ + ଅ = ବନଚର, ଏହିପରି ଜଳଚର, ଭୂଚର, ସ୍ଥଳଚର, ନିଶାଚର, ଖେଚର, ରାତ୍ରିଚର, ରାତ୍ରିଞ୍ଚର ( ବିକଳ୍ପେ ) ଇତ୍ୟାଦି , ଭୂମି—ପାଲ୍ + ଅ = ଭୂମିପାଳ;

ଏହିପରି ଭୂପାଳ; ଦୋଷ—ହନ୍+ଅ=ଦୋଷଘ୍ନ, ଏହିପରି କଫଘ୍ନ, ବାତଘ୍ନ, କୃତଘ୍ନ, ଶତ୍ରୁଘ୍ନ, ପାପଘ୍ନ ଇତ୍ୟାଦି ।

ଉପସର୍ଗାଦିର ପରସ୍ଥିତ ଆକାରାନ୍ତ ଧାତୁ ଏବଂ ହନ୍, ଜନ୍, ଗମ୍ ପ୍ରଭୃତି ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଅ ( ସଂସ୍କୃତ ଡ ) ପ୍ରତ୍ୟୟ ହେଲେ ଆକାରାନ୍ତ ଧାତୁର ଅନ୍ତ୍ୟ ଆ ଏବଂ ବ୍ୟଞ୍ଜନାନ୍ତ ଧାତୁର ଅନ୍ତ୍ୟ ବର୍ଣ୍ଣ ଓ ଉପାନ୍ତ୍ୟ ଅକାରର ଲୋପ ହୁଏ । ସୁଖ—ଦା+ଅ=ସୁଖଦ; ଏହିପରି ଜଳଦ, ବରଦ, ନୀରଦ, ଧନଦ, ବାରିଦ ଇତ୍ୟାଦି, ସର୍ବ—ଜ୍ଞା+ଅ=ସର୍ବଜ୍ଞ, ଏହିପରି ଧର୍ମଜ୍ଞ, ବିଜ୍ଞ, ଅଭିଜ୍ଞ, ରସଜ୍ଞ ଇତ୍ୟାଦି, ଭୂମି—ପା+ଅ=ଭୂମିପ, ଏହିପରି ନୃପ, ମଧୁପ, ପାଦପ, ମଦ୍ୟପ, ଭୂପ ଇତ୍ୟାଦି; ଗୃହ—ସ୍ଥା+ଅ=ଗୃହସ୍ଥ, ଏହିପରି ବନସ୍ଥ, ସୁସ୍ଥ, ମଧ୍ୟସ୍ଥ, ପ୍ରକୃତିସ୍ଥ, ଇତ୍ୟାଦି; ନଗ—ର+ଅ=ନଗର, ବି—ଆ—ଘ୍ରା+ଅ=ବ୍ୟାଘ୍ର, ବି—ପ୍ରା+ଅ=ବିପ୍ର, ଦେବ—ତ୍ରୈ+ଅ= ଦେବ—ତ୍ର+ଅ=ଦେବତ୍ର, ପୁତ୍—ତ୍ରୈ+ଅ=ପୁତ୍ର, ଏହିପରି ବ୍ରହ୍ମତ୍ର, ତନୁତ୍ର, ଆତପତ୍ର ଇତ୍ୟାଦି, କ୍ଲେଶ—ଅପ୍—ହନ୍+ଅ= କ୍ଲେଶାପହ [ହନ୍‌ଧାତୁ ପୂର୍ବରେ ଉପସର୍ଗ ଥିଲେ ଏହିପରି ପରିବର୍ତ୍ତନ ହେବ, ଅନ୍ୟଥା ନୁହେଁ], ଏହିପରି ଶୋକାପହ, ତମୋପହ, ବସହ ଇତ୍ୟାଦି , ପଙ୍କ—ଜନ+ଅ=ପଙ୍କଜ, ଏହିପରି ଅଣ୍ଡଜ, ଦ୍ୱିଜ, ଅନୁଜ, ଅମ୍ବୁଜ ଇତ୍ୟାଦି , ପାର—ଗମ୍+ଅ=ପାରଗ, ଏହିପରି ଖଗ, ନଗ, ନିମ୍ନଗ ଇତ୍ୟାଦି ।

କେତେକ ସ୍ଥଳରେ କର୍ତ୍ତୃବାଚ୍ୟରେ ଧାତୁର ଉତ୍ତର ଅ [ସଂସ୍କୃତ ଅଣ୍, ଣ] ପ୍ରତ୍ୟୟ ହୁଏ । ଏହି ପ୍ରତ୍ୟୟ ପରେ ଥିଲେ ଧାତୁର ଅନ୍ତ୍ୟସ୍ୱର ଓ ଉପାନ୍ତ୍ୟ ଅକାରର ବୃଦ୍ଧି ହୁଏ । ଯଥା—ଜଲ+ଅ=ଜାଲ, ବ୍ୟଧ+ଅ=ବ୍ୟାଧ, କୁମ୍ଭ—କୃ+ଅ=କୁମ୍ଭକାର, ଏହିପରି, ଶାସ୍ତ୍ର-କାର, ମାଳାକାର, ସ୍ୱର୍ଣ୍ଣକାର, କର୍ମକାର ଇତ୍ୟାଦି; ସୂତ୍ର—ଧୃ+ଅ=

ସୂତ୍ରଧାର, କର୍ଣ୍ଣ—ଧୃ + ଅ = କର୍ଣ୍ଣଧାର, ବାର—ବହ୍ + ଅ = ବାର-ବାହ, ତନ୍ତୁ—ବେ + ଅ = ତନ୍ତୁବାୟ, ତନ୍ତୁ—ବପ୍ + ଅ = ତନ୍ତୁ-ବାପ ଇତ୍ୟାଦି ।

ପ୍ରୀ, ବୁଧ୍ ପ୍ରଭୃତି ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଅ (ସଂସ୍କୃତ କ) ପ୍ରତ୍ୟୟ ହେଲେ ଧାତୁର ଗୁଣ ବୃଦ୍ଧି କିଛି ହୁଏ ନାହିଁ, କେବଳ ପ୍ରୀ ସ୍ଥାନରେ ପ୍ରିୟ ହୁଏ । ଯଥା—ପ୍ରୀ + ଅ = ପ୍ରିୟ, ବୁଧ୍ + ଅ = ବୁଧ, ବୃଷ୍ + ଅ = ବୃଷ, ଶୁଭ + ଅ = ଶୁଭ, ଭୁଜ୍ + ଅ = ଭୁଜ, ଭୂ—ରୁହ୍ + ଅ = ଭୂରୁହ, କୁଳ୍ + ଅ = କୁଳ, ମୂଳ୍ + ଅ = ମୂଳ ଇତ୍ୟାଦି ।

କେତେକ ସ୍ଥାନରେ କେତେକ ପୂର୍ବପଦର ପରସ୍ଥିତ କେତେକ ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଅ (ସଂସ୍କୃତ ଖ ଖଚ୍) ପ୍ରତ୍ୟୟ ହେଲେ ଧାତୁର ଗୁଣ ବୃଦ୍ଧି କିଛି ହୁଏ ନାହିଁ । କେବଳ ଧାତୁର ପୂର୍ବରେ ଗୋଟିଏ ମ ଆଗମ ହୁଏ ; ଯଥା—ବିଧୁ—ତୁଦ୍ + ଅ = ବିଧୁନ୍ତୁଦ, ପର—ତପ୍ + ଅ = ପରନ୍ତପ, ପ୍ରିୟ—ବଦ୍ + ଅ = ପ୍ରିୟମ୍ବଦ, ବଶ—ବଦ + ଅ = ବଶମ୍ବଦ, ଅଭ୍ର—ଲିହ୍ + ଅ = ଅଭ୍ରଂଲିହ, ସର୍ବ—କଷ୍ + ଅ = ସର୍ବଙ୍କଷ, ଅଭ୍ର—କଷ୍ + ଅ = ଅଭ୍ରଙ୍କଷ ।

ସଂଜ୍ଞା ବୁଝାଇଲେ ବିଶ୍ୱ ପ୍ରଭୃତି କେତେକ ଶବ୍ଦର ପରବର୍ତ୍ତୀ କେତେକ ଧାତୁର ଉତ୍ତର ଅ (ସଂସ୍କୃତ ଖ) ପ୍ରତ୍ୟୟ ହେଲେ ଅନ୍ତ୍ୟସ୍ୱରର ଗୁଣ ହୁଏ, ଆଉ ଧାତୁର ପୂର୍ବରେ ମ୍ ଆଗମ ହୁଏ । ଯଥା—ବିଶ୍ୱ—ଭୃ + ଅ = ବିଶ୍ୱମ୍ଭର, ସର୍ବ—ସହ + ଅ = ସର୍ବଂସହା, ବସୁ—ଧୃ + ଅ = ବସୁନ୍ଧରା, ଧନ—ଜି + ଅ = ଧନଞ୍ଜୟ, ପୁର—ଦୃ + ଅ = ପୁରନ୍ଦର ଇତ୍ୟାଦି ।

ପ୍ରିୟ ପ୍ରଭୃତି କେତେକ ଶବ୍ଦର ଉତ୍ତର ପରବର୍ତ୍ତୀ କେତେକ ଧାତୁର ମଧ୍ୟ କର୍ତ୍ତୃବାଚ୍ୟରେ ପୂର୍ବପରି ଅ (ସଂସ୍କୃତ ଖଚ୍, ଖ, ଖଶ୍) ପ୍ରତ୍ୟୟ ହୁଏ । ଯଥା—ପ୍ରିୟ—କୃ + ଅ = ପ୍ରିୟଙ୍କର, କ୍ଷେମ—କୃ + ଅ =

କ୍ଷେମଙ୍କର, ଭୟ—କୃ+ଅ=ଭୟଙ୍କର, ସ୍ତନ—ଧେ+ଅ=ସ୍ତନନ୍ଧୟ, ଅରି—ଦମ୍+ଅ=ଅରିନ୍ଦମ ଇତ୍ୟାଦି ।

ଏତଦ୍ଭିନ୍ନ କର୍ତ୍ତୃବାଚ୍ୟରେ କେତେଗୁଡ଼ିଏ ନିପାତନସିଦ୍ଧ ଅ (ସଂସ୍କୃତ ଖ, ଡ) ପ୍ରତ୍ୟୟାନ୍ତ ପଦର ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା । ଯଥା—ସ୍ୱୟଂ—ବୃ+ଅ=ସ୍ୱୟମ୍ବର । ଇରା—ମଦ୍+ଅ=ଇରମ୍ମଦ, ଭୁଜ—ଗମ୍+ଅ=ଭୁଜଗ, ଭୁଜଙ୍ଗ, ଭୁଜଙ୍ଗମ, ଉରସ୍—ଗମ୍+ଅ=ଉରଗ, ଉରଙ୍ଗ, ଉରଙ୍ଗମ, ପ୍ଲବ—ଗମ୍+ଅ=ପ୍ଲବଗ, ପ୍ଲବଙ୍ଗ, ପ୍ଲବଙ୍ଗମ; ତ୍ୱର—ଗମ୍+ଅ=ତୁରଗ, ତୁରଙ୍ଗ, ତୁରଙ୍ଗମ, ପତ—ଗମ୍+ଅ=ପତଗ, ପତଙ୍ଗ, ପତଙ୍ଗମ; ବିହାୟସ୍—ଗମ୍+ଅ=ବିହଗ, ବିହଙ୍ଗ, ବିହଙ୍ଗମ ।

ଆତ୍ମମନନ ଅର୍ଥରେ କର୍ମବାଚକ ପଦର ପରବର୍ତ୍ତୀ ମନ୍ ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଯ (ସଂସ୍କୃତ ଖ୍ୟ) ପ୍ରତ୍ୟୟ ହେଲେ ଧାତୁର ପୂର୍ବରେ ଗୋଟିଏ ମ୍ ଆଗମ ହୁଏ । ଯଥା—ପଣ୍ଡିତ—ମନ୍+ଯ=ପଣ୍ଡିତମ୍ମନ୍ୟ; ସେହିପରି କୃତାର୍ଥମ୍ମନ୍ୟ, ଧନ୍ୟମ୍ମନ୍ୟ, ବିଜ୍ଞମ୍ମନ୍ୟ ଇତ୍ୟାଦି ।

କୁକ୍ଷି, ଉଦର ଓ ଆତ୍ମନ୍ ଶବ୍ଦର ପରସ୍ଥିତ ଭୃ ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଇ (ସଂସ୍କୃତ ଖି) ପ୍ରତ୍ୟୟ ହେଲେ ଧାତୁର ଅନ୍ତ୍ୟ ସ୍ୱରର ଗୁଣ ଓ ତାହାର ପୂର୍ବରେ ମର୍ ଆଗମ ହୁଏ । ଯଥା—କୁକ୍ଷି—ଭୃ+ଇ=କୁକ୍ଷିମ୍ଭରି, ସେହିପରି ଉଦରମ୍ଭରି, ଆତ୍ମମ୍ଭରି (ସମାସର ପୂର୍ବବର୍ତ୍ତୀ ନକାରାନ୍ତ ଶବ୍ଦର ନକାରର ଲୋପ ହୁଏ ) ।

ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ କ୍ୱିପ୍ ପ୍ରତ୍ୟୟ ହେଲେ ଉକ୍ତ ପ୍ରତ୍ୟୟର କିଛି ଥାଏ ନାହିଁ, କେବଳ ହ୍ରସ୍ୱସ୍ୱରାନ୍ତ ଧାତୁର ଉତ୍ତର ଗୋଟିଏ ତ୍ ଆଗମ ହୁଏ । ଯଥା—ରଣ—ଜି+କ୍ୱିପ୍=ରଣଜିତ୍, ପୂର୍ବ—କୃ+କ୍ୱିପ୍=ପୂର୍ବକୃତ୍, ସେହିପରି କାରକୃତ୍; ଅଗ୍ନି—ହୁ+କ୍ୱିପ୍=ଅଗ୍ନିହୁତ୍; ସେନା—ନୀ+କ୍ୱିପ୍=ସେନାନୀ, ସେହିପରି

ଅଗ୍ରଣୀ; ତତ୍ତ୍ୱ—ବଦ୍+କ୍ୱିପ୍=ତତ୍ତ୍ୱବଦ୍; ଏହିପରି ଶାସ୍ତ୍ରବଦ୍, ଧର୍ମବଦ୍, ବ୍ରହ୍ମବଦ୍ ଇତ୍ୟାଦି ।

ଗୋତ୍ର+ଭିଦ୍=ଗୋତ୍ରଭିଦ୍, ଏହିପରି ମର୍ମଭିଦ୍, ଉଦ୍ଭିଦ୍, ବି—ସୃଜ୍+କ୍ୱିପ୍=ବିସୃଟ୍ (ଜକାରାନ୍ତ ଧାତୁର ଜ୍ ସ୍ଥାନରେ ଟ୍ ହୁଏ); ଏହିପରି ସମ୍ରାଟ୍, ଅଗ୍ନି—ଭୁଜ୍+କ୍ୱିପ୍—ଅଗ୍ନିଭୁକ୍(ଜ=କ୍) ଏହିପରି ଅନ୍ନଭୁକ୍, ହବିର୍ଭୁକ୍, ସଭା—ସଦ୍+କ୍ୱିପ୍=ସଭାସଦ, ବ୍ରହ୍ମ—ହନ୍+କ୍ୱିପ୍=ବ୍ରହ୍ମହା, ସେହିପରି ଭ୍ରୂଣହା, ଅମିତ୍ରହା ଇତ୍ୟାଦି ।

ଗମ, ଶ୍ରି, ପ୍ରଚ୍ଛ ଏ ବଚ୍ ଧାତୁର କ୍ୱିପ୍ ପ୍ରତ୍ୟୟ କଲେ ଯଥାକ୍ରମେ ଜଗତ, ଶ୍ରୀ, ପ୍ରାଟ୍ ଓ ବାକ୍ୟ ଏହି ଚାରୋଟି ପଦ ନିପାତନରେ ସିଦ୍ଧ ହୁଏ ।

ଶୀଳ, ଧର୍ମ ପ୍ରଭୃତି ଅର୍ଥରେ ସହ ପ୍ରଭୃତି ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଇଷ୍ଣୁ ପ୍ରତ୍ୟୟ ହୁଏ । ଏହି ପ୍ରତ୍ୟୟ ପରେ ଥିଲେ ଧାତୁର ଅନ୍ତ୍ୟସ୍ୱର ଓ ଉପାନ୍ତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ । ଯଥା—ସହ +ଇଷ୍ଣୁ=ସହିଷ୍ଣୁ, ବୃଧ+ଇଷ୍ଣୁ=ବର୍ଦ୍ଧିଷ୍ଣୁ, ଚର+ଇଷ୍ଣୁ= ଚରିଷ୍ଣୁ ଇତ୍ୟାଦି । ଶୀଳାଦି ଅର୍ଥରେ କମ୍ ପ୍ରଭୃତି ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଉକ (ସଂସ୍କୃତ ଉକଞ୍ ବା ଞୁକ୍) ପ୍ରତ୍ୟୟ ହେଲେ ଅନ୍ତ୍ୟସ୍ୱରର ଓ ଉପାନ୍ତ୍ୟ ଅକାରର ବୃଦ୍ଧି ହୁଏ, ଅନ୍ୟ ଉପାନ୍ତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ । ଯଥା—କମ୍+ଉକ=କାମୁକ, ଭୂ+ଉକ =ଭାବୁକ; ହନ୍+ଉକ=ଘାତୁକ (ହନ=ଘାତ) ଇତ୍ୟାଦି ।

ଜାଗୃ ପ୍ରଭୃତି ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଊକ ପ୍ରତ୍ୟୟ ହୁଏ, ଯଥା—ଜାଗୃ+ଊକ=ଜାଗରୂକ ।

ଶଦ୍ ସ୍ଥା ପ୍ରଭୃତି ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଊକ ପ୍ରତ୍ୟୟ ହେଲେ ସ୍ଥା ଧାତୁ ଭିନ୍ନ ଅନ୍ୟ ଧାତୁର ଅନ୍ତ୍ୟସ୍ୱରର ଗୁଣ ହୁଏ ଯଥା—

ଶଦ୍ + ରୁ = ଶଦ୍ରୁ, ଘ୍ରା + ରୁ = ଘ୍ରାରୁ, ମି + ରୁ = ମେରୁ, ଦା + ରୁ = ଦାରୁ ଇତ୍ୟାଦି ।

ଶୀଳାଦି ଅର୍ଥରେ ଭଞ୍ଜ୍, ଭାସ୍ ଓ ମିଦ୍ ଧାତୁର ଉତ୍ତର କର୍ତ୍ତୃ-ବାଚ୍ୟରେ ଉର (ସଂସ୍କୃତ ଘୁର) ପ୍ରତ୍ୟୟ ହେଲେ ଅନ୍ତ୍ୟଜ୍ ସ୍ଥାନରେ ଗ୍ ଓ୍ ଉପାନ୍ତ୍ୟ ଇ ସ୍ଥାନରେ ଏ ହୁଏ । ଯଥା—ଭଞ୍ଜ + ଉର = ଭଙ୍ଗୁର, ଭାସ୍ + ଉର = ଭାସୁର, ମିଦ୍ + ଉର = ମେଦୁର ଏବଂ ସେହି ଅର୍ଥରେ ଛିଦ୍, ଭିଦ୍ ଓ ବିଦ୍ ଧାତୁର ଉତ୍ତର ଉର (ସଂସ୍କୃତ କୁର) ପ୍ରତ୍ୟୟ ହେଲେ କିଛି ପରିବର୍ତ୍ତନ ହୁଏ ନାହିଁ; ଯଥା—ଛିଦ୍ + ଉର = ଛିଦୁର, ଭିଦ୍ + ଉର = ଭିଦୁର, ବିଦ୍ + ଉର = ବିଦୁର ।

ଶୀଳାଦି ଅର୍ଥରେ ନଶ୍, ଭାସ୍ ପ୍ରଭୃତି ଧାତୁର ଉତ୍ତର କର୍ତ୍ତୃ-ବାଚ୍ୟରେ ବର ( ସଂସ୍କୃତ ମ୍ବରୁପ, ବର ) ପ୍ରତ୍ୟୟ ହେଲେ ଧାତୁର ଗୁଣ ବୃଦ୍ଧ୍ୟାଦି କିଛି ହୁଏ ନାହିଁ । ଯଥା—ସ୍ଥା + ବର = ସ୍ଥାବର, ଈଶ + ବର = ଈଶ୍ବର, ଭାସ୍ + ବର = ଭାସ୍ୱର, ନଶ୍ + ବର = ନଶ୍ୱର ଇତ୍ୟାଦି ।

ଶୀଳାଦି ଅର୍ଥରେ ନମ୍ ପ୍ରଭୃତି ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ର ପ୍ରତ୍ୟୟ ହେଲେ ଅନ୍ତ୍ୟସ୍ୱରର ଓ ଉପାନ୍ତ୍ୟ ହ୍ରସ୍ୱସ୍ୱର ଥିଲେ ତାହାର ଗୁଣ ହୁଏ । ଯଥା—ନମ୍ + ର = ନମ୍ର, ହିଂସ୍ + ର = ହିଂସ୍ର, ସ୍ମି + ର = ସ୍ମେର, କମ୍ + ର = କମ୍ର, ଦୀପ + ର = ଦୀପ୍ର ।

କ୍ଷୁଦ୍ର ପ୍ରଭୃତି ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ର (ସଂସ୍କୃତ ରକ୍) ପ୍ରତ୍ୟୟ ହୁଏ । ଯଥା—କ୍ଷୁଦ୍ + ର = କ୍ଷୁଦ୍ର, ପଚ୍ + ର = ପକ୍ୱ, ଉଗ୍ + ର = ଉଗ୍ର, ରୋଦ + ର = ରୁଦ୍ର, ଭଦ୍ + ର = ଭଦ୍ର ଇତ୍ୟାଦି ।

କର୍ମବାଚ୍ୟରେ ମଧ୍ୟ ଧାତୁର ଉତ୍ତର, ରକ୍ ପ୍ରତ୍ୟୟ ହୁଏ । ଯଥା—ଛିଦ୍ + ର = ଛିଦ୍ର ଇତ୍ୟାଦି ।

ଶୀଳାର୍ଥ ଅର୍ଥରେ ଦୟା ପ୍ରଭୃତି ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଆଳୁ ପ୍ରତ୍ୟୟ ହୁଏ । ଯଥା—ଦୟା+ଆଳୁ=ଦୟାଳୁ, କୃପ୍+ଆଳୁ =କୃପାଳୁ, ନି—ଦ୍ରା+ଆଳୁ=ନିଦ୍ରାଳୁ, ତନ୍ଦ୍ରା+ଆଳୁ= ତନ୍ଦ୍ରାଳୁ, ଶ୍ରତ୍—ଧା+ଆଳୁ=ଶ୍ରଦ୍ଧାଳୁ ଇତ୍ୟାଦି ।

ଶୀଳାର୍ଥ ଅର୍ଥରେ ଇଷ୍ ଓ ଭିକ୍ଷ୍ ଏବଂ ସନନ୍ତ ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ଉ ପ୍ରତ୍ୟୟ ହୁଏ । ଉ ପ୍ରତ୍ୟୟ କଲେ ସନନ୍ତ ଧାତୁର ଅନ୍ତ୍ୟ ଅକାରର ଲୋପ ହୁଏ । ଯଥା—ଇଚ୍ଛ+ଉ=ଇଚ୍ଛୁ (ଇଷ୍= ଇଚ୍ଛ), ଭିକ୍ଷ୍+ଉ=ଭିକ୍ଷୁ, ଜିଜ୍ଞାସ+ଉ=ଜିଜ୍ଞାସୁ, ପିପାସ+ଉ =ପିପାସୁ, ଚିକୀର୍ଷ+ଉ=ଚିକୀର୍ଷୁ, ମୁମୂର୍ଷ+ଉ=ମୁମୂର୍ଷୁ, ଲିପ୍ସ +ଉ=ଲିପ୍ସୁ, ମୁମୁକ୍ଷ+ଉ=ମୁମୁକ୍ଷୁ, ବୁଭୁକ୍ଷ+ଉ=ବୁଭୁକ୍ଷୁ, ଯୁଯୁତ୍ସ+ଉ=ଯୁଯୁତ୍ସୁ, ଜିଗୀଷ+ଉ=ଜିଗୀଷୁ, ଜିଘାଂସ+ଉ= ଜିଘାଂସୁ, ଦିଦୃକ୍ଷ+ଉ=ଦିଦୃକ୍ଷୁ ଇତ୍ୟାଦି ।

କର୍ତ୍ତୃବାଚ୍ୟରେ ସ୍ୱୟମ୍ ବି, ଶମ୍ ଓ ପ୍ର ଶବ୍ଦର ପରସ୍ଥିତ ଭୂଧାତୁର ଉତ୍ତର ଉ (ସଂସ୍କୃତ ଡୁ) ପ୍ରତ୍ୟୟ ହେଲେ ଉକ୍ତ ଧାତୁର ଅନ୍ତ୍ୟ ଊର ଲୋପ ହୁଏ । ଯଥା—ସ୍ୱୟମ୍—ଭୂ+ଉ=ସ୍ୱୟମ୍ଭୂ, ବି—ଭୂ+ଉ= ବିଭୁ, ପ୍ର+ଭୂ=ପ୍ରଭୁ, ଶମ୍—ଭୂ+ଉ=ଶମ୍ଭୁ ।

କେତେଗୁଡ଼ିଏ ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ବର୍ତ୍ତମାନ କାଳରେ ଅତ୍ (ସଂସ୍କୃତ ଶତୃ) ପ୍ରତ୍ୟୟ ହୁଏ । ଅତ୍ ପ୍ରତ୍ୟୟ କଲେ କୌଣସି କୌଣସି ଧାତୁର ଅନ୍ତ୍ୟ ସ୍ୱରର ଗୁଣ ହୁଏ । ଯଥା—ଗଲ+ ଅତ=ଗଳତ (ଯାହା ତରଳୁଅଛି), ଏହିପରି ଜ+ଅତ୍=ଜଗତ୍, ଜ୍ୱଳ+ଅତ=ଜ୍ୱଳତ, ଚଳ+ଅତ୍=ଚଳତ୍, ଫଳ+ଅତ୍= ଫଳତ୍, ପଠ+ଅତ୍=ପଠତ୍, ଜୀବ+ଅତ୍=ଜୀବତ୍ ଇତ୍ୟାଦି ।

ଯଙନ୍ତ ନାମଧାତୁ ଏବଂ ଯଜ୍, କୃତ୍ ପ୍ରଭୃତି କେତେକ ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ବର୍ତ୍ତମାନ କାଳରେ ଆନ (ସଂସ୍କୃତ ଶାନ ବା

ଶାନର୍) ପ୍ରତ୍ୟୟ ହୁଏ । ଏହି ପ୍ରତ୍ୟୟ ପରେ ଥିଲେ ଅନେକ ସ୍ଥଳରେ ଅନ ପୂର୍ବରେ ଗୋଟିଏ ମ ର ଆଗମ ହୁଏ ଏବଂ ଦୀପ୍ ପ୍ରଭୃତି ଧାତୁର ଉତ୍ତର ଯ ଓ ଅନ୍ୟାନ୍ୟ ଧାତୁର ଉତ୍ତର ଅ ହୁଏ । ବୃତ୍ ପ୍ରଭୃତି ଧାତୁର ଉପାନ୍ତ୍ୟ ସ୍ୱରର ଗୁଣ ହୁଏ ଏବଂ କେତେକ ଧାତୁର ରୂପର ପରିବର୍ତ୍ତନ ହୁଏ । ଯଥା—ବେଦ୍ୟ+ ଅନ=ବେଦ୍ୟମାନ (ଯେ ଅତ୍ୟନ୍ତ ବେଦନ କରୁଅଛି ), ଏହିପରି ଜାଜ୍ୱଲ୍ୟ+ଅନ= ଜାଜ୍ୱଲ୍ୟମାନ,ଦେଦୀପ୍ୟ+ଅନ=ଦେଦୀପ୍ୟମାନ, ଦୋଦୁଲ୍ୟ+ଅନ =ଦୋଦୁଲ୍ୟମାନ, ଦଣ୍ଡାୟ+ଅନ=ଦଣ୍ଡାୟମାନ, ଶବ୍ଦାୟ+ଅନ =ଶବ୍ଦାୟମାନ, ଘୂର୍ଣ୍ଣାୟ+ଅନ=ଘୂର୍ଣ୍ଣାୟମାନ,ଫେନାୟ+ଅନ= ଫେନାୟମାନ, ଶ୍ୟାମାୟ+ଅନ=ଶ୍ୟାମାୟମାନ; ଦୀପ୍+ଅନ= ଦୀପ୍ୟମାନ; ବଦ୍+ଅନ=ବଦ୍ୟମାନ; ମୃ+ଅନ=ମ୍ରିୟମାଣ, ପରା—ଅୟ+ଅନ=ପଲାୟମାନ (ର_ଲ_), ଶୁଭ୍+ଅନ= ଶୋଭମାନ, ଲମ୍ବ+ଅନ=ଲମ୍ବମାନ, ବୃତ୍+ଅନ=ବର୍ତ୍ତମାନ, ବୃଧ୍+ଅନ=ବର୍ଦ୍ଧମାନ, ବହ୍+ଅନ=ବହମାନ, ବି—ରାଜ୍+ ଅନ=ବିରାଜମାନ, ଯଜ୍+ଅନ=ଯଜମାନ,ଶୀ+ଅନ=ଶୟାନ, ଆସ୍+ଅନ=ଆସୀନ,ସମ୍—ଦହ୍+ଅନ=ସନ୍ଦହାନ ଇତ୍ୟାଦି ।

କର୍ମବାଚ୍ୟରେ ଧାତୁର ଉତ୍ତର ବର୍ତ୍ତମାନକାଳରେ ଅନ ପ୍ରତ୍ୟୟ ହୁଏ । ଏଥିରେ ସବୁସ୍ଥଳରେ ଅନ ପୂର୍ବରେ ମ୍ ଓ ଧାତୁର ଅନ୍ତରେ ଯ୍ ର ଆଗମ ହୁଏ । ଅକାରାନ୍ତ ଧାତୁର ଅନ୍ତ୍ୟସ୍ୱର ସ୍ଥାନରେ ଗୋଟିଏ ଈ ଆଦେଶ ହୁଏ । ଅନ୍ୟ ଧାତୁର ଅନ୍ତ୍ୟ ଇ ଉ ଦୀର୍ଘ ହୁଏ ଏବଂ ଋ ସ୍ଥାନରେ ରି ହୁଏ । ଅଣ ପ୍ରୟୋଜକ ଧାତୁର ଅନ୍ତ୍ୟ ଇ ର ଲୋପ ହୁଏ । ଯଥା—ଦୁହ୍+ଅନ=ଦୁହ୍ୟମାନ, ଉପ—ଅସ୍+ ଅନ—ଉପାସ୍ୟମାନ, ପୂଜ୍+ଅନ=ପୂଜ୍ୟମାନ, ଘୃଣ୍+ଅନ= ଘୃଣ୍ୟମାନ, ଭଜ୍+ଅନ=ଭଜ୍ୟମାନ, ସେବ୍+ଅନ=ସେବ୍ୟ-

ମାନ, ବହ୍+ଅନ=ଉହ୍ୟମାନ; ଦା+ଅନ=ଦୀୟମାନ, ପା+ଅନ=ପୀୟମାନ; ଗୈ+ଅନ=ଗା+ଅନ=ଗୀୟମାନ, ପ୍ରତି—ଇ+ଅନ=ପ୍ରତୀୟମାନ, ସ୍ତୁ+ଅନ=ସ୍ତୂୟମାନ; କୃ+ଅନ=କ୍ରୀ+ଯ+ମ+ଅନ=କ୍ରିୟମାଣ; ଧୃ+ଅନ=ଧ୍ରିୟମାଣ; ଅମୃତାୟ+ଅନ=ଅମୃତାୟମାନ, ଭ୍ରମି+ଅନ=ଭ୍ରମ୍+ଅନ=ଭ୍ରମ+ଯ+ଅନ = ଭ୍ରାମ୍ୟମାଣ; ବାହି+ଅନ = ବାହ୍ୟମାନ ଇତ୍ୟାଦି ।

ଧାତୁର ଉତ୍ତର ଅତୀତକାଳରେ ଭିନ୍ନ ଭିନ୍ନ ବାଚ୍ୟରେ ତ (ସଂସ୍କୃତ କ୍ତ) ପ୍ରତ୍ୟୟ ହୁଏ । ଏହି ପ୍ରତ୍ୟୟ ପରେ ଥିଲେ ଧାତୁର ଗୁଣ ବୃଦ୍ଧି ହୁଏ ନାହିଁ । ଯଥା—ଖ୍ୟା+ତ=ଖ୍ୟାତ, ଜ୍ଞା+ତ=ଜ୍ଞାତ, ଧ୍ୟା+ତ=ଧ୍ୟାତ, ଯା+ତ=ଯାତ, ସ୍ନା+ତ=ସ୍ନାତ, ଇ+ତ=ଇତ; ଚି+ତ=ଚିତ, ଜି+ତ=ଜିତ, ସ୍ମି+ତ=ସ୍ମିତ, କ୍ରୀ+ତ=କ୍ରୀତ, ନୀ+ତ=ନୀତ, ପ୍ରୀ+ତ=ପ୍ରୀତ, ହ୍ରୀ+ତ=ହ୍ରୀତ, ଦ୍ରୁ+ତ=ଦ୍ରୁତ, ଦ୍ୟୁ+ତ=ଦ୍ୟୁତ, ଶ୍ରୁ+ତ=ଶ୍ରୁତ, ସ୍ତୁ+ତ=ସ୍ତୁତ, ସ୍ରୁ+ତ=ସ୍ରୁତ, ହୁ+ତ=ହୁତ, କୃ+ତ=କୃତ, ଅ—ଦୃ+ତ=ଅଦୃତ, ଦୃ+ତ=ଦୃତ, ଭୃ+ତ=ଭୃତ, ମୃ+ତ=ମୃତ, ସୃ+ତ=ସୃତ, ସ୍ତୃ+ତ=ସ୍ତୃତ, ବି—ସ୍ତୃ+ତ=ବିସ୍ତୃତ, ସ୍ମୃ+ତ=ସ୍ମୃତ, ବି—ସ୍ମୃ+ତ=ବିସ୍ମୃତ, ହୃ+ତ=ହୃତ, ଅପ—ହୃ+ତ=ଅପହୃତ, କ୍ଷିପ୍+ତ=କ୍ଷିପ୍ତ, ତପ୍+ତ=ତପ୍ତ; ତୃପ୍+ତ=ତୃପ୍ତ, ଲିପ୍+ତ=ଲିପ୍ତ, ଲୁପ୍+ତ=ଲୁପ୍ତ, ଅଭି—ଶପ୍+ତ=ଅଭିଶପ୍ତ, ଅ—କୃଷ୍+ତ=ଅକୃଷ୍ଟ, ତୁଷ୍+ତ=ତୁଷ୍ଟ; ଦୁଷ୍+ତ=ଦୁଷ୍ଟ, ଶାସ୍+ତ=ଶିଷ୍ଟ, ସମ୍—ଶ୍ଳିଷ+ତ=ସଂଶ୍ଳିଷ୍ଟ, ମୃଜ୍+ତ=ମୃଷ୍ଟ ।

ଏହି ପ୍ରତ୍ୟୟ ପରେ ଥିଲେ ଧାତୁର ଅନ୍ତସ୍ଥିତ ଚ୍ ଓ ଜ୍

ସ୍ଥାନରେ କ୍ ଏବଂ ଛ ଓ ଶ୍ ସ୍ଥାନରେ ଷ୍ ହୁଏ, ମାତ୍ର ଯଜ୍, ସୃଜ୍, ମୃଜ୍ ଓ ଭ୍ରସ୍ଜ ଧାତୁର ଜ ସ୍ଥାନରେ ଷ ହୁଏ ଏବଂ ଧାତୁର ଅନ୍ତସ୍ଥିତ ଦ, ଧ, ଭ ଏହି ବ୍ୟଞ୍ଜନବର୍ଣ୍ଣ ତ ସହିତ ମିଶି ଯଥାକ୍ରମେ ତ୍ତ, ଦ୍ଧ ଓ ବ୍ଧ ହୁଅନ୍ତି । ଯଥା—ମୁଚ୍+ତ=ମୁକ୍ତ, ବଚ୍+ତ=ବକ୍ତ, ସିଚ୍+ତ=ସିକ୍ତ, ତ୍ୟଜ୍+ତ=ତ୍ୟକ୍ତ, ଭଜ୍+ତ=ଭକ୍ତ, ଭୁଜ୍+ତ=ଭୁକ୍ତ, ଯୁଜ୍+ତ=ଯୁକ୍ତ, ଯଜ୍+ତ=ଇଷ୍ଟ (ଯ=ଇ), ସୃଜ୍+ତ ସୃଷ୍ଟ, ମୃଜ୍+ତ=ମୃଷ୍ଟ, ଭ୍ରସ୍ଜ୍+ତ=ଭୃଷ୍ଟ (ର=ଋ), ପ୍ରଚ୍ଛ୍+ତ=ପୃଷ୍ଟ, ଉପ—ଦଶ୍+ତ=ଉପଦିଷ୍ଟ, ଦୃଶ୍+ତ=ଦୃଷ୍ଟ, ଉପ—ବିଶ୍+ତ=ଉପବିଷ୍ଟ, ବଦ୍+ତ=ବତ୍ତ, କ୍ରୁଧ୍+ତ=କ୍ରୁଦ୍ଧ, ବୁଧ୍+ତ=ବୁଦ୍ଧ, ଯୁଧ୍+ତ=ଯୁଦ୍ଧ, ରୁଧ୍+ତ=ରୁଦ୍ଧ, ଶୁଧ୍+ତ=ଶୁଦ୍ଧ, ସିଧ୍+ତ=ସିଦ୍ଧ, ରଭ୍+ତ=ରବ୍ଧ, ଆରଭ୍+ତ=ଆରବ୍ଧ, ଲଭ୍+ତ=ଲବ୍ଧ ।

ଦହ ପ୍ରଭୃତି ଧାତୁର ହ କାର ତ ସହିତ ମିଶି ଗ୍ଧ ହୁଏ ଏବଂ ରୁହ ପ୍ରଭୃତି ଧାତୁର ହ୍ କାରର ଲୋପ ଓ ତ ସ୍ଥାନରେ ଢ ହୁଏ, ଆଉ ଲୁପ୍ତ ହକାରରେ ପୂର୍ବସ୍ଥିତ ହ୍ରସ୍ୱସ୍ୱର ଦୀର୍ଘ ହୁଏ; ଯଥା—ଦହ୍+ତ=ଦଗ୍ଧ, ଦହ+ତ=ଦଗ୍ଧ, ଏହିପରି ସଦଗ୍ଧ ; ଦୁହ୍+ତ=ଦୁଗ୍ଧ, ରୁହ୍+ତ=ରୂଢ, ଲିହ୍+ତ=ଲୀଢ ଇତ୍ୟାଦି ।

ଏହି ପ୍ରତ୍ୟୟ ପରେ ଥିଲେ କେତେକ ଧାତୁର ଉତ୍ତର ଗୋଟିଏ ଇକାରର ଆଗମ ହୁଏ । ଯଥା—ଲିଖ+ତ=ଲିଖିତ, ଲଙ୍ଘ+ତ=ଲଙ୍ଘିତ, ଅର୍ଚ୍ଚ+ତ=ଅର୍ଚ୍ଚିତ, ଚର୍ଚ୍ଚ+ତ=ଚର୍ଚ୍ଚିତ, ଯାଚ+ତ=ଯାଚିତ, ବର୍ଦ୍ଧ+ତ=ବର୍ଦ୍ଧିତ, ବାଞ୍ଛ୍+ତ=ବାଞ୍ଛିତ, ଗର୍ଜ୍ଜ୍+ତ=ଗର୍ଜ୍ଜିତ, ତର୍ଜ୍ଜ୍+ତ=ତର୍ଜ୍ଜିତ, ବି—ସର୍ଜ୍+ତ=ବିସର୍ଜିତ, ଘଟ୍+ତ=ଘଟିତ, ଚେଷ୍ଟ୍+ତ=ଚେଷ୍ଟିତ, ବେଷ୍ଟ୍+ତ=

ବେଷ୍ଟିତ, ପ୍ର—ସ୍ଫୁଟ୍+ତ=ପ୍ରସ୍ଫୁଟିତ, କୁଣ୍ଠ୍+ତ=କୁଣ୍ଠିତ, ପଠ୍+ତ=ପଠିତ, ଲୁଣ୍ଠ୍+ତ=ଲୁଣ୍ଠିତ, କ୍ରୀଡ଼୍+ତ=କ୍ରୀଡ଼ିତ, ମଣ୍ଡ୍+ତ=ମଣ୍ଡିତ, ଆ—ଲୋଡ଼+ତ=ଆଲୋଡ଼ିତ, ଘୂର୍ଣ୍ଣ+ତ =ଘୂର୍ଣ୍ଣିତ, ପତ+ତ=ପତିତ, ପ୍ରଥ୍+ତ=ପ୍ରଥିତ, ବ୍ୟଥ୍+ ତ=ବ୍ୟଥିତ, କନ୍ଦ୍+ତ=କନ୍ଦିତ, ଗାଦ୍+ତ=ଗାଦିତ, ନନ୍ଦ୍ +ତ=ନନ୍ଦିତ, ଆ—ନନ୍ଦ+ତ=ଆନନ୍ଦିତ, ମୁଦ୍+ତ= ମୁଦିତ, ରୁଦ୍+ତ=ରୁଦିତ, ବଦ୍+ତ=ବଦିତ, ବାଧ୍+ତ= ବାଧିତ, କୁପ୍+ତ=କୁପିତ, କମ୍ପ୍+ତ=କମ୍ପିତ, ଗୁମ୍ଫ୍+ତ =ଗୁମ୍ଫିତ, ଚୁମ୍ବ୍+ତ=ଚୁମ୍ବିତ, ଲମ୍ବ୍+ତ=ଲମ୍ବିତ, କ୍ଷୁଭ୍ +ତ=କ୍ଷୁଭିତ, କ୍ଷର୍+ତ=କ୍ଷରିତ, ଚର୍+ତ=ଚରିତ, ତ୍ୱର୍+ତ=ତ୍ୱରିତ, ସ୍ଫୁର୍+ତ=ସ୍ଫୁରିତ, ଗଲ+ତ= ଗଲିତ, ଚଲ୍+ତ=ଚଲିତ, ଜ୍ୱଲ୍+ତ=ଜ୍ୱଲିତ, ଦଲ୍+ତ=ଦଲିତ, ଫଲ୍+ତ=ଫଲିତ, ମିଲ୍+ତ =ମିଳିତ, ସ୍ଖଲ୍+ତ=ସ୍ଖଲିତ, ଖର୍ବ୍+ତ=ଖର୍ବିତ, ଗର୍ବ୍+ତ=ଗର୍ବିତ, ଜୀବ୍+ତ=ଜୀବିତ, ଧାବ୍+ତ=ଧାବିତ, ସେବ୍+ତ=ସେବିତ, ଇଷ୍+ତ=ଇଷିତ, ଏହିପରି ନସ୍ୱିଷିତ, ପସ୍ୱିଷିତ; ଆ—କାଙ୍କ୍ଷ୍+ତ=ଆକାଙ୍କ୍ଷିତ, ତୃଷ୍+ତ= ତୃଷିତ, ଭଷ୍+ତ=ଭଷିତ, ରଷ୍+ତ=ରଷିତ, ଶିଷ୍+ତ =ଶେଷିତ, ଭସ୍ମ୍+ତ=ଭସ୍ମିତ, ଶ୍ୱସ୍+ତ=ଶ୍ୱସିତ, ପ୍ର—ଶଂସ୍ +ତ=ପ୍ରଶଂସିତ, ହସ୍+ତ=ହସିତ, ଧ୍ୱଂସ୍ ତ=ଧ୍ୱଂସିତ, ଗର୍ହ୍+ତ=ଗର୍ହିତ, ରହ୍+ତ=ରହିତ, ଗ୍ରହ୍+ତ=ଗୃହୀତ, ( ଋ=ର୍, ଲ=ଳ ) ଇତ୍ୟାଦି ।

ଉକ୍ତ ତ ପରେ ଥିଲେ ପ୍ରଯୋଜକ ଧାତୁର ଅନ୍ତ୍ୟ ଇକାରର ଲୋପ-ହୁଏ; ଯଥା—ଭାବି+ତ=ଭାବିତ, ଷାଳି+ତ=ଷାଳିତ, ପାଳି+

ତ=ପାଳିତ, ଜାଣି+ତ=ଜାଣିତ, ଅର୍ଚ୍ଚି+ତ=ଅର୍ଚ୍ଚିତ, ସ୍ଥାପି+ତ=ସ୍ଥାପିତ, ଶ୍ରାବ+ତ=ଶ୍ରାବିତ,ବେପି+ତ=ବେପିତ,ଜନି+ତ=ଜନିତ ଇତ୍ୟାଦି ।

ଏହି ପ୍ରତ୍ୟୟ ପରେ ଥିଲେ ସନନ୍ତ ଓ ନାମଧାତୁର ଅନ୍ତ୍ୟ ଅକାରର ଲୋପ ହୁଏ ଏବଂ ତତ୍ପରେ ଗୋଟିଏ ଇକାରର ଆଗମ ହୁଏ; ଯଥା—ଚିକିତ୍ସ+ତ=ଚିକିତ୍ସିତ, ପିପାସ୍+ତ=ପିପାସିତ, ଏହିପରି ଚିକୀର୍ଷିତ, ମୀମାଂସିତ, ଜିଜ୍ଞାସିତ ଇତ୍ୟାଦି । ଦ୍ରୀପାୟ+ତ=ଦ୍ରୀପାୟିତ, ଲଲାୟ+ତ=ଲଲାୟିତ;ଏହିପରି ତରଙ୍ଗାୟିତ,ଗନ୍ଧାୟିତ ଇତ୍ୟାଦି । ଏହି ତ ପ୍ରତ୍ୟୟ ପରେ ଥିଲେ ଶୀ ଧାତୁ ସ୍ଥାନରେ ଶୟ ହୁଏ; ଯଥା—ଶୀ+ତ=ଶୟିତ ।

କୌଣସି କୌଣସି ପ୍ରତ୍ୟୟ ପରେ ଥିଲେ କେତେକ ଧାତୁର ଉତ୍ତର ନିତ୍ୟ ଓ କେତେକ ଧାତୁର ଉତ୍ତର ବିକଳ୍ପେ ଇ ହୁଏ; ମାତ୍ର ତ ପ୍ରତ୍ୟୟ ପରେ ଥିଲେ ସେହି ଧାତୁଗୁଡ଼ିକର ଉତ୍ତର ଇ ର ଆଗମ ହୁଏ ନାହିଁ ; ଯଥା—ଆ—ଶ୍ରି+ତ=ଆଶ୍ରିତ, ଯୁ+ତ=ଯୁତ, ଧୃ+ତ=ଧୃତ, ପୂ+ତ=ପୂତ, ଭୂ+ତ=ଭୂତ, ସୃ+ତ=ସୃତ, ଆ—ବୃ+ତ=ଆବୃତ, ଦୀପ୍+ତ=ଦୀପ୍ତ, ଧ୍ୱସ୍+ତ=ଧ୍ୱସ୍ତ, ସମ୍ପୃଚ୍+ତ=ସମ୍ପୃକ୍ତ, ଇଷ୍+ତ=ଇଷ୍ଟ, ଗୁପ୍+ତ=ଗୁପ୍ତ, ଅସ୍+ତ=ଅସ୍ତ, ଗ୍ରସ୍+ତ=ଗ୍ରସ୍ତ,ଧୃଷ୍+ତ=ଧୃଷ୍ଟ, ଗାହ୍+ତ=ଗାଢ, ଗୁହ+ତ=ଗୂଢ, ସ୍ନିହ୍+ତ=ସ୍ନିଗ୍ଧ, ମୁହ୍+ତ=ମୁଗ୍ଧ, ମୂଢ ଇତ୍ୟାଦି ।

ଏହି ପ୍ରତ୍ୟୟ ପରେ ଥିଲେ ଦିବ୍ ଓ ସିବ୍ ଧାତୁର ବ୍ ସ୍ଥାନରେ ଊ୍ ହୁଏ ; ଯଥା ଦିବ୍+ତ=ଦ୍ୟୂତ, ସିବ୍+ତ=ସ୍ୟୂତ ।

ଏହି ପ୍ରତ୍ୟୟ ପରେ ଥିଲେ କ୍ରମ୍ ଧାତୁର ଅ ସ୍ଥାନରେ ଆ ହୁଏ ; ଯଥା—କ୍ରମ୍+ତ=କ୍ରାନ୍ତ,କ୍ଲମ୍+ତ=କ୍ଲାନ୍ତ,ଷମ୍+ତ=

ଷାନ୍ତ, ତମ୍+ତ=ତାନ୍ତ, ଦମ୍+ତ=ଦାନ୍ତ, ଶମ୍+ତ=ଶାନ୍ତ, ଶ୍ରମ୍+ତ=ଶ୍ରାନ୍ତ, ଇତ୍ୟାଦି ।

ଏହି ପ୍ରତ୍ୟୟ ପରେ ଥିଲେ ଗମ୍, ହନ୍ ପ୍ରଭୃତି ଧାତୁର ଅନ୍ତ୍ୟ-ବର୍ଣ୍ଣର ଲୋପ ହୁଏ । ଯଥା ଗମ୍+ତ=ଗତ, ନମ୍+ତ=ନତ, ଯମ୍+ତ=ଯତ; ଏହିପରି ସଂଯତ, ରମ୍+ତ=ରତ, କ୍ଷଣ୍+ତ=କ୍ଷତ, ମନ୍+ତ=ମତ, ହନ୍+ତ=ହତ, ତନ୍+ତ=ତତ, ଏହିପରି ସନ୍ତତ, ବିତତ ଇତ୍ୟାଦି ।

ଏହି ପ୍ରତ୍ୟୟ ପରେ ଥିଲେ ଖନ୍, ଜନ୍, ପା ପ୍ରଭୃତି କେତେକ ଧାତୁର ନିମ୍ନଲିଖିତରୂପେ ପରିବର୍ତ୍ତନ ହୁଏ । ଯଥା—ଖନ୍+ତ= ଖାତ, ଜନ+ତ=ଜାତ, ସ୍ଥା+ତ=ସ୍ଥିତ, ମା+ତ=ମିତ; ଏହିପରି ପରିମିତ, ଶୋ+ତ=ଶିତ, ଶୀତ, ଧା+ତ=ହିତ, ଏହିପରି ବିହିତ, ଅଭିହିତ;ଗୈ+ତ=ଗୀତ; ଶୈ+ତ=ଶ୍ୟାନ; ପା+ତ=ପୀତ; ଦା+ତ=ଦତ୍ତ;ସ୍ଥାୟ୍+ତ=ସ୍ଫୀତ;ଧାବ୍+ତ =ଧୌତ, ପ୍ର—ଫୁଲ୍ଲ+ତ=ପ୍ରଫୁଲ୍ଲ,ଯଜ୍+ତ=ଇଷ୍ଟ,ବ୍ୟଧ୍+ତ =ବିଦ୍ଧ, ଆ—ହ୍ୱେ+ତ=ଆହୂତ ଇତ୍ୟାଦି ।

ଏହି ପ୍ରତ୍ୟୟ ପରେ ଥିଲେ ଦନ୍ଶ୍ ପ୍ରଭୃତି ଧାତୁର ଉପାନ୍ତ୍ୟ ନକାରର ଲୋପ ହୁଏ । ଯଥା—ଦନ୍ଶ୍+ତ=ଦଶ୍+ତ=ଦଷ୍ +ତ=ଦଷ୍ଟ,ରନ୍ଜ+ତ=ରକ୍ତ, ସନ୍ଜ୍+ତ=ସକ୍ତ, ବନ୍ଧ୍+ ତ=ବଦ୍ଧ, ସ୍ତନ୍ଭ+ତ=ସ୍ତବ୍ଧ, ଭ୍ରନ୍ସ୍+ତ=ଭ୍ରଷ୍ଟ, ଧ୍ୱନ୍ସ୍+ ତ=ଧ୍ୱସ୍ତ, ପ୍ର—ଶନ୍ସ+ତ=ପ୍ରଶସ୍ତ, ଗ୍ରନ୍ଥ୍+ତ=ଗ୍ରଥିତ, ମନ୍ଥ୍+ତ=ମଥିତ ଇତ୍ୟାଦି ।

ଏହି ପ୍ରତ୍ୟୟ ପରେ ଥିଲେ ମଦ୍ ପ୍ରଭୃତି ଭିନ୍ନ ଦକାରାନ୍ତ ଧାତୁର ଦ୍ ଓ ତତ୍ପରବର୍ତ୍ତୀ ପ୍ରତ୍ୟୟର ତ୍ ଉଭୟ ସ୍ଥାନରେ ଏବଂ ଲୁଞ୍ଚ୍ ପ୍ରଭୃତି କେତେକ ଧାତୁର କେବଳ ପ୍ରତ୍ୟୟର ତ୍ ସ୍ଥାନରେ

ନ ହୁଏ; ଯଥା—କ୍ଳିଦ୍+ତ=କ୍ଳିନ୍ନ, ଅଦ୍+ତ=ଅନ୍ନ, କ୍ଷୁଦ୍+ତ=କ୍ଷୁଣ୍ଣ, ଖିଦ୍+ତ=ଖିନ୍ନ, ଛିଦ୍+ତ=ଛିନ୍ନ, ଭିଦ୍+ତ=ଭିନ୍ନ, ପଦ୍+ତ=ପନ୍ନ, ଏହିପରି ଆପନ୍ନ, ବିପନ୍ନ; ସଦ୍+ତ=ସନ୍ନ, ଏହିପରି ପ୍ରସନ୍ନ, ବିଷଣ୍ଣ; ରୁଜ୍+ତ=ରୁଗ୍ଣ, ଉତ୍—ବିଜ୍+ତ=ଉଦ୍ବିଗ୍ନ, ଭୁଜ୍+ତ=ଭୁଗ୍ନ, ଭଞ୍ଜ୍+ତ=ଭଗ୍ନ, ମଜ୍ଜ୍+ତ=ମଗ୍ନ (ସଲେପ), ସୂ+ତ=ସୂନ; ଲୂ+ତ=ଲୂନ, ଧା+ତ=ଧାନ; ଡୀ+ତ=ଡୀନ; ଏହିପରି ଉଡ୍ଡୀନ, କ୍ଷି+ତ=କ୍ଷୀଣ (ଇ=ଈ); ପ୍ୟାୟ୍+ତ=ପୀନ (ପ୍ୟାୟ୍=ପୀ); ହ୍ଲା+ତ=ହ୍ଲୀନ (ହ୍ଲା=ହ୍ଲୀ); ମ୍ଳୈ+ତ=ମ୍ଳାନ ଇତ୍ୟାଦି।

ଏହି ପ୍ରତ୍ୟୟ ପରେ ଥିଲେ ଋକାରାନ୍ତ ଧାତୁର ଋ ସ୍ଥାନରେ ଈର୍ ହୁଏ ଆଉ ର୍‌ର ପରବର୍ତ୍ତୀ ପ୍ରତ୍ୟୟର ତ ସ୍ଥାନରେ ନ ହୁଏ। ଯଥା—କୄ+ତ=କୀର୍+ତ=କୀର୍ଣ୍ଣ; ଏହିପରି ବିକୀର୍ଣ୍ଣ, ସଂକୀର୍ଣ୍ଣ, ଗୄ+ତ=ଗୀର୍ଣ୍ଣ; ଜୄ+ତ=ଜୀର୍ଣ୍ଣ; ତୄ+ତ=ତୀର୍ଣ୍ଣ; ଏହିପରି ଉତ୍ତୀର୍ଣ୍ଣ; ବି—ଦୄ+ତ=ବିଦୀର୍ଣ୍ଣ, ଶୄ+ତ=ଶୀର୍ଣ୍ଣ, ବି—ସ୍ତୄ+ତ=ବିସ୍ତୀର୍ଣ୍ଣ, ପୂର୍+ତ=ପୂର୍ଣ୍ଣ, ଚୂର୍+ତ=ଚୂର୍ଣ୍ଣ ଇତ୍ୟାଦି।

ଘ୍ରା ପ୍ରଭୃତି କେତେକ ଧାତୁର ପ୍ରତ୍ୟୟର ତ ଓ ତତ୍ପୂର୍ବ-ବର୍ତ୍ତୀ ଦ ବିକଳ୍ପେ ନ ହୁଏ; ଯଥା—ଘ୍ରା+ତ=ଘ୍ରାଣ, ଘ୍ରାତ; ତ୍ରୈ+ତ=ତ୍ରାଣ, ତ୍ରାତ, ନି—ଦ୍ରା+ତ=ନିଦ୍ରାଣ, ନିଦ୍ରିତ।

କ୍ଳିଶ୍, ହୃଷ୍ ପ୍ରଭୃତି କେତେକ ଧାତୁର ଉତ୍ତର ବିକଳ୍ପେ ଇ ର ଆଗମ ହୁଏ; ଯଥା—କ୍ଳିଶ୍+ତ=କ୍ଳିଷ୍ଟ, କ୍ଳିଶିତ; ହୃଷ୍+ତ=ହୃଷ୍ଟ, ହୃଷିତ, ରୁଷ୍+ତ=ରୁଷ୍ଟ, ରୁଷିତ; ବି—ଶ୍ୱସ୍+ତ=ବିଶ୍ୱସ୍ତ, ବିଶ୍ୱସିତ; ଏହିପରି ଆଶ୍ୱସ୍ତ, ଆଶ୍ୱସିତ; କ୍ଷପ୍+ତ=କ୍ଷପ୍ତ, କ୍ଷପିତ; ଛଦ+ତ=ଛନ୍ନ (ଛଦ=ଛଦ୍), ଛଦିତ; ଜ୍ଞପି+ତ=ଜ୍ଞପ୍ତ (ଜ୍ଞପି=ଜ୍ଞପ୍) ଜ୍ଞପିତ ଇତ୍ୟାଦି।

ଏହି ପ୍ରତ୍ୟୟ ପରେ ଥିଲେ କ୍ଷୁଧ୍ ଓ ବସ୍ ଧାତୁର ଉତ୍ତର ଇ ହୁଏ । ବସ୍, ବଚ୍ ପ୍ରଭୃତି ଧାତୁର ବ ସ୍ଥାନରେ ଉ ହୁଏ; ଯଥା— କ୍ଷୁଧ୍+ତ=କ୍ଷୁଧିତ, ବସ୍+ତ=ଉଷିତ, ବଚ୍+ତ=ଉକ୍ତ, ବଦ୍+ତ=ଉଦିତ, ଏହିପରି ଅନୁଦିତ, ବପ୍+ତ=ଉପ୍ତ, ବହ୍+ତ=ଊଢ଼, ସ୍ୱପ୍+ତ=ସୁପ୍ତ ।

ଏହି ପ୍ରତ୍ୟୟ ପରେ କ୍ଷୈ, ପଚ୍ ଓ ଶୁଷ୍ ଧାତୁ ସ୍ଥାନରେ ଯଥାକ୍ରମରେ କ୍ଷାମ, ପକ୍ୱ ଓ ଶୁଷ୍କ ହୁଏ । ଯଥା—କ୍ଷୈ+ତ=କ୍ଷାମ, ପଚ୍+ତ=ପକ୍ୱ, ଶୁଷ୍+ତ=ଶୁଷ୍କ।

ପୂର୍ବୋକ୍ତ ତ ପ୍ରତ୍ୟୟାନ୍ତ ପଦମାନଙ୍କ ମଧ୍ୟରୁ ଯେଉଁଗୁଡ଼ିକ ଅକର୍ମକ ଧାତୁରୁ, ପ୍ରାପ୍ତି ଓ ଗମନାର୍ଥ ଧାତୁରୁ, ଆଙ୍ ଜନ୍, ରୁହ୍ ପ୍ରଭୃତି କେତେକ ଧାତୁରୁ ନିଷ୍ପନ୍ନ, ସେଗୁଡ଼ିକ କର୍ତ୍ତୃବାଚ୍ୟ ଅଟେ ଏବଂ କର୍ତ୍ତାର ବିଶେଷଣ ହୁଏ; ଯଥା—ଜାଗୃ+ତ=ଜାଗରିତ (ଯେ ଜାଗିଅଛି), ଏହିପରି ମୃତ, ଭୀତ, ଶୁଷ୍କ, ଶୟିତ, ନିଦ୍ରିତ, ସ୍ଥିତ, ଅଧିଷ୍ଠିତ, ପ୍ରାପ୍ତ, ଗତ, ପ୍ରସ୍ଥିତ, ଜାତ, ଆରୂଢ଼, ଶ୍ଳିଷ୍ଟ ଇତ୍ୟାଦି ।

ସମୁଦାୟ ସକର୍ମକ ଧାତୁରେ ନିଷ୍ପନ୍ନ ତ ପ୍ରତ୍ୟୟାନ୍ତ ଶବ୍ଦ କର୍ମ-ବାଚ୍ୟ ଅଟେ ଓ କର୍ମର ବିଶେଷଣ ହୁଏ; ଯଥା—କୃ+ତ=କୃତ, ଏହିପରି ଶ୍ରୁତ, ଭୁକ୍ତ, ହୃତ, ଲିଖିତ ଇତ୍ୟାଦି ।

ଭାବବାଚ୍ୟରେ ମଧ୍ୟ ଧାତୁର ଉତ୍ତର ତ ପ୍ରତ୍ୟୟ ହୁଏ; ଯଥା— ଜନ୍+ତ=ଜାତ (ଜନ୍ମ), ଜୀବ୍+ତ=ଜୀବିତ(ଜୀବନ), ମୃ+ତ= ମୃତ(ମରଣ), ଗୈ+ତ=ଗୀତ(ଗାନ), ଚର୍+ତ=ଚରିତ (ଆଚରଣ)

ଭାବବାଚ୍ୟରେ ଧାତୁର ଉତ୍ତର ତି (କ୍ତି, କ୍ତିନ୍) ପ୍ରତ୍ୟୟ ହୁଏ । ତ ପ୍ରତ୍ୟୟର ପୂର୍ବୋକ୍ତ ସମସ୍ତ ନିୟମ ତି ପ୍ରତ୍ୟୟ ପ୍ରତି ପ୍ରଯୋଜ୍ୟ; ଯଥା—ଖ୍ୟା+ତି=ଖ୍ୟାତି, ମା+ତି=ମିତି, ଏହିପରି ପରିମିତି; ସ୍ଥା+ତି=ସ୍ଥିତି, ଇ+ତି=ଇତି, ନୀ+ତି=ନୀତି,

ପ୍ରୀ+ତ=ପ୍ରୀତ, ଶ୍ରି+ତ=ଶ୍ରିତ, ଚ୍ୟୁ+ତ=ଚ୍ୟୁତ=ଦ୍ରୁ+ତ=ଦ୍ରୁତ, ଶ୍ରୁ+ତ=ଶ୍ରୁତ; ସ୍ତୁ+ତ=ସ୍ତୁତ, ହୂ+ତ=ହୂତ, କୃ+ତ=କୃତ, ଧୃ+ତ=ଧୃତ, ଭୃ+ତ=ଭୃତ, ବୃ+ତ=ବୃତ, ସ୍ମୃ+ତ=ସ୍ମୃତ, ଶକ୍+ତ=ଶକ୍ତ, ମୁଚ୍+ତ=ମୁକ୍ତ, ବଚ୍+ତ=ଉକ୍ତ, ଭୁଜ୍+ତ=ଭୁକ୍ତ, ଯଜ୍+ତ=ଇଷ୍ଟ, ଯୁଜ+ତ=ଯୁକ୍ତ, ସୃଜ୍+ତ=ସୃଷ୍ଟ, କୃତ୍+ତ=କୃତ, ବୃତ୍+ତ=ବୃତ୍ତ, ଅ—ପଦ୍+ତ=ଅପତ୍ତ, ଭଦ୍+ତ=ଭତ୍ତ, ବୃଧ୍+ତ=ବୃଦ୍ଧ, ଶୁଧ୍+ତ=ଶୁଦ୍ଧ, ସିଧ୍+ତ=ସିଦ୍ଧ, କ୍ଷଣ୍+ତ=କ୍ଷତ, ମନ୍+ତ=ମତ, ଆପ୍+ତ=ଆପ୍ତ, ଏହିପରି ପ୍ରାପ୍ତ; ତୃପ୍+ତ=ତୃପ୍ତ, ଦୀପ୍+ତ=ଦୀପ୍ତ, ସ୍ୱପ୍+ତ=ସୁପ୍ତ, ଲଭ୍+ତ=ଲବ୍ଧ, ଏହିପରି ଉପଲବ୍ଧ, କମ୍+ତ=କାନ୍ତ, ଦମ୍+ତ=ଦାନ୍ତ, କ୍ଷମ୍+ତ=କ୍ଷାନ୍ତ, ଗମ୍+ତ=ଗତ, ନମ୍+ତ=ନତ, ଏହିପରି ବିନତ, ଉନ୍ନତ; ଭ୍ରମ୍+ତ=ଭ୍ରାନ୍ତ, ଶମ୍+ତ=ଶାନ୍ତ, ଶ୍ରମ୍+ତ=ଶ୍ରାନ୍ତ, ଦୃଶ୍+ତ=ଦୃଷ୍ଟ, ତୁଷ୍+ତ=ତୁଷ୍ଟ, ପୁଷ୍+ତ=ପୁଷ୍ଟ, ବୃଷ୍+ତ=ବୃଷ୍ଟ, ରୁହ୍+ତ=ରୂଢ଼, ଗ୍ଲୈ+ତ=ଗ୍ଲାନ, ମ୍ଲୈ+ତ=ମ୍ଲାନ, ହା+ତ=ହୀନ, ଅନୁ—ରଞ୍ଜ୍+ତ=ଅନୁରକ୍ତ, ଅ—ସଞ୍ଜ୍+ତ=ଆସକ୍ତ ଇତ୍ୟାଦି ।

କର୍ମବାଚ୍ୟରେ ଭବିଷ୍ୟତ୍ କାଳରେ ଓ ଔଚିତ୍ୟ ଯୋଗ୍ୟତା ପ୍ରଭୃତି ଅର୍ଥରେ ଧାତୁର ଉତ୍ତର ତବ୍ୟ ପ୍ରତ୍ୟୟ ହୁଏ । ତବ୍ୟ ପ୍ରତ୍ୟୟ ହେଲେ ଧାତୁର ଅନ୍ତ୍ୟ ସ୍ୱରର ଓ ଉପାନ୍ତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ ଏବ ଦୃଶ୍ ପ୍ରଭୃତି ଧାତୁର ଋ ସ୍ଥାନରେ ର ହୁଏ; ଅଜ ଗ୍ରହ ପ୍ରଭୃତି କେତେକ ଧାତୁର ଉତ୍ତର ଗୋଟିଏ ଇ ଆଗମ ହୁଏ । ଯଥା :—
ଦା+ତବ୍ୟ=ଦାତବ୍ୟ (ଯେଉଁ ବସ୍ତୁ ଦାନ କରାଯିବ), ସ୍ଥା+ତବ୍ୟ=ସ୍ଥାତବ୍ୟ, ଶ୍ରୁ+ତବ୍ୟ=ଶ୍ରୋତବ୍ୟ, କୃ+ତବ୍ୟ=କର୍ତ୍ତବ୍ୟ,

ବଚ୍+ତବ୍ୟ=ବକ୍ତବ୍ୟ, ପ୍ରଚ୍ଛ୍+ତବ୍ୟ=ପ୍ରଷ୍ଟବ୍ୟ, ତ୍ୟଜ୍+ତବ୍ୟ=ତ୍ୟକ୍ତବ୍ୟ, ଭୁଜ୍+ତବ୍ୟ=ଭୋକ୍ତବ୍ୟ, ମନ୍+ତବ୍ୟ=ମନ୍ତବ୍ୟ, ହନ୍+ତବ୍ୟ=ହନ୍ତବ୍ୟ, ଗମ୍+ତବ୍ୟ=ଗନ୍ତବ୍ୟ, ଦୃଶ୍+ତବ=ଦ୍ରଷ୍ଟବ୍ୟ, ସ୍ପୃଶ୍+ତବ୍ୟ=ସ୍ପ୍ରଷ୍ଟବ୍ୟ, ଗ୍ରହ୍+ତବ୍ୟ=ଗ୍ରହିତବ୍ୟ ଇତ୍ୟାଦି ।

କର୍ମବାଚ୍ୟରେ ଧାତୁର ଉତ୍ତର ଅନୀୟ ପ୍ରତ୍ୟୟ ହେଲେ ଧାତୁର ଅନ୍ତ୍ୟ ସ୍ୱରର ଓ ଉପାନ୍ତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ ଆଉ ପ୍ରଯୋଜକ ଧାତୁର ଅନ୍ତ୍ୟ ସ୍ୱରର ଲୋପ ହୁଏ, ଯଥା—ପା+ଅନୀୟ=ପାନୀୟ, ଚି+ଅନୀୟ=ଚୟନୀୟ, ଶ୍ରୁ+ଅନୀୟ=ଶ୍ରବଣୀୟ, କୃ+ଅନୀୟ=କରଣୀୟ, ସ୍ମୃ+ଅନୀୟ=ସ୍ମରଣୀୟ, ହୃ+ଅନୀୟ=ହରଣୀୟ, ସିଚ୍+ଅନୀୟ=ସେଚନୀୟ, ଶୁଚ୍+ଅନୀୟ=ଶୋଚନୀୟ ଭୁଜ୍+ଅନୀୟ=ଭୋଜନୀୟ, ଯୁଜ୍+ଅନୀୟ=ଯୋଜନୀୟ, ଛିଦ୍+ଅନୀୟ=ଛେଦନୀୟ, ତୁଷ୍+ଅନୀୟ=ତୋଷଣୀୟ, ଦୃଶ୍+ଅନୀୟ=ଦର୍ଶନୀୟ, ହସ୍+ଅନୀୟ=ହସନୀୟ, ଆ—ରାଧ୍+ଅନୀୟ=ଆରାଧନୀୟ, ବନ୍ଦ୍+ଅନୀୟ=ବନ୍ଦନୀୟ, ନିନ୍ଦ୍+ଅନୀୟ=ନିନ୍ଦନୀୟ, ମାନ୍+ଅନୀୟ=ମାନନୀୟ, ରକ୍ଷ୍+ଅନୀୟ=ରକ୍ଷଣୀୟ, କମ୍+ଅନୀୟ=କମନୀୟ, ବଚ୍+ଅନୀୟ=ବଚନୀୟ, ପୂଜ+ଅନୀୟ=ପୂଜନୀୟ, ଅର୍ଚ୍ଚି+ଅନୀୟ=ଅର୍ଚ୍ଚନୀୟ, ଯାପି+ଅନୀୟ=ଯାପନୀୟ, ସ୍ଥାପି+ଅନୀୟ=ସ୍ଥାପନୀୟ, ବେପି+ଅନୀୟ=ବେପଣୀୟ, ଜ୍ଞାପି+ଅନୀୟ=ଜ୍ଞାପନୀୟ, ଅଧ୍ୟାପି+ଅନୀୟ=ଅଧ୍ୟାପନୀୟ, ପାଲି+ଅନୀୟ=ପାଳନୀୟ, ଶୋଧି+ଅନୀୟ=ଶୋଧନୀୟ, ଚିନ୍ତ୍+ଅନୀୟ=ଚିନ୍ତନୀୟ ଇତ୍ୟାଦି ।

ଅନ୍ୟ ବାଚ୍ୟରେ ମଧ୍ୟ ଅନୀୟ ପ୍ରତ୍ୟୟ ହୁଏ ଯଥା, କର୍ତ୍ତୃବାଚ୍ୟ—ଲେଭ+ଅନୀୟ=ଲେଭନୀୟ, ଅଧିକରଣବାଚ୍ୟ—ଶୀ+ଅନୀୟ=ଶୟନୀୟ ।

କର୍ମବାଚ୍ୟରେ ସ୍ୱରାନ୍ତ ଧାତୁର ଶକ୍, ସହ୍ ଓ ପ ବର୍ଗାନ୍ତ ଧାତୁର ଏବଂ ଉପସର୍ଗହୀନ ଗଦ୍ ପ୍ରଭୃତି ଧାତୁର ଉତ୍ତର ଯ ( ସଂସ୍କୃତ ଯତ୍ ) ପ୍ରତ୍ୟୟ ହେଲେ ଅନ୍ତ୍ୟସ୍ୱର ଓ ଉପାନ୍ତ୍ୟ ହ୍ରସ୍ୱସ୍ୱର ଗୁଣ ହୁଏ । ଆଉ ଧାତୁର ଅନ୍ତ୍ୟ ଆ ସ୍ଥାନରେ ଏ, ଓ ସ୍ଥାନରେ ଅବ୍ ଏବଂ ଔ ସ୍ଥାନରେ ଆବ୍ ହୁଏ; ଯଥା—ଚି + ଯ = ଚେୟ, ଜି + ଯ = ଜେୟ, ନୀ + ଯ = ନେୟ, ଶ୍ରୁ + ଯ = ଶ୍ରୋ + ଯ = ଶ୍ରବ୍ + ଯ = ଶ୍ରବ୍ୟ, ହୁ + ଯ = ହବ୍ୟ, ପା + ଯ = ପେୟ, ଦା + ଯ = ଦେୟ, ଅନୁ—ମା + ଯ = ଅନୁମେୟ, ଗୈ + ଯ = ଗା + ଯ = ଗେୟ, ସ୍ଥା + ଯ = ସ୍ଥେୟ, ହା + ଯ = ହେୟ, ଧା + ଯ = ଧେୟ; ଏହିପରି ବଧେୟ, ଅବଧେୟ, ଶକ୍ + ଯ = ଶକ୍ୟ, ସହ୍ + ଯ = ସହ୍ୟ, ଲଭ୍ + ଯ = ଲଭ୍ୟ, ନମ୍ + ଯ = ନମ୍ୟ, ଗଦ୍ + ଯ = ଗଦ୍ୟ ଇତ୍ୟାଦି ।

ଅନ୍ୟ ବାଚ୍ୟରେ ମଧ୍ୟ ଧାତୁର ଉତ୍ତର ଯ ପ୍ରତ୍ୟୟ ହୁଏ । ଯଥା— କର୍ତ୍ତୃବାଚ୍ୟ—ଭୂ + ଯ = ଭବ୍ୟ । କରଣବାଚ୍ୟ—ମଦ + ଯ = ମଦ୍ୟ । ଅଧିକରଣବାଚ୍ୟ—ରମ + ଯ = ରମ୍ୟ ।

ଋକାରାନ୍ତ ଓ ବ୍ୟଞ୍ଜନାନ୍ତ ଧାତୁର ଉତ୍ତର କର୍ମବାଚ୍ୟରେ ଯ (ସଂସ୍କୃତ ଘ୍ୟଣ୍, ଣ୍ୟତ୍) ପ୍ରତ୍ୟୟ ହେଲେ, ଧାତୁର ଅନ୍ତ୍ୟସ୍ୱରର ଓ ଉପାନ୍ତ୍ୟ ଅକାରର ବୃଦ୍ଧି, ଆଉ ଉପାନ୍ତ୍ୟ ହ୍ରସ୍ୱସ୍ୱର ଗୁଣ ହୁଏ । ଆଉ କେତେକ ସ୍ଥଳରେ ଧାତୁର ଅନ୍ତ୍ୟ ଚ୍ ସ୍ଥାନରେ କ୍ ଓ ଜ୍ ସ୍ଥାନରେ ଗ୍ ହୁଏ; ଯଥା = କୃ + ଯ = କାର୍ଯ୍ୟ, ଧୃ + ଯ = ଧାର୍ଯ୍ୟ, ସ୍ମୃ + ଯ = ସ୍ମାର୍ଯ୍ୟ, ହୃ + ଯ = ହାର୍ଯ୍ୟ, ଋ + ଯ = ଆର୍ଯ୍ୟ, ବଚ୍ + ଯ = ବାଚ୍ୟ, ସିଚ୍ + ଯ = ସେଚ୍ୟ, ତ୍ୟଜ୍ + ଯ = ତ୍ୟାଜ୍ୟ, ଯଜ୍ + ଯ = ଯାଜ୍ୟ, ଯୁଜ୍ + ଯ = ଯୋଜ୍ୟ, ଭଜ୍ + ଯ = ଭାଜ୍ୟ, ଭୁଜ୍ + ଯ = ଭୋଜ୍ୟ, ବୁଧ୍ + ଯ = ବୋଧ୍ୟ, ଛିଦ୍ + ଯ = ଛେଦ୍ୟ, ଭିଦ୍ + ଯ = ଭେଦ୍ୟ, ବିଦ୍ + ଯ = ବେଦ୍ୟ, ମନ୍ + ଯ = ମାନ୍ୟ, ଭକ୍ଷ୍ + ଯ =

ଭକ୍ଷ୍ୟ, ଶ୍ଵସ୍+ଯ=ଶ୍ଵାସ୍ୟ; ଏହିପରି ବିଶ୍ଵାସ୍ୟ, ହସ୍+ଯ=ହାସ୍ୟ, ବହ୍+ଯ=ବାହ୍ୟ, ପଠ୍+ଯ=ପାଠ୍ୟ, ଦହ୍+ଯ=ଦାହ୍ୟ, ଗ୍ରହ୍+ଯ=ଗ୍ରାହ୍ୟ । ଅର୍ଥଭେଦରେ ବଚ୍‌ରୁ ବାଚ୍ୟ, ଭୁଜ୍‌ରୁ ଭୋଗ୍ୟ ଓ ଯୁଜ୍‌ରୁ ଯୋଗ୍ୟ ହୁଏ ।

ଭାବବାଚ୍ୟରେ ମଧ୍ୟ ଧାତୁର ଉତ୍ତର ଏହି ପ୍ରତ୍ୟୟ ହୁଏ । ଯଥା—କୃ+ଯ=କାର୍ଯ୍ୟ, ହସ୍+ଯ=ହାସ୍ୟ ଇତ୍ୟାଦି ।

ଭୃ, ଶାସ୍ ପ୍ରଭୃତି ଧାତୁର ଉତ୍ତର କର୍ମବାଚ୍ୟରେ ଯ (ସଂସ୍କୃତ କ୍ୟପ୍) ପ୍ରତ୍ୟୟ ହେଲେ ଧାତୁର ଗୁଣ ବୃଦ୍ଧି କିଛି ହୁଏ ନାହିଁ, କେବଳ ହ୍ରସ୍ଵସ୍ଵରାନ୍ତ ଧାତୁର ଉତ୍ତର ଗୋଟିଏ ତ୍ ର ଆଗମ ହୁଏ ; ଯଥା—ଭୃ+ଯ=ଭୃତ୍ୟ, ସ୍ତୁ+ଯ=ସ୍ତୁତ୍ୟ, ଶାସ୍+ଯ=ଶିଷ୍ୟ (ଆ=ଇ) ଇତ୍ୟାଦି ।

କୃ, ଗୁହ୍ ପ୍ରଭୃତି ଧାତୁର ଉତ୍ତର କର୍ମବାଚ୍ୟରେ ବିକଳ୍ପେ ଯ ( ସଂସ୍କୃତ କ୍ୟପ୍ ) ପ୍ରତ୍ୟୟ ହୁଏ ; ଯଥା—କୃ+ଯ=କୃତ୍ୟ, କାର୍ଯ୍ୟ; ଗୁହ୍+ଯ=ଗୁହ୍ୟ, ଗୋହ୍ୟ; ଦୁହ୍+ଯ=ଦୁହ୍ୟ, ଦୋହ୍ୟ ।

ଭାବବାଚ୍ୟରେ ମଧ୍ୟ ଧାତୁର ଉତ୍ତର ଯ (ସଂସ୍କୃତ କ୍ୟପ୍) ପ୍ରତ୍ୟୟ ହୁଏ, ଯଥା—କୃ+ଯ=କୃତ୍ୟ, ନୃତ୍+ଯ=ନୃତ୍ୟ, ପରି—ଚର୍+ଯ=ପରିଚର୍ଯ୍ୟା ଇତ୍ୟାଦି ।

କୃ, ଶୀ ଓ ମୃଗ ଧାତୁର ଉତ୍ତର ଭାବବାଚ୍ୟରେ ଏହି ଯ ପ୍ରତ୍ୟୟ କରି ନିପାତନରେ ନିମ୍ନଲିଖିତରୂପେ ପଦ ନିଷ୍ପନ୍ନ ହୁଏ ; ଯଥା—କୃ+ଯ=କ୍ରିୟା, ଶୀ+ଯ=ଶଯ୍ୟା, ମୃଗ+ଯ=ମୃଗୟା ।

କରଣ ଓ ଅଧିକରଣବାଚ୍ୟରେ ମଧ୍ୟ ଯ (ସଂସ୍କୃତ କ୍ୟପ୍, ଘ୍ୟଣ୍) ପ୍ରତ୍ୟୟ ହୁଏ ଏବଂ ପ୍ରତ୍ୟୟାନ୍ତ ଶବ୍ଦ ସ୍ତ୍ରୀଲିଙ୍ଗ ହୁଏ; ଯଥା—କରଣ-ବାଚ୍ୟରେ—ବିଦ୍+ଯ=ବିଦ୍ୟା ( ଯାହାଦ୍ଵାରା ଧର୍ମାଧର୍ମ ଜଣାଯାଏ ), ଅଧିକରଣବାଚ୍ୟରେ—ଶୀ+ଯ=ଶଯ୍ୟା ( ଯହିଁରେ ଶୁଆଯାଏ ),

ଏହିପରି—ମୃଗ୍+ଯ=ମୃଗୟା (ନିପାତନ); ସ୍ୱଇନ୍—ସୁ+ଯ =ସ୍ୱଇସୂୟ (ନିପାତନ), ଅମା—ବସ୍+ଯ=ଅମାବସ୍ୟା ।

ଉପମାନବାଚକ ତଦ୍, ଯଦ୍ ପ୍ରଭୃତି ଶବ୍ଦର ପରବର୍ତ୍ତୀ ଦୃଶ୍ ଧାତୁର ଉତ୍ତର କର୍ମବାଚ୍ୟରେ ଅ (ସଂସ୍କୃତ ଟକ୍) ପ୍ରତ୍ୟୟ ହୋଇ ନିମ୍ନଲିଖିତରୂପେ ପଦ ନିଷ୍ପନ୍ନ ହୁଏ ; ଯଥା—ତଦ୍—ଦୃଶ୍+ଅ= ତାଦୃଶ, ଯଦ୍—ଦୃଶ୍+ଅ=ଯାଦୃଶ, ଏତଦ୍—ଦୃଶ୍+ଅ= ଏତାଦୃଶ, ଅସ୍ମଦ୍—ଦୃଶ୍+ଅ=ମାଦୃଶ, ଅସ୍ମାଦୃଶ୍ୟ; ଇଦମ୍—ଦୃଶ୍ +ଅ=ଈଦୃଶ, କିମ୍—ଦୃଶ୍+ଅ=କୀଦୃଶ, ଭବତ—ଦୃଶ୍+ଅ =ଭବାଦୃଶ, ସମାନ—ଦୃଶ୍+ଅ=ସଦୃଶ ।

ଏହି ସବୁ ଶବ୍ଦର ପରବର୍ତ୍ତୀ ଦୃଶ୍ଧାତୁର ଉତ୍ତର କର୍ମବାଚ୍ୟରେ କ୍ୱିନ୍ ପ୍ରତ୍ୟୟ ହୋଇ ଈଦୃକ୍, ତାଦୃକ୍ ପ୍ରଭୃତି ଶବ୍ଦ ନିଷ୍ପନ୍ନ ହୁଏ; ମାତ୍ର ଓଡ଼ିଆରେ ଏଭଳି ପ୍ରୟୋଗ ବିରଳ ।

ସୁ ଓ ଦୁର ଶବ୍ଦର ପରବର୍ତ୍ତୀ ଧାତୁର ଉତ୍ତର କର୍ମବାଚ୍ୟରେ ଅ (ସଂସ୍କୃତ ଖଲ) ପ୍ରତ୍ୟୟ ହେଲେ ଧାତୁର ଅନ୍ତ୍ୟସ୍ୱରର ଓ ଉପାନ୍ତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ ; ଯଥା—ସୁ—କୃ+ଅ=ସୁକର, ଦୁର୍—କୃ +ଅ=ଦୁଷ୍କର, ଏହିପରି ସୁଗମ, ସୁବହ, ଦୁର୍ବହ, ସୁଲଭ, ଦୁର୍ଲ୍ଲଭ, ଦୁସ୍ତର, ଦୁର୍ବାର, ଦୁର୍ଦ୍ଦମ, ଦୁର୍ଘଟ ଇତ୍ୟାଦି ।

ନୀ ପ୍ରଭୃତି ଧାତୁର ଉତ୍ତର କରଣବାଚ୍ୟରେ ତ୍ର ପ୍ରତ୍ୟୟ ହେଲେ ଧାତୁର ଅନ୍ତ୍ୟସ୍ୱରର ଓ ଉପାନ୍ତ୍ୟ ହ୍ରସ୍ୱସ୍ୱର ଥିଲେ ତାହାର ଗୁଣ ହୁଏ; ଯଥା—ନୀ+ତ୍ର=ନେତ୍ର, ଦୋ+ତ୍ର=ଦା+ତ୍ର= ଦାତ୍ର, ସ୍ତୁ+ତ୍ର=ସ୍ତୋତ୍ର, ଶାସ୍+ତ୍ର=ଶାସ୍ତ୍ର, ଦଂଶ+ତ୍ର=ଦଂଷ୍ଟ୍ର, ବଚ୍+ତ୍ର=ବକ୍ତ୍ର, ସିବ୍+ତ୍ର=ସୂତ୍ର (ସିବ୍=ସୂ), ଛଦ୍+ତ୍ର= ଛତ୍ର, ବୀ+ତ୍ର=ବେତ୍ର, ପା+ତ୍ର=ପାତ୍ର, ଶସ୍+ତ୍ର=ଶସ୍ତ୍ର, ବସ୍+ତ୍ର=ବସ୍ତ୍ର ଇତ୍ୟାଦି ।

ଅନ୍ୟ ବାଚ୍ୟରେ ମଧ୍ୟ ନ ପ୍ରତ୍ୟୟ ହୁଏ, ଯଥା—ଭାବ-ବାଚ୍ୟରେ—ମା + ନ = ମାନା, ମାନ; ଯା + ନ = ଯାନା; ଅଧିକରଣ ବାଚ୍ୟରେ—ପା + ନ = ପାନ, କ୍ଷି + ନ = କ୍ଷେନ, କର୍ତ୍ତୃବାଚ୍ୟରେ—ଗମ୍ + ନ = ଗାନ, ଗୃ + ନ = ଗୋନ; କର୍ମ-ବାଚ୍ୟରେ—ଅସ୍ + ନ = ଅସ୍ତ୍ର ।

ପୂ, ଖନ୍ ପ୍ରଭୃତି କେତେକ ଧାତୁର ଉତ୍ତର କରଣବାଚ୍ୟରେ ଇତ୍ ପ୍ରତ୍ୟୟ ହେଲେ ପୂର୍ବବର୍ତ୍ତୀ ନପ୍ରତ୍ୟୟର ନିୟମାନୁସାରେ ପଦ ନିଷ୍ପନ୍ନ ହୁଏ, ଯଥା—ପୂ + ଇନ = ପବନ, ଚର୍ + ଇନ = ଚରନ, ବହ + ଇନ = ବହନ, ଖନ୍ + ଇନ = ଖନନ ଇତ୍ୟାଦି ।

କର୍ମବାଚକ ପଦ ବା ଉପସର୍ଗର ପରବର୍ତ୍ତୀ ଧା ଧାତୁର ଉତ୍ତର ଅଧିକରଣବାଚ୍ୟରେ ଇ(ସଂସ୍କୃତ କି)ପ୍ରତ୍ୟୟ ହେଲେ ଧାତୁର ଆକାରର ଲୋପ ହୁଏ; ଯଥା—ଜଳ—ଧା + ଇ = ଜଳଧି, ନି—ଧା + ଇ = ନିଧି; ଏହିପରି ବାରିଧି, ପୟୋଧି, ଜଳନିଧି, ଗୁଣନିଧି ଇତ୍ୟାଦି ।

ଉପସର୍ଗ ପରବର୍ତ୍ତୀ ଧା ଧାତୁର ଉତ୍ତର ଭାବବାଚ୍ୟରେ ମଧ୍ୟ ଏହି ଇ ପ୍ରତ୍ୟୟ ହୁଏ; ଯଥା—ନି—ଧା + ଇ = ନିଧି; ଏହିପରି ବିଧି, ସନ୍ଧି, ଅଧି ଇତ୍ୟାଦି ।

କ୍ରିୟାଦ୍ୱାରା ନିଷ୍ପନ୍ନ ଏହି ଅର୍ଥରେ କୃ ପ୍ରଭୃତି ଧାତୁର ଉତ୍ତର କର୍ତ୍ତୃବାଚ୍ୟରେ ତ୍ରିମ (ସଂସ୍କୃତରେ କ୍ତ୍ରିମକ୍) ପ୍ରତ୍ୟୟ ହୁଏ । ତ ପ୍ରତ୍ୟୟ ହେଲେ ଯେଉଁ ଯେଉଁ କାର୍ଯ୍ୟ ହୁଏ, ତ୍ରିମ ପ୍ରତ୍ୟୟରେ ମଧ୍ୟ ପ୍ରାୟ ସେହି ସବୁ କାର୍ଯ୍ୟ ହୁଏ; ଯଥା—କୃ + ତ୍ରିମ = କୃତ୍ରିମ ।

କେତେକ ଧାତୁର ଉତ୍ତର ଭିନ୍ନଭିନ୍ନ ବାଚ୍ୟରେ ମନ୍ ଓ ମ ପ୍ରତ୍ୟୟ ହେଲେ ଧାତୁର ଅନ୍ତ୍ୟସ୍ୱର ଓ ଉପାନ୍ତ୍ୟହ୍ରସ୍ୱସ୍ୱରର ଗୁଣ ହୁଏ; ଯଥା—କର୍ତ୍ତୃବାଚ୍ୟରେ ଶୃ + ମନ୍ = ଶର୍ମ, ଧୃ + ମନ୍ = ଧର୍ମ, ଭସ୍ + ମନ୍ = ଭସ୍ମ, ଶ୍ଲିଷ୍—ମନ୍ = ଶ୍ଳେଷ୍ମା; କର୍ମବାଚ୍ୟରେ = କୃ + ମନ୍

=କର୍ମ; କରଣବାଚ୍ୟରେ—କୃ+ମନ୍=କର୍ମ, ଚର୍+ମନ୍=ଚର୍ମ; ଭାବବାଚ୍ୟରେ—ଜନ୍+ମନ୍=ଜନ୍ମ ଇତ୍ୟାଦି ।

ଶୀଳାର୍ଥରେ କର୍ତ୍ତୃବାଚ୍ୟରେ **ଓଡ଼ିଆ** ଧାତୁର ଉତ୍ତର ଉ ଆ, ପ୍ରତ୍ୟୟ ହୁଏ; ଯଥା—ଅଡ଼ୁ, ଅଡ଼ୁଆ; ଚଳ, ଚଳୁଆ, ଏହିପରି ଢଗୁଆ, ଡାକୁଆ ଇତ୍ୟାଦି । ବର୍ତ୍ତମାନ କାଳରେ କର୍ତ୍ତୃ ଓ କର୍ମ-ବାଚ୍ୟରେ ଆ, ଅନ୍ତା, ଇବା ଏବଂ ଭୂତକାଳରେ ଲ, ଇଲା, ଇଥିବା, ଉଥିବା, ଇଥିଲା, ଉଥିଲା ଇତ୍ୟାଦି ପ୍ରତ୍ୟୟ ହୁଏ; ଯଥା—ଉଗାର-ହସା କଥା, ଚଳନ୍ତା ଶଗଡ଼, ବହନ୍ତା ନଦୀ, ମରିବା ବେଳ, ନେବା ଲୋକ, ଗରଜିଲା ମେଘ, ନେଇଥିବା ଚୋର, ବହୁଥିବା ପାଣି, ଥୁଆ ଧନ, କଲା କାର୍ଯ୍ୟ, ଦେବା ପଦାର୍ଥ ଇତ୍ୟାଦି ।

ଭାବବାଚ୍ୟରେ **ଓଡ଼ିଆ** ଭାଷାପ୍ରଚଳିତ ଧାତୁର ଉତ୍ତର ଅ, ଆ, ଇଆ, ଇବା, ଇବାର, ଇ, ଆଇ, ଅତ, ଅଣ, ଅଣି, ଉଣି, ଅଣା, ଏବଂ ଅଣି ପ୍ରତ୍ୟୟ ହୁଏ; ଯଥା—ଅ—ହାସ, କାଟ, ମାଡ଼, ଗାଡ଼, ଦଉଡ଼, ପହଡ଼; ଆ—ଧରା, ମରା, ଲୁଟା, ହସା, ଉଡ଼ା, ଭଣା, ଖଙ୍ଗୁଲା; ଇଆ—ଖିଆ, ପିଆ; ଇବା ବା ବା—ଦେବା, ନେବା, ପିବା; ଇବାର—ଆସିବାର, ବସିବାର; ଇ—ଗୁଲି, ବୋଲି; ଆଇ—ବୋଝାଇ, ମଗାଇ; ଅତ—ଅଣାତ, ବରତ, ଅଣ—ଭଅଣ, ଜଣାଣ, ମିଶାଣ; ଅଣି—ଠୁହାଣି; ଉଣି—ମାଗୁଣି, ଭାଲୁଣି; ଅଣା—ବୋଲଣା, ଭରଣା; ଅଣି—ରହଣି, କହଣି, ବରଣି ଇତ୍ୟାଦି ।

ପୂର୍ବେ ଉପପଦ ଥାଇ କର୍ତ୍ତୃବାଚ୍ୟରେ ଧାତୁର ଉତ୍ତର ଆ ପ୍ରତ୍ୟୟ ହୁଏ; ଯଥା—ବୋଝବହା, ମୁରଲୀଧରା, ମନଚୋରା, ତଣ୍ଟିକଟା, ଘରଭୁଞ୍ଜା, ନଈଶୁଆ, ପେଟେବୁହା ଇତ୍ୟାଦି ।

ଆଧିକ୍ୟ କିମ୍ବା ବ୍ୟବସାୟ ଅର୍ଥରେ କର୍ତ୍ତୃବାଚ୍ୟରେ ଧାତୁର ଉତ୍ତର **ଲଆ**, ଅଳ ପ୍ରଭୃତି ପ୍ରତ୍ୟୟ ହୁଏ, ଯଥା—କୁହାଳିଆ, କଡ଼ୁଆଳ ଇତ୍ୟାଦି ।

## ପ୍ରଶ୍ନ

୧ । ନିମ୍ନଲିଖିତ ପଦମାନ କିପରି ନିଷ୍ପନ୍ନ ହୋଇଅଛି, ସ୍ଥିର କର ଏବଂ ଏମାନଙ୍କ ମଧ୍ୟରେ କିଏ ବିଶେଷ୍ୟ, କିଏ ବିଶେଷଣ ଏବଂ କିଏ ଉଭୟ ବିଶେଷ୍ୟ ଓ ବିଶେଷଣ ତାହା ଚିହ୍ନାଇ ଦିଅ :—

ଶୟନ, ନିର୍ବାଚନ, ଆନ୍ଦୋଳିତ, ଦୟିତ, ଆଲୋଡ଼ିତ, ସଂଗ୍ରହ, ନିପତିତ, ବାଧିତ, ସମାକୀର୍ଣ୍ଣ, ସେବ୍ୟ, ଆପ୍ୟାୟିତ, ଉପାଦେୟ, ଅଗ୍ରଣୀ, ନେତା, ଉପଦ୍ରୁତ, କଳ୍ପଜୀବୀ, ଜାତିସ୍ମର, ଅସହନୀୟ, ଅଭିଷିକ୍ତ, ବିଦାରକ, ଶୁଭ, ଦୀପ୍ତି, ବିଡ଼ମ୍ବନା, ମିଶ୍ର, ଆଶୁତ୍ର, ଆଜ୍ଞାବହ, ଲଷ, ସିଦ୍ଧ, ବିଦ୍ଧ, ଉପମିତ, ଅଗ୍ରସର, ନିର୍ମିତ, ଉଦ୍ୟତ, ସମ୍ପନ୍ନ, ଉପପନ୍ନ, ସମ୍ପାଦିତ, ଅନ୍ତରିତ, ଆପନ୍ନ, ଆହୃତ, ଚିରସ୍ଥାୟୀ, ବଂଶୀଧାରୀ, ସତ୍ୟବାଦୀ, ଗ୍ରାହକ, ପାର୍ଶ୍ୱବର୍ତ୍ତୀ, ବିହୃତ, ତୋୟଦ, ଧୁରନ୍ଧର, ତନୂପ, ଶବଧି, ଅନନ୍ୟସହ, ବଚସ୍କର, ହୁଙ୍କାର, ନିସ୍ତରଣ, ସଂହୃତ, ମୂର୍ତ୍ତି, ବିରତ, ଭାର୍ଯ୍ୟା, ଭର୍ତ୍ତା, ବିସ୍ତୀର୍ଣ୍ଣ, ପ୍ରଣୀତ, ସମିତ, ସମୃଦ୍ଧ, ଦାନ, ବିକୃତ, ପ୍ରେତ, ପରିଧେୟ, ଉଦ୍ୟୋକ୍ତା, ରଚୟିତା, ନିର୍ମାତା, ସ୍ରଷ୍ଟା, ଧାନୀ, ଯନ୍ତା, ଭୋକ୍ତବ୍ୟ, ବିରତ, ନିୟନ୍ତା, ଜାୟମାନ, ଧୂମାୟମାନ, ଅନୂଢ଼ା, ଧୂର୍ତ୍ତ, ପିବା ।

ବିଦାୟ, ଅଧ୍ୟାୟ, ଗାନ, ଘ୍ରାଣ, ଶାଣ, ମାନ, ଦାନ, ଆଗ୍ରହ, ଆହାର, ସେବକ, ରେଚକ, ଲୋଚକ, ଶୋଷକ, ଖନକ, ଜନକ, ରଞ୍ଜକ, ଗଣକ, ଦ୍ୱିଜ, ଦେବଜ, ଗଜ, ପଙ୍କଜ, ଭୁଜ, ଅନୁଜ, ଅଭୟ, ସଞ୍ଚୟ, ସ୍ତନନ୍ଧୟ, ପାରଗ, ଶ୍ୟାମଗ, ବିହଗ, ଆତପ, ପାଦପ, ଆକର, ସ୍ଥାବର, ସମର, ଚଳତ୍, ଜଗତ, ଭିକ୍ଷା, ତିତିକ୍ଷା, ଈର୍ଷା, ଚିକୀର୍ଷା, ଅହିଂସା, ମୀମାଂସା, ପ୍ରଶଂସା, ଯଜ୍ଞ, ବିଜ୍ଞ, ରସଜ୍ଞ, ଦାୟକ, ଗାୟକ, ଶାୟକ, ଘାତକ, ଯାଚକ, ପାଚକ, ବଶଦ, ବ୍ୟବସାୟ, ତନ୍ତୁବାୟ, ଅଭିପ୍ରାୟ, ସମବାୟ, ବ୍ରହ୍ମହା, ସର୍ବଂସହା, ଦୟା, ମୃଗୟା,

ବିଦ୍ୟମାନ, ଅଭିମାନ, ରକ୍ତ, ଶକ୍ତ, ମୁକ୍ତ, ଉକ୍ତ, ଭୁକ୍ତ, ବିହିତ, ବିହୃତ, ଦୀପ୍ତ, ବିପ୍ର, ନୃତ୍ୟ, କୃତ୍ୟ ।

୨ । ନିମ୍ନଲିଖିତ ବିଶେଷ୍ୟମାନଙ୍କର ଇ ପ୍ରତ୍ୟୟାନ୍ତ ବିଶେଷଣ କହ ।

ସମ୍ବନ୍ଧ, ଉପବାସ, ପ୍ରବାସ, ଅନୁବାଦ, ଆଘାତ, ସନ୍ଧାନ, ବିଧାନ, ନିଧାନ, ସ୍ନାନ, ପ୍ରସ୍ତାବ, ଧ୍ୟାନ, ଅତିରେକ, ଉଦ୍ରେକ, ସଂସର୍ଗ, ବିସର୍ଗ, ସମ୍ପର୍କ, ଜ୍ଞାନ, ଅବସାନ, ଗାନ, ଭାଗ, ଉଦ୍‌ବେଗ, ପ୍ରସଙ୍ଗ, ସମ୍ଭ୍ରମ, ବିଶ୍ରାମ, ଚର୍ବଣ, ଦର୍ପ, ଅବଶେଷ, ଶୋଧନ, ବିରୋଧ, ଆରମ୍ଭ, ସ୍ତମ୍ଭ, ଅର୍ଚ୍ଚନ, ପବନ, ବଚନ, ସ୍ୱର୍ଣ୍ଣ, ବିସ୍ମୟ, ପ୍ରଣାମ, ନିୟୋଗ, ଉଦ୍ୟୋଗ, ଉଦ୍ୟମ, ବ୍ୟାପାର, ସ୍ୱର୍ଗ, ବେଗ, ପେଷଣ, କ୍ଲେଶ, ଆବେଶ, ବିୟୋଗ, ବିନ୍ୟାସ, ଧ୍ୱଂସ, ବିଶ୍ୱାସ, ବ୍ୟବଧାନ, ଲୋଭ, କ୍ଷୋଭ, ସମ୍ଭବ, ଅଭିପ୍ରାୟ, ସମବାୟ, ବ୍ୟାୟାମ, ଉପଦ୍ରବ, ବିପ୍ଳବ, ପ୍ରୟାଣ, ଅବସ୍ଥାନ, ନିର୍ମାଣ, ଆହ୍ୱାନ, ପ୍ରମାଦ, ଉନ୍ମାଦ, ନିର୍ବେଦ, ବିଚ୍ଛେଦ, ବ୍ୟୂହ, ମୋହ, ସଂକ୍ଷେପ, ପରାକ୍ରମ, ବିପ୍ରଲମ୍ଭ, ବ୍ୟଙ୍ଗ ।

୩ । ହୃ, ଧୃ, ମୃ, ଶ୍ରୁ, ଗମ୍, କୃଷ୍, ସ୍ଥା, ଦା, ଗ୍ରହ୍, କଥ ଏହି ଧାତୁମାନଙ୍କର ତବ୍ୟ, ଅନୀୟ, ଯ ପ୍ରତ୍ୟୟ କରି ବିଶେଷଣ ପଦ ନିଷ୍ପନ୍ନ କର ।

୪ । ଧାତୁମାନଙ୍କରେ ତ ପ୍ରତ୍ୟୟ କରି ୧୦ଟି ବିଶେଷ୍ୟପଦ ନିଷ୍ପନ୍ନ କର ।

୫ । ନିମ୍ନଲିଖିତ ପ୍ରତ୍ୟେକ ଧାତୁର କର୍ତ୍ତୃବାଚ୍ୟ ଏବଂ କର୍ମବାଚ୍ୟରେ ନିଷ୍ପନ୍ନ ୦ଟି ଶବ୍ଦ ବୋଲ :—

କୃ, ଧୃ, ହୃ, ନୀ, ଭୁଜ୍, ଶ୍ରୁ, ସିଚ୍, ଖଲ୍, ଯୁଜ୍, ଧା ।

୬ । ଲିପ୍, ଛିଦ୍, ଲେଭ୍, ଲେଖ୍, ହନ୍, ତନ୍, ସୃ, ଜାଗୃ, ଦୁହ୍, ମୁହ୍, ଦହ୍, ଦୁହ୍, ସ୍ନିହ୍, ବିଶ୍, ମିଥ୍, ବଚ୍, ବଦ୍, ଅସ୍, ବା, ଧା, ସ୍ନା, ପୂ, ଦ୍ରୁ, ଗ୍ରାମ୍, ଧ୍ୱଂସ୍, ଶଂସ୍, ଭ୍ରଂଶ୍, ଦଂଶ୍, ଚେଷ୍ଟ୍, କ୍ଲିଶ୍— ଏହି ଧାତୁ—

ମାନଙ୍କରେ ତ, ଅ ଏବ ଅନ ପ୍ରୟୋଗ କଲେ କିପରି ଶବ୍ଦ ହେବ ? ଆବଶ୍ୟକ ସ୍ଥଳେ ଉପସର୍ଗ ସଂଯୋଗଦ୍ୱାରା ପ୍ରଚଳିତ ଶବ୍ଦ ପ୍ରସ୍ତୁତ କର ।

୭ । ଚଳ, ବାଦକ, ଲିପ୍ତ, ବକ୍ତ, ପ୍ରବିଷ୍ଟ, ସୃକ୍ତ, କ୍ଷୁବ୍ଧ, ଘୃଷ୍ଟ, କୃଷ୍ଟ, ଭ୍ରଷ୍ଟ, ମୁଷ୍ଟ, ପ୍ରଶସ୍ତ, ଅବସ୍ଥିତ, ପ୍ରତିଷ୍ଠିତ, ବର୍ଦ୍ଧିତ ଏମାନଙ୍କର ପ୍ରେରଣାର୍ଥରେ କିପରି ଆକାର ହେବ ?

୮ । ସନନ୍ତ ଧାତୁନିଷ୍ପନ୍ନ ଦଶଟି ଶବ୍ଦ କହ ।

୯ । ଉଅ ଓ ଅଣ ପ୍ରତ୍ୟୟଯୁକ୍ତ ୩ଟି କୃଦନ୍ତ ଶବ୍ଦ ବୋଲ । ଭୂ, ଗ୍ର, ସ୍ଥା, ଗମ୍, କୃଣ୍, କୃ, ହୃ, ଧୃ, ସୃ ଏବଂ ନୀ ଧାତୁର ନିଷ୍ପନ୍ନ ପ୍ରତ୍ୟେକରୁ ଦଶଟି କୃଦନ୍ତ ଶବ୍ଦ ବୋଲ । କୃଦନ୍ତ ଶବ୍ଦର କେତେ ପ୍ରକାର ଅର୍ଥ ହୋଇପାରେ, ଉଦାହରଣ ଦେଇ ବୁଝାଇ ଦିଅ ।

୧୦ । କୃ ଧାତୁର ଉତ୍ତର ଯେତେ ପ୍ରକାର କୃତ୍ ପ୍ରତ୍ୟୟ ଲଗ-ଯାଇପାରେ, ତାହା କର ପଦ ନିଷ୍ପନ୍ନ କର ଏବଂ ନିଷ୍ପନ୍ନ ପଦ-ଗୁଡ଼ିକର ବାକ୍ୟ କହ ।

୧୧ । ଯେତୋଟି କୃତ୍ ପ୍ରତ୍ୟୟ ପଢ଼ିଲ, ପ୍ରତ୍ୟେକ ପ୍ରତ୍ୟୟାନ୍ତ ୩ଟି ଶବ୍ଦ କହ ।

୧୨ । ଏକାଧିକ ବାକ୍ୟରେ ନିଷ୍ପନ୍ନ ପାଞ୍ଚୋଟି ପଦ କହ ।

୧୩ । ନିମ୍ନଲିଖିତ ପଦମାନଙ୍କର ଅକ୍ଷରିକ ଅର୍ଥ କହ :—

ଗଦ୍ୟ, ଦର୍ପଣ, ଯୋଜନ, ସଂସାର, ଜଗତ୍, ପାତକ, ଶିଷ୍ୟ, ପ୍ରେତ, ପ୍ରଶସ୍ତ, ସମୟ, ସନ୍ତାନ, ଉଚିତ, ପୁଣ୍ୟ, ଚରଣ, ବଦନ, ନୟନ, ନନ୍ଦନ, ରସନା, ବ୍ୟାୟାମ, ଧର୍ମ, ବର୍ମ, ପାବକ, ଅନ୍ନ, ବ୍ୟାଘ୍ର, ଭୁଜଗ, ପାରଗ, ଅସ୍ତ୍ର, ଶାସ୍ତ୍ର, ଉଦାସୀନ, ଶୁଶ୍ରୂଷା, ପରିବାର, ବିବାହ, ଗବେଷଣା ।

୧୪ । ନିମ୍ନଲିଖିତ ପଦମାନଙ୍କରେ ଅଶୁଦ୍ଧି ଥିଲେ ସଂଶୋଧନ କର ।

ବର୍ଷିତ, ବସ୍ତ୍ର, ଦ୍ରବିତ, ବହିତ, ବଦିତ, ଛଦିତ, ଆଘାତକ, ଜ୍ଞାପିତ, ସମାଧିତ, ଗନିତ, ଉତ୍ସର୍ଗିତ, ସୃଜିତ, ସୃଜିତ, କର୍ଷିତ,

ସୁଚ୍ଛିତ, ମଞ୍ଜିତ, ଦାନିତ, ବନ୍ୟାସିତ, ସମାସିତ, ମୃଗିତ, ସ୍ପର୍ଶିତ, ପ୍ରଣାମିତ, ବଣ୍ଣପ୍ର, ଭୁବନ, ତୃଷଣ, ଭୂଷଣ, ସୃଷ୍ଟା, ଦୃଷକ, ଦୋଷଣୀୟ ।

୧୫ । ନିମ୍ନଲିଖିତ ଧାତୁ ଓ ପ୍ରତ୍ୟୟ ଯୋଗରେ କିପରି ପଦ ନିଷ୍ପନ୍ନ ହେବ ଲେଖ—

ଅ—ହନ୍+ଅ (ଘଞ୍), ଉପ—ହନ୍+ଅ (ଝଲ୍), ଶୋକ—ଅପ୍—ହନ୍+ଅ (ଡ), ବ୍ରହ୍ମ—ହନ୍+କ୍ୱିପ୍, ସଜ୍+ଅ, ଶୁଚ୍+ଅ, ଶୁଚ୍+ଅନ, ଅଧି—ଇ+ଅ (ଘଞ୍), ପ୍ରତି—ଇ+ଅ (ଅଲ୍), ଖନ୍+ଅକ, ଅନ୍+ଅ (ଅଲ୍), ବନ୍+ଅ (ଅଲ୍), ପ୍ର—ଜ୍ଞା+ଅ (ଡ), ସର୍ବ—ଜ୍ଞା+ଅ (ଡ), ପ୍ରଚ୍ଛ୍+ଅ (ଡ), ପ୍ରଚ୍ଛ୍+କ୍ୱିପ୍, ପ୍ରଚ୍ଛ୍+ନ (ନଙ୍), ଅବ୍—ସ୍ଥା+ଅ (ଡ), ସୁ—ସ୍ଥା+ଅ (ଡ), ଭୁଜ୍+ତ, ଯୁ+ତ, ଜ୍ଞା+ତ, ଜନ୍+ଅକ, ରଞ୍ଜ୍+ଅକ, ରଞ୍ଜ୍+ଅକ, ରଞ୍ଜ୍+ଇନ୍, ସମ୍—ପୃଚ୍+ଇନ୍, ପର—ଶ୍ରମ+ଇନ୍, ଅନ୍—ଶ୍ରୁ+ଇନ୍, ଫଲ୍+ଅ (ଘଞ୍), ଫଲ୍+ଅ (ଅନ୍), ଜ୍ୱଲ୍+ଅ (ଅନ୍), ଜ୍ୱଲ୍+ଅ (ଷଣ୍), ବୁଧ୍+ତ, ବୁଧ୍+ତୃ (ଅଲ୍), ବୁଧ୍+ଅ (ଅକ), ବଶ—ବଦ୍+ଅ (ଖଙ୍), ସତ୍—ବଦ୍+ଅ (ଘଞ୍), ବି—ବଦ+ଅ (ଘଞ୍), ପୁର—ହୃ+ଅ (ଖ), ଇଶ+ସଥ୍+ଅ (ଗ), ପ୍ର—ମଦ୍+ଅ (ଘ), ହୃଦ—ଗମ୍+ଅ (ଖ), ତ୍ୱସ—ଗମ୍+ଅ (ଡ), ଅ—ଗମ୍+ଅ (ଅଲ୍), ଗମ୍+କ୍ୱ, ଗମ୍+ବର (ଷ୍ୱର୍) ମିଦ୍+ଅର (ଘୁର), ଭିଦ୍+ଉର (ଘୁର), ଅଗ୍ନି—ଭୂ+କ୍ୱିପ, ଶମ୍—ଭୂ+ଉ (ଡୁ), ପସ—ଅପ୍+ଅନ, ବୃତ୍+ଅନ, ବୃତ୍+ଅନ, ଯମ୍+ତ, ଯଜ୍+ନ, ଯଜ୍+ଅନ, ଯଜ୍+ଅନ, ଯଜ୍+ଅ (ଘଙ୍), ଯଜ୍+ଯ (ଘ୍ୟଣ୍), ଶ୍ରା+ତ, ଶୀ+ଅନ, ଅସ୍+ଅନ, ଅସ୍+ଅନ, ଉପ—ଅସ୍+ଅନ; ଚେ+ଅନ, ଚୈ+ଅନ, ମୁହ୍+ତ, ଗ୍ରହ୍+ତ, ଗମ୍+ତ, ଶମ୍+ତ

ମନ୍+ତ,ଗମ୍+ତ, ଶୋ+ତ, ଧା+ତ, ପା+ତ, ଦା+ତ, ବାଧ୍+ତ, ଆ—ହ୍ଵେ+ତ, ଧୃ+ତ, ଭୂ+ତ, ସିଦ୍+ତ, ମଦ୍+ତ, ଯା+ତ, ହା+ତ, କୃ+ଯ; ମୃଜ+ଯ (ଙ୍ୟପ୍) ; ଅସ୍ମନ—ଭୁ+ଇ (ଷ୍ଣି), ଦୋ+ନ।

## ତଦ୍ଧିତ ପ୍ରତ୍ୟୟ

ଶବ୍ଦର ଉତ୍ତର ବିଶେଷ ବିଶେଷ ଅର୍ଥରେ ଯେଉଁ ସବୁ ପ୍ରତ୍ୟୟ ହୁଏ, ତାହାକୁ ତଦ୍ଧିତ କହନ୍ତି । ତଦ୍ଧିତ ପ୍ରତ୍ୟୟ ଅନେକ; ସେଥି-ମଧ୍ୟରୁ ସାଧାରଣ ପ୍ରଚଳିତ କେତେଗୁଡ଼ିଏ ଲେଖାଯାଉଅଛି ।

ତଦ୍ଧିତ ପ୍ରତ୍ୟୟ ହେଲେ କୃତ୍ ପ୍ରତ୍ୟୟ ପରି ଅନେକ ସ୍ଥଳରେ ଶବ୍ଦମାନଙ୍କରେ ଆଦେଶ, ଗୁଣ ବୃଦ୍ଧି ପ୍ରଭୃତି ହୁଏ ।

କୃତ୍ ପ୍ରତ୍ୟୟ ପରି ସଂସ୍କୃତ ତଦ୍ଧିତ ପ୍ରତ୍ୟୟରେ ମଧ୍ୟ ସାଙ୍କେତିକ ବର୍ଣ୍ଣ ମିଳିତ ଥାଏ । କାର୍ଯ୍ୟ ସମୟରେ ସେହି ବର୍ଣ୍ଣ ଲୁପ୍ତ ହୋଇ-ସ୍ଥାୟୀ ଅଂଶ ଶବ୍ଦରେ ଯୁକ୍ତ ହୁଏ । ନିମ୍ନ ସୂତ୍ରମାନଙ୍କରେ କେବଳ ସେହି ସ୍ଥାୟୀ ଅଂଶ ପ୍ରତ୍ୟୟସ୍ୱରୂପ ପ୍ରଦର୍ଶିତ ହେବ; ସ୍ଥଳେ ସ୍ଥଳେ ସଂସ୍କୃତ ପ୍ରତ୍ୟୟ ମଧ୍ୟ ସେଥି ସଙ୍ଗେ ସଙ୍ଗେ ବନ୍ଧନୀର ଅନ୍ତର୍ଗତ କରି ଦିଆଯିବ ।

ତଦ୍ଧିତ ପ୍ରତ୍ୟୟର ସ୍ୱରବର୍ଣ୍ଣ ଅଥବା ଯ ପରେ ଥିଲେ ଶବ୍ଦର ଅନ୍ତଃସ୍ଥିତ ଅ,ଆ, ଇ, ଈ ଏହି ଗୁରି ବର୍ଣ୍ଣର ଲୋପ ହୁଏ ଏବଂ ଉ, ଊ ର ଗୁଣ ହୁଏ । ତଦ୍ଧିତ ପ୍ରତ୍ୟୟର ଏହି ସାଧାରଣ ନିୟମଟି ଭଲ ରୂପେ ମନେ ରଖିବା ଉଚିତ ।

ଅପତ୍ୟ ଅର୍ଥାତ୍ ପୁତ୍ର, ପୌତ୍ର ପ୍ରପୌତ୍ରାଦି ଅର୍ଥରେ ଅକାରାନ୍ତ ଓ ପୁଂଲିଙ୍ଗାଦି ଶବ୍ଦର ଉତ୍ତର ଇ (ଷ୍ଣି); ଶକଟ ପ୍ରଭୃତିର ଉତ୍ତର ଅୟନ (ଷ୍ଣାୟନ); ଗର୍ଗ ପ୍ରଭୃତିର ଉତ୍ତର ଯ (ଷ୍ଣ୍ୟ); କୁସ୍ତାଦିର ଉତ୍ତର ଅ (ଷ୍ଣ); ସ୍ତ୍ରୀପ୍ରତ୍ୟୟାନ୍ତ ଶବ୍ଦର ଉତ୍ତର ଏୟ (ଢ୍ରେୟ); ହ୍ରସ୍ୱ ପ୍ରଭୃତି ଶବ୍ଦର ଉତ୍ତର ଈୟ (ଛୀୟ) ଏବଂ ଦ୍ଵେଷ୍ଟା ପ୍ରଭୃତି ଶବ୍ଦର ଉତ୍ତର

ଇକ ( ଷ୍ଟିକ ) ପ୍ରତ୍ୟୟ ହୁଏ । ତଦ୍ଧିତର ଏହୁ ପ୍ରତ୍ୟୟଗୁଡ଼ିକ ପରେ ଥିଲେ ଶବ୍ଦର ଅାଦ୍ୟସ୍ୱରର ପ୍ରାୟ ବୃଦ୍ଧି ହୁଏ; ଯଥା—ଦଶରଥ+ଇ =ଦାଶରଥ+ଇ=ଦାଶରଥି; ଶୂର+ଇ=ଶୌରି; ଦ୍ରୋଣ+ଇ =ଦ୍ରୌଣି; ଅର୍ଜ୍ଜୁନ+ଇ=ଆର୍ଜ୍ଜୁନି,ସ୍ୱବଣ+ଇ=ସ୍ୱାବଣି;ସୁମିତ୍ରା +ଇ=ସୌମିତ୍ରି ଇତ୍ୟାଦି । ଶକଟ+ଆୟନ=ଶାକଟାୟନ,ପର୍ବତ +ଆୟନ=ପାର୍ବତାୟନ;ଦକ୍ଷ+ଆୟନ=ଦାକ୍ଷାୟଣୀ (ସ୍ତ୍ରୀ);ବାତ୍ସ୍ୟ +ଆୟନ=ବାତ୍ସ୍ୟାୟନ ଇତ୍ୟାଦି । ଗର୍ଗ+ଯ=ଗାର୍ଗ୍ୟ; ଯମଦଗ୍ନି +ଯ=ଯାମଦଗ୍ନ୍ୟ ଯାଜ୍ଞବଲ୍କ+ଯ=ଯାଜ୍ଞବଲ୍କ୍ୟ; ଚଣକ+ଯ= ଚାଣକ୍ୟ; କୋଶଲ+ଯ=କୌଶଲ୍ୟା (ସ୍ତ୍ରୀ);ଦିତି+ଯ=ଦୈତ୍ୟ; ଅଦିତି+ଯ=ଆଦିତ୍ୟ ଇତ୍ୟାଦି । କୁନ୍ତ+ଅ=କୌନ୍ତ, ବିଶ୍ରବଣ +ଅ=ବୈଶ୍ରବଣ, ପୃଥା+ଅ=ପାର୍ଥ, କଶ୍ୟପ+ଅ କାଶ୍ୟପ, କୁଶିକ+ଅ=କୌଶିକ, ଭରଦ୍ୱାଜ+ଅ=ଭାରଦ୍ୱାଜ, ବିଶ୍ୱାନର +ଅ=ବୈଶ୍ୱାନର,ପୁତ୍ର+ଅ=ପୌତ୍ର;ଦୁହିତୃ+ଅ=ଦୌହିତ୍ର; ଭୃଗୁ+ଅ=ଭାର୍ଗବ, ମରୁତ+ଅ=ମାରୁତ; ଗୋତମ+ଅ= ଗୌତମ, ଧୃତରାଷ୍ଟ୍ର+ଅ=ଧାର୍ତ୍ତରାଷ୍ଟ୍ର; ପାଣ୍ଡୁ+ଅ=ପାଣ୍ଡବ; ବସୁଦେବ+ଅ=ବାସୁଦେବ; ଯଦୁ+ଅ=ଯାଦବ; ପୁରୁ+ଅ= ପୌରବ; ରଘୁ+ଅ=ରାଘବ; କୁରୁ+ଅ=କୌରବ; ମନୁ+ଅ =ମାନବ; ଦ୍ରୁପଦ+ଅ=ଦ୍ରୌପଦ; ପର୍ବତ+ଅ=ପାର୍ବତୀ(ସ୍ତ୍ରୀ) ଇତ୍ୟାଦି । ଗଙ୍ଗା+ଏୟ=ଗାଙ୍ଗେୟ; ରାଧା+ଏୟ=ରାଧେୟ, ବିନତା+ଏୟ=ବୈନତେୟ, ସରମା+ଏୟ=ସାରମେୟ, ନିକଷା+ଏୟ=ନୈକଷେୟ; କୃତ୍ତିକା+ଏୟ=କାର୍ତ୍ତିକେୟ, ଭଗିନୀ+ଏୟ=ଭାଗିନେୟ; କୁନ୍ତୀ+ଏୟ=କୌନ୍ତେୟ;ରୋହିଣୀ +ଏୟ=ରୌହିଣେୟ;ଅତ୍ରି+ଏୟ=ଆତ୍ରେୟ;ଶକୁନ୍ତଳା+ଏୟ =ଶାକୁନ୍ତଳେୟ ଇତ୍ୟାଦି । ସ୍ୱସୃ+ଈୟ=ସ୍ୱସ୍ରୀୟ; ପିତୃସ୍ୱସୃ+ଈୟ

=ପୈତୃସ୍ୱସ୍ରୀୟ, ମାତୃସ୍ୱସୃ+ଈୟ=ମାତୃସ୍ୱସ୍ରୀୟ ଇତ୍ୟାଦି ; ରେବତୀ+କ=ରେବତୀକ ଇତ୍ୟାଦି ।

ଅପତ୍ୟ ଅର୍ଥରେ ଏକ ଶବ୍ଦର ଉତ୍ତର ଏକାଧିକ ପ୍ରତ୍ୟୟ ମଧ୍ୟ ହୁଏ । ବିମାତୃ+ଅ, ଏୟ=ବୈମାତ୍ର, ବୈମାତ୍ରେୟ; ବିରୋଚନ+ଅ,ଇ=ବୈରୋଚନ, ବୈରୋଚନି; ସୁଭଦ୍ରା+ଅ, ଏୟ=ସୌଭଦ୍ର, ସୌଭଦ୍ରେୟ ।

ବ୍ୟାସ ପ୍ରଭୃତି କେତେକ ଶବ୍ଦର ଉତ୍ତର ଅପତ୍ୟାର୍ଥରେ ସେହି ସବୁ ପ୍ରତ୍ୟୟ କରି ନିମ୍ନଲିଖିତ ରୂପେ ପଦ ନିଷ୍ପନ୍ନ ହୁଏ; ଯଥା— ବ୍ୟାସ+ଇ=ବୈୟାସକି, ମନୁ+ଅ=ମନୁଷ୍ୟ; ମାନୁଷ; କନ୍ୟା +ଅ=କାନୀନ; ମୃକଣ୍ଡୁ+ଏୟ=ମାର୍କଣ୍ଡେୟ ଇତ୍ୟାଦି ।

ଅପତ୍ୟ ଅର୍ଥରେ ଯେଉଁ ସବୁ ପ୍ରତ୍ୟୟ ହେଲା, ଅନ୍ୟାନ୍ୟ ଅର୍ଥରେ ମଧ୍ୟ ସେହି ପ୍ରତ୍ୟୟଗୁଡ଼ିକ ବିହିତ ହୁଏ ।

ଭକ୍ତ, ଭାବ, କର୍ମ, ଶୀଳ, ବିକାର, ସମ୍ବନ୍ଧ ପ୍ରଭୃତି ଅର୍ଥରେ ଶବ୍ଦର ଉତ୍ତର ଅ ପ୍ରତ୍ୟୟ ହୁଏ । ଅ ପ୍ରତ୍ୟୟ ହେଲେ ପୂର୍ବପର ଶବ୍ଦର ଆଦିସ୍ୱରର ବୃଦ୍ଧି ହୁଏ । ଯଥା—ଭକ୍ତ ଅର୍ଥରେ—ଶିବଙ୍କର ଭକ୍ତ=ଶିବ+ଅ=ଶୈବ; ଏହିପରି ବିଷ୍ଣୁ+ଅ=ବୈଷ୍ଣବ; ଶକ୍ତି +ଅ=ଶାକ୍ତ, ମହେଶ୍ୱର+ଅ=ମାହେଶ୍ୱର ଇତ୍ୟାଦି । ଭାବାର୍ଥରେ —କୁମର+ଅ=କୌମାର, ଶିଶୁ+ଅ=ଶୈଶବ, ସୁରଭି+ଅ ସୌରଭ, ଗୁରୁ+ଅ=ଗୌରବ, ଲଘୁ+ଅ=ଲାଘବ, ମୃଦୁ+ଅ =ମାର୍ଦ୍ଦବ, ଋଜୁ+ଅ=ଆର୍ଜ୍ଜବ, ପଟୁ+ଅ=ପାଟବ, ମଧୁର+ଅ =ମାଧୁରୀ (ସ୍ତ୍ରୀଲିଙ୍ଗ) ଇତ୍ୟାଦି । ଭାବ ଓ କର୍ମ ଉଭୟ ଅର୍ଥରେ— ମୁନି+ଅ=ମୌନ, ପୁରୁଷ+ଅ = ପୌରୁଷ; ସୁହୃଦ୍+ଅ= ସୌହୃଦ, କୁଶଳ+ଅ=କୌଶଳ, ଚପଳ+ଅ=ଚାପଳ, ଚତୁର +ଅ=ଚାତୁରୀ ( ସ୍ତ୍ରୀଲିଙ୍ଗ ), ଶୁଚି+ଅ=ଶୌଚ ଇତ୍ୟାଦି ।

ନିବାସ ଓ ରାଜା ଅର୍ଥରେ—ମଥୁରା+ଅ=ମାଥୁର (ମଥୁରା ଦେଶବାସୀ ଏବ ମଥୁରାର ରାଜା); ଏହିପରି ମିଥିଳା + ଅ =ମୈଥିଳ, କାଶ୍ମୀର + ଅ = କାଶ୍ମୀର, ଗାନ୍ଧାର + ଅ = ଗାନ୍ଧାର, କାଳିଙ୍ଗ + ଅ = କାଳିଙ୍ଗ, ବିଦେହ+ଅ = ବୈଦେହ, ପାଞ୍ଚାଳ + ଅ = ପାଞ୍ଚାଳ, ମଗଧ + ଅ = ମାଗଧ ଇତ୍ୟାଦି । ଶୀଳାର୍ଥରେ—ତପସ୍+ଅ = ତାପସ, ଛନ୍ଦ+ଅ=ଛାନ୍ଦ, ଚୈ଼ର+ଅ =ଚୌର ଇତ୍ୟାଦି । କାଳ ଓ ନକ୍ଷତ୍ର ବୁଝାଇଲେ ଯୁକ୍ତାର୍ଥରେ— ବୈଶାଖ+ଅ=ବୈଶାଖ (ବିଶାଖା ନକ୍ଷତ୍ରଯୁକ୍ତ ମାସ), ଏହିପରି ଜ୍ୟେଷ୍ଠା+ଅ=ଜୈ୍ୟଷ୍ଠ, ଅଷାଢ଼+ଅ=ଆଷାଢ଼, ଶ୍ରବଣା+ଅ= ଶ୍ରାବଣ, ଭଦ୍ର+ଅ=ଭାଦ୍ର; ଅଶ୍ୱିନୀ+ଅ=ଆଶ୍ୱିନ, କୃତ୍ତିକା+ଅ =କାର୍ତ୍ତିକ, ଅଗ୍ରହାୟଣ+ଅ= ଅଗ୍ରାହାୟଣ, ମୃଗଶୀର୍ଷା+ଅ= ମାର୍ଗଶୀର୍ଷ, ମଘା+ଅ=ମାଘ, ଫାଲ୍ଗୁନୀ+ଅ=ଫାଲ୍ଗୁନ,ଚିତ୍ରା+ଅ =ଚୈତ୍ର, ପୁଷ୍ୟା+ଅ=ପୌଷ (ଯ ଲୋପ); ବିକାରାର୍ଥରେ— ତିଳ+ଅ=ତୈଳ, ପୟସ୍+ଅ=ପୟସ, ଅୟସ୍+ଅ=ଆୟସ, ରଜତ+ଅ=ରାଜତ, କନକ + ଅ =କାନକ; ତନ୍ତୁ+ଅ= ତାନ୍ତବ, ଦାରୁ+ଅ=ଦାରବ ଇତ୍ୟାଦି । ଭବ, ସମ୍ବନ୍ଧ ପ୍ରଭୃତି ଅର୍ଥରେ—ମଥୁରା+ଅ=ମାଥୁର,କଳିଙ୍ଗ+ଅ=କାଳିଙ୍ଗ, ଅରଣ୍ୟ+ଅ=ଆରଣ୍ୟ, ଶରୀର+ଅ=ଶାରୀର, ଭୂମି+ଅ= ଭୌମ; ନଗର+ଅ=ନାଗର, ଶରଦ+ଅ=ଶାରଦ, ହେମନ୍ତ +ଅ=ହୈମନ୍ତ, ଇନ୍ଦ୍ର+ଅ = ଐନ୍ଦ୍ର, ବରୁଣ+ଅ=ବାରୁଣ, ଈଶାନ+ଅ=ଐଶାନ,ପୁରନ୍ଦର+ଅ=ପୌରନ୍ଦର, ଈଶ+ଅ= ଐଶ, ସରସ୍ୱତୀ+ଅ = ସାରସ୍ୱତ, ପିଶାଚ+ଅ = ପୈଶାଚ, ଦେବ+ଅ = ଦୈବ, ଅସୁର+ଅ=ଆସୁର, ମହେନ୍ଦ୍ର+ଅ= ମାହେନ୍ଦ୍ର, ପଶୁପତି+ଅ=ପାଶୁପତ, ସୁର+ଅ=ସୌର, ଭରତ

+ଅ=ଭାରତ; ସବିତୃ+ଅ=ସାବିତ୍ରୀ (ସ୍ତ୍ରୀ), ଚନ୍ଦ୍ର+ଅ= ଚାନ୍ଦ୍ର; ଚନ୍ଦ୍ରମସ୍+ଅ=ଚାନ୍ଦ୍ରମସ, ଉଡୁ+ଅ=ଔଡବ, ସମୁଦ୍ର +ଅ=ସାମୁଦ୍ର, ସିନ୍ଧୁ+ଅ= ସୈନ୍ଧବ, ପର୍ବତ+ଅ=ପାର୍ବତ, ପୁର+ଅ=ପୌର, ଜନପଦ+ଅ = ଜାନପଦ, ଦ୍ୱିତ୍+ଅ =ଦ୍ୱୈତ, ରସନ+ଅ=ରାସନ; ଶ୍ରବଣ+ଅ=ଶ୍ରାବଣ, ଚକ୍ଷୁଷ୍ +ଅ=ଚାକ୍ଷୁଷ, ମନସ୍+ଅ=ମାନସ; ମନୁଷ+ଅ=ମାନୁଷ, ପୃଥିବୀ+ଅ=ପାର୍ଥିବ; ତେଜସ୍+ଅ=ତୈଜସ, ପିତୃ+ଅ= ପୈତ୍ର, ପଣ୍ଡୁ+ଅ=ପାଣ୍ଡବ, ବସ୍ତ୍ର+ଅ=ବାସ୍ତ୍ର ଇତ୍ୟାଦି ।

ଜ୍ଞାନ ବା ଅଧ୍ୟୟନ, ପଣ୍ୟ, ଜୀବିକା, ସମ୍ବନ୍ଧ ପ୍ରଭୃତି ଅର୍ଥରେ ଶବ୍ଦର ଉତ୍ତର ଇକ ପ୍ରତ୍ୟୟ ହୁଏ । ଇକ ପ୍ରତ୍ୟୟ ହେଲେ ଅ ପ୍ରତ୍ୟୟ ପର କାର୍ଯ୍ୟ ହୁଏ; ଯଥା—ଜ୍ଞାନ ବା ଅଧ୍ୟୟନ ଅର୍ଥରେ—ତର୍କ+ ଇକ=ତର୍କ+ଇକ = ତାର୍କିକ (ତର୍କଶାସ୍ତ୍ର ଯେ ଜାଣେ ବା ଅଧ୍ୟୟନ କରେ); ଏହିପରି ବେଦାନ୍ତ+ଇକ = ବୈଦାନ୍ତିକ; ପୁରାଣ+ଇକ=ପୌରାଣିକ; ବେଦ+ଇକ=ବୈଦିକ; ଅଲଙ୍କାର +ଇକ=ଅଲଙ୍କାରିକ; ଜ୍ୟୋତିଷ+ଇକ=ଜ୍ୟୌତିଷିକ, ଗଣିତ +ଇକ=ଗାଣିତିକ; ନ୍ୟାୟ+ଇକ = ନୈୟାୟିକ (ନ୍ୟାୟ= ନୈୟାୟ) ଇତ୍ୟାଦି ପଣ୍ୟାର୍ଥରେ — ଲବଣ+ଇକ= ଲାବଣିକ (ଲବଣଜୀବୀ); ଏହିପରି ତୈଳ+ଇକ=ତୈଳିକ; ତାମ୍ବୁଲ+ଇକ=ତାମ୍ବୁଲିକ ଇତ୍ୟାଦି । ଜୀବିକା ଅର୍ଥରେ—ବେତନ +ଇକ=ବୈତନିକ (ବେତନଦ୍ୱାରା ଯେ ଜୀବିକା ନିର୍ବାହ କରେ; ବେତନଭୁକ୍);ଏହିପରି ସୂତ୍+ଇକ=ସୌତିକ; ଜାଲ+ଇକ= ଜାଲିକ;ନୌ+ଇକ=ନାବିକ ଇତ୍ୟାଦି । ବାଦନ ଅର୍ଥରେ— ବୀଣା+ଇକ=ବୈଣିକ (ବୀଣାବାଦକ); ଏହିପରି ମୃଦଙ୍ଗ+ ଇକ=ମାର୍ଦ୍ଦଙ୍ଗିକ ଇତ୍ୟାଦି । ନିଯୁକ୍ତ ଅର୍ଥରେ—ଦ୍ୱାର+ଇକ=

ଦୌବାରିକ (ଦ୍ୱାର=ଦୌବାର), ଭାଣ୍ଡାଗାର+ଇକ=ଭାଣ୍ଡାଗାରିକ, କାଳବାଚକ ଶବ୍ଦର ଉତ୍ତର ଦେୟ ବା ନିର୍ବୃତ୍ତାର୍ଥରେ—ମାସ+ଇକ=ମାସିକ (ମାସେ ଦେୟ ବା କର୍ତ୍ତବ୍ୟ), ଏହିପରି ବର୍ଷ+ଇକ=ବାର୍ଷିକ, ଅର୍ଦ୍ଧ+ଇକ=ଆର୍ଦ୍ଧିକ, ସମ୍ବତ୍ସର+ଇକ=ସାମ୍ବତ୍ସରିକ, ଅହନ୍+ଇକ=ଆହ୍ନିକ (ଅହନ୍=ଅହ୍ନ) ଇତ୍ୟାଦି। ଭବ ଓ ସମ୍ବନ୍ଧାର୍ଥରେ—ହେମନ୍ତ+ଇକ=ହୈମନ୍ତିକ, ଅକାଳ+ଇକ=ଆକାଳିକ, ବର୍ଷ+ଇକ=ବାର୍ଷିକ, ନଗର+ଇକ=ନାଗରିକ, ସମୁଦ୍ର+ଇକ=ସାମୁଦ୍ରିକ, ପ୍ରଦେଶ+ଇକ=ପ୍ରାଦେଶିକ, ଅନ୍ତର+ଇକ=ଆନ୍ତରିକ; ମାନସ୍+ଇକ=ମାନସିକ, ଶରୀର+ଇକ=ଶାରୀରିକ, ଇହ+ଇକ=ଐହିକ, ଲୋକ+ଇକ=ଲୌକିକ, ସର୍ବକାଳ+ଇକ=ସାର୍ବକାଳିକ, ଅଧ୍ୟାତ୍ମ+ଇକ=ଆଧ୍ୟାତ୍ମିକ, ଅକସ୍ମାତ୍+ଇକ=ଆକସ୍ମିକ (ନିପାତନ), ପୁନଃପୁନଃ+ଇକ=ପୌନଃପୁନିକ, ବିଷୟ+ଇକ=ବୈଷୟିକ, ସଂସାର+ଇକ=ସାଂସାରିକ, ଇତିହାସ+ଇକ=ଐତିହାସିକ, ରସାୟନ+ଇକ=ରାସାୟନିକ, ଦେହ+ଇକ=ଦୈହିକ, ମୂଳ+ଇକ=ମୌଳିକ, ରଜସ୍+ଇକ=ରାଜସିକ ଇତ୍ୟାଦି।

ଭକ୍ତି, ଭାବ, କର୍ମ, ସମ୍ବନ୍ଧ ପ୍ରଭୃତି ଅର୍ଥରେ ଶବ୍ଦର ଉତ୍ତର ଯ ପ୍ରତ୍ୟୟ ହୁଏ। ଯ ପରେ ଥିଲେ ଶବ୍ଦର ଅନ୍ତ୍ୟ ଇ, ଓ ଊ ସ୍ଥାନରେ ଯଥାକ୍ରମରେ ଇ, ଅବ୍, ଆବ୍ ଆଦେଶ ହୁଏ; ଯଥା—ଭକ୍ତି ଅର୍ଥରେ—ଗଣପତି+ଯ=ଗାଣପତ୍ୟ, ପ୍ରଜାପତି+ଯ=ପ୍ରାଜାପତ୍ୟ, ବାୟୁ+ଯ=ବାୟବ୍ୟ ଇତ୍ୟାଦି। ଭାବ ଅର୍ଥରେ—ସ୍ଥିର+ଯ=ସ୍ଥୈର୍ଯ୍ୟ, ଧୀର+ଯ=ଧୈର୍ଯ୍ୟ, ଗମ୍ଭୀର+ଯ=ଗାମ୍ଭୀର୍ଯ୍ୟ, କୃଶ+ଯ=କାର୍ଶ୍ୟ, ଜଡ଼+ଯ=ଜାଡ୍ୟ, ଶୀତ+ଯ=ଶୈତ୍ୟ, ଦୃଢ଼+ଯ=ଦାର୍ଢ୍ୟ, ମନ୍ଦ+ଯ=ମାନ୍ଦ୍ୟ, ସୁଭଗ+ଯ=ସୌଭାଗ୍ୟ, ମଧୁର+ଯ=ମାଧୁର୍ଯ୍ୟ,

ବିଷମ+ଯ=ବୈଷମ୍ୟ, ସମ+ଯ=ସାମ୍ୟ, କର୍କଶ+ଯ=କାର୍କଶ୍ୟ, ଶୁକ୍ଳ+ଯ=ଶୌକ୍ଳ୍ୟ, ପ୍ରବୀଣ+ଯ=ପ୍ରାବୀଣ୍ୟ, ଉଦାସୀନ+ଯ=ଔଦାସୀନ୍ୟ, କୃପଣ+ଯ=କାର୍ପଣ୍ୟ, ମଧ୍ୟସ୍ଥ+ଯ=ମାଧ୍ୟସ୍ଥ୍ୟ, ଉଦାର+ଯ=ଔଦାର୍ଯ୍ୟ, ସୁଜନ+ଯ=ସୌଜନ୍ୟ, ଅଧିକ+ଯ=ଆଧିକ୍ୟ ଇତ୍ୟାଦି । ଭାବ ଓ କର୍ମ ଉଭୟ ଅର୍ଥରେ ବ୍ରାହ୍ମଣ+ଯ=ବ୍ରାହ୍ମଣ୍ୟ (ବ୍ରାହ୍ମଣର ଭାବ ଓ କର୍ମ), ଏହିପରି ଚୋର+ଯ=ଚୌର୍ଯ୍ୟ, ସେନାପତି+ଯ=ସୈନାପତ୍ୟ, ଅଧିପତି+ଯ=ଆଧିପତ୍ୟ, ସଖା+ଯ=ସାଖ୍ୟ, ଦୂତ+ଯ=ଦୂତ୍ୟ, ଦୌତ୍ୟ; ପୁରୋହିତ+ଯ=ପୌରୋହିତ୍ୟ, ସାରଥି+ଯ=ସାରଥ୍ୟ, ଆସ୍ତିକ+ଯ=ଆସ୍ତିକ୍ୟ, ନାସ୍ତିକ+ଯ=ନାସ୍ତିକ୍ୟ, ବଣିକ୍+ଯ=ବାଣିଜ୍ୟ, ସୁହୃଦ୍+ଯ=ସୌହୃଦ୍ୟ, ଅଳସ+ଯ=ଆଳସ୍ୟ, ଶୁର+ଯ=ଶୌର୍ଯ୍ୟ, ବୀର+ଯ=ବୀର୍ଯ୍ୟ, ପଣ୍ଡିତ+ଯ=ପାଣ୍ଡିତ୍ୟ, ପ୍ରତିକୂଳ+ଯ=ପ୍ରାତିକୂଲ୍ୟ, ଅନୁକୂଳ+ଯ=ଆନୁକୂଲ୍ୟ, ଚପଳ+ଯ=ଚାପଲ୍ୟ, ନିପୁଣ+ଯ=ନୈପୁଣ୍ୟ, ସହାୟ+ଯ=ସାହାଯ୍ୟ, ଚତୁର+ଯ=ଚାତୁର୍ଯ୍ୟ ଇତ୍ୟାଦି; ନିମିତ୍ତାର୍ଥରେ—ପାଦ+ଯ=ପାଦ୍ୟ (ପାଦ ପ୍ରକ୍ଷାଳନ ନିମିତ୍ତ ଜଳ), ଏହିପରି ଅର୍ଘ+ଯ=ଅର୍ଘ୍ୟ, ଅତିଥି+ଯ=ଆତିଥ୍ୟ ଇତ୍ୟାଦି । ଭବ ଅର୍ଥରେ—ଗ୍ରାମ+ଯ=ଗ୍ରାମ୍ୟ, ବର୍ଗ+ଯ=ବର୍ଗ୍ୟ, କଣ୍ଠ+ଯ=କଣ୍ଠ୍ୟ, ଦନ୍ତ+ଯ=ଦନ୍ତ୍ୟ, ତାଳୁ+ଯ=ତାଲବ୍ୟ, ଓଷ୍ଠ+ଯ=ଔଷ୍ଠ୍ୟ, ଦିବ୍+ଯ=ଦିବ୍ୟ, ଆଦି+ଯ=ଆଦ୍ୟ, ଅନ୍ତ+ଯ=ଅନ୍ତ୍ୟ, ପ୍ରାକ୍+ଯ=ପ୍ରାଚ୍ୟ, ପ୍ରତୀଚ୍+ଯ=ପ୍ରାତୀଚ୍ୟ, ଉଦୀଚୀ+ଯ=ଉଦୀଚ୍ୟ, ବହିସ୍+ଯ=ବାହ୍ୟ (ନିପାତନ) ଇତ୍ୟାଦି । ସମ୍ବନ୍ଧାର୍ଥରେ—ଗୋ+ଯ=ଗବ୍ୟ, ପିତୃ+ଯ=ପିତ୍ର୍ୟ, ବ୍ରହ୍ମନ୍+ଯ=ବ୍ରାହ୍ମଣ୍ୟ, ଯମ୍+ଯ=ଯାମ୍ୟ ଇତ୍ୟାଦି ।

ସମ୍ବନ୍ଧ ପ୍ରଭୃତି ଅର୍ଥରେ ଶବ୍ଦର ଉତ୍ତର ଈୟ ପ୍ରତ୍ୟୟ ହୁଏ ।

ଯଥା – ଜଳ + ଈୟ = ଜଳୀୟ, ମାନବ + ଈୟ = ମାନବୀୟ, ରାଘବ + ଈୟ = ରାଘବୀୟ, ନିଷେଧ + ଈୟ = ନୈଷଧୀୟ, ପାଣ୍ଡବ + ଈୟ = ପାଣ୍ଡବୀୟ, ବାୟୁ + ଈୟ = ବାୟବୀୟ, ସ୍ନାୟୁ + ଈୟ = ସ୍ନାୟବୀୟ, ଭ୍ରାତୃ + ଈୟ = ଭ୍ରାତୀୟ; ଏହିପରି ବଂଶୀୟ, ଦେଶୀୟ, ଉତ୍କଳୀୟ, ବଙ୍ଗୀୟ, ତୈଲଙ୍ଗୀୟ, ମହାରାଷ୍ଟ୍ରୀୟ, ତଦୀୟ, ତ୍ୱଦୀୟ, ମଦୀୟ, ଯୁଷ୍ମଦୀୟ, ଅସ୍ମଦୀୟ, ଶାରଦୀୟ ଇତ୍ୟାଦି ।

ଈୟ ପ୍ରତ୍ୟୟ ହେଲେ ରାଜନ୍ ପ୍ରଭୃତି ଶବ୍ଦର ଉତ୍ତର କ (କନ୍) ହୁଏ; ଯଥା—ରାଜନ୍ + ଈୟ = ରାଜକୀୟ (ନ ଲୋପ); ପର + ଈୟ = ପରକୀୟ, ସ୍ୱ + ଈୟ, ସ୍ୱୀୟ, ସ୍ୱକୀୟ (ବିକଳ୍ପେ) ।

ଭକ୍ତ, ଭବ, ସମ୍ବନ୍ଧ ପ୍ରଭୃତି ଅର୍ଥରେ ଶବ୍ଦର ଉତ୍ତର ଏୟ ପ୍ରତ୍ୟୟ ହୁଏ; ଯଥା—ଅଗ୍ନି + ଏୟ = ଆଗ୍ନେୟ (ଅଗ୍ନ୍ୟୁପାସକ ଏବଂ ଅଗ୍ନି ସମ୍ବନ୍ଧୀୟ), ଶୈଳ + ଏୟ = ଶୈଳେୟ (ଶୈଳଜାତ), ମିତ୍ର + ଏୟ = ମୈତ୍ରେୟ (ମିତ୍ରସମ୍ବନ୍ଧୀୟ) ଇତ୍ୟାଦି । ଜାତ ଅର୍ଥରେ ଶବ୍ଦରୁ ଉତ୍ତର ଆୟନ ପ୍ରତ୍ୟୟ ହୁଏ ; ଯଥା— ଦ୍ୱୀପ + ଆୟନ = ଦ୍ୱୈପାୟନ ଇତ୍ୟାଦି ।

ଅପତ୍ୟ. ସମ୍ବନ୍ଧ ପ୍ରଭୃତି ଅର୍ଥରେ ଅ, ଇକ, ଯ ପ୍ରଭୃତି ଯେଉଁ ସାତ ପ୍ରତ୍ୟୟ ହେଲା, ସେଗୁଡ଼ିକ ଏବଂ ଈୟ, କ (କଣ୍), ଇନ୍ (ଣିନ୍), ଇକ (ଷ୍ଣିକ) ଏହି ଚାରି ପ୍ରତ୍ୟୟ ଅର୍ଥବିଶେଷରେ ବିଶେଷ ବିଶେଷ ଶବ୍ଦରୁ ଉତ୍ତର ବିହିତ ହୁଏ । କେବଳ ଈୟ ଛଡ଼ା ଉପରୋକ୍ତ ପ୍ରତ୍ୟୟମାନଙ୍କ ମଧ୍ୟରୁ ଯେ କୌଣସି ପ୍ରତ୍ୟୟ ପରେ ଥିଲେ ଶବ୍ଦର ଆଦି ସ୍ୱରର ପ୍ରାୟ ବୃଦ୍ଧି ହୁଏ । ସୁଭଗା ପ୍ରଭୃତି ଶବ୍ଦର ଅନ୍ତର୍ଗତ ଉଭୟ ପଦର ଏବଂ କେତେକ ଶବ୍ଦର ଅନ୍ତର୍ଗତ ଦ୍ୱିତୀୟ ପଦର ଆଦ୍ୟ ସ୍ୱରର ବୃଦ୍ଧି ହୁଏ; ଯଥା—ସୁଭଗା + ଯ = ସୌଭାଗ୍ୟ, ସୁହୃଦ = ଅ = ସୌହାର୍ଦ୍ଦ, ଅଧିଦେବ + ଇକ = ଆଧିଦୈବିକ, ଅଧିଭୂତ + ଇକ

=ଆଧିଭୌତିକ, ପରଲୋକ+ଇକ=ପାରଲୌକିକ, ସର୍ବଲୋକ+ଇକ=ସାର୍ବଲୌକିକ, ପଞ୍ଚଭୂତ+ଇକ=ପାଞ୍ଚଭୌତିକ, ସର୍ବଭୂମି+ଅ=ସାର୍ବଭୌମ, ସୁର—ସିନ୍ଧୁ+ଅ=ସୌରସୈନ୍ଧବ, ସୁସଦୃଶ+ଯ=ସୌସାଦୃଶ, ଦ୍ୱିବର୍ଷ+ଇକ୍=ଦ୍ୱୈବାର୍ଷିକ ଇତ୍ୟାଦି । ସ୍ଥଳେ ସ୍ଥଳେ ବୃଦ୍ଧିର କାର୍ଯ୍ୟ ହୁଏ ନାହିଁ । ଯଥା—ଧନ+ଇକ=ଧନିକ, ରସ+ଇକ=ରସିକ, ତଦ୍+ଈୟ=ତଦୀୟ ଇତ୍ୟାଦି ।

ଜ୍ଞାନ ଓ ଅଧ୍ୟୟନ ଅର୍ଥରେ ଇକ ପ୍ରତ୍ୟୟର ଉଦାହରଣ ପୂର୍ବେ ପ୍ରଦର୍ଶିତ ହୋଇଅଛି; ତଦ୍‌ଭିନ୍ନ ଅ ଏବଂ କ ମଧ୍ୟ ପ୍ରତ୍ୟୟ ହୁଏ ଏବଂ ଶିକ୍ଷା ପ୍ରଭୃତି ଶବ୍ଦର ଅନ୍ତ୍ୟସ୍ୱର ହ୍ରସ୍ୱ ହୁଏ । ଯଥା—ବ୍ୟାକରଣ+ଅ=ବୈୟାକରଣ ( ଯ=ଐୟ ), ଶିକ୍ଷା+କ=ଶିକ୍ଷକ, ମୀମାଂସା+କ=ମୀମାଂସକ ଇତ୍ୟାଦି ।

ଭାବ ଅର୍ଥରେ ଅ, ଇକ, ଯ ଓ ଅୟନ ପ୍ରତ୍ୟୟ ଛଡ଼ା ଶବ୍ଦର ଉତ୍ତର ଈନ ପ୍ରତ୍ୟୟ ମଧ୍ୟ ହୁଏ ; ଯଥା—କୁଳ+ଈନ=କୁଳୀନ, ପ୍ରାକ୍ ବା ପ୍ରାଚୀ+ଈନ=ପ୍ରାଚୀନ, ଅବାଚ୍+ଈନ=ଅବାଚୀନ, ଅର୍ବାଚ୍+ଈନ୍=ଅର୍ବାଚୀନ, କାଳ+ଈନ୍=କାଳୀନ ଇତ୍ୟାଦି ।

ଭକ୍ତ, କୃତ, ରଞ୍ଜିତ ପ୍ରଭୃତି ଅର୍ଥରେ ଶବ୍ଦର ଉତ୍ତର ଯଥାସମ୍ଭବ ଉକ୍ତ ପ୍ରତ୍ୟୟମାନ ହୁଅନ୍ତି; ଯଥା—ତାଙ୍କଦ୍ୱାରା କୃତ ଏହି ଅର୍ଥରେ ଋଷି+ଅ=ଆର୍ଷ, ପତଞ୍ଜଳି+ଅ=ପାତଞ୍ଜଳ; ମନୁ+ଈୟ=ମାନବୀୟ, ପରାଶର+ଈୟ=ପାରାଶରୀୟ, ପାଣିନି+ଈୟ=ପାଣିନୀୟ; ଜୈମିନି+ଈୟ=ଜୈମିନୀୟ, ବାଲ୍ମୀକି+ଈୟ=ବାଲ୍ମୀକୀୟ, ନାରଦ+ଈୟ=ନାରଦୀୟ, ବୃହସ୍ପତି+ଯ=ବାର୍ହସ୍ପତ୍ୟ ଇତ୍ୟାଦି । କୃତାର୍ଥରେ—କାୟ+ଇକ=କାୟିକ, ଶରୀର+ଇକ=ଶାରୀରିକ, ବାଚ+ଇକ=ବାଚିକ, ବଚନ+ଇକ=ବାଚନିକ, ମନସ୍+ଇକ=ମାନସିକ, ପୁରୁଷ+ଏୟ=ପୌରୁ-

ପୌଷ୍ୟ ଇତ୍ୟାଦି । ରକ୍ତୋତାର୍ଥରେ—କୁସୁମ୍ଭ+ଅ=କୌସୁମ୍ଭ, ହରିଦ୍ରା+ଅ=ହାରିଦ୍ର ଇତ୍ୟାଦି । ସାଧୁ ବା କୁଶଳାର୍ଥରେ—ସମାଜ+ଇକ=ସାମାଜିକ, ସଂଗ୍ରାମ+ଇକ=ସାଂଗ୍ରାମିକ, ବିତଣ୍ଡା+ଇକ=ବୈତଣ୍ଡିକ; ସଭା+ଯ=ସଭ୍ୟ, ଅତିଥି+ଏୟ=ଆତିଥେୟ, ବିଦ୍ୟା +ଅ=ବୈଦ୍ୟ; ପଥିନ୍+ଅ=ପାନ୍ଥ (ନିପାତନସିଦ୍ଧ); ସେଠାରୁ ଆଗତ ବା ତାହାଠାରୁ ପ୍ରାପ୍ତ ଏହି ଅର୍ଥରେ—ମଥୁରା+ଅ=ମାଥୁର; ନଗର+ଇକ୍=ନାଗରିକ, ପିତୃ+କ=ପୈତୃକ, ମାତୃ+କ=ମାତୃକ, ଭ୍ରାତୃ+କ=ଭ୍ରାତୃକ ଇତ୍ୟାଦି । ଅର୍ହ ଅର୍ଥାତ୍ ଉପଯୁକ୍ତ ଅର୍ଥରେ-ବେଦ+ଯ=ବେଦ୍ୟ, ଦଣ୍ଡ+ଯ=ଦଣ୍ଡ୍ୟ, ବଧ+ଯ=ବଧ୍ୟ ଇତ୍ୟାଦି । ଅନପେତ ଅର୍ଥରେ—ଧର୍ମ+ଯ=ଧର୍ମ୍ୟ,ନ୍ୟାୟ+ଯ=ନ୍ୟାଯ୍ୟ, ଅର୍ଥ+ଯ=ଅର୍ଥ୍ୟ, ପଥ+ଯ=ପଥ୍ୟ, ଶାସ୍ତ୍ର+ଇୟ =ଶାସ୍ତ୍ରୀୟ, ବିଧି+ଅ=ବୈଧ ଇତ୍ୟାଦି । ପ୍ରୟୋଜନ ଅର୍ଥରେ—ସଂଯାତ୍ରା+ଇକ=ସାଂଯାତ୍ରିକ, ଆୟୁଷ୍+ଯ=ଆୟୁଷ୍ୟ, ଯଶସ୍+ଯ =ଯଶସ୍ୟ, ନାସା+ଯ=ନସ୍ୟ ଇତ୍ୟାଦି । ଗ୍ରନ୍ଥ ବୁଝାଇଲେ, 'ତାହାଙ୍କ ଅଧିକାର କରି କୃତ' ଏହି ଅର୍ଥରେ—ଭଗବତ+ଅ=ଭାଗବତ, ଭରତ+ଅ=ଭାରତ, ସ୍ୱବପାଣ୍ଡବ+ଈୟ=ସ୍ୱବପାଣ୍ଡବୀୟ, କିରାତାର୍ଜୁନ+ଈୟ=କିରାତାର୍ଜୁନୀୟ ଇତ୍ୟାଦି । ହିତାର୍ଥରେ—ଯଜ୍ଞ+ଈୟ=ଯଜ୍ଞୀୟ, ଜନ+ଈନ=ଜନୀନ, ବିଶ୍ୱଜନ +ଈନ=ବିଶ୍ୱଜନୀନ, ସର୍ବଜନ+ଈନ=ସାର୍ବଜନୀନ, ବଳ+ଯ =ବଲ୍ୟ ଇତ୍ୟାଦି । ବହନ ଅର୍ଥରେ ହଳ+ଇକ=ହାଲିକ, ଧୁର +ଈନ=ଧୁରୀଣ, ଧୁର+ଯ=ଧୁର୍ଯ୍ୟ ଇତ୍ୟାଦି ।

ସ୍ୱାର୍ଥରେ ଶବ୍ଦର ଉତ୍ତର ଯଥାସମ୍ଭବ ଉକ୍ତ ପ୍ରତ୍ୟୟମାନ ହେଲେ ତାହାର ଅର୍ଥରେ ବୈଲକ୍ଷଣ୍ୟ ଘଟେ ନାହିଁ । ପୂର୍ବ ଅର୍ଥ ଅବିକୃତ ଥାଏ । ଯଥା—ବନ୍ଧୁ+ଅ=ବାନ୍ଧବ, ମଧୁ+ଅ=ମାଧବ,ସ୍ତେନ+

ଅ=ଗୌର, ଯମଳ+ଅ=ଯାମଳ, ମନସ୍+ଅ=ମାନସ, କୁତୁକ +ଅ=କୌତୁକ, କୁତୂହଳ+ଅ=କୌତୂହଳ, ମରୁତ+ଅ= ମାରୁତ, ରକ୍ଷସ୍+ଅ=ରାକ୍ଷସ, ଦ୍ୱିଧା+ଅ=ଦ୍ୱୈଧ (ନିପାତନ), ଭେଷଜ+ଅ=ଭୈଷଜ, ସୁଗନ୍ଧ+ଅ, ଯ=ସୌଗନ୍ଧ, ସୌଗନ୍ଧ୍ୟ; ନିଚେଳକ+ଯ=ନୈଚେଳକ୍ୟ, କରୁଣା+ଯ=କାରୁଣ୍ୟ, ସେନା+ ଯ=ସୈନ୍ୟ, ରୂପ+ଯ=ରୌପ୍ୟ, ସନ୍ନିଧି+ଯ=ସାନ୍ନିଧ୍ୟ, ସମୀପ+ଯ=ସାମୀପ୍ୟ, ସୁଖ+ଯ=ସୌଖ୍ୟ, ସୂର+ଯ=ସୂର୍ଯ୍ୟ, ମର୍ତ୍ତ+ଯ=ମର୍ତ୍ତ୍ୟ, ସମାନ+ଯ=ସାମାନ୍ୟ, ନୌ+କ=ନୌକା, ବାଳ+କ=ବାଳକ, ଘଟି+କ=ଘଟିକା, ଏକ+କ=ଏକକ, ଚୂର୍ଣ୍ଣ+କ=ଚୂର୍ଣ୍ଣକ ଇତ୍ୟାଦି ।

ସ୍ୱାର୍ଥରେ ଉକ୍ତ ପ୍ରତ୍ୟୟ ଭିନ୍ନ ଅଧିକ କେତେକ ପ୍ରତ୍ୟୟ ହୁଏ; ଯଥା—ଦେବ+ତା=ଦେବତା, ମୃଦ୍+ତିକ (ତିକନ୍) =ମୃତ୍ତିକା, ନବ+ତନ=ନୂତନ (ନିପାତନସିଦ୍ଧ) ଇତ୍ୟାଦି ।

ସ୍ୱାର୍ଥ ବୁଝାଇଲେ ଶବ୍ଦର ଅନ୍ତ୍ୟସ୍ୱରର ପୂର୍ବରେ ଅକ୍ ଏବଂ ବାଳା ପ୍ରଭୃତି ଶବ୍ଦର ଅନ୍ତ୍ୟ ସ୍ୱରର ପୂର୍ବରେ ଇକ୍ ଆଗମ ହୁଏ; ଯଥା—କନ୍ୟା—କନ୍ୟା+ଅ=କନ୍ୟା+ଅକ୍+ଅ=କନ୍ୟକା, ଏହିପରି ତାରା—ତାରକା, ବାଳା—ବଳ+ଇକ+ଅ=ବାଳିକା, ଏହିପରି ଲତା=ଲତିକା, ନାସା=ନାସିକା, ଗୋଧା=ଗୋଧିକା, ରାଧା—ରାଧିକା ଇତ୍ୟାଦି ।

ସ୍ତ୍ରୀଲିଙ୍ଗ ଶବ୍ଦର ଉତ୍ତର ସ୍ୱାର୍ଥରେ କ ପ୍ରତ୍ୟୟ ହେଲେ ଅନ୍ତ୍ୟସ୍ୱର ହ୍ରସ୍ୱ ହୁଏ; ଯଥା—ମାଧବୀ—ମାଧବିକା, ଚଣ୍ଡୀ—ଚଣ୍ଡିକା, ମୃଣାଳୀ—ମୃଣାଳିକା, ଯୂଥୀ—ଯୂଥିକା, ଦୂତୀ—ଦୂତିକା, କାଳୀ—କାଳିକା, ଶାରୀ—ଶାରିକା, ସୂଚୀ—ସୂଚିକା, କୁମାରୀ—କୁମାରିକା, ବଦରୀ—ବଦରିକା ଇତ୍ୟାଦି ।

ଅ, ଇକ ପ୍ରଭୃତି ପ୍ରତ୍ୟୟମାନ ଯେଉଁ ସବୁ ଅର୍ଥରେ ଦର୍ଶିତ ହେଲା, ତଦ୍ଭିନ୍ନ ନାନା ଅର୍ଥରେ ସୁଦ୍ଧା ପ୍ରୟୋଗ ହେବାର ଦେଖାଯାଏ; ତାହା ନିଃଶେଷ ଦେଖାଇବା ଅସମ୍ଭବ । ନିମ୍ନରେ କେତେଗୁଡ଼ିଏ ଉଦାହରଣ ପ୍ରଦର୍ଶିତ ହେଲା ; ଯଥା—ପୃଥିବୀ+ଅ =ପାର୍ଥିବ(ପୃଥିବୀର ଈଶ୍ୱର);ଏହିପରି ସର୍ବଭୂମି+ଅ=ସାର୍ବଭୌମ, ହିମବତ୍+ଅ=ହୈମବତୀ (ହିମବାନ୍‌ରୁ ଉତ୍ପନ୍ନ), ଧର୍ମ+ଇକ= ଧାର୍ମିକ (ଯେ ଧର୍ମଆଚରଣ କରେ),ରଥ+ଇକ=ରଥିକ ଯେ (ରଥରେ ସଞ୍ଚରଣ କରେ), ଅନୂକୂଳ+ଇକ=ଆନୁକୂଳିକ (ଯେ ଅନୂକୂଳରେ ବର୍ତ୍ତିମାନ), ଏହିପରି ପ୍ରତିକୂଳ+ଇକ=ପ୍ରାତିକୂଳିକ, ବାତ+ଇକ =ବାତିକ(ବାତର କୋପ),ଏହିପରି ପିତ୍ତ+ଇକ=ପୈତ୍ତିକ,ସନ୍ନିପାତ +ଇକ=ସାନ୍ନିପାତିକ, ଅସ୍ତି+ଇକ=ଆସ୍ତିକ ( ଈଶ୍ୱର ଅଛନ୍ତି ଓ ପରଲୋକ ଅଛି, ଏହି ବିଶ୍ୱାସ ଯାହାର ଅଛି), ଏହିପରି ନାସ୍ତି+ଇକ =ନାସ୍ତିକ, ନୌ+ଯ=ନାବ୍ୟ ( ନୌକାଦ୍ୱାରା ଯାହାକୁ ଉତ୍ତରଣ କରିଯାଏ), ବୟସ୍+ଯ=ବୟସ୍ୟ (ବୟସରେ ତୁଲ୍ୟ), ତୁଲ+ଯ =ତୁଲ୍ୟ.(ତୁଳାଦଣ୍ଡଦ୍ୱାରା ସମ୍ମିତ), ଶୂଳ+ଯ=ଶୂଲ୍ୟ ( ଶୂଳଦ୍ୱାରା ପକ୍ୱ ), ଶାଲା+ଈନ=ଶାଲୀନ (ବିନୀତ), ସର୍ବାଙ୍ଗ+ଇନ୍= ସର୍ବାଙ୍ଗୀନ ( ଯାହା ସର୍ବାଙ୍ଗ ବ୍ୟାପିକରି ଥାଏ ), କାକତାଳ+ଈୟ =କାକତାଳୀୟ (କାକତାଳ ଅର୍ଥାତ୍ କାକଗମନ ଓ ତାଳପତନ ପରି), ବୃଦ୍ଧ+କ=ବାର୍ଦ୍ଧକ୍ୟ (ବୁଢ଼ା ବୟସ) ।

ତଦ୍ଧିତ ପ୍ରତ୍ୟୟ ହେଲେ ସ୍ଥଳେ ସ୍ଥଳେ ଶବ୍ଦର ଅନ୍ତ୍ୟ ଯକାରର ଲୋପ ହୁଏ । ଯଥା—ସୂର୍ଯ୍ୟ+ଅ=ସୌର, ମନୁଷ୍ୟ+ଇକ= ମାନୁଷିକ, ପୁଷ୍ୟା+ଅ=ପୌଷ ଇତ୍ୟାଦି ।

ତଦ୍ଧିତ ପ୍ରତ୍ୟୟ ହେଲେ ଶବ୍ଦର ଅନ୍ତସ୍ଥିତ ନକାରର ଲୋପ ହୁଏ; ଯଥା—ପୁରୋମନ୍+ଅ ( ଅପତ୍ୟାର୍ଥରେ ସ୍ତ୍ରୀ )=ପୌଲୋମୀ,

ପଥିନ୍+ଇକ ( କୁଶଳାର୍ଥରେ )=ପଥିକ, ଅଗ୍ନ+ଈୟ ( ଏ, ଏହାର, ଏହି ଅର୍ଥରେ )=ଅଗ୍ନୀୟ ।

ବିକାରାର୍ଥରେ ଅ ଏବଂ ଭାବ ଅର୍ଥରେ ଯ ପ୍ରତ୍ୟୟ ପରେ ଥିଲେ, ଅନ୍‌ଭାଗାନ୍ତ ଶବ୍ଦର ନକାରର ଲୋପ ହୁଏ, ଅନ୍ୟତ୍ର ଲୋପ ହୁଏ ନାହିଁ । ଯଥା—ହେମନ୍+ଅ ( ବିକାରାର୍ଥରେ )=ହୈମ, ରାଜନ୍+ଯ= ରାଜ୍ୟ ( ରାଜାର ଭାବ ଅବା କର୍ମ ) । ଅନ୍ୟତ୍ର ଯଥା—ଯୁବନ୍+ଅ =ଯୌବନ, ପର୍ବନ୍+ଅ=ପାର୍ବଣ, ବ୍ରହ୍ମନ+ଯ=ବ୍ରହ୍ମଣ୍ୟ, ରାଜନ +ଯ=ରାଜନ୍ୟ, କର୍ମନ୍+ଯ=କର୍ମନ୍ୟ, ମୂର୍ଦ୍ଧନ୍+ଯ—ମୂର୍ଦ୍ଧନ୍ୟ ।

ଜାତି ଭିନ୍ନ ଅର୍ଥରେ ବ୍ରହ୍ମନ୍ ଶବ୍ଦର ନ ଲୋପ ହୁଏ । ଯଥା— ବ୍ରହ୍ମନ୍+ଅ ( ସମ୍ବନ୍ଧ ପ୍ରଭୃତି ଅର୍ଥରେ )=ବ୍ରାହ୍ମ, ବ୍ରହ୍ମନ୍+ଯ= ବ୍ରାହ୍ମ୍ୟ, ଜାତି ଅର୍ଥରେ—ବ୍ରହ୍ମନ୍+ଅ=ବ୍ରାହ୍ମଣ ।

ଉପରିଲିଖିତ ନିମ୍ନସ୍ଥ ଶବ୍ଦମାନ ପ୍ରକରଣାନୁସାରେ କେବେ ବିଶେଷଣ, କେବେ ବିଶେଷ୍ୟ ହୁଅନ୍ତି । ସାମୁଦ୍ର ବିଶେଷଣ; ମାତ୍ର ସାଗର ବିଶେଷ୍ୟ. ମାହେଶ୍ୱର ବିଶେଷଣ; ଯଥା—ମାହେଶ୍ୱରଧନୁଃ । ପୁଣି ସେହି ମାହେଶ୍ୱର ଶବ୍ଦ ବିଶେଷ୍ୟ ହୋଇପାରେ; ଯଥା—ଲଙ୍କେଶ୍ୱର ପରମ ମହେଶ୍ୱର (ମାହେଶ୍ୱରଭକ୍ତ) ଥିଲେ । କୌମାର ବିଶେଷଣ, ଯଥା-କୌମାରୀ ଶକ୍ତି । ପୁଣି ସେହି କୌମାର ଶବ୍ଦ ବିଶେଷ୍ୟ ହୋଇପାରେ ଯଥା—ପିତା କନ୍ୟାକୁ କୌମାରରେ ରକ୍ଷା କରନ୍ତି । ମାନସ ସ୍ୱାର୍ଥରେ ବିଶେଷ୍ୟ, ମାତ୍ର ସମ୍ବନ୍ଧାର୍ଥରେ ବିଶେଷଣ ; ଯଥା—ମାନସ ପ୍ରତ୍ୟକ୍ଷ ।

ପୂର୍ବେ ଯେଉଁ ଏକାଦଶ ପ୍ରତ୍ୟୟ ବିହିତ ହେଲା, ତଦ୍ଭିନ୍ନ ଅନ୍ୟର ନାନା ପ୍ରତ୍ୟୟ ନାନା ଅର୍ଥରେ ହୁଏ; ସେଥିମଧ୍ୟରୁ କେତେକ ନିମ୍ନରେ ପ୍ରଦର୍ଶିତ ହେଉଅଛି ।

ତାହାର ଭାବ ଏହି ଅର୍ଥରେ ଅ ଓ ଯ ପ୍ରତ୍ୟୟ ଭିନ୍ନ ଶବ୍ଦର ଉତ୍ତର ତ୍ୱ ଓ ତା ପ୍ରତ୍ୟୟ ମଧ୍ୟ ହୁଏ । ଯଥା—ପ୍ରଭୁ+ତ୍ୱ=ପ୍ରଭୁତ୍ୱ,

ପ୍ରଭୁ + ତା = ପ୍ରଭୁତା, ଏହିପରି ସ୍ତ୍ରୀ—ସ୍ତ୍ରୀତ୍ୱ, ସ୍ତ୍ରୀତା; ମନୁଷ୍ୟ—ମନୁଷ୍ୟତ୍ୱ, ମନୁଷ୍ୟତା; ଅମର—ଅମରତ୍ୱ, ଅମରତା; ପଶୁ—ପଶୁତ୍ୱ, ପଶୁତା; ଶୂର—ଶୂରତ୍ୱ, ଶୂରତା; କାତର—କାତରତ୍ୱ, କାତରତା; ଚପଳ—ଚପଳତ୍ୱ, ଚପଳତା; ନାସ୍ତିକ—ନାସ୍ତିକତ୍ୱ, ନାସ୍ତିକତା; ଅଳସ—ଅଳସତ୍ୱ, ଅଳସତା; ଅନ୍ଧ—ଅନ୍ଧତ୍ୱ, ଅନ୍ଧତା; ମୂର୍ଖ—ମୂର୍ଖତ୍ୱ, ମୂର୍ଖତା; ମୂକ—ମୂକତ୍ୱ, ମୂକତା; ନ୍ୟୂନ—ନ୍ୟୂନତ୍ୱ, ନ୍ୟୂନତା; ନୀଚ—ନୀଚତ୍ୱ, ନୀଚତା; ଖଳ—ଖଳତ୍ୱ, ଖଳତା; ନୃଶଂସ—ନୃଶଂସତ୍ୱ, ନୃଶଂସତା; ମଳିନ—ମଳିନତ୍ୱ, ମଳିନତା ।

ତାହାର ଭାବ ଏହି ଅର୍ଥରେ ନୀଳ ପ୍ରଭୃତି ଶବ୍ଦର ଉତ୍ତର ବିକଳ୍ପରେ ଇମନ୍ ଏବଂ ଅନ୍ୟ ପକ୍ଷରେ ତ୍ୱ ଓ ତା ପ୍ରତ୍ୟୟ ହୁଏ । ଯଥା—ନୀଳ + ଇମନ୍ = ନୀଳିମା, ନୀଳ + ତ୍ୱ = ନୀଳତ୍ୱ, ନୀଳ + ତା = ନୀଳତା; ଏହିପରି ପୀତ—ପୀତିମା, ପୀତତ୍ୱ, ପୀତତା; ରକ୍ତ—ରକ୍ତିମା, ରକ୍ତତ୍ୱ, ରକ୍ତତା; ଶୁକ୍ଳ—ଶୁକ୍ଳିମା, ଶୁକ୍ଳତ୍ୱ, ଶୁକ୍ଳତା; ବଙ୍କ—ବଙ୍କିମା, ବଙ୍କତ୍ୱ, ବଙ୍କତା; ଜଡ଼—ଜଡ଼ିମା, ଜଡ଼ତ୍ୱ, ଜଡ଼ତା; ମଧୁର—ମଧୁରିମା, ମଧୁରତ୍ୱ, ମଧୁରତା ଇତ୍ୟାଦି ।

ଇମନ୍ ପ୍ରତ୍ୟୟ ହେଲେ ଅନ୍ତ୍ୟ ଉ ବର୍ଣ୍ଣର ଗୁଣ ନ ହୋଇ ଲୋପ ହୁଏ । ଯଥା—ଲଘୁର ଭାବ ଏହି ଅର୍ଥରେ ଲଘୁ + ଇମନ୍ = ଲଘ୍ + ଇମନ୍ = ଲଘିମା, ତ୍ୱ ଏବଂ ତା ପ୍ରତ୍ୟୟ କଲେ ଲଘୁତ୍ୱ ଓ ଲଘୁତା; ଏହିପରି ଅଣୁ ଅଣିମା, ଅଣୁତ୍ୱ, ଅଣୁତା ଇତ୍ୟାଦି ।

ଭାବାର୍ଥରେ ଇମନ୍ ପ୍ରତ୍ୟୟ କଲେ ମୃଦୁ, ମହତ୍, ଗୁରୁ ପ୍ରଭୃତି ଶବ୍ଦରୁ ନିମ୍ନଲିଖିତ ରୂପେ ପଦ ନିଷ୍ପନ୍ନ ହୁଏ; ଯଥା—ମୃଦୁ + ଇମନ୍ (ମୃଦୁ = ମ୍ରଦ) = ମ୍ରଦ + ଇମନ = ମ୍ରଦିମା (ଋ = ର) ତ୍ୱ ଓ ତା ପ୍ରତ୍ୟୟ କଲେ ମୃଦୁତ୍ୱ, ମୃଦୁତା, ଏହିପରି ପୃଥୁ—ପ୍ରଥିମା, ପୃଥୁତ୍ୱ; ପୃଥୁତା; ଦୃଢ଼ = ଦ୍ରଢ଼ିମା; ଦୃଢ଼ତ୍ୱ, ଦୃଢ଼ତା; ମହତ୍ = ମହିମା,

(ମହତ୍=ମହ) ମହତ୍ତ୍ୱ, ମହତ୍ତ୍ୱ; ପ୍ରିୟ—ପ୍ରେମ, ପ୍ରିୟତ୍ୱ, ପ୍ରିୟତା, ଗୁରୁ, ଗରିମା, (ଗୁରୁ=ଗର) ଗୁରୁତ୍ୱ, ଗୁରୁତା; ଦୀର୍ଘ—ଦ୍ରାଘିମା, (ଦୀର୍ଘ=ଦ୍ରାଘ) ଦୀର୍ଘତ୍ୱ, ଦୀର୍ଘତା ଇତ୍ୟାଦି ।

ତାହା, ଏହାର ବା ଏଥିରେ ସଞ୍ଜାତ ଏହି ଅର୍ଥରେ ଶବ୍ଦର ଉତ୍ତର ଇତ ପ୍ରତ୍ୟୟ ହୁଏ, ଯଥା—ତାରକା ଏଥିରେ ସଞ୍ଜାତ ଏହି ଅର୍ଥରେ ତାରକା+ଇତ=ତାରକିତ (ଆକାଶ), ବ୍ୟାଧି ଏହାର ସଞ୍ଜାତ ଏହି ଅର୍ଥରେ ବ୍ୟାଧି+ଇତ=ବ୍ୟାଧିତ (ମନୁଷ୍ୟ), ଏହିପରି ପଲ୍ଲବ+ଇତ=ପଲ୍ଲବିତ, ଫଳ+ଇତ=ଫଳିତ, ପୁଷ୍ପ ଇତ=ପୁଷ୍ପିତ, ତରଙ୍ଗ+ଇତ=ତରଙ୍ଗିତ, ଉତ୍କଣ୍ଠା+ଇତ=ଉତ୍କଣ୍ଠିତ, କଳଙ୍କ+ଇତ=କଳଙ୍କିତ, ବର୍ମ+ଇତ=ବର୍ମିତ । ଏହିପରି ପୁଲକିତ, ଅଙ୍କୁରିତ, ମଞ୍ଜରିତ, ମୁକୁଳିତ, କଲ୍ଲୋଳିତ, କଣ୍ଟକିତ, ରୋମାଞ୍ଚିତ, ଗର୍ବିତ, ହର୍ଷିତ, କୋରକିତ, କୁସୁମିତ, ସ୍ତବକିତ, ତୃଷିତ, ପିପାସିତ; ପଣ୍ଡିତ, ମୁଦ୍ରିତ, ନିଦ୍ରିତ, ଲଜ୍ଜିତ, ମୂର୍ଚ୍ଛିତ, ବୁଭୁକ୍ଷିତ, କବଳିତ, ରମ୍ଭିତ, ପ୍ରତିବିମ୍ବିତ ଇତ୍ୟାଦି ।

ଅବୟବ ଅର୍ଥରେ ସଂଖ୍ୟାବାଚକ ଶବ୍ଦମାନଙ୍କରୁ ଉତ୍ତର ତୟ (ତୟଟ୍) ପ୍ରତ୍ୟୟ ହୁଏ; ଯଥା—ଚତୁର+ତୟ=ଚତୁଷ୍ଟୟ, (ଯାହାର ଚାରି ଅବୟବ), ଏହିପରି ପଞ୍ଚତୟ, ଶତତୟ, ସହସ୍ରତୟ ଇତ୍ୟାଦି । ମାତ୍ର ଏହି ଅର୍ଥରେ ଦ୍ୱି ଓ ତ୍ରି, ଏହି ଦୁଇଶବ୍ଦର ଉତ୍ତର ବିକଳ୍ପେ ଅୟ (ଅୟଚ୍) ଏବଂ ଉଭୟ ଶବ୍ଦର ଉତ୍ତର ଯ ପ୍ରତ୍ୟୟ ହୁଏ; ଯଥା—ଦ୍ୱି+ଅୟ, ତୟ=ଦ୍ୱୟ, ଦ୍ୱିତୟ; ତ୍ରି+ଅୟ, ତୟ=ତ୍ରୟ, ତ୍ରିତୟ; ଉଭ+ଯ=ଉଭୟ ।

ପୂରଣ ଅର୍ଥାତ୍ ଯାହା ସଂଖ୍ୟା ପୂର୍ଣ୍ଣ କରେ ଏହି ଅର୍ଥରେ ଦ୍ୱି ଓ ତ୍ରି ଶବ୍ଦର ଉତ୍ତର ତୀୟ, ଚତୁର ଓ ଷଷ୍ ଶବ୍ଦର ଉତ୍ତର ଥ (ଥଟ୍) ପଞ୍ଚନ୍ ପ୍ରଭୃତି ନକାରାନ୍ତ ସଂଖ୍ୟାବାଚକ ଶବ୍ଦର ଉତ୍ତର ମ (ମଟ୍),

ପ୍ରତ୍ୟୟ ହୁଏ ଏବଂ ମ ପ୍ରତ୍ୟୟ ହେଲେ ଅନ୍ତ୍ୟ ନକାରର ଲୋପ ହୁଏ । ଯଥା—ଦ୍ୱି + ତୀୟ = ଦ୍ୱିତୀୟ, ତ୍ରି + ତୀୟ = ତୃତୀୟ (ତ୍ରି = ତୃ) ଚତୁର୍ + ଥ = ଚତୁର୍ଥ, ଷଷ୍ + ଥ = ଷଷ୍ଠ, ପଞ୍ଚନ୍ + ମ = ପଞ୍ଚମ, ଏହିପରି ସପ୍ତମ,ଅଷ୍ଟମ,ନବମ,ଦଶମ । ନକାରାନ୍ତ ସଂଖ୍ୟାବାଚକ ଶବ୍ଦର ପୂର୍ବରେ ଅନ୍ୟ ସଂଖ୍ୟା ବାଚକ ଶବ୍ଦ ଥିଲେ ତଦୁତ୍ତର ମ ପ୍ରତ୍ୟୟ ନ ହୋଇ ଅ (ଡଟ୍)ପ୍ରତ୍ୟୟ ହୁଏ ଏବଂ ଅନ୍ତ୍ୟ ବର୍ଣ୍ଣର ଲୋପ ହୁଏ । ଯଥା— ଏକାଦଶନ୍ + ଅ = ଏକାଦଶ + ଅ = ଏକାଦଶ୍ + ଅ = ଏକାଦଶ; ଏହିପରି ଦ୍ୱାଦଶ, ତ୍ରୟୋଦଶ, ଚତୁର୍ଦ୍ଦଶ ଓ ଅଷ୍ଟାଦଶ ।

ପୂରଣ ଅର୍ଥରେ ବିଂଶତି,ତ୍ରିଂଶତ ପ୍ରଭୃତି ଶବ୍ଦର ଉତ୍ତର ତମ ଓ ଅ ପ୍ରତ୍ୟୟ ହୁଏ ଏବଂ ଅ ପ୍ରତ୍ୟୟ ହେଲେ ସ୍ୱର ସହିତ ଅନ୍ତ୍ୟବର୍ଣ୍ଣର ଲୋପ ହୁଏ । ଯଥା—ଊନବିଂଶତି + ତମ = ଊନବିଂଶତିତମ, ଊନବିଂଶତି + ଅ = ଊନବିଂଶ + ଅ = ଊନବିଂଶ୍ + ଅ = ଊନବିଂଶ, ତ୍ରିଂଶତ୍ + ତମ = ତ୍ରିଂଶତ୍ତମ, ତ୍ରିଂଶତ୍ + ଅ = ତ୍ରିଂଶ + ଅ = ତ୍ରିଂଶ୍ + ଅ = ତ୍ରିଂଶ, ଏହିପରି ବିଂଶତି—ବିଂଶତିତମ,ବିଂଶ;ଏକବିଂଶତି—ଏକବିଂଶତିତମ, ଏକବିଂଶ; ଦ୍ୱାବିଂଶତି—ଦ୍ୱାବିଂଶତିତମ, ଦ୍ୱାବିଂଶ; ତ୍ରୟୋବିଂଶତି—ତ୍ରୟୋବିଂଶତିତମ, ତ୍ରୟୋବିଂଶ; ଚତୁର୍ବିଂଶତି—ଚତୁର୍ବିଂଶତିତମ, ଚତୁର୍ବିଂଶ;ତ୍ରୟସ୍ତ୍ରିଂଶତ୍—ତ୍ରୟସ୍ତ୍ରିଂଶତ୍ତମ,ତ୍ରୟସ୍ତ୍ରିଂଶ; ଚତ୍ୱାରିଂଶତ୍—ଚତ୍ୱାରିଂଶତ୍ତମ, ଚତ୍ୱାରିଂଶ; ଚତୁଶ୍ଚତ୍ୱାରିଂଶତ୍—ଚତୁଶ୍ଚତ୍ୱାରିଂଶତ୍ତମ,ଚତୁଶ୍ଚତ୍ୱାରିଂଶ; ପଞ୍ଚାଶତ୍—ପଞ୍ଚାଶତ୍ତମ, ପଞ୍ଚାଶ ଇତ୍ୟାଦି । ମାତ୍ର ଷଷ୍ଟି, ଶତ, ସହସ୍ର ପ୍ରଭୃତି ଶବ୍ଦର ଉତ୍ତର କେବଳ ତମ ପ୍ରତ୍ୟୟ ହୁଏ । ଯଥା—ଷଷ୍ଟି + ତମ = ଷଷ୍ଟିତମ, ଏହିପରି ସପ୍ତତିତମ, ଅଶୀତିତମ, ନବତିତମ, ଶତତମ, ସହସ୍ରତମ, ଅୟୁତତମ, ଲକ୍ଷତମ, ଇତ୍ୟାଦି ; କିନ୍ତୁ ଅନ୍ୟ ସଂଖ୍ୟାବାଚକ ଶବ୍ଦ ପୂର୍ବରେ ଥିଲେ ତମ ଓ ଅ ଉଭୟ ହୁଏ । ଏକଷଷ୍ଟି—ଏକଷଷ୍ଟିତମ, ଏକଷଷ୍ଟ, ଦ୍ୱିଷଷ୍ଟି—ଦ୍ୱିଷଷ୍ଟିତମ, ଦ୍ୱିଷଷ୍ଟ ଇତ୍ୟାଦି ।

ଯେଉଁସବୁ ଶବ୍ଦର ଅନ୍ତରେ ଅ, ଆ, ଅଥବା ବର୍ଗର ପଞ୍ଚମବର୍ଣ୍ଣ ଭିନ୍ନ ସ୍ପର୍ଶବର୍ଣ୍ଣ ଥାଏ, କିମ୍ବା ଉପାନ୍ତରେ ଅ, ଆ ଅଥବା ମ ଥାଏ, ସେମାନଙ୍କର ଉତ୍ତର "ତାହା ବା ଏହାର ଏଥିରେ ଅଛି" ଏହି ଅର୍ଥରେ ବତ୍ (ବତୁ)ପ୍ରତ୍ୟୟ ହୁଏ। ତଦ୍ଭିନ୍ନ ଶବ୍ଦର ଉତ୍ତର ମତ୍ (ମତୁ)ପ୍ରତ୍ୟୟ ହୁଏ;ଯଥା,ବତ୍ ପ୍ରତ୍ୟୟର ଉଦାହରଣ—ଜ୍ଞାନ + ବତ୍ = ଜ୍ଞାନବାନ୍, ଧନ + ବତ୍ = ଧନବାନ୍, ବଳ + ବତ୍ = ବଳବାନ୍, ଗୁଣ + ବତ୍ = ଗୁଣବାନ୍, ଭଗ + ବତ୍ = ଭଗବାନ୍, ମୂଲ୍ୟ + ବତ୍ = ମୂଲ୍ୟବାନ୍, ବିଦ୍ୟା + ବତ୍ = ବିଦ୍ୟାବାନ୍, ଦୟା + ବତ୍ = ଦୟାବାନ୍, କ୍ଷମା + ବତ୍ = କ୍ଷମାବାନ୍, ଶ୍ରଦ୍ଧା + ବତ୍ = ଶ୍ରଦ୍ଧାବାନ୍, ମରୁତ୍ + ବତ୍ = ମରୁତ୍ୱାନ୍, ବିଦ୍ୟୁତ୍ + ବତ୍ = ବିଦ୍ୟୁତ୍ୱାନ୍, ଅମ୍ବନ୍ + ବତ୍ = ଅମ୍ବାବାନ୍, ଭାସ୍ + ବତ୍ = ଭାସ୍ୱାନ୍, ଲକ୍ଷ୍ମୀ + ବତ୍ = ଲକ୍ଷ୍ମୀବାନ୍, ଚର୍ମ + ବତ୍ = ଚର୍ମବାନ୍ ଇତ୍ୟାଦି। ମତ୍ ପ୍ରତ୍ୟୟ—ମତି + ମତ୍ = ମତିମାନ୍, ଏହିପରି ବୁଦ୍ଧିମାନ୍, ଶ୍ରୀମାନ୍, କୀର୍ତ୍ତିମାନ୍, ଭକ୍ତିମାନ୍, ମୂର୍ତ୍ତିମାନ୍, ଭ୍ରାନ୍ତିମାନ୍, କାନ୍ତିମାନ୍, ଶ୍ରୀମାନ୍, ଧୀମାନ୍, ଅଂଶୁମାନ୍, ହନୂମାନ୍, ହନୁମାନ୍, ବଷ୍ମାନ୍, ଆୟୁଷ୍ମାନ୍, ଇତ୍ୟାଦି। କୁମୁଦ ପ୍ରଭୃତି ଶବ୍ଦର ଉତ୍ତର ବତ୍ (ବତୁ ପ୍ରତ୍ୟୟ ହେଲେ ଅନ୍ତ୍ୟସ୍ୱରର ଲୋପ ହୁଏ,ଯଥା—କୁମୁଦ୍ + ବତ୍ = କୁମୁଦ୍ + ବତ୍ = କୁମୁଦ୍ୱାନ୍। ଊର୍ମି ପ୍ରଭୃତି କେତେକ ଶବ୍ଦର ଉତ୍ତର ବତ୍ ନ ହୋଇ ମତ୍ ହୁଏ। ଯଥା—ଊର୍ମିମାନ୍, ଭୂମିମାନ୍, କୃମିମାନ୍ ଇତ୍ୟାଦି।

ଅସ୍‌ଭାଗାନ୍ତ ଶବ୍ଦ ଏବଂ ମାୟା ଓ ମେଧା ଶବ୍ଦର ଉତ୍ତର ଥିବା ଅର୍ଥରେ ବିକଳ୍ପରେ ବିନ୍, ପକ୍ଷେ ବତ୍ ହୁଏ ଏବଂ କେତେକ ଶବ୍ଦର ଉତ୍ତର ନିତ୍ୟ ବିନ୍ ହୁଏ ; ଯଥା—ଯଶସ୍ + ବିନ୍ = ଯଶସ୍ୱୀ, ଏହିପରି ତେଜସ୍ୱୀ, ପୟସ୍ୱୀ, ତପସ୍ୱୀ, ମନସ୍ୱୀ, ମେଧାବୀ, ମାୟାବୀ ଇତ୍ୟାଦି। ପକ୍ଷେ—ଯଶସ୍ୱାନ୍, ତେଜସ୍ୱାନ୍, ମେଧାବାନ୍ ଇତ୍ୟାଦି।

ଏକରୁ ଅଧିକ ସ୍ୱରବିଶିଷ୍ଟ ଅକାରାନ୍ତ ଓ ଆକାରାନ୍ତ କେତେକ ଶବ୍ଦର ଉତ୍ତର ବିକଳ୍ପରେ ଓ କେତେକ ଶବ୍ଦର ଉତ୍ତର ନିତ୍ୟ ଏବଂ ଜାତି ବୁଝାଇଲେ, ହସ୍ତାଦି ସ୍ଥାନ ବୁଝାଇଲେ, ପ୍ରଶଂସା ଓ ଯାଚକ ବୁଝାଇଲେ, ଅର୍ଥ ଶବ୍ଦର ଉତ୍ତର ଇନ୍ ହୁଏ; ଯଥା—ଜ୍ଞାନ+ଇନ୍ = ଜ୍ଞାନୀ, ଏହିପରି ବଳୀ, ଗୁଣୀ, ଧନୀ, ସାହସୀ, ବିବେକୀ, ଶିଖୀ, ମାୟୀ, ସୁଖୀ, ଦୁଃଖୀ, ଋଣୀ, ଶଶୀ, ପ୍ରଣୟୀ, ବିଦ୍ୟାର୍ଥୀ, ଧନାର୍ଥୀ, ଧନ୍ୟାର୍ଥୀ, ହସ୍ତୀ, କରୀ, ଦନ୍ତୀ, ପୁଷ୍କରିଣୀ, ପଦ୍ମିନୀ, ପଙ୍କଜିନୀ, ସରୋଜିନୀ, କମଳିନୀ, କୁମୁଦିନୀ, ମୃଣାଳିନୀ, ତରଙ୍ଗିଣୀ, କଲ୍ଲୋଳିନୀ, ତଟିନୀ, ଅର୍ଥୀ ଇତ୍ୟାଦି । ପକ୍ଷେ—ଜ୍ଞାନବାନ୍, ମାୟାବୀ, ଇତ୍ୟାଦି ଏବଂ କେତେଗୁଡ଼ିଏ ଶବ୍ଦରଉତ୍ତର ଶାଲିନ୍ ପ୍ରତ୍ୟୟ ମଧ୍ୟ ହୁଏ, ଯଥା—ଧନଶାଳୀ, ଗୁଣଶାଳୀ ।

ସେହି ଅର୍ଥରେ ବିଶେଷ ବିଶେଷ ଶବ୍ଦର ଉତ୍ତର ଲ, ଇଲ, ଆଳୁ, ଶ, ଉର, ଇନ, ବଳ, ମିନ ପ୍ରତ୍ୟୟ ହୁଏ । କେତେକ ସ୍ଥଳରେ ଶବ୍ଦର ଅନ୍ତ୍ୟସ୍ୱର ଦୀର୍ଘ ହୁଏ, ଯଥା—ଲ—ମାଂସ+ଲ = ମାଂସଲ, ଏହିପରି ଶ୍ରୀଲ, ପକ୍ଷ୍ମଲ, ଶୀତଳ, ଶ୍ୟାମଳ, ପିଙ୍ଗଳ, ମୃଦୁଲ, ମଞ୍ଜୁଳ, ବତ୍ସଳ, ଗ୍ରନ୍ଥିଳ, କୁଶଳ, ପାଂଶୁଳ, ବତ୍ସଳ, ଚଣ୍ଡାଳ, ପୃଥୁଳ, ଶିଥିଳ । ଇଲ—ଫେନ+ଇଲ = ଫେନିଲ, ଏହିପରି ପିଚ୍ଛିଳ, ପଙ୍କିଳ, ଜଟିଳ ଇତ୍ୟାଦି । ଆଳୁ—ଦୟା+ଆଳୁ = ଦୟାଳୁ । ଶ—ଲୋମନ୍+ଶ = ଲୋମଶ, ଏହିପରି ରୋମଶ, ଗିରିଶ, କର୍କଶ, କପିଶ । ଉର—ଦନ୍ତ+ଉର = ଦନ୍ତୁର । ର—ଊଷ+ର = ଊଷର, ଏହିପରି ଶୁଷିର, ମଧୁର, ମୁଖର, କୁଞ୍ଜର, ନଗର, ପାଣ୍ଡୁର ଇତ୍ୟାଦି । ଇନ୍—ଫଳ+ଇନ୍ = ଫଳିନ, ଏହିପରି ମଳିନ, ବର୍ହିଣ ଇତ୍ୟାଦି । ବଳ—ଶିଖା+ବଳ = ଶିଖାବଳ, ଏହିପରି କୃଷୀବଳ, ଊର୍ଜ୍ଜସ୍ୱଳ, ଦନ୍ତାବଳ ଇତ୍ୟାଦି । ମିନ୍—ସ୍ୱ+ମିନ୍ = ସ୍ୱାମୀ, ଏହିପରି ବାଗ୍ମୀ । ମାତୃପିତୃ ଶବ୍ଦର ଉତ୍ତର ଭ୍ରାତା ଅର୍ଥରେ ଯଥାକ୍ରମରେ ଉଲ (ଡୁଲ) ଓ ବ୍ୟ

ଏବଂ ପିତୃ ଅର୍ଥରେ ଆମହ (ଡାମ ହ) ପ୍ରତ୍ୟୟ ହୁଏ । ଡୁଲ ଓ ଆମହ ପ୍ରତ୍ୟୟ ହେଲେ ଅନ୍ତ୍ୟସ୍ୱର ଲୋପ ହୁଏ; ଯଥା—ମାତୃ+ଡୁଲ= (ମାତା+ଡୁଲ)=ମାତୁଳ (ମାତାର ଭ୍ରାତା), ପିତୃ+ବ୍ୟ= ପିତୃବ୍ୟ (ପିତାର ଭ୍ରାତା), ମାତୃ+ଆମହ=ମାତାମହ (ମାତାର ପିତା), ମାତାମହୀ (ମାତାର ମାତା), ପିତୃ+ଆମହ=ପିତାମହ (ପିତାର ପିତା), ପିତାମହୀ (ପିତାର ମାତା) ।

କୁଶଳ ଅର୍ଥରେ କର୍ମନ୍ ଶବ୍ଦର ଉତ୍ତର ଠ ହୁଏ, ଯଥା— କର୍ମନ୍+ଠ=କର୍ମଠ । ଗୁଣବାଚକ ଶବ୍ଦର ଉତ୍ତର ଦୁହିଙ୍କ ମଧ୍ୟରୁ ଏକର ଅତିଶଯ୍ୟ ବୁଝାଇଲେ ତର ଏବଂ ଅନେକ ମଧ୍ୟରୁ ଏକର ଅତିଶଯ୍ୟ ବୁଝାଇଲେ ତମ ପ୍ରତ୍ୟୟ ହୁଏ, ଯଥା—ପଟୁ+ତର= ପଟୁତର (ଦୁହିଙ୍କ ମଧ୍ୟରେ ପଟୁ), ପଟୁ+ତମ=ପଟୁତମ ଅନେକଙ୍କ ମଧ୍ୟରେ ପଟୁ, ଏହିପରି କ୍ଷୁଦ୍ରତର, କ୍ଷୁଦ୍ରତମ; ଗୁରୁତର, ଗୁରୁତମ; ଲଘୁତର, ଲଘୁତମ; ଦୃଢ଼ତର, ଦୃଢ଼ତମ; ବୃହତ୍ତର; ବୃହତ୍ତମ ଇତ୍ୟାଦି । ତର ଓ ତମପରି ଅତିଶଯ୍ୟ ଅର୍ଥରେ ଈୟସ୍ ଓ ଇଷ୍ଠ ପ୍ରତ୍ୟୟ ହୁଏ, ଇମନ୍ ପ୍ରତ୍ୟୟ ହେଲେ ଲଘୁ, ମୃଦୁ ପ୍ରଭୃତି ଶବ୍ଦର ଯେପରି ପରିବର୍ତ୍ତନ ହୁଏ, ଈୟସ୍ ଓ ଇଷ୍ଠ ପ୍ରତ୍ୟୟ ହେଲେ ମଧ୍ୟ ସେହିପରି ପରିବର୍ତ୍ତନ ହୁଏ ; ଯଥା—ଗୁରୁ+ଈୟସ୍=ଗରୀୟାନ୍, ଗୁରୁ+ଇଷ୍ଠ=ଗରିଷ୍ଠ, ଏହିପରି ଲଘୁ—ଲଘୀୟାନ୍, ଲଘିଷ୍ଠ ।

ଈୟସ୍ ଓ ଇଷ୍ଠ ପ୍ରତ୍ୟୟ ହେଲେ କେତେକ ଶବ୍ଦର ନିମ୍ନଲିଖିତ ରୂପେ ପରିବର୍ତ୍ତନ ହୁଏ ; ଯଥା—ପ୍ରଶସ୍ୟ+ଈୟସ୍=ଶ୍ରେୟାନ୍, ଜ୍ୟାୟାନ୍; ପ୍ରଶସ୍ୟ+ଇଷ୍ଠ=ଶ୍ରେଷ୍ଠ, ଜ୍ୟେଷ୍ଠ, ବୃଦ୍ଧ+ଈୟସ୍= ବର୍ଷୀୟାନ୍, ଜ୍ୟାୟାନ୍, ବୃଦ୍ଧ+ଇଷ୍ଠ=ବର୍ଷିଷ୍ଠ, ଜ୍ୟେଷ୍ଠ; ଅଳ୍ପ+ ଈୟସ=ଅଳ୍ପୀୟାନ୍, କନୀୟାନ୍, ଅଳ୍ପ+ଇଷ୍ଠ+ଅଳ୍ପିଷ୍ଠ, କନିଷ୍ଠ ; ଯୁବନ୍+ଈୟସ୍=ଯବୀୟାନ୍, କନୀୟାନ୍ ; ଯୁବନ୍+ଇଷ୍ଠ=

=ଯବଷ୍ଠ, କନିଷ୍ଠ; ଏହିପରି ବହୁ+ଈୟସ୍, ଇଷ୍ଠ+ଭୂୟସ୍, ଭୂୟିଷ୍ଠ ।

ଈୟସ୍ ଓ ଇଷ୍ଠ ପ୍ରତ୍ୟୟ ହେଲେ ବତ୍ ଓ ମତ୍ ପ୍ରତ୍ୟୟ ଲୋପ ହୁଏ, ଯଥା—ବଲବାନ୍—ବଲୀୟାନ୍, ବଲିଷ୍ଠ ଇତ୍ୟାଦି ।

ଏକ, ଅନ୍ୟ ପ୍ରଭୃତି ଶବ୍ଦର ଉତ୍ତର ଦୁଇଙ୍କ ମଧ୍ୟରୁ ଏକର ନିର୍ଦ୍ଧାରଣ ବୁଝାଇଲେ ତର ଏବଂ ଅନେକ ମଧ୍ୟରୁ ଏକର ନିର୍ଦ୍ଧାରଣ ବୁଝାଇଲେ ତମ ପ୍ରତ୍ୟୟ ହୁଏ, ଯଥା—ଏକ+ତର=ଏକତର । (ଦୁଇଙ୍କ ମଧ୍ୟରୁ ଏକ) ଏକ+ତମ=ଏକତମ (ଅନେକ ମଧ୍ୟରୁ ଏକ), ଏହିପରି ଅନ୍ୟତର, ଅନ୍ୟତମ ଇତ୍ୟାଦି ।

ଈଷତ୍ ନ୍ୟୂନ ଅର୍ଥାତ୍ ପ୍ରାୟ ତୁଲ୍ୟ ଏହି ଅର୍ଥରେ କଳ୍ପ ପ୍ରତ୍ୟୟ ହୁଏ, ଯଥା—ମୃତକଳ୍ପ, ବିଦ୍ୱତ୍କଳ୍ପ, ଇନ୍ଦ୍ରକଳ୍ପ ଇତ୍ୟାଦି ।

ସାଦୃଶ୍ୟ ବୁଝାଇଲେ ଶବ୍ଦର ଉତ୍ତର ବତ୍ ହୁଏ; ଯଥାଃ—ଚନ୍ଦ୍ର +ବତ୍=ଚନ୍ଦ୍ରବତ୍ (ଚନ୍ଦ୍ରପରି), ଏହିପରି ପିତୃବତ୍, ମାତୃବତ୍, ଗଜବତ୍, ଅଗ୍ନିବତ୍ ଇତ୍ୟାଦି ।

ତୁଲ୍ୟ ଅର୍ଥରେ ଶବ୍ଦର ଉତ୍ତର ସ୍ଥାନ ଓ ସ୍ଥାନୀୟ ପ୍ରତ୍ୟୟ ହୁଏ; ଯଥା-ପିତୃ—ପିତୃସ୍ଥାନ,ପିତୃସ୍ଥାନୀୟ; ମାତୃ—ମାତୃସ୍ଥାନ,ମାତୃସ୍ଥାନୀୟ ।

ଜାତି ଅର୍ଥରେ ଶବ୍ଦର ଉତ୍ତର ଜାତୀୟ ପ୍ରତ୍ୟୟ ହୁଏ; ଯଥା—ବ୍ରାହ୍ମଣଜାତୀୟ, କ୍ଷତ୍ରିୟଜାତୀୟ, ସ୍ତ୍ରୀଜାତୀୟ, ବଣିକ୍ଜାତୀୟ ଇତ୍ୟାଦି ।

ପ୍ରକାର ବୁଝାଇଲେ ସଂଖ୍ୟାବାଚକ ଶବ୍ଦର ଉତ୍ତର ଧା ଏବଂ ସର୍ବ ପ୍ରଭୃତିର ଉତ୍ତର ଥା ପ୍ରତ୍ୟୟ ହୁଏ, ଯଥା—ଦ୍ୱିଧା, ତ୍ରିଧା, ଚତୁର୍ଦ୍ଧା, ପଞ୍ଚଧା, ସପ୍ତଧା, ଶତଧା, ସହସ୍ରଧା, ସର୍ବଥା, ଅନ୍ୟଥା, ଉଭୟଥା ଇତ୍ୟାଦି । ଯଦ୍ ପ୍ରଭୃତିରୁ ନିମ୍ନଲିଖିତ ରୂପେ ପଦ ନିଷ୍ପନ୍ନ ହୁଏ ; ଯଥା—ଯଦ୍+ଥା=ଯଥା, ତଦ୍+ଥା=ତଥା ।

ସମୂହାର୍ଥରେ ଶବ୍ଦର ଉତ୍ତର ଯ, କାଣ୍ଡ, ତା ପ୍ରତ୍ୟୟ ହୁଏ; ଯଥା—ବନ+ଯ=ବନ୍ୟା, ବାତ+ଯ=ବାତ୍ୟା, କର୍ମ+କାଣ୍ଡ =କର୍ମକାଣ୍ଡ, ଜନ+ତା=ଜନତା ଇତ୍ୟାଦି ।

ବୀପ୍ସା ବୁଝାଇଲେ ଶବ୍ଦର ଉତ୍ତର ଶଃ (କଶସ୍) ପ୍ରତ୍ୟୟ ହୁଏ, ଯଥା—କ୍ରମଶଃ, ପ୍ରାୟଶଃ, ଅଳ୍ପଶଃ, ଖଣ୍ଡଶଃ ଇତ୍ୟାଦି ।

ବିକାର, ଅବୟବ, ବ୍ୟାପ୍ତି, ସଂସର୍ଗ, ଅପୃଥଗ୍‌ଭାବ ଇତ୍ୟାଦି ବୁଝାଇଲେ ଶବ୍ଦର ଉତ୍ତର ମୟ (ମୟଟ୍) ପ୍ରତ୍ୟୟ ହୁଏ ; ଯଥା— ବିକାର—ସ୍ୱର୍ଣ୍ଣ + ମୟ = ସ୍ୱର୍ଣ୍ଣମୟ, ମୃତ୍ + ମୟ = ମୃଣ୍ମୟ । ହିରଣ୍ୟ + ମୟ = ହିରଣ୍ମୟ (ନିପାତନ) । ଅବୟବ—ଦାରୁମୟ, ଦର୍ଭମୟ, କାଷ୍ଠମୟ, ଅନ୍ନମୟ । ବ୍ୟାପ୍ତି—ଜଳମୟ, ରୋଗମୟ, ଧୂମମୟ । ସଂସର୍ଗ—ତେଲମୟ, ଘୃତମୟ, ପାପମୟ । ଅପୃଥଗ୍‌ଭାବ—ବସ୍ତୁମୟ, ବାଙ୍ମୟ, ଚିନ୍ମୟ । ପରିପୂର୍ଣ୍ଣ—ଜ୍ଞାନମୟ, ଆନନ୍ଦମୟ ଇତ୍ୟାଦି । ପୁରୀଷ ବୁଝାଇଲେ ଗୋ ଶବ୍ଦର ଉତ୍ତର ମୟ ପ୍ରତ୍ୟୟ ହୁଏ; ଯଥା— ଗୋ + ମୟ = ଗୋମୟ ।

ସହାୟଶୂନ୍ୟ ବୁଝାଇଲେ ଏକ ଶବ୍ଦର ଉତ୍ତର ଆକିନ୍ ପ୍ରତ୍ୟୟ ହୁଏ ; ଯଥା —ଏକ + ଆକିନ୍ = ଏକାକୀ ।

ପଞ୍ଚମୀ ଓ ସପ୍ତମୀ ବିଭକ୍ତି ସ୍ଥାନରେ ତଃ ( ତସିଲ୍ ) ହୁଏ; ଯଥା—ପ୍ରଥମତଃ, ଦ୍ୱିତୀୟତଃ, ଫଳତଃ, ବସ୍ତୁତଃ, ଅନ୍ତତଃ ଇତ୍ୟାଦି । ସର୍ବନାମର ସପ୍ତମୀ ସ୍ଥାନରେ ବିକଳ୍ପେ ତ୍ର ହୁଏ; ଯଥା— ସର୍ବତ୍ର, ଏକତ୍ର, ଅନ୍ୟତ୍ର, ପରତ୍ର ଇତ୍ୟାଦି ।

କାଳ ବୁଝାଇଲେ ଏକ ପ୍ରଭୃତି ଶବ୍ଦର ସପ୍ତମୀରେ ଦା ପ୍ରଭୃତି ହୁଏ ଏବଂ କିମ୍ ପ୍ରଭୃତି ଶବ୍ଦର ନିମ୍ନଲିଖିତରୂପେ ପରିବର୍ତ୍ତନ ହୁଏ; ଯଥା—ଏକ + ଦା = ଏକଦା, ସର୍ବ + ଦା = ସର୍ବଦା, ସଦା; କିମ୍ + ଦା = କଦା, ତଦ୍ + ଦା = ତଦା, ତଦ୍ + ଦାନିଂ = ତଦାନୀଂ; ଇଦମ୍ + ଦାନୀଂ = ଇଦାନୀଂ, ଭବ ଅର୍ଥରେ ଊର୍ଦ୍ଧ୍ୱ ପ୍ରଭୃତି କେତେକ ଶବ୍ଦ ଏବଂ କାଳବାଚ୍ୟ ଶବ୍ଦର ଉତ୍ତର ତନ (ତନପ) ପ୍ରତ୍ୟୟ ହୁଏ, ଯଥା—ଊର୍ଦ୍ଧ୍ୱ + ତନ = ଊର୍ଦ୍ଧ୍ୱତନ, ଉପରି—ଉପରିତନ, ପ୍ରାକ୍—

ପ୍ରାକ୍ତନ, ପୂର୍ବ—ପୂର୍ବତନ, ଅଧଃ—ଅଧସ୍ତନ; ଅଦ୍ୟ—ଅଦ୍ୟତନ; ଏହିପରି ସାୟନ୍ତନ, ପୁରାତନ, ଚିରନ୍ତନ, ସଦାତନ, ସନାତନ, ଅଧୁନାତନ, ଏଦାନୀନ୍ତନ, ତଦାନୀନ୍ତନ ।

ସେହି ଅର୍ଥରେ ଆଦି ଓ ମଧ୍ୟର ଉତ୍ତର ମ ଏବଂ ଅଗ୍ର, ଅନ୍ତ ଓ ପଶ୍ଚାତ୍ ଶବ୍ଦର ଉତ୍ତର ଇମ ହୁଏ; ଯଥା—ଆଦି + ମ = ଆଦିମ, ମଧ୍ୟ + ମ = ମଧ୍ୟମ, ଅଗ୍ର + ଇମ = ଅଗ୍ରିମ, ଅନ୍ତ + ଇମ = ଅନ୍ତିମ, ପଶ୍ଚାଦ୍ + ଇମ୍ = ପଶ୍ଚିମ ।

ସେହି ଅର୍ଥରେ ଦକ୍ଷିଣ ପ୍ରଭୃତି କେତେକ ଶବ୍ଦ ଏବଂ ନ ପ୍ରତ୍ୟୟାନ୍ତ ଶବ୍ଦର ଉତ୍ତର ତ୍ୟ ପ୍ରତ୍ୟୟ ହୋଇ ନିମ୍ନଲିଖିତରୂପ ପଦ ନିଷ୍ପନ୍ନ ହୁଏ, ଯଥା :—ଦକ୍ଷିଣ—ଦାକ୍ଷିଣାତ୍ୟ; ପଶ୍ଚାଦ୍—ପାଶ୍ଚାତ୍ୟ, ତତ୍—ତତ୍ତ୍ୟ ଅତ୍ର—ଅତ୍ରତ୍ୟ ଇତ୍ୟାଦି ।

ଅନିଶ୍ଚୟାର୍ଥରେ କିମ୍ ଶବ୍ଦ ନିଷ୍ପନ୍ନ ପଦର ଉତ୍ତର ଚିଦ୍ ଓ ଚନ ହୁଏ; ଯଥା—କଦାଚିତ୍, କଦାଚନ, କ୍ୱଚିତ୍, କୁତଶ୍ଚିତ୍, କଥଞ୍ଚିତ୍, କଥଞ୍ଚିତ୍, କଞ୍ଚନ ଇତ୍ୟାଦି ।

ପୂର୍ବେ ହୋଇଅଛି ଏହି ଅର୍ଥରେ ଶବ୍ଦର ଉତ୍ତର ଚର (ଚରଟ) ପ୍ରତ୍ୟୟ ହୁଏ ; ଯଥା—ଦୃଷ୍ଟ + ଚର = ଦୃଷ୍ଟଚର ( ଯାହା ଦୃଷ୍ଟ ହୋଇଅଛି), ଏହିପରି ଶ୍ରୁତଚର, ଜ୍ଞାତଚର ଇତ୍ୟାଦି ।

ଭୂ ଓ କୃ ଧାତୁ ନିଷ୍ପନ୍ନ ପଦ ପରେ ଥିଲେ "ପୂର୍ବେ ନ ଥିଲା ବର୍ତ୍ତମାନ ହୋଇଅଛି" ଏହି ଅର୍ଥରେ ଆକାରାନ୍ତ ଓ ଅକାରାନ୍ତ ଶବ୍ଦ ଈକାରାନ୍ତ ହୁଏ ଏବଂ ଅନ୍ୟ ସ୍ୱରାନ୍ତ ଶବ୍ଦ ହେଲେ ସେହି ସ୍ୱର ଦୀର୍ଘ ହୁଏ; ଯଥା—ମନ୍ଦୀଭୂତ ଅର୍ଥାତ୍ ପୂର୍ବେ ମନ୍ଦ ନ ଥିଲା, ବର୍ତ୍ତମାନ ମନ୍ଦ ହୋଇଅଛି; ଏହିପରି ବୃହତ୍କୃତ, ଚୂର୍ଣ୍ଣୀଭୂତ, ଦୃଢ଼ୀଭୂତ, ସ୍ତମ୍ଭୀଭୂତ, ବାଷ୍ପୀଭୂତ,ବଶୀଭୂତ, ଦୀର୍ଘୀକୃତ, ଅଙ୍ଗୀକାର, ସ୍ୱୀକାର, ଲଘୂକରଣ ।

ପରିଣତ, ଅଧୀନତା ଓ ଦେୟ ଅର୍ଥରେ ଶବ୍ଦର ଉତ୍ତର ସାତ୍

ପ୍ରତ୍ୟୟ ହୁଏ; ଯଥା—ଦୈଳସାତ୍ (ଧୂଳି ରୂପରେ ପରିଣତ), ଏହିପରି ଭସ୍ମସାତ୍, ଜଳସାତ୍, ରାଜସାତ୍ (ରାଜାର ଅଧୀନ), ଏହିପରି ଅଗ୍ନିସାତ୍, ବିପ୍ରସାତ୍ (ବିପ୍ରଙ୍କୁ ଦତ୍ତ), ଏହିପରି ବ୍ରାହ୍ମଣସାତ୍, ଦେବସାତ୍ ।

ବର୍ଣ୍ଣମାନଙ୍କର ଏକ ଏକ ଅକ୍ଷରବୋଧକ ଅର୍ଥରେ କାର ପ୍ରତ୍ୟୟ ହୁଏ ; ଯଥା—ଅକାର, ଅକାର, ଚକାର, ନକାର ଇତ୍ୟାଦି ।

ଉତ୍ପନ୍ନ, ଜାତ, ସ୍ଥିତ, ସମ୍ବନ୍ଧ ପ୍ରଭୃତି ଅର୍ଥରେ ଶବ୍ଦର ଉତ୍ତର ଈ, ଇୟା, ଇଅ, ଉଅ, ଅଳ, ଆଳି, ଆଟ, ଉଳି, ଓଇ, ଇୟର ପ୍ରଭୃତି ପ୍ରତ୍ୟୟ ହୁଏ ; ଯଥା—ଦେଶୀ, ବିଲାତୀ, କଟକୀ, ବାଲେଶ୍ୱରୀ, ସମ୍ବଲପୁରୀ, ବନାରସୀ, ନେପାଳୀ, ଓଡ଼ିଆ, ପାହାଡ଼ିଆ, ଭୋଟିଆ, ନଈକୂଳିଆ, ତାଳଚେରିଆ, ଛମାସିଆ; ଦ୍ୱିପହରିଆ, ବର୍ଷକିଆ, ମରହଟି, ଜାନୁଗଣ୍ଠୀ, ମଦ୍ଧଟିଆ, ସକାଳୁଆ, ସଞ୍ଜୁଆ, ଅଷାଢ଼ୁଆ, ବଣୁଆ, ବାଲୁଆ, ଅନ୍ଧାରୁଆ, ଖେଦୁଆ, ମଠାଳ, ଚଉତାଳି, ଉତ୍ତରାଳି, ପୂର୍ବାଳି, କୁଳଟ, ଗାଉଁଲି, ବାଟୋଇ, ସର୍ବୋଇ, ବଳୀୟାର ଇତ୍ୟାଦି ।

ବ୍ୟବସାୟ, ଜୀବିକା, ପାଳନ, ସେବନ, କଥନ ପ୍ରଭୃତି ଅର୍ଥରେ, ଶବ୍ଦର ଉତ୍ତର ଇ, ଇୟା, ଈ, ଉଆ, ଆଳ, ଇଆଳ; ବା ୟାଳ, ରୀ, ଅରି ପ୍ରଭୃତି ପ୍ରତ୍ୟୟ ହୁଏ ; ଯଥା—ତନ୍ତ୍ରୀ, ତେଲି, ମାଳି, ତାମ୍ବୁଲି, ଶଗଡ଼ିଆ, ବଳଦିଆ, ହଳିଆ, ଜାଲିଆ, ବୋଝିଆ, ଭାରିଆ, ଘାଟିଆ, ମାଙ୍କଡ଼ିଆ, କୁକୁରିଆ; ଗୁଡ଼ିଆ, ମୂଳିଆ, ମଦଖୀ, ଅଫିମୀ, ଦୋକାନୀ, ଅପୁଆ, ସାପୁଆ, ବାଘୁଆ, ଭାଲୁଆ, ହାଟୁଆ, ଘାଟୁଆ, ନାଟୁଆ, ମିଛୁଆ, ଗପୁଆ, ଶଙ୍ଖୁଆ, ବାଣୁଆ, ହାତୀଆଳ, ବୋଇତଆଳ, ମଦ୍ଧିଆଳ ବା ମଦ୍ଧିୟାଳ, ଗାଞ୍ଜିୟାଳ ବା ଗାଞ୍ଜିଆଳ, ପାନରୀ, କାଠରୀ, ପାଠରୀ, ସୁନାରି, କଂସାରି, ଶଙ୍ଖାରି ଇତ୍ୟାଦି ।

ଭାବ ବା ଧର୍ମ ଅର୍ଥରେ ଶବ୍ଦର ଉତ୍ତର ଗିରି, ପଣ, ପଣିଆ ବା ପଣିୟା ଇତ୍ୟାଦି ପ୍ରତ୍ୟୟ ହୁଏ ; ଯଥା—ବାବୁଗିରି, ବଢ଼େଇଗିରି,

ମୂଲ୍ୟଅଟିବ, ବ୍ରାହ୍ମଣପଣ, ନାଟୁଆପଣ, ମନୁଷ୍ୟପଣ, ପ୍ରଭୁପଣ, ରାଜାପଣ, ମାଲିପଣ, କଙ୍ଗପଣ, ପଣ୍ଡିତପଣ, ମୂର୍ଖପଣିଆ, ଢମରପଣିଆ, ରସିକପଣିଆ ଇତ୍ୟାଦି ।

ରଞ୍ଜିତ ଅର୍ଥରେ ଇଆ, ଆ ବା ଇଆ, ଉଆ ପ୍ରଭୃତି ପ୍ରତ୍ୟୟ ହୁଏ; ଯଥା—ପାଉଁଶିଆ, ନାଲିଆ, ବାଇଗଣିଆ, ହଳିଆ, ମାଟିଆ, ଧୂଳିଆ, ଖଇରା, ଶାଗୁଆ ଇତ୍ୟାଦି ।

ଅଛି ଅର୍ଥରେ ଇଆ, ଉଆ ପ୍ରଭୃତି ପ୍ରତ୍ୟୟ ହୁଏ ; ଯଥା—ବାଲିଆ, ଜଟିଆ, ଚୁଟିଆ, ମୁନିଆ, ଲୁଣିଆ, ଦାଢ଼ୁଆ ଇତ୍ୟାଦି ।

ସ୍ୱାର୍ଥରେ ଶବ୍ଦର ଉତ୍ତର ଉଆ, ଇଆ ପ୍ରଭୃତି ପ୍ରତ୍ୟୟ ହୁଏ ; ଯଥା—ଅଲଚୁଆ, ମଟୁଆ, ସବୁଆ, ଭାଲିଆ, ମଧୁରିଆ ଇତ୍ୟାଦି ।

ଅଳ୍ପାର୍ଥରେ ଭାଇ ପ୍ରଭୃତି ଶବ୍ଦର ଉତ୍ତର ଲି ପ୍ରତ୍ୟୟ ହୋଇ ନିମ୍ନଲିଖିତରୂପେ ନିଷ୍ପନ୍ନ ହୁଏ ; ଯଥା—ଭାଇ—ଭାଯୁଲି, ଗଠ—ଗଠୁଲି, ଟିଲ—ଟିଲେଇଲି, ଏହିପରି ଝୁଲି, ହଂସରଲି ଇତ୍ୟାଦି ।

ଯୁକ୍ତ କିମ୍ବା ନିଯୁକ୍ତାର୍ଥରେ ଶବ୍ଦର ଉତ୍ତର ଆଏତ୍ ପ୍ରତ୍ୟୟ ହୁଏ ; ଯଥା—ଟୀକା—ଟୀକାଏତ୍, ପଛା—ପଛାଏତ୍, ଗଣ୍ଡା—ଗଣ୍ଡାଏତ, ଗନ୍ତା—ଗନ୍ତାଏତ୍ ଇତ୍ୟାଦି ।

ସଞ୍ଜ୍ଞା ଶବ୍ଦର ଉତ୍ତର ଅନାଦର କିମ୍ବା ବାତ୍ସଲ୍ୟ ଅର୍ଥରେ ଇଆ ଓ ଆ ପ୍ରତ୍ୟୟ ହୁଏ; ଯଥା—ଗୋପାଲିଆ, ହରିଆ, ମଟୁଆ, ସାଧୁଆ, ଯଦୁଆ, ରମା, ବନା ଇତ୍ୟାଦି ।

ଦିଗ ଅର୍ଥରେ ଆଡ଼େ ପ୍ରତ୍ୟୟ ହୁଏ ; ଯଥା—ଘରଆଡ଼େ, ବାରିଆଡ଼େ, ଇଆଡ଼େ, ସେଆଡ଼େ ଇତ୍ୟାଦି ।

ସଂଖ୍ୟା ଓ ପରିମାଣ ଅର୍ଥରେ ତେ, ତିକି, ଡେ, ଡିକି ଏବଂ କାଳାଧିକରଣ ଅର୍ଥରେ ବେ ପ୍ରତ୍ୟୟ ହୁଏ; ଯଥା—ତେତେ, ଏତେ, ଯେତେ, ଯେତିକି, ଏତିକି, କେତେ, ତେଡ଼େ, ଯେଡ଼ିକି, ଏଡ଼ିକି, କେବେ, ଯେବେ ଇତ୍ୟାଦି ।

ଶବ୍ଦ ଉତ୍ତରୁ ତଦ୍ଧିତ ପ୍ରତ୍ୟୟ ହୋଇ ପୁଣି ଅନ୍ୟାର୍ଥ ତଦ୍ଧିତ ପ୍ରତ୍ୟୟ ହେବାର ଉଦାହରଣ ଅନେକ ଦେଖାଯାଏ; ଯଥା— ଦସ୍ୟୁତ୍ୱତା, ନାସ୍ତିକତା, ବଳିଷ୍ଠ, ତସତ୍ୟ, ହୃଦୟବତ୍ତ୍ୱ ଇତ୍ୟାଦି ।

## ପ୍ରଶ୍ନ

୧ । ନିମ୍ନଲିଖିତ ପଦମାନ କେଉଁ ଅର୍ଥରେ ତଦ୍ଧିତ ସିଦ୍ଧ ହୋଇଅଛି ସ୍ଥିର କର ଏବଂ ଏମାନଙ୍କ ମଧ୍ୟରେ କିଏ ବିଶେଷ୍ୟ, କିଏ ବିଶେଷଣ, ତାହା ଚିହ୍ନାଇ ଦିଅ —

ଆଧିପତ୍ୟ, ଦୈତ୍ୟ, ପାଣ୍ଡିତ୍ୟ, ସାମାନ୍ୟ, ଧୀମାନ୍, ମାରୁତ, ମାନୁଷ, ବୈଶିଷ୍ଠ, ବୈଶିଷ୍ଠୀ, ଔପାଧିକ, ସ୍ନେହବାନ୍, ବୈୟାକରଣ, ଅନ୍ତ୍ୟ, ପାଦ୍ୟ, ମୌର୍ବୀ, ପଦ୍ୟ, ବୈକଲ୍ୟ, କୈବଲ୍ୟ, ମାଂସଳ, ମାଳବ, ଆନୁକୂଲ୍ୟ, ପୌର୍ବାପର୍ଯ୍ୟ, ଭୈରବୀ, ଜାନକୀ, ମୈଥିଳୀ, ବୈଶେଷିକ, ମାଧୁର୍ଯ୍ୟ, ଯୌଗପଦ୍ୟ, ଉପସ୍ୱେଗୀ, ଔଦ୍ଧତ୍ୟ, ଜୈନ, ଚୈନ, ଭୁକ୍ଷୀକୃତ, ଯୌଥ, ସ୍ତନ୍ୟ, ପଥ୍ୟ, ବଶ୍ୟ, ଗ୍ଲାନ, ବୈଶ୍ୱାନର, ବାଲ୍ୟ, ଐଶ୍ୱର, ବାଲ୍ମୀକୀୟ, ପାଶୁପାଲ୍ୟ, ଆତିଥ୍ୟ, ଗ୍ରନ୍ଥିଳ, ପୌରୋହିତ୍ୟ, ଯୌବରାଜ୍ୟ, ବୈମାନ, ଅବିବେକିତା, ସଂବର୍ଦ୍ଧା, ପଞ୍ଚନଦ, ଷଡ଼ଙ୍ଗୀ, ଦାସ, ଦ୍ୱିବେଦୀ, ସଦସ୍ୟ, ଚତୁର୍ଧୂର୍ଷ, ସହଧର୍ମିଣୀ, ଜଘନ୍ୟ, ବଶୀଭୂତ, ତ୍ରୈବିକ୍ରମ, ଭୈରବ, ଭସ୍ମୀଭୂତ, ଭୈଷଜ୍ୟ, ଭୂଭ୍ରମଣଶାଳୀ, ମାଥୁର, ସୈକତ, ସଖ୍ୟ, ବୈଫଲ୍ୟ, ପ୍ରାଜ୍ଞ, ଦୈନ୍ୟ, ଗୃମର, ହାସ, ଘ୍ରାହୁତା, ତତ୍ତ୍ୱ, ମତ୍ତ୍ୱ, ଚନ୍ଦ୍ରିକା, ସୌଧ, ଔର୍ବ, ଗୋନାସିକା, ମାତ୍ସର୍ଯ୍ୟ, ଐଶ୍ୱର୍ଯ୍ୟ, ଭଗବାନ୍, ଆୟୁଷ୍ମାନ୍, ସାହାଯ୍ୟ, ଗାଙ୍ଗ, ନୈପୁଣ୍ୟ, ନାରକୀୟ, ବୈବସ୍ୱତ, ମାର୍କଣ୍ଡେୟ, ପାରଲୌକିକ, ବୈଧବ୍ୟ, ପାଞ୍ଚଭୌତିକ, ପାଦବ୍ରଜକତା, ଜନତା, ମମତା, ଗୃହସ୍ଥ, କୁଣ୍ଡଳୀ, ଗୃପଲ୍ୟ, ସଭ୍ୟ, ଲାବଣ୍ୟ, ସାରସ, ସାନ୍ଧ୍ୟ, କଳସୀ, ସୈନ୍ଧବ, ତାରକା, ମୌନ, ସତ୍ୟ, ଗୌଣ, ବାଣିଜ୍ୟ, ଆନୁଗତ୍ୟ, ଧୀମତ୍ତ୍ୱ,

ଚକ୍ଷୁଷ୍ମତ୍, ମୃତକଳ୍ପ, ସ୍ନେହମୟ, କୌଷେୟ, କୌଶେୟ, ଐଶ, ନୈଶ, ପ୍ରତିଭାଶାଳିନୀ, ହାରିଦ୍ର୍ୟ, ଦାରିଦ୍ର୍ୟ, ହୈମବତୀ, ବସୁଧା, ତନୟ, ସ୍ୱାସ୍ଥ୍ୟ, ତଡ଼ିତ୍ୱାନ୍, ବୈନାୟକ, ବୈୟାସକ, ସାନ୍ଧିବିଗ୍ରହିକ, ପାଶ୍ଚାତ୍ୟ, ନବ୍ୟ, କାବ୍ୟ, ରହସ୍ୟ, ସାମର୍ଥ୍ୟ, ପାଂଶୁଳ, ଶୌଚ, ଆରଣ୍ୟ, ଛବିଳ, କୈକେୟୀ, କାଳିନ୍ଦୀ, ଭାଗୀରଥୀ, ଭାର୍ଗବୀ, ବୈତରଣୀ, ଜାହ୍ନବୀ, ପାଣୀ, ନାରଦୀୟ, ଶାର୍ଙ୍ଗ, ଦାର୍ଢ୍ୟ, ଚାର୍ଯ୍ୟ, ଗୈରକ, ହୈମନ୍ତିକ, ବୈନତେୟ, ବୈତସୀ, ଔଦାସୀନ୍ୟ, କାରୁଣ୍ୟ, ତାରୁଣ୍ୟ, ଅଦ୍ୟତନ, ଧାର୍ତ୍ତରାଷ୍ଟ୍ର, ଉଦୀଚ୍ୟ, ଊର୍ଜ୍ଜସ୍ୱଳ, ଲାବଣ୍ୟ, ସୈନ୍ଧବ, ଆନ୍ତର, ଭାରଦ୍ୱାଜ, କାଶ୍ୟପ, ସାଂଖ୍ୟ, ପାତଞ୍ଜଳ, ସ୍ୱାତି, ଶ୍ରୌତ, ବୈନ୍ଧ୍ୟ, କୈଶିକ, କୌଶିକ, କୌଷିକ, ଐଶିକ, ଐଷିକ, ହୈମାଳୟିକ, ପ୍ରାଚୁର୍ଯ୍ୟ, ସାହଚର୍ଯ୍ୟ, ଶୁଶ୍ରୂଷ୍ୟ, ବାଲ୍ୟ, ଆୟୁଷ୍ୟ, ହବିଷ୍ୟ, ଅସ୍ମିତା, ହୈଡ଼ିମ୍ବ, ରଘୁବଂଶିକ, ବୈକର୍ତ୍ତିକ, ଔର୍ଦ୍ଧ୍ୱଦେହିକ, କାଷାୟ, ପ୍ରତିହାରୀ, ନାରସିଂହ, ବଶିଷ୍ଠ, ବାଡ଼ବ, ଶ୍ରାଦ୍ଧ, ତାଡ଼ିତ, ଚୌମ୍ବକ, ସମ୍ମୁଖୀନ, ଜାନ୍ତବ, ସାମ୍ୟ, ଗଏର, ଅଖ୍ୟର, ମାଟିଆ, ଘାସିଆ, ବାରମାସିଆ, ଗୁରୁବାରିଆ, ପଛାଳିଆ, ଦରଦାଗିଆ, ତାଳଗଛିଆ, ବନାରସି, ମୁନିଆ, ଚୁଲିଆ, ଯୋଗାଣିଆ, ସୁଆଁସିଆ ।

୨ । ନିମ୍ନଲିଖିତ ବିଶେଷଣରୁ ବିଶେଷ୍ୟପଦ ପ୍ରସ୍ତୁତ କର :—

ଉତ୍ସୁକ, ପୃଥକ୍, ପିଶୁନ, କରୁଣ, ବିଗୁଣ, ଶଠ, ଅଳସ, ସୁକୁମାର, ବିକଳ, ବିଫଳ, ଶୀତ, ମନ୍ଦ, ଲଜ୍ଜିତ, ରକ୍ତ, ବକ୍ର ।

୩ । ନିମ୍ନଲିଖିତ ବିଶେଷ୍ୟମାନଙ୍କରୁ ବିଶେଷଣ ପଦ ପ୍ରସ୍ତୁତ କର :—

ବଡ଼ବା, ବେତସ, ଦମ୍ପତ୍ତି, ଜନ, ବୁଦ୍ଧ, ଗ୍ରାମ, ମତ୍ସ୍ୟ, ଅପ୍ସଃ, ଉରଃ, ବସ୍ତୁ, ଋତୁ, ସନ୍ଧ୍ୟା, ପ୍ରଭାତ, ଈଶାନ, ପୟଃ, ଜଙ୍ଗଲ, ସର୍ଷପ, ଇରାବତୀ ।

ଅ, ଯ ଏବଂ ଇକ ପ୍ରତ୍ୟୟ ପ୍ରୟୋଗ କରି ପ୍ରତ୍ୟେକରୁ ପାଞ୍ଚ-

ଗୋଟି ବିଶେଷ୍ୟ ଏବଂ ପାଞ୍ଚଗୋଟି ବିଶେଷଣ କହ ।

୪ । ନିମ୍ନଲିଖିତ ଶବ୍ଦମାନଙ୍କରେ ଇକ ପ୍ରତ୍ୟୟ ହେଲେ କଅଣ ହେବ ?

ଏକାକାର, ନିଷ୍ଠା, ଅନୁଷ୍ଠାନ, ଅଣୁବୀକ୍ଷଣ, ବିମାନ, ପରସ୍ପ, ଦ୍ୱିବର୍ଷ, ସର୍ବଜନ, ଲଲାଟ, ଦର୍ଶନ, ବିବାହ, ସର୍ବଲୋକ, ଅନ୍ତର୍ଗତ, ଅଭ୍ୟନ୍ତର, ଉଦର, ଇହ, ରସ, କ୍ଷଣ, ଦମ୍ଭ, ସୂତ୍ର, ବ୍ୟବହାର, ସମାଜ, ସମୟ, ନିମିତ୍ତ, ବୀଜ, ସଙ୍କେତ, ସଂଘ, ପ୍ରମାଣ, କରୁଣା, ଧର୍ମ, ମର୍ମ, ପ୍ରଥମ, ସମ୍ପ୍ରଦାୟ, ପଣ୍ଡ, ପରିପାର୍ଶ୍ୱ, ଦୃଷ୍ଟାନ୍ତ, ନଗର, ହଳ, ଏକାନ୍ତ, କପାଳ, ନିସର୍ଗ, ଅନୁପୂର୍ବ ।

୫ । ଶବ୍ଦରେ ପରେ ତଦ୍ଧିତ ପ୍ରତ୍ୟୟ ହୋଇ ଶବ୍ଦ ନିଷ୍ପନ୍ନ ହେଲା ଜାଣିଲ୍ଲ ସେଥିରେ ଅନ୍ୟାର୍ଥରେ ତଦ୍ଧିତ ପ୍ରତ୍ୟୟ ହୋଇଥିବାର ୧୫ଟି ଉଦାହରଣ ଦିଅ ।

ଚତୁର୍ଥ ଶବ୍ଦ କୃଦନ୍ତ; ମାତ୍ର ବଳୁଅ ତଦ୍ଧିତ ପ୍ରତ୍ୟୟ ହେବାର ହେତୁ କି ? ସ୍ଥାୟୀ ଏବଂ ମାୟୀ ଏ ଦୁହେଁ କେଉଁ ପ୍ରତ୍ୟୟାନ୍ତ ଏବଂ କାହିଁକି ?

ଶାକୁନ୍ତଳେୟ, ଉପମେୟ, ଅଧେୟ, ଅଦେୟ, ନାଦେୟ, ଅବଧେୟ, ଅଯାଙ୍କ୍ରେୟ, ଅଦ୍ଧେୟ, ମୁଷ୍ଟିମେୟ, ସାରମେୟ, ଉପାଦେୟ, ଅତଥେୟ, ବଧେୟ, ବୈଧେୟ, ଅଧମ, କୃତ୍ରିମ, ଅନ୍ତିମ, ପାବନ, ପାବନୀ, ଭୋଗୀ, ବେଗ, ଧାତୁକ, ବାତୁଳ, ରହିତ, କୋରକିତ, ଗଳିତ, ତାରକିତ, ସ୍ଖଳିତ, ପଣ୍ଡିତ, ଚରିତ, କଳଙ୍କିତ, ଧୈର୍ଯ୍ୟ, କାର୍ଯ୍ୟ, ବୀର୍ଯ୍ୟ, ହାର୍ଯ୍ୟ—ଏମାନଙ୍କ ମଧ୍ୟରେ କିଏ କେଉଁ ପ୍ରତ୍ୟୟାନ୍ତ ଏବଂ କାହିଁକି ? ବାର୍ଷିକ, ଶାବଣ, ମାନବୀୟ, ବାସବ୍ୟ, ମୈଥିଳ, ଐତିହାସିକ, ଗାଙ୍ଗେୟ, ବୈଷ୍ଣବ, ବ୍ରାହ୍ମ, ପାର୍ଥିବ—ଏହି ଶବ୍ଦମାନଙ୍କର କେତେ ପ୍ରକାର ଭିନ୍ନ ଭିନ୍ନ ଅର୍ଥ ହୋଇପାରେ ? କୃତ୍

ଓ ତଦ୍ଧିତ ପ୍ରତ୍ୟୟ ନିଷ୍ପନ୍ନ ବାଚ୍ୟ ଶବ୍ଦ ମଧ୍ୟରେ ଅର୍ଥଗତ ଯେଉଁ ପ୍ରଭେଦ ଅଛି, ତାହା ପ୍ରୟୋଗ ଦ୍ୱାରା ଦେଖାଅ ।

୭ । ନିମ୍ନଲିଖିତ ପଦମାନଙ୍କରେ ଅଶୁଦ୍ଧି ଥିଲେ ସଂଶୋଧନ କର—

ଐକ୍ୟତା, ଔଦାର୍ଯ୍ୟତା, ଗୃହସ୍ଥତା, ସାରଲ୍ୟତା, ଦାର୍ଢ୍ୟତା, ନିର୍ଦ୍ଦୟୀ, ସୌଜନ୍ୟତା, ବାହୁଲ୍ୟତା, ସତତା, ମୀରବତା, ଶୈତ୍ୟତା, ଗୌରବତା, ଗ୍ରାମ୍ୟତା, ସାମ୍ୟତା, ରମ୍ୟତା, କାଠିଣ୍ୟତା, ଭାଗ୍ୟବାନତା, ଶକ୍ତିମାନତା, ରସବାନତା, ମହତ୍ତ୍ୱପଣ, ସାରବାନତା, ସୌନ୍ଦର୍ଯ୍ୟପଣ, ସ୍ଥିତବାନ, ଜ୍ଞାନବାନ, ବୁଦ୍ଧିମାନ, ସହାସ, ସ୍ୱୀକୃତ, ତରଳୀକୃତ, ସରଳୀକୃତ ।

---

## ସମାସ

ଅନ୍ୱୟବିଶିଷ୍ଟ ପଦଦ୍ୱୟ ବା ପଦମାନଙ୍କୁ ଏକପଦ କରିବାର ନିୟମକୁ ସମାସ ବୋଲଯାଏ । ସମାସ କରିବାବେଳେ ପରସ୍ପର ଅନ୍ୱୟ ଜାଣିବା ନିମିତ୍ତ ପଦମାନଙ୍କର ଯେଉଁ ବିନ୍ୟାସ ହୁଏ, ତାହାକୁ ସମାସବାକ୍ୟ, ବ୍ୟାସବାକ୍ୟ କିମ୍ବା ବିଗ୍ରହବାକ୍ୟ ଏବଂ ସମାସ ହେଲେ ଯେଉଁ ପଦ ନିଷ୍ପନ୍ନ ହୁଏ, ତାହାକୁ ସମସ୍ତପଦ ବୋଲଯାଏ; ଯଥା— ପୀତ ଅମ୍ବର ଯାହାର ସେ ପୀତାମ୍ବର, ଏ ସମାସବାକ୍ୟ; ପୀତାମ୍ବର ସମସ୍ତପଦ ।

ସଂକ୍ଷିପ୍ତତା ସମାସର ମୁଖ୍ୟ ଉଦ୍ଦେଶ୍ୟ । ଯେଉଁ ସ୍ଥଳରେ ସମାସ କଲେ ଦୁର୍ବୋଧତା କିମ୍ବା ଶ୍ରୁତିକଟୁତା ଜାତ ହୋଇପାରେ, ସେହିପରି ସ୍ଥାନରେ ସମାସ ପରିତ୍ୟଜ୍ୟ ।

ସମାସ ଛଅ ପ୍ରକାର, ଯଥା—କର୍ମଧାରୟ, ତତ୍ପୁରୁଷ, ଦ୍ୱନ୍ଦ୍ୱ, ବହୁବ୍ରୀହି, ଦ୍ୱିଗୁ, ଅବ୍ୟୟୀଭାବ ।

### କର୍ମଧାରୟ

ବିଶେଷ୍ୟ ଓ ବିଶେଷଣରେ ଯେଉଁ ସମାସ ହୁଏ, ତାହାକୁ

କର୍ମଧାରୟ ସମାସ ବୋଲିଯାଏ । କର୍ମଧାରୟ ସମାସରେ ପୂର୍ବପଦ ବିଶେଷଣ ଓ ପରପଦ ବିଶେଷ୍ୟ ହୁଏ ଏବଂ ସମସ୍ତପଦ କେବଳ ପରବର୍ତ୍ତୀ ବିଶେଷ୍ୟ ପଦକୁ ବୁଝାଏ । ପୂର୍ବପଦ ସ୍ତ୍ରୀଲିଙ୍ଗ ଥିଲେ ପୁଂଲିଙ୍ଗବତ୍ ହୁଏ; ଯଥା ନୀଳ—ଉତ୍ପଳ, ନୀଳୋତ୍ପଳ; ସତ୍—ଜନ, ସଜ୍ଜନ; ପୀତ—ଅମ୍ବର, ପୀତାମ୍ବର; ପ୍ରିୟା—ପତ୍ନୀ, ପ୍ରିୟପତ୍ନୀ; ରକ୍ତା—ଲତା, ରକ୍ତଲତା; ସ୍ଥିର—ମତି, ସ୍ଥିରମତି; ଦୀର୍ଘ—ଛାୟା, ଦୀର୍ଘଛାୟା ।

କର୍ମଧାରୟ ସମାସରେ କେତେକ ସ୍ଥଳରେ ମଧ୍ୟବର୍ତ୍ତୀ ଗୋଟିଏ ପଦ ଲୋପ ହୁଏ । ଏପରି ସମାସକୁ ମଧ୍ୟପଦଲୋପୀ କର୍ମଧାରୟ କହନ୍ତି; ଯଥା—ଘୃତ ମିଶ୍ରିତ ଅନ୍ନ, ଘୃତାନ୍ନ; ଅଶ୍ୱ ରୂଢ଼ ସୈନ୍ୟ, ଅଶ୍ୱସୈନ୍ୟ; ବନ ଜାତ ଅଗ୍ନି, ବନାଗ୍ନି; ଚତୁର ଅଧିକ ଦଶ, ଚତୁର୍ଦ୍ଦଶ; ଏହିପରି ଦୁଗ୍ଧାନ୍ନ, ପଲାନ୍ନ, ଦଧିଚୂଡ଼ା, ଦ୍ୱାଦଶ ଇତ୍ୟାଦି ।

କେବେ କେବେ ଅଭେଦ କଳ୍ପନାରେ କିମ୍ବା ଉପମାର୍ଥରେ ଦୁଇ ବିଶେଷ୍ୟପଦରେ ମଧ୍ୟ କର୍ମଧାରୟ ହୁଏ । ଏପରି ସମାସକୁ ଯଥାକ୍ରମରେ ରୂପକ ଏବଂ ଉପମିତ କର୍ମଧାରୟ ବୋଲାଯାଏ, ଯଥା—ପିତୃରୂପ ଦେବତା, ପିତୃଦେବତା; ସୁଖରୂପ ଅର୍ଣ୍ଣବ, ସୁଖାର୍ଣ୍ଣବ; ହୃଦୟରୂପ କପାଟ, ହୃଦୟକପାଟ, ପୁରୁଷରୂପ ସିଂହ, ପୁରୁଷସିଂହ, ମନଃରୂପ ରଥ, ମନୋରଥ; ବିଦ୍ୟାରୂପ ଧନ, ବିଦ୍ୟାଧନ; ଭକ୍ରୂପ ଅଙ୍ଗନା, ଭଗଙ୍ଗନା; ସ୍ତ୍ରୀରୂପ ରତ୍ନ, ସ୍ତ୍ରୀରତ୍ନ; ମୁଖରୂପ ପଦ୍ମ, ମୁଖପଦ୍ମ; ଚନ୍ଦ୍ର ସଦୃଶ ମୁଖ, ଚନ୍ଦ୍ରମୁଖ; ବିମ୍ବପରି ଅଧର, ବିମ୍ବାଧର; ଉତ୍ପଳପରି ନୟନ, ଉତ୍ପଳନୟନ ।

କେବଳ ଉପସର୍ଗ ପୂର୍ବରେ ଥାଇ କର୍ମଧାରୟ ସମାସ ହେବାର ଉଦାହରଣ ଓଡ଼ିଆରେ ଅନେକ ଦେଖାଯାଏ; ଯଥା—ସୁ ଅର୍ଥାତ୍ ସୁନ୍ଦର ବୁଦ୍ଧି, ସୁବୁଦ୍ଧି; ଦୁର୍ ଅର୍ଥାତ୍ ମନ୍ଦଦଶା, ଦୁର୍ଦ୍ଦଶା; ଏହିପରି ସୁଯଶ, ଦୁର୍ନାମ, ଦୁରଭିସନ୍ଧି, ବିପଥ, ଉପଧର୍ମ, ଉପଭାଷା, ଅତିବୃଷ୍ଟି ।

ସ୍ଥଳେ ସ୍ଥଳେ ଦୁଇ ବିଶେଷଣ ପଦରେ କର୍ମଧାରୟ ହୁଏ, ଏପରି

ସ୍ଥଳମାନଙ୍କରେ ପରବର୍ତ୍ତୀ ବିଶେଷଣକୁ ବିଶେଷ୍ୟ କଳ୍ପନା କରିବାକୁ ହୁଏ; ଯଥା—ପରମ—ରମଣୀୟ, ପରମରମଣୀୟ , ଅତି—ସରଳ, ଅତିସରଳ ।

କର୍ମଧାରୟ ସମାସରେ ପୂର୍ବରେ ମହତ୍, ମହତୀ ଓ ମହାନ୍ ଶବ୍ଦ ଥିଲେ ବିଭକ୍ତି ଲୋପ ହୋଇ ମହତ୍ ହୋଇଥାଏ ଏବଂ ମହତ୍‌ଠାରେ ମହା ହୁଏ, ଯଥା ମହତ୍—ପରାକ୍ରମ, ମହାପରାକ୍ରମ ; ମହତ୍—ବାହୁ, ମହାବାହୁ; ମହତ୍—ପୁଣ୍ୟ, ମହାପୁଣ୍ୟ; ମହତୀ—କୀର୍ତ୍ତି, ମହାକୀର୍ତ୍ତି ।

କର୍ମଧାରୟ ସମାସରେ ଅନ୍ୟ ଶବ୍ଦସ୍ଥାନରେ ବିକଳ୍ପରେ ଅନ୍ତର ଆଦେଶ ହୁଏ ଏବଂ ସେହି ଅନ୍ତର ଶବ୍ଦ ପରବର୍ତ୍ତୀ ହୁଏ ; ଯଥା— ଅନ୍ୟ ସ୍ଥାନ, ସ୍ଥାନାନ୍ତର; ଏହିପରି ଦେଶାନ୍ତର, ଗ୍ରାମାନ୍ତର, ଦ୍ୱୀପାନ୍ତର ଇତ୍ୟାଦି ।

କର୍ମଧାରୟ ସମାସରେ ସଂଖ୍ୟାବାଚକ ଶବ୍ଦର ଉତ୍ତର ଅଙ୍ଗୁଳି ଶବ୍ଦର ଇ ଠାରେ ଅ ହୁଏ ; ଯଥା—ପଞ୍ଚ—ଅଙ୍ଗୁଳି, ପଞ୍ଚାଙ୍ଗୁଳ, ଏହିପରି ଦ୍ୱ୍ୟଙ୍ଗୁଳ, ତ୍ର୍ୟଙ୍ଗୁଳ ଇତ୍ୟାଦି ।

## ତତ୍ପୁରୁଷ

ଦ୍ୱିତୀୟା ପ୍ରଭୃତି ବିଭକ୍ତିଯୁକ୍ତ ପଦ ପୂର୍ବରେ ଥାଇ ଯେଉଁ ସମାସ ହୁଏ, ତାହାକୁ ତତ୍ପୁରୁଷ ସମାସ ବୋଲଯାଏ । ତତ୍ପୁରୁଷ ସମାସ ଛଅ ପ୍ରକାର । କ୍ରମରେ ସେଥିର ଉଲ୍ଲେଖ ହେଉଅଛି ।

ଦ୍ୱିତୀୟା ତତ୍ପୁରୁଷ; ଯଥା—ଧନକୁ ପ୍ରାପ୍ତ, ଧନପ୍ରାପ୍ତ; ପରକୁ—ଆଶ୍ରିତ, ପରାଶ୍ରିତ; ଗୃହକୁ—ଆଗତ, ଗୃହାଗତ; ହସ୍ତକୁ—ଗତ, ହସ୍ତଗତ ଇତ୍ୟାଦି ।

ତୃତୀୟା ତତ୍ପୁରୁଷ, ଯଥା—ହସ୍ତଦ୍ୱାରା କୃତ; ହସ୍ତକୃତ; ବାକ୍ୟଦ୍ୱାରା —ଦଣ୍ଡ, ବାକ୍ୟଦଣ୍ଡ, ଅସ୍ତ୍ରଦ୍ୱାରା—ଛିନ୍ନ, ଅସ୍ତ୍ରଛିନ୍ନ, ବିଦ୍ୟାରେ—

ହୀନ, ବିଦ୍ୟାହୀନ, ଏହିପରି ଜରାଜୀର୍ଣ୍ଣ, ରୋଗଗ୍ରସ୍ତ, ଗୁଣସମ୍ପନ୍ନ, ଶ୍ରୀଯୁକ୍ତ, ମଦମତ୍ତ, କୋପାବିଷ୍ଟ, ବିସ୍ମୟାପନ୍ନ ଇତ୍ୟାଦି ।

ଚତୁର୍ଥୀ ତତ୍ପୁରୁଷ; ଯଥା—ବିପ୍ରଙ୍କୁ—ଦେୟ, ବିପ୍ରଦେୟ; ଅମ୍ବାଙ୍କୁ—ସମର୍ପିତ, ଅମ୍ବସମର୍ପିତ; ବ୍ରାହ୍ମଣଙ୍କୁ—ଦତ୍ତ, ବ୍ରାହ୍ମଣଦତ୍ତ; ଇତ୍ୟାଦି ।

ପଞ୍ଚମୀ ତତ୍ପୁରୁଷ; ଯଥା—ପଦରୁ ଚ୍ୟୁତ, ପଦଚ୍ୟୁତ; ଶ୍ରୀରୁ ଭ୍ରଷ୍ଟ ଶ୍ରୀଭ୍ରଷ୍ଟ, ବୃକ୍ଷରୁ ପତିତ, ବୃକ୍ଷପତିତ, ବ୍ୟାଘ୍ରଠାରୁ ଭୀତ, ବ୍ୟାଘ୍ରଭୀତ; ଏହିପରି ପଙ୍କଜାତ, ଦେଶୋତ୍ପନ୍ନ; ବଂଶସମ୍ଭୂତ ଇତ୍ୟାଦି ।

ଷଷ୍ଠୀ ତତ୍ପୁରୁଷ; ଯଥା—ତରୁର ପତ୍ର, ତରୁପତ୍ର; ନଦୀର ଜଳ, ନଦୀଜଳ; ରତ୍ନର ଆବଳୀ, ରତ୍ନାବଳୀ; ହରିଣର ଗଣ, ହରିଣଗଣ; ବିଶ୍ବର ନାଥ, ବିଶ୍ବନାଥ; କର୍ମର ଫଳ, କର୍ମଫଳ; ରାଜାର ବାକ୍ୟ, ରାଜବାକ୍ୟ; କବିର କଳ୍ପନା, କବିକଳ୍ପନା; ଭୁବନର ଈଶ୍ବର, ଭୁବନେଶ୍ବର; ଧନର ବ୍ୟୟ, ଧନବ୍ୟୟ; ଜନମାନଙ୍କର ପ୍ରିୟ, ଜନପ୍ରିୟ; ଏହିପରି ଦୁଷ୍ଟଦମନ, ଶିଷ୍ଟପାଳନ, ଗୁଣକୀର୍ତ୍ତନ, ଧର୍ମୋପାର୍ଜ୍ଜନ, କ୍ରୋଧୋଦ୍ରେକ, କୁଳକଳଙ୍କ, ପ୍ରଜାମଣ୍ଡଳୀ, ଗୁରୁଭକ୍ତି, ବିପ୍ରଭବନ, ଜୟୋଲ୍ଲାସ ଇତ୍ୟାଦି ।

ସପ୍ତମୀ ତତ୍ପୁରୁଷ;ଯଥା—ଦୁଃଖରେ ମଗ୍ନ, ଦୁଃଖମଗ୍ନ,ଅଶ୍ବରେ ଆରୋହଣ, ଅଶ୍ବାରୋହଣ; ପାପରେ ଆସକ୍ତ, ପାପାସକ୍ତ; ପୁରୁଷମାନଙ୍କରେ ଉତ୍ତମ ପୁରୁଷୋତ୍ତମ; ଘରରେ ଥୁଆ, ଘରଥୁଆ; ଏହିପରି ସତ୍ୟାନୁରାଗୀ, ପ୍ରଜାପ୍ରୀତ ଇତ୍ୟାଦି ।

କେତେଗୁଡ଼ିଏ କୃତ୍ ପ୍ରତ୍ୟୟ କରିବା ପାଇଁ ଧାତୁର ପୂର୍ବରେ ଯେଉଁ ପଦ ପ୍ରୟୋଗ କରାଯାଏ, ତାହାକୁ ଉପପଦ କହନ୍ତି । ଉପପଦର ସହିତ କୃଦନ୍ତ ପଦର ଉପପଦ ସମାସ ହୁଏ ; ଯଥା—ଧନୁର୍ଦ୍ଧର ଅର୍ଥାତ୍ ଧନୁର ଧାରଣକାରୀ, ଏହିପରି କୁମ୍ଭକାର, ଟୀକାକାର,

ପ୍ରିୟମ୍ବଦ, ଗନ୍ଧବହ, କ୍ଷେମଙ୍କର, ବଚସ୍କର, ନିଶାକର, ନିଶାଚର, ଜଳଧର, ନୃପ, ମଦ୍ୟପ, ଅମ୍ବୁଦ, ସୁଖଦ, କାମଦ, ତୁରଙ୍ଗ, ବଶମ୍ବଦ, ଅମ୍ବୁମ୍ବର ଇତ୍ୟାଦି ।

ବୈପରୀତ୍ୟବୋଧକ ନ ସହିତ ସମାସ ହେଲେ ତାହାକୁ ନଞ୍ ତତ୍ପୁରୁଷ ସମାସ ବୋଲଯାଏ । ନ ସ୍ଥାନରେ ସମାସରେ ବ୍ୟଞ୍ଜନବର୍ଣ୍ଣ ପରେ ଥିଲେ ଅ ଏବଂ ସ୍ୱରବର୍ଣ୍ଣ ଥିଲେ ଅନ୍ ଆଦେଶ ହୁଏ, ଯଥା—ନ—ଚଳ, ଅଚଳ; ନ—ମୋଘ, ଅମୋଘ, ନ—ଆଗତ, ଅନାଗତ; ନ—ଇଷ୍ଟ, ଅନିଷ୍ଟ ।

ଅହନ୍ ଓ ରାତ୍ରି ଶବ୍ଦର ସହିତ ମଧ୍ୟ, ପ୍ରଭୃତି କେତେଗୁଡ଼ିଏ ପଦର ସମାସ ହେଲେ ମଧ୍ୟ ପ୍ରଭୃତି ପଦ ପୂର୍ବକୁ ଯାଏ ଏବଂ ଅହନ୍ ଶବ୍ଦର ଉପାନ୍ତ୍ୟ ସ୍ୱର ଓ ରାତ୍ରି ଶବ୍ଦର ଇକାରର ଲୋପ ହୁଏ; ଯଥା—ଅହ୍ନର ମଧ୍ୟ, ମଧ୍ୟାହ୍ନ; ଅହ୍ନର ପୂର୍ବ, ପୂର୍ବାହ୍ନ; ରାତ୍ରିର ଅର୍ଦ୍ଧ, ଅର୍ଦ୍ଧରାତ୍ର; ଏହ୍ନପର ସାୟାହ୍ନ, ଶେଷରାତ୍ର ଇତ୍ୟାଦି ।

କର୍ମଧାରୟ ଓ ତତ୍ପୁରୁଷ ସମାସର ଉତ୍ତରସ୍ଥିତ ଅହନ୍ ଓ ରାଜନ୍ ଶବ୍ଦର ନକାର ଲୋପ ହୁଏ, ଯଥା—ପୁଣ୍ୟାହ, ପୂର୍ବାହ, ସପ୍ତାହ, ତୀର୍ଥରାଜ, ଗିରିରାଜ ଇତ୍ୟାଦି ।

## ଦ୍ୱନ୍ଦ୍ୱ

ଦୁଇ ବା ତତୋଽଧିକ ବିଶେଷ୍ୟ (କ୍ୱଚିତ୍ ବିଶେଷଣ) ପଦର ମିଳନକୁ ଦ୍ୱନ୍ଦ୍ୱସମାସ ବୋଲଯାଏ । ପଦମାନଙ୍କୁ ପୃଥକ୍ ପୃଥକ୍ ଦେଖାଇବା ସକାଶେ ସମାସବାକ୍ୟରେ ଓ, ଏବଂ, ବା, କିମ୍ବା ପ୍ରଭୃତି ଅବ୍ୟୟ ବ୍ୟବହୃତ ହୁଏ; ଯଥା—ହରି ଓ ହର, ହରିହର; ନୃସିଂହ ଓ ବାମନ, ନୃସିଂହବାମନ; ହିତ ବା ଅହିତ, ହିତାହିତ, ଏହିପରି ତରୁଲତା, ନଦନଦୀ, ହସ୍ତପଦ, ଫଳପୁଷ୍ପ, ଗ୍ରାସାଚ୍ଛାଦନ, ଗମନାଗମନ, ଶତ୍ୟସ୍ତେଜଃ, ନ୍ୟୂନାଧିକ ଇତ୍ୟାଦି ।

ଅହନ୍ ଓ ରାତ୍ରି, ଅହୋରାତ୍ର; ଅହନ୍ ଓ ନିଶା, ଅହର୍ନିଶ; ଏ ଯୋଡ଼ିଏ ପଦ ଏବଂ ଏହିପରି ଅନ୍ୟ କେତେଗୁଡ଼ିଏ ପଦ ଦ୍ୱନ୍ଦ୍ୱ ସମାସରେ ନିପାତନସିଦ୍ଧ ।

## ବହୁବ୍ରୀହି

ଯେଉଁ ପଦମାନଙ୍କର ସମାସ ହୁଏ, ସମସ୍ତ ପଦ ଯେବେ ସେମାନଙ୍କୁ ନ ବୁଝାଇ ତଦର୍ଥବିଶିଷ୍ଟ ଅନ୍ୟ କୌଣସି ପଦାର୍ଥକୁ ବୁଝାଇ ଦିଏ, ତାହାହେଲେ ତାହାକୁ ବହୁବ୍ରୀହି ସମାସ ବୋଲିଯାଏ । ବହୁବ୍ରୀହି ସମାସରେ ଅନ୍ୟ ପଦର ଅର୍ଥ ପ୍ରଧାନ ହୁଏ, ଅତଏବ ସମାସବାକ୍ୟରେ କର୍ତ୍ତୃକାରକ ଭିନ୍ନ ଯଦ୍ ଶବ୍ଦର ଗୋଟିଏ ପଦ ଥାଏ ।

ବହୁବ୍ରୀହି ସମାସରେ ଅନେକ ସ୍ଥଳରେ ପୂର୍ବପଦ ବିଶେଷଣ ଓ ପରପଦ ବିଶେଷ୍ୟ ଥାଏ; ଯଥା—ନୀଳ ଅମ୍ବର ଯାହାର ସେ ନୀଳାମ୍ବର. ଏଠାରେ ନୀଳାମ୍ବର ନୀଳବର୍ଣ୍ଣ ବସ୍ତ୍ରକୁ ନ ବୁଝାଇ ନୀଳବସ୍ତ୍ର ବିଶିଷ୍ଟ ମନୁଷ୍ୟକୁ ବୁଝାଇ ତାହାର ବିଶେଷଣ ହେଲା, ନୀଳବସ୍ତ୍ର ବୁଝାଇଲେ କର୍ମଧାରୟ ସମାସ ହୁଅନ୍ତା । ଏହିପରି ଦୀର୍ଘକାୟ, ଖର୍ବକାୟ, ଲମ୍ବକର୍ଣ୍ଣ, ଲମ୍ବୋଦର, ମୃତଦାର, ବୀତରାଗ, ଠାଙ୍ଗରମୁଣ୍ଡିଆ, ଶୁଖିଲମୁହାଁ ଇତ୍ୟାଦି ।

ବହୁବ୍ରୀହି ସମାସରେ କେବେ କେବେ ବିଶେଷଣ ବିଶେଷ୍ୟର ପରବର୍ତ୍ତୀ ମଧ୍ୟ ହୁଏ; ଯଥା—ବନ ପ୍ରିୟ ଯାହାର ସେ ବନପ୍ରିୟ, ଏହିପରି ମଧୁରପ୍ରିୟ, ଅମ୍ଳପ୍ରିୟ, ଦୁଗ୍ଧବିଚ୍ଛିନ୍ନ ଇତ୍ୟାଦି ।

ବହୁବ୍ରୀହି ସମାସବାକ୍ୟରେ ଯଦ୍ ଶବ୍ଦ ଅଧିକାଂଶ ସ୍ଥଳରେ ଷଷ୍ଠୀ ବିଭକ୍ତିଯୁକ୍ତ କ୍ୱଚିତ୍ ତୃତୀୟା, ପଞ୍ଚମୀ ଓ ସପ୍ତମୀ ବିଭକ୍ତିଯୁକ୍ତ ହୁଏ । ଷଷ୍ଠୀର ଉଦାହରଣ ଉପରେ ଦିଆଯାଇଅଛି । ତୃତୀୟାର ଉଦାହରଣ—ଜିତ ଅଟେ କ୍ରୋଧ ଯାହାଦ୍ୱାରା ସେ ଜିତକ୍ରୋଧ, ଏହିପରି ଜିତେନ୍ଦ୍ରିୟ, କୃତକାର୍ଯ୍ୟ, କୃତାର୍ଥ, ଲବ୍ଧମନୋରଥ । ପଞ୍ଚମୀର

ଉଦାହରଣ—ନାହିଁ ଅନ୍ତଶସ୍ୟ ଯହିଁରୁ ତାହା ନିରନ୍ତଶସ୍ୟ । ସପ୍ତମୀର ଉଦାହରଣ—ନାହିଁ ଉପଦ୍ରବ ଯହିଁରେ ତାହା ନିରୁପଦ୍ରବ ଇତ୍ୟାଦି ।

ଦୁଇ ବିଶେଷ୍ୟ ପଦରେ ବହୁବ୍ରୀହି, ଯଥା—ଧନୁଃ ପାଣିରେ ଯାହାର ସେ ଧନୁଷ୍ପାଣି, ଅଗ୍ନି ଗର୍ଭରେ ଯାହାର ସେ ଅଗ୍ନିଗର୍ଭ, ବିଭୂତି ଭୂଷଣ ଯାହାଙ୍କର ସେ ବିଭୂତିଭୂଷଣ, ଚନ୍ଦ୍ର ଶେଖରରେ ଯାହାଙ୍କର ସେ ଚନ୍ଦ୍ରଶେଖର. ଏହିପରି ମୃଗାଙ୍କ, କୃଷ୍ଣହସ୍ତ, ମକରଧ୍ୱଜ, ପୁଷ୍ପଚାପ, ନୀଳବାସ, କପିକେତନ, ବ୍ୟୋମକେଶ ଇତ୍ୟାଦି ।

ବହୁବ୍ରୀହି ସମାସନିଷ୍ପନ୍ନ ପଦ କୌଣସି ପୁଂଲିଙ୍ଗ ପଦର ବିଶେଷଣ ହେଲେ ଅନ୍ତଃସ୍ଥିତ ସ୍ତ୍ରୀଲିଙ୍ଗ ଆକାରାନ୍ତ ଶବ୍ଦ ଅକାରାନ୍ତ ହୁଏ, ଯଥା—ହତ ଆଶା ଯାହାର ସେ ହତାଶ, ଭଗ୍ନ ଶାଖା ଯାହାର ସେ ଭଗ୍ନଶାଖ ଇତ୍ୟାଦି ।

କେବଳ ମାତ୍ର ଉପସର୍ଗ ଏବଂ ନିଷେଧାର୍ଥକ ନ ଶବ୍ଦ ପୂର୍ବପଦ ଥାଇ ବହୁବ୍ରୀହି ହେବାର ଉଦାହରଣ ଓଡ଼ିଆରେ ଅନେକ ଦେଖାଯାଏ; ଯଥା—ନାହିଁ ବୁଦ୍ଧି ଯାହାର ସେ ନିର୍ବୁଦ୍ଧି, ଏହିପରି ନିଶ୍ଚିନ୍ତ, ନିଶ୍ଚେଷ୍ଟ, ନିର୍ଧନ, ନିର୍ଲଜ୍ଜ, ନିରନ୍ନ, ନାହିଁ ପାର ଯାହାର ସେ ଅପାର, ଏହିପରି ଅନନ୍ତ, ଅସୀମ, ଅଚଳ, ଅସାର; ସୁ ଅର୍ଥାତ୍ ସୁନ୍ଦର ବୁଦ୍ଧି ଯାହାର ସେ ସୁବୁଦ୍ଧି, ଏହିପରି ସୁମତି, ସୁଜଳା, ସୁଫଳା; ଦୁର ଅର୍ଥାତ୍ ଦୁଷ୍ଟ ଅଟେ ମତି ଯାହାର ସେ ଦୁର୍ମତି, ଏହିପରି ଦୁରାଶୟ, ଦୁଃଶୀଳ, ଦୁଷ୍ଟରଥ; ବି ଅର୍ଥାତ୍ ବିଗତ ଅଟେ ମଳ ଯାହାର ସେ ବିମଳ, ଏହିପରି ବିଷାଦ, ବିକଳ, ବ୍ୟଙ୍ଗ, ବ୍ୟର୍ଥ, ବି ଅର୍ଥାତ୍ ନାନା ଅଟେ ବିଧା ଯାହାର ସେ ବିବିଧ, ଉତ୍ ଅର୍ଥାତ୍ ଉଦ୍ଗତ କିମ୍ବା ଉତ୍ଥିତ ଅଟେ ତରଙ୍ଗ ଯାହାର ସେ ଉତ୍ତରଙ୍ଗ, ଏହିପରି ଉଦାରୂପ, ଉନ୍ନିଦ୍ର, ଉନ୍ମନା, ଉତ୍କର୍ଣ୍ଣ; ଉତ୍ ଅର୍ଥାତ୍ ଉତ୍କ୍ରାନ୍ତ ଅଟେ ବେଳା ଯାହାଦ୍ୱାରା ସେ ଉଦ୍‌ବେଳ, ଏହିପରି ଉଚ୍ଛଳ, ଅତ

ଅର୍ଥାତ୍ ଅତିକାନ୍ତ ଅଟେ ମାତ୍ରା ଯାହାଦ୍ୱାରା ସେ ଅତିମାତ୍ର, ଏହିପରି ଅତିମାତ୍ୟଂଶ; ଅଧି ଅର୍ଥାତ୍ ଅଧିକୃତ [ଅପେକ୍ଷିତ] କ୍ରିୟା ଯହିଁରେ ତାହା ଅଧିକ୍ରିୟ । କୌଣସି କୌଣସି ବୈୟାକରଣଙ୍କ ମତରେ ଉଦ୍‌ବେଳ ପ୍ରଭୃତି ଶବ୍ଦ ଦ୍ୱିତୀୟା ତତ୍‌ପୁରୁଷ ।

ବହୁବ୍ରୀହି ସମାସନିଷ୍ପନ୍ନ ପଦ କେବେ କେବେ କ୍ରିୟାବିଶେଷଣ ରୂପେ ବ୍ୟବହୃତ ହୁଏ; ଯଥା—ସେ ଅକ୍ଳେଶରେ କାର୍ଯ୍ୟ ନିର୍ବାହ କରି ପାରିବେ, ଏଠାରେ ଅକ୍ଳେଶ ବହୁବ୍ରୀହି ସମାସ, ଏହିପରି ନିଃଶେଷ, ଅକାରଣ, ବିନୟପୂର୍ବକ, ଅପଚୟନିର୍ବିଶେଷରେ, ରକ୍ତହସ୍ତରେ, ଅଶ୍ରୁପୂର୍ଣ୍ଣନୟନରେ ଇତ୍ୟାଦି ।

ଉପମାନବୋଧକ ବହୁବ୍ରୀହି ସମାସରେ ଉପମାବୋଧକ ଶବ୍ଦ-ମାନଙ୍କର ଲୋପ ହୁଏ; ଯଥା—ମୃଗର ଲୋଚନ ପରି ଲୋଚନ ଯାହାର ସେ ମୃଗଲୋଚନ, ଗଜର ଗମନ ପରି ଗମନ ଯାହାର ସେ ଗଜଗମନ, ଚନ୍ଦ୍ର ପରି ମୁଖ ଯାହାର ସେ ଚନ୍ଦ୍ରମୁଖ, ଇନ୍ଦୁର ନିଭ ପରି ନିଭ ଯାହାର ସେ ଇନ୍ଦୁନିଭ, ଏହିପରି ସିଂହକଟୀ, କେଶରୀମଧ୍ୟା, ହଂସଗତି, ପିକବାଣୀ, କୁନ୍ଦଦନ୍ତୀ, କମ୍ବୁକଣ୍ଠୀ, ଶୁକନାସ, ରମ୍ଭୋରୁ, ବିମ୍ବାଧରା, କମଳାନନ ଇତ୍ୟାଦି ।

କର୍ମଧାରୟ ସମାସ ପରି ବହୁବ୍ରୀହି ସମାସରେ ମଧ୍ୟ ପୂର୍ବପଦ ସ୍ତ୍ରୀଲିଙ୍ଗ ଥିଲେ ପୁଂଲିଙ୍ଗ ପରି ହୁଏ; ଯଥା—ହୀନା ବୁଦ୍ଧି ଯାହାର ସେ ହୀନବୁଦ୍ଧି, ସରଳା ପ୍ରକୃତି ଯାହାର ସେ ସରଳପ୍ରକୃତି; ଏହିପରି ଉଦାରଚିତ୍ତ, ତୀକ୍ଷ୍ଣବୁଦ୍ଧି ଇତ୍ୟାଦି ।

ବହୁବ୍ରୀହି ସମାସରେ ପରସ୍ଥିତ ଋକାରାନ୍ତ, ସ୍ତ୍ରୀଲିଙ୍ଗ ଈକାରାନ୍ତ ଏବଂ ଉରସ୍ ପ୍ରଭୃତି ଶବ୍ଦର ଉତ୍ତର କ ପ୍ରତ୍ୟୟ ହୁଏ; ଯଥା—ମୃତ ପିତୃ ଯାହାର ସେ ମୃତପିତୃକ, ଦ୍ୱି ମାତା ଯାହାର ସେ ସେ ଦ୍ୱିମାତୃକ, ଦ୍ୱି ପତ୍ନୀ ଯାହାର ସେ ଦ୍ୱିପତ୍ନୀକ, ବିଶାଳ ଉରଃ ଅର୍ଥାତ୍ ବକ୍ଷସ୍ଥଳ

ଯାହାର ସେ ବଣାଢୋରସ୍କ, ଏହିପରି ନଦୀମାତୃକ, ମତ୍‌ଭର୍ତୃକ, ନିର୍ଜୀବ, ହତଲକ୍ଷ୍ମୀକ, ନିରର୍ଥକ, ବନସ୍ପୃହିକ । ଏତଦ୍‌ଭିନ୍ନ ଶବ୍ଦର ଉତ୍ତର ବିକଳ୍ପରେ କ ହୁଏ; ଯଥା—ଅପୁତ୍ର, ଅପୁତ୍ରକ; ନିନ୍ଦାଗର୍ଭ, ନିନ୍ଦାଗର୍ଭକ; ସୁଶ୍ରୀ, ସୁଶ୍ରୀକ ଇତ୍ୟାଦି ।

ସହ ଶବ୍ଦର ଯୋଗରେ ବହୁବ୍ରୀହି ସମାସ ହେଲେ ସହ ସ୍ଥାନରେ ସ ଆଦେଶ ହୁଏ; ଯଥା—ସହ (ସହିତ) ପୁତ୍ର ଯାହାର ସେ ସପୁତ୍ର, ସହ ବଳ ଯାହାର ସେ ସବଳ, ସହ ଦଳ ଯାହାର ସେ ସଦଳ, ସହ କାମ ଯାହାର ସେ ସକାମ, ଏହିପରି ସସୈନ୍ୟ, ·ସରସ, ସାକ୍ଷର, ସଲଜ୍ଜ, ସପରିବାର, ସଚେଷ୍ଟ, ସଦାର, ସସ୍ତ୍ରୀକ, ସଧବା ଇତ୍ୟାଦି ।

ବହୁବ୍ରୀହି ସମାସରେ ସମାନ ଶବ୍ଦ ପୂର୍ବରେ ଥିଲେ ତାହା-ଠାରେ କେବେ କେବେ ସ ଆଦେଶ ହୁଏ; ଯଥା—ସମାନ ତୀର୍ଥ ଯାହାର ସେ ସତୀର୍ଥ, ଏହିପରି ସଗୋତ୍ର, ସଧର୍ମ, ସରୂପ, ସବର୍ଣ୍ଣ, ସପିଣ୍ଡ, ସୋଦର, ସପତ୍ନୀ ଇତ୍ୟାଦି ।

ବହୁବ୍ରୀହି ସମାସରେ ପରସ୍ଥିତ ଅକ୍ଷି ଓ ନାଭି ଶବ୍ଦର ଇ ସ୍ଥାନରେ ଅ ହୁଏ; ଯଥା—ଚକ୍ରୁରକ୍ଷ, ସହସ୍ରାକ୍ଷ, ପଦ୍ମାକ୍ଷ, ଊର୍ଣ୍ଣନାଭ, ପଦ୍ମନାଭ ଇତ୍ୟାଦି ।

ବହୁବ୍ରୀହି ସମାସରେ ଧର୍ମ ଶବ୍ଦ ଅନ୍‌ସ୍ୱାଗାନ୍ତ ହୋଇଯାଏ; ଯଥା—ସୁଧର୍ମା, ବିଧର୍ମା ।

ବହୁବ୍ରୀହି ସମାସରେ ଧନୁସ୍ ଶବ୍ଦଠାରେ ଧନ୍ୱନ୍ ଆଦେଶ ହୁଏ; ଯଥା—ସୁଧନ୍ୱା, ଗାଣ୍ଡୀବଧନ୍ୱା, ପୁଷ୍ପଧନ୍ୱା, ଶାର୍ଙ୍ଗଧନ୍ୱା ଇତ୍ୟାଦି ।

ବହୁବ୍ରୀହି ସମାସରେ କେତେକ ସ୍ଥାନରେ ସମସ୍ତ ପଦରେ ଆ, ଈ, ଇଆ, ଉଆ ପ୍ରଭୃତି ପ୍ରତ୍ୟୟ ହୁଏ; ଯଥା—ମଗରମୁହାଁ, ଘୋଡ଼ାମୁହାଁ, ଭଇଁଷାଗାଳୀ, ହାତୀଦାନ୍ତୀ, ବଡ଼ ଆଖିଆ, ଛୋଟ ଦାଢ଼ିଆ, ବଡ଼ପେଟୁଆ ଇତ୍ୟାଦି ।

ବାଡ଼ଅଡ଼ାଡ଼େଇ, କେଶାକେଶି, ମଝିମଝି, ହଣାହଣି ପ୍ରଭୃତି ଶବ୍ଦକୁ ବୈୟାକରଣମାନେ ବହୁବ୍ରୀହି ସମାସାନ୍ତ ପଦ ବୋଲି ନିର୍ଦ୍ଦେଶ କରିଅଛନ୍ତି ।

## ଦ୍ୱିଗୁ

ସଂଖ୍ୟାବାଚକ ପଦ ପୂର୍ବରେ ଥାଇ ଯେଉଁ ସମାସ ହୁଏ, ତାହାକୁ ଦ୍ୱିଗୁସମାସ ବୋଲଯାଏ ଏବଂ ସମସ୍ତପଦଦ୍ୱାରା ସମାହାର ବ୍ୟକ୍ତ ହୁଏ; ଯଥା—ତିନି ଭୁବନର ସମାହାର ତ୍ରିଭୁବନ, ଏହିପରି ତ୍ରିବେଣୀ, ତ୍ରିପଥ, ତ୍ରିଫଳା, ଚତୁଷ୍ପଥ, ପଞ୍ଚନଦ, ପଞ୍ଚବଟୀ, ସପ୍ତର୍ଷି, ଦଶମୂଳ ଇତ୍ୟାଦି ।

## ଅବ୍ୟୟୀଭାବ

ଯେଉଁ ସମାସରେ ଅବ୍ୟୟପଦ ପୂର୍ବରେ ଥାଏ ଏବଂ ସେହି ଅବ୍ୟୟ ପଦଦ୍ୱାରା କେବଳ କାରକ, ବୀପ୍ସା, ପର୍ଯ୍ୟନ୍ତ, ଯୋଗ୍ୟତା, ଅନତିକ୍ରମ କିମ୍ବା ଅଭାବ ବ୍ୟକ୍ତ ହୁଏ, ଏହିପରି ସମାସକୁ ଅବ୍ୟୟୀ-ଭାବ ବୋଲଯାଏ; ଯଥା—କାରକାର୍ଥ—ଅଙ୍ଗକୁ ଅଧିକ—ଅର୍ଥାତ୍ ଅଧିକାର କରି ଅଧ୍ୟଙ୍ଗ, ଏହିପରି ଅଧ୍ୟାତ୍ମ ।

ବୀପ୍ସାର୍ଥ—ଦିନେ ଦିନେ, ପ୍ରତିଦିନ, ଏଠାରେ ପ୍ରତିଶବ୍ଦ-ଦ୍ୱାରା ଦିନର ବୀପ୍ସା ଜଣାଗଲା; ଏହିପରି ପ୍ରତିଗ୍ରହ, ଅନୁକ୍ଷଣ ଇତ୍ୟାଦି ।

ପର୍ଯ୍ୟନ୍ତ—ଯଥା—ସମୁଦ୍ର ଆ ଅର୍ଥାତ୍ ପର୍ଯ୍ୟନ୍ତ ଆସମୁଦ୍ର, ଏହିପରି ଆକଣ୍ଠ, ଆପାଦ, ଆଜାନୁ, ଆଚଣ୍ଡାଳ, ଆପାମର ଇତ୍ୟାଦି ।

ଯୋଗ୍ୟତା—ଯଥା—ରୂପର ଅନୁ ଅର୍ଥାତ୍ ଯୋଗ୍ୟ ଅନୁରୂପ ।

ଅନତିକ୍ରମ—ଯଥା—ଶକ୍ତି ଯଥା ଅର୍ଥାତ୍ ଅତିକ୍ରମ ନ କରି ଯଥାଶକ୍ତି, ଏହିପରି ଯଥାବିଧି ।

ଅଭାବ—ଯଥା—ପାପର ନ ଅର୍ଥାତ୍ ଅଭାବ ନିଷ୍ପାପ, ଏହିପରି ଭିକ୍ଷାର ଅଭାବ ଦୁର୍ଭିକ୍ଷ ।

ଅବ୍ୟୟୀଭାବ ସମାସନିଷ୍ପନ୍ନ ପଦ ଅଧିକାଂଶ ସ୍ଥଳରେ ବିଶେଷଣ କିମ୍ବା କ୍ରିୟାବିଶେଷଣରୂପେ ବ୍ୟବହୃତ ହୁଏ ।

## ସାମାନ୍ୟବିଧି

ସ୍ୱରବର୍ଣ୍ଣ ପରେ ଥିଲେ ସମାସର ପୂର୍ବବର୍ତ୍ତୀ କୁ ସ୍ଥାନରେ କତ୍ ହୁଏ । ମାତ୍ର ପୁରୁଷ ଶବ୍ଦ ପରେ ଥିଲେ ତାହା ସ୍ଥାନରେ ବିକଳ୍ପରେ କା ହୁଏ; ଯଥା—କୁ—ଅନ୍ନ, କଦନ୍ନ, କୁ—ଅକ୍ଷର, କଦକ୍ଷର, କୁ—ଅର୍ଥନା, କଦର୍ଥନା, କୁ—ଆକାର, କଦାକାର, କୁ—ଆଗୁର, କଦାଗୁର; କୁ—ପୁରୁଷ, କାପୁରୁଷ, କୁପୁରୁଷ ।

ସମାସ କଲାବେଳେ ପୂର୍ବରେ ଅନ୍ ବା ଇନ୍ ଭାଗାନ୍ତ ଶବ୍ଦ ଥିଲେ ତାହାର ନକାର ଲୋପ ହୁଏ; ଯଥା—ଗୁଣିନ୍ ଲୋକ ଗୁଣି-ଲୋକ, ଧନିନ୍ ପୁତ୍ର, ଧନିପୁତ୍ର, ବିନୟିନ୍ ଶିଷ୍ୟ, ବିନୟି ଶିଷ୍ୟ, ସ୍ୱଜନ୍ କୃତ୍ ସ୍ୱଜକୃତ ଇତ୍ୟାଦି ।

ନିମ୍ନଲିଖିତ ଶବ୍ଦଗୁଡ଼ିକ ନିପାତନସିଦ୍ଧ, ଯଥା—

ପର ଓ ପର, ପରସ୍ପର; ଗୋପଦ, ଗୋଷ୍ପଦ; ଅନ୍ୟ ଓ ଅନ୍ୟ, ଅନ୍ୟୋନ୍ୟ; ବନ-ପତି, ବନସ୍ପତି; ବିଶ୍ୱ-ମିତ୍ର, ବିଶ୍ୱାମିତ୍ର; ହରି-ଚନ୍ଦ୍ର, ହରିଶ୍ଚନ୍ଦ୍ର; ପରଂ-ପର, ପରମ୍ପରା ।

କେବେ କେବେ ଗୋଟିଏ ସମସ୍ତପଦରେ ଏକାଧିକ ସମାସ ଥାଏ; ଯଥା—ଇନ୍ଦୁନିଭାନନା, ପଦ୍ମପଲାଶଲୋଚନା, ନୀଲୋତ୍ପଲାକ୍ଷୀ, ଆକର୍ଣ୍ଣବିସ୍ତୃତଲୋଚନା ଇତ୍ୟାଦି ।

## ପ୍ରଶ୍ନ

୧ । ନିମ୍ନଲିଖିତ ପଦମାନଙ୍କରେ କେଉଁ କେଉଁ ସମାସ ଅଛି, ସ୍ଥିର କର ଏବଂ ସେମାନଙ୍କ ମଧ୍ୟରେ କିଏ ବିଶେଷଣ ଏବଂ କିଏ ବିଶେଷ୍ୟ ଓ ବିଶେଷଣ କେଉଁ ଶବ୍ଦକୁ [illegible] ତାହା ଦେଖାଇ ଦିଅ । ପୁଣି ଯେଉଁ

ପଦ ପ୍ରକରଣାନୁସାରେ ଭିନ୍ନ ଭିନ୍ନ ସମାସ ହୋଇପାରେ, ଏପରି ପଦକୁ ବାକ୍ୟରେ ପ୍ରୟୋଗ କରି ସମାସର ପାର୍ଥକ୍ୟ ଦେଖାଅ ।

ଦୂରଭିସନ୍ଧି, ପ୍ରୀତିପୂର୍ବକ, ପ୍ରଜାପୀଡ଼, ବିଶ୍ୱବନ୍ଧୁ, ଅସ୍ତାଚଳ-ଶିଖର, ପ୍ରାଙ୍ମୁଖୀ, ପାପାତ୍ମା, ନରପଶୁ, ବ୍ୟର୍ଥ, ଆନନ୍ଦନୀର, ଅନାୟାସ ସାଷ୍ଟାଙ୍ଗ, ଅତୁଳ, ଅନୁପମ, ତତ୍ପର, ସ୍ୱାର୍ଥପର, ଜପପ୍ରଧାନ, ସର୍ବଶାସ୍ତ୍ର, ବିଶାରଦ, ନାନାବିଧ, ଅବାଙ୍ମୁଖୀ, ପରାଙ୍ମୁଖୀ, ଅନନ୍ୟାସାଧାରଣ, କନ୍ୟାପ୍ରବୀଣା, ଯଦୃଚ୍ଛାଲବ୍ଧ, କୃତବିଦ୍ୟ, କୃଦନ୍ତ, ବିଦ୍ୟାଦାନ, ପିଷ୍ଟ-ପେଷଣ, ଶ୍ରୀହୀନ, ନିର୍ବୋଧ, ଖଣ୍ଡଗିରି, ପରପଦଲେହନକାରୀ, ସସାଗରା, ପୂର୍ବାହ୍ନ, ଅଲୋକସାମାନ୍ୟ, ବର୍ଣ୍ଣାନ୍ତର, ଦ୍ରୁତଗତି, ଉଦ୍ଦାମ, ରାଜର୍ଷି, ଅଗାଧ, କାନ୍ତିବିଶିଷ୍ଟ, ଆମରଣ, ହିମାଦ୍ରି, ପ୍ରଜ୍ଞାଚକ୍ଷୁ, ଦୃଢ଼ବ୍ରତ, ଜନ୍ମାନ୍ଧ, ବାକ୍‌ସର୍ବସ୍ୱ, ତୃଣପ୍ରାଣ, ଆଦ୍ୟାବଧି, ଆପାଦମସ୍ତକ, ସ୍ୱକପୋଳକଳ୍ପିତ, ସୁବୁଦ୍ଧିପରିହତ, ଆମୂଳଚୂଳ, ଆଜନ୍ମବ୍ରହ୍ମଚାରୀ, ହୀନପ୍ରଭ; ମୁକ୍ତଦ୍ୱାର, ତୀକ୍ଷ୍ଣଧାର, ଅଠେଲଗ, ନିମ୍ନରେଖ, ନିରଞ୍ଜନ, ଉଗ୍ରତେଜା, ସଙ୍ଖ୍ୟାଲବ୍ଧ, ସୂଚୀଭେଦ୍ୟ, ଅପ୍ରାପ୍ତବୟସ୍କ, ଉଦାରଚେତା, ଯଥାରୁଚି, ବ୍ରହ୍ମୈକତାନମନା, ଧର୍ମପରାୟଣ, ପୁସ୍ତକପ୍ରଭୃତି, ଅନୂନ, ତ୍ୱକ୍‌ସାର, ସ୍ନେହବିହ୍ୱଳା, ଶାଖାଭ୍ରଷ୍ଟ, ପରଶ୍ରୀକାତରତା, ଅକିଞ୍ଚନ, ଲୋକାତୀତ, ବିଦ୍ୱେଷବହ୍ନି, ସୁଧାଧବଳିତ, ମାଧବ, ସର୍ବବିଧ, ସାବଧାନ, ବିଷାକ୍ତ, ଆଶାପିଶାଚୀ, ସନ୍ତୋଷାମୃତ, ଜଳ-କ୍ରୀଡ଼ା, ଭ୍ରମଣଶୀଳା, ବହୁବ୍ରୀହି, ଗଦାଘାତ, ବିଶୃଙ୍ଖଳ, ବିମଳ, ବିଶ୍ରୀ, ବିଧବା, ଉଚ୍ଛ୍ୱାସ, ଶକ୍ରପୁଞ୍ଜ, ମେନକାନାମ୍ନୀ, ଗନ୍ଧମାଦନ, ପଦାନତ, ଆଦ୍ୟୋପାନ୍ତ, ନିସ୍ପୃହ, ନିଷ୍କ୍ରିୟ, ନିସ୍ତନ୍ଦ୍ର, ନିର୍ମମ, ଅନର୍ଗଳ, ମୂଳକ, ପ୍ରାଞ୍ଜଳ, ଅଜାତଶତ୍ରୁ, ଅନ୍ଧକାରାବୃତ, ସଙ୍କୋଚିତ, ବୀରମ୍ମନ୍ୟ, ବାଦବିସୂତ, ଯଥାଞ୍ଜନ, ବିଶ୍ୱକର୍ମା, ସୁକର୍ମୀ, ସତ୍ୟବର୍ମା, ଯଥାର୍ଥନାମା, ପଦ୍ମଗନ୍ଧା, ପ୍ରାଂଶୁ, ଅଶୈଶବ, ଚିତ୍ରୋପମା,

ବହୁମୂର୍ଖ, ଇତାହବଳ, ଦ୍ୱାଦଶସଂଖ୍ୟକ, ଅନାଥ, ଅସୁଖ, ଅଭୟ, ଅମନୁଷ୍ୟ, ନିୟୁଗ, ଅନୁଦନ, ଅସୁନ୍ଦର, ଅକ୍ରତମ, ଅଘୋର, ଅପର୍ଯ୍ୟାପ୍ତ, କ୍ଳେଶାନର୍ହ, ସୁଶୋଭିତ, କୁସୁମାୟୁଧ, ଧୈର୍ଯ୍ୟଚ୍ୟୁତ, ଅଗାଧମଧୁର, ପରିଣାମବିରସ, ଚନ୍ଦ୍ରକଳା, ଶୁଦ୍ରକଳା, ବସନ୍ତସମୀର, ବାସନ୍ତସମୀର, ଶରତ୍ପୂର୍ଣ୍ଣିମା, କଣ୍ଠଲେଖା, ପଞ୍ଚାଷା ବର୍ତ୍ତ, ମୁଷ୍ଟିଗ୍ରାହ୍ୟ, ଯତାତ୍ମା, ଅତଥ୍ୟ, ହରଭକ୍ତ, ଦାହ୍ମୀପଥ, କୋପସ୍ଫୁରିତାଧର, ସ୍ୱେଦକଣାଯୁତ, ଶଯ୍ୟାର୍ପିତ, ଦୃଢ଼କାର୍ଯ୍ୟ, ପୁରଜନ, ପୌରଜନ, ପଦ୍ମାକ୍ଷୀ, ବବାଦାଗୀବ, ସୁହୃଦ୍ଭେଦ, ଗତସର୍ବସ୍ୱ, ପଶୁଧନ, ସତ୍ୟବ୍ରତ, ପତିବ୍ରତା, ଅନସୂୟା, ଗୁଣଶୃଙ୍ଖଳା, ଧନଶୃଙ୍ଖଳା, ଅମୃତନିର୍ବିଶେଷ, ଅମ୍ନୋତ୍ସର୍ଗ, ଅପତ୍ୟସ୍ନେହ, ବାମେତର, ପୃଥ୍ୱୀବଲ୍ଲଭ, ମହନୀୟଚରିତ, ପୁଣ୍ୟଶ୍ଳୋକ, ପରସ୍ତ୍ରୀସଚିବ, ଦୃଷ୍ଟିପୂତ, ଅତ୍ୟନ୍ତ, ଅଧ୍ୟାତ୍ମ, ଅଧିଭୂତ, ଅଧିଦେବ, କଦାଗ୍ରହ, କଦାଚାର, ଦୋଷାକର, ନିଷ୍କଳଙ୍କ, ଦୋଷାକ୍ଷେପ, ମହାବେଗ, ଚନ୍ଦ୍ରାପୀଡ଼, ତପୋଧନ, ଶୀର୍ଷସ୍ଥାନ, ସତ୍ୟାନୁରାଗ, ସର୍ପଶୟନ, ନିଦ୍ରାମୁଦ୍ରିତ, ଅବାଲ୍ୟ, ମଧୁବ୍ରତ, ସଂଖ୍ୟାତିରିକ୍ତ, ଦାମୋଦର, ଅନ୍ତସାର, ଅସାର, ସଂସାର, ଜ୍ଞାତସାର, ସାରସାର, କ୍ରୋଧୋଦୟ, ବୋଧୋଦୟ (ପୁସ୍ତକବିଶେଷ), ଗ୍ରନ୍ଥପାଠ, ଶୁଦ୍ଧପାଠ (ପୁସ୍ତକବିଶେଷ), ପବିତ୍ରଯଶଃ, ପବିତ୍ରଯଶା, ଛିନ୍ନଶିରଃ, ଛିନ୍ନଶିର, ସ୍ଥିରମନଃ, ସ୍ଥିରମନା, କ୍ରୂରକର୍ମ, କ୍ରୂରକର୍ମା, ପୁଷ୍ପଧନୁଃ, ପୁଷ୍ପଧନ୍ୱା, ସ୍ୱଧର୍ମ, ସ୍ୱଧର୍ମା, ବୃତ୍ତହୀନ, ହୀନବୃତ୍ତ, ଶୂନ୍ୟହୃଦୟ, ହୃଦୟଶୂନ୍ୟ, ଲଳିତଲତା, ଭ୍ରୂଲତା, ଅଶ୍ରୁକଣ, ଅଶ୍ରୁତୋଷ, ନିରାମୟ, ଅନାମୟ, କ୍ରୋଧଜିତ୍, ଜିତକ୍ରୋଧ, କ୍ରୋଧଜାତ, ଜାତ-କ୍ରୋଧ, ଶରଦ୍ରବ, ଗୌରବରବ, କୌରବରବ, ରକ୍ତାରବିନ୍ଦ, ଚରଣାରବିନ୍ଦ, ଲୀଳାରବିନ୍ଦ, ନଳିନାକ୍ଷ, ନଳିନାକ୍ଷି; ନୀଳୋତ୍ପଳ, କର୍ଣ୍ଣୋତ୍ପଳ, ନେତ୍ରୋତ୍ପଳ, ଅଧରବିମ୍ବ, ବିମ୍ବାଧର, ସ୍ୱର୍ଗବଧୂ,

ମୁଷ୍ଟିବଦ୍ଧ, ଲତାବଦ୍ଧ, ସୂତ୍ରବଦ୍ଧ, ପ୍ରେମବଦ୍ଧ, ଉରଗ, ଅଙ୍ଗସ୍ପର୍ଶ, ପୁଷ୍ପରଥ (ରଥବିଶେଷ), ବାଗ୍‌ବୀର, ବାଗସ୍ତ୍ର, ବାଗ୍‌ଗୁରୁ, ଚନ୍ଦ୍ରାର୍କ, ବାଳାର୍କ, ବୟୋବୃଦ୍ଧ, ବୃଦ୍ଧବୟସ୍କ, ଅଶରଣ, ଅନାଥଶରଣ, ପ୍ରିୟଜନ, ଜନପ୍ରିୟ, ପ୍ରିୟଭକ୍ତ, ଭକ୍ତପ୍ରିୟ, ଭୋଜନପ୍ରିୟ, ମଧୁପ୍ରିୟ ।

୨ । ନିମ୍ନଲିଖିତ ପ୍ରତ୍ୟେକ ଶବ୍ଦକୁ ଯୋଡ଼ିଏ ସମସ୍ତପଦରେ ବ୍ୟବହାର କର :—ଶେଷ, ଅସତ୍ତ୍ୱ, ଉଦ୍ୟମ, ଶୂନ୍ୟ, ଜ୍ଞାନ, ମୃତ, ତେଜ, ନାମ, ଜନ୍ମ, କର୍ମ, ଧର୍ମ, ଅଗ୍ରଜ, ମହତ୍, ଅଧ୍ୱନ୍, ରାଜନ୍, ସନ୍ଧି, ନିଶା, ନାଭି, ଅକ୍ଷି, ଧନୁ, ଉଦର, ମୂର୍ଦ୍ଧା, ଜଳ, ଅଙ୍ଗନ, ଅଶ୍ୱ, ଧ୍ୱଜ, ଦାର, ମନଃ, ଛତ୍ର, ଗ୍ରୀବା, ଭୂଷଣ, ସମାନ, ନିଷ୍ଠା, ପ୍ରିୟ, ବୃତ୍ତ, ଶୀଳ, ରତ୍ନ, ଚକ୍ଷୁ, ନିଦ୍ରା, ଅମ୍ବା, ବୃଦ୍ଧ, ବଧିର, ଅବତଂସ, ମୂଳ, ମଣି, ଲଜ୍ଜା, କମଳ, ନାଥ, ପତି, ବଶିଷ୍ଠ, ସମ୍ପନ୍ନ, କୂଳ, ସଙ୍କୁଳ, ବନ୍ଧୁ, ଆକ୍ରାନ୍ତ, ଆପନ୍ନ, ପଦ, ମୃତ୍ୟୁ, ବହ୍ନି, ମାଳା, ଲତା, ବନ୍ଧ, ବନ୍ଦ, କାର୍ଯ୍ୟ, ଅର୍ଥ, ମଣ୍ଡଳ, ଲକ୍ଷଣ, ଶିଖର, ଶେଖର ।

୩ । ଅ, ବି, ଉତ୍, ନିର୍, ପ୍ରତି, ପ୍ର, ଦୁର୍ ଏହି ଉପସର୍ଗମାନଙ୍କର ପ୍ରତ୍ୟେକକୁ ତିନିଗୋଟି ସମସ୍ତପଦରେ ବ୍ୟବହାର କର ।

୪ । କେବଳ କୃଦନ୍ତ ଶବ୍ଦ ବ୍ୟବହାର କରି ପାଞ୍ଚୋଟି ସମସ୍ତପଦ ପ୍ରସ୍ତୁତ କର ।

୫ । (କ) କୃତ୍ ଏବଂ ତଦ୍ଧିତ ପ୍ରତ୍ୟୟଯୁକ୍ତ ଶବ୍ଦ ବ୍ୟବହାର କରି ଦଶୋଟି ସମସ୍ତପଦ ପ୍ରସ୍ତୁତ କର ।

(ଖ) ନିମ୍ନଲିଖିତ ପଦମାନଙ୍କୁ ସଂଶୋଧନ ବା ସମର୍ଥନ କର :

ନିର୍ଦ୍ଦୋଷୀ, ନିରପରାଧୀ, ନୀରୋଗୀ, ନିରଭିଳାଷୀ, ନିଷ୍ପାପୀ, ଅହୋରାତ୍ରି, ଅହର୍ନିଶି, ମହାରାଜନ୍, ପୁଣ୍ୟାହନ୍, ଷଡ଼ସ୍ରାକ୍ଷୀ, ଅମ୍ବନ୍‌କୃତ, ପକ୍ଷୀଜାତି, ଗୁଣୀଜନ, ଧନୀଲୋକ, କୁଅନ୍ନ, କୁଅଗୁରୁ, କୁଅର୍ଥନା, ହରଚନ୍ଦ୍ର, ବନପତି, ଫଣୀପତି, ପଦ୍ମନାଭି, ପଞ୍ଚାଙ୍ଗୁଳି, ଚତୁଷ୍ପଥ, ହସ୍ତୀଦନ୍ତ, ରଥୀବୃନ୍ଦ, କ୍ଷତରାଗୀ, ନିରାଶା, ନିର୍ଦ୍ଦୟା ।

# ତୃତୀୟ ଭାଗ

## ଛନ୍ଦଃ ପ୍ରକରଣ

ଛନ୍ଦୋବଦ୍ଧ ରଚନାକୁ ପଦ୍ୟ ବୋଲାଯାଏ । ଛନ୍ଦ ଦୁଇପ୍ରକାର— ମିତାକ୍ଷର ଓ ଅମିତାକ୍ଷର । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅମିତ୍ରଛନ୍ଦର ବ୍ୟବହାର ନ ଥିଲା । ନବ୍ୟ ଶିକ୍ଷିତ ସମ୍ପ୍ରଦାୟ ମଧ୍ୟରୁ କେହି କେହି ଅମିତ୍ରଛନ୍ଦରେ ଲେଖିବାକୁ ଆରମ୍ଭ କରିଅଛନ୍ତି ।

ପଦ୍ୟପାଠ ସମୟରେ ନିଶ୍ୱାସପାତ ବା ବିଶ୍ରାମସ୍ଥାନକୁ ଯତି ବୋଲାଯାଏ ।

ମିତାକ୍ଷର ପୂର୍ଣ୍ଣ ମିତାକ୍ଷର ହେଲେ ଅପେକ୍ଷାକୃତ ଅଧିକ ସୁଶ୍ରାବ୍ୟ ହୁଏ । ପୂର୍ଣ୍ଣ ଓ ଅପୂର୍ଣ୍ଣ ମିତାକ୍ଷରର ଉଦାହରଣ ନିମ୍ନରେ ପ୍ରଦର୍ଶିତ ହେଲା :—

ପୂର୍ଣ୍ଣ

ବନ୍ଧୁ ପଣପୁଷ୍ପେ ଯା କାନ୍ତି ଜାଣ
ବିଭୂଷଣ କରି କନ୍ୟାକୁ ଆଣ

ଅପୂର୍ଣ୍ଣ

ବାରଣ ଶିରେ ପଦ ଦେଇ ଆସୁ
ବରଣ କରି ରାମ ମନ ତୋଷୁ । (ବୈଦେହୀଶ-ବିଳାସ)

ପ୍ରଥମ ଦୁଇ ପଙ୍‌କ୍ତିରେ ଶେଷ ବର୍ଣ୍ଣ ଏବଂ ତାହାର ପୂର୍ବବର୍ତ୍ତୀ ସ୍ୱରର ମେଳ ଥିବାରୁ ତାହା ପୂର୍ଣ୍ଣ ମିତାକ୍ଷର । ଶେଷୋକ୍ତ ପଂକ୍ତି-ଦ୍ୱୟରେ ଶେଷ ବର୍ଣ୍ଣର ମେଳ ଥାଇ ତାହାର ପୂର୍ବବର୍ତ୍ତୀ ସ୍ୱରର ମେଳ ନ ଥିବାରୁ ତାହା ଅପୂର୍ଣ୍ଣ ମିତାକ୍ଷର ।

ପଦ୍ୟ ରଚନାରେ ଯତିପାତ ପ୍ରତି ବିଶେଷ ଦୃଷ୍ଟି ରଖିବା ଆବଶ୍ୟକ । ଯତିରକ୍ଷା ଓ ଭଙ୍ଗର ଗୋଟିଏ ଗୋଟିଏ ଉଦାହରଣ ନିମ୍ନରେ ପ୍ରଦର୍ଶିତ ହେଲା :—

ଯତିରକ୍ଷା

ବନ୍ଧୁ, କ୍ଷଣପୂର୍ବେ ଯା କାନ୍ତ ଜାଣ
ବଳୁଁଷ'ଣ କର କନ୍ୟାଙ୍କୁ ଘଣ ।

ଯତିଭଙ୍ଗ

ବାରଣଶିରେ ପ । ଦ ଦେଲ ଅସ୍ତୁ ।
ବରଣ କରସି । ମ ମନ ତୋଷ । (ବୈଦେହୀଶ-ବିଳାସ)

ଶେଷ ପଙ୍‌କ୍ତିଦ୍ୱୟରେ ଯତିଭଙ୍ଗ ହୋଇ ଗୋଟିଏ ପଦ ଦ୍ୱିଧା ବିଭକ୍ତ ହୋଇଯିବାରୁ ତାହା ପୂର୍ବ ଦୁଇ ପଙ୍‌କ୍ତି ପରି ସୁଶ୍ରାବ୍ୟ ହୋଇନାହିଁ ।

ଯତିରକ୍ଷା ଏବଂ ଯତିଭଙ୍ଗର ଆଉ ଗୋଟିଏ ଉଦାହରଣ ନିମ୍ନରେ ପ୍ରଦର୍ଶିତ ହେଲା ; ଯଥା :—

ଯତିରକ୍ଷା

ବିଳସାଇ ଯଥା । ଅଳକା ତେଜାଇ । ଈଶ୍ୱରଙ୍କ ଶ୍ରମଶ୍ରେନେ;
ବିଷ୍ଣୁଙ୍କ ରତନ । ଧନଙ୍କ ଛଡ଼ାଇ । ଜଡ଼ାଇ ସର୍ପଶୟନେ ।

ଯତିଭଙ୍ଗ

ବୋଇଲେ ସୀତା ଶୀ । ତାଂଶୁମୁଖୀ ଏକ । ଦିନେ ଅତି ଦୀନ ହୋଇ,
ବିନ୍ଧୁ ବିନ୍ଧୁଙ୍କ ବ । ନବାସ ବାସରେ । ନୃପତି ହେବାର ଯାଇ ।
(ବୈଦେହୀଶ ବିଳାସ)

ମିଶ୍ରାକ୍ଷର ଛନ୍ଦ ଅନେକ ପ୍ରକାର, ଯଥା—ଗୁଞ୍ଜରୀ, ଚକ୍ରକେଳି, କଳହଂସକେଦାର, ନଟବାଣୀ, ମଙ୍ଗଳଗୁଞ୍ଜରୀ, ରାମକେରୀ, ବଙ୍ଗଳାଶ୍ରୀ ରସକୁଲ୍ୟା, ଚୋଖି, ଶଙ୍କରାଭରଣ, ଧନାଶ୍ରୀ ଇତ୍ୟାଦି ।

ଆଧୁନିକ ଲେଖକମାନେ ନାନାପ୍ରକାର ନୂତନ ଛନ୍ଦର ବ୍ୟବହାର ମଧ୍ୟ ଆରମ୍ଭ କରିଅଛନ୍ତି । କବିତାବଳୀରେ ଏହି ଭଳି ନୂତନ ଛନ୍ଦ ସୁଲଭ । ନିମ୍ନରେ କେତେଗୁଡ଼ିଏ ମିଶ୍ରାକ୍ଷର ଛନ୍ଦର ଲକ୍ଷଣ ନିର୍ଦ୍ଦେଶ କରାଗଲା :—

ଗୁଜ୍ଜରୀ

"ଶୁଣ ପରୀକ୍ଷ । ନରନାଥ,
କୃଷ୍ଣ ଚରିତ । ଭାଗବତ ।"

ଏହି ଛନ୍ଦର ପ୍ରତ୍ୟେକ ପଂକ୍ତି ୯ ଅକ୍ଷର ବିଶିଷ୍ଟ । ପଞ୍ଚମ ବର୍ଣ୍ଣ ପରେ ଏହାର ଯତିପାତ ହୁଏ ।

ଚକ୍ରକେଳି

"କର୍ଣ୍ଣେ । ନନ୍ଦସୁତ ହେବା । ଶୁଣିଲେ,
କଳା । କରମୁଖୀ ଗୋପୀ । ଧାଇଁଲେ ।" (ରସକଲ୍ଲୋଳ)

ଏହି ଛନ୍ଦର ପ୍ରତ୍ୟେକ ପଙ୍‌କ୍ତି ୧୧ ଅକ୍ଷର ବିଶିଷ୍ଟ । ପ୍ରଥମ ଦୁଇ ଅକ୍ଷର, ପୁଣି ୭ ଅକ୍ଷର ପରେ ଏହାର ଯତି ପାତ ହୁଏ ।

କଳହଂସକେଦାର

ତଡ଼ାଗ ତାରକିତ । ଶ୍ୱେତ କୁମୁଦେ,
ତାମସ । ହୃଦେ ସତ୍ତ୍ୱ । ଗୁଣ କି ଉଦେ ?" (ତୁଳସୀସ୍ତବକ)

ଏହି ଛନ୍ଦର ପ୍ରତ୍ୟେକ ପଙ୍‌କ୍ତି ୧୨ ଅକ୍ଷର ବିଶିଷ୍ଟ । ପ୍ରଥମ ୭ ଅକ୍ଷର ପରେ ଏହାର ଯତିପାତ ହୁଏ ।

ନଟବାଣୀ

"କୁମ୍ଭାଟୁଆ ଖଗ । ପ୍ରଭାତ ଜଗସ୍ୱ,
ରଙ୍ଗେ ବଜାଇଲ୍ଲ ଵାଜନ ନାଗସ୍ୱ ।" (ନନ୍ଦକେଶରୀ)

ଏହି ଛନ୍ଦର ପ୍ରତ୍ୟେକ ପଂକ୍ତି ୧୨ ଅକ୍ଷର ବିଶିଷ୍ଟ । ପ୍ରଥମ ୬ ଅକ୍ଷର ପରେ ଏହାର ଯତିପାତ ହୁଏ ।

ସମାନ ଅକ୍ଷର ବିଶିଷ୍ଟ ଛନ୍ଦ କେବଳ ଯତିପାତର ବିଭିନ୍ନତା ହେତୁରୁ ଭିନ୍ନ ନାମରେ ଅଭିହିତ ହୋଇଅଛନ୍ତି । ଉକ୍ଷିପ୍ତ ଦୃଷ୍ଟାନ୍ତ ଛନ୍ଦରୁ ଏହି ଉକ୍ତିର ଯଥାର୍ଥ ପ୍ରତିପନ୍ନ ହେବ ।

### ମଙ୍ଗଳଗୁର୍ଜ୍ଜରୀ

"ପ୍ରଭାତକାଳ ଶର୍ବରୀ । ହସିଲେ ଜହ୍ନୁତଳେ,
ପଙ୍କଜବରଣୀ ଊଷା । ଉଦୟ ଅଚଳେ ।" ( ଭବତାବଳୀ )

ଏହି ଛନ୍ଦର ପ୍ରତ୍ୟେକ ପଙ୍‌କ୍ତି ୧୪ ଅକ୍ଷର ବିଶିଷ୍ଟ । ପ୍ରଥମ ୮ ଅକ୍ଷର ପରେ ଏହାର ଯତିପାତ ହୁଏ ।

### ଭ୍ରମବେଣୀ

"ଶ୍ରବଣେ ଦୋଳଇ । କୁଣ୍ଡଳ । ଦୋଳେ ନୀଳ ଅଳକ
ଲାବଣ୍ୟ ଦର୍ପଣ । ପରାଯେ । ଝଳେ ଗଣ୍ଡଫଳକ ।" (ଚନ୍ଦ୍ରଭାଗା)

ଏହି ଛନ୍ଦର ପ୍ରତ୍ୟେକ ପଙ୍‌କ୍ତି ୧୬ ଅକ୍ଷର ବିଶିଷ୍ଟ । ପ୍ରଥମ ୬ ଅକ୍ଷର, ତତ୍ପରେ ୩ ଅକ୍ଷର ଉତ୍ତାରୁ ଏହାର ଯତିପାତ ହୁଏ ।

### ବଙ୍ଗଳାଶ୍ରୀ

"ଧନ୍ୟ ସେ ଜୀବକ । ମରଣଭୀତକ । ପ୍ରୀତି ସେ ପାରଇ ଜାଣି
କ୍ଷୀଣପକ୍ଷମୂଳା । ଲବଣୀପିତୁଳା । ପ୍ରୀତି କଲ୍ଲ ସାହସିନୀ ।"
( କେଦାରଗୌରୀ )

ଏହି ଛନ୍ଦର ପ୍ରତ୍ୟେକ ପଙ୍‌କ୍ତି ୨୦ ବର୍ଣ୍ଣ ବିଶିଷ୍ଟ । ପ୍ରଥମ ଅକ୍ଷର ପୁଣି ୬ ଅକ୍ଷର ଉତ୍ତାରୁ ଏହାର ଯତିପାତ ହୁଏ ।

### ରସକୁଲ୍ୟା

"ବିଭୀଷଣ ଆଗେ । ଦେଖାନ୍ତି ବାଟ,
ଶ୍ରୀକର ଧରନ୍ତି । କପି ସମ୍ରାଟ୍,
ବେନିଏ ଅଟନ୍ତି । ସେବାଚତୁର,
ସୋପାନେ ଅବନୀ । ତହୁଁ ଅଦୂର,
ପଦ ଦେଇ ରଘୁପତି,
ସ୍ଫଟିକ ବେଦୀ । କବଣ ପବନ । ବନ୍ଦେ କଲେ ବସୁମତୀ ।"
( ଭବତାବଳୀ )

ଏହି ଛନ୍ଦ ୬ ପାଦ ବିଶିଷ୍ଟ । ଯେଉଁ ସ୍ଥାନମାନଙ୍କରେ ଯତିପାତ ଆବଶ୍ୟକ, ତାହା ଚିହ୍ନଦ୍ୱାରା ବ୍ୟକ୍ତ ହୋଇଅଛି ।

ବର୍ତ୍ତମାନ ଯେଉଁ ନୂତନ ଛନ୍ଦମାନ ବ୍ୟବହୃତ ହେଉଅଛି, ସେମାନଙ୍କର ମଧ୍ୟ ଯତିପାତର ଏହିପରି ନିୟମ ।

ଯତିପାତ ସମ୍ବନ୍ଧରେ କେତେଗୁଡ଼ିଏ ସ୍ଥୂଳବିଧାନ ପୂର୍ବରେ ପ୍ରଦର୍ଶିତ ହୋଇଅଛି । ଯତିବିଭାଗ ମଧ୍ୟରେ ପୁଣି ବିନ୍ୟାସର ଭିନ୍ନ ଭିନ୍ନ ନିୟମ ଅଛି । ବାହୁଲ୍ୟ ଭୟରେ ସେ ସବୁ ପରିତ୍ୟକ୍ତ ହେଲା ।

ଏ କ୍ଷୁଦ୍ର ପୁସ୍ତକରେ ସମସ୍ତ ମିତ୍ରଛନ୍ଦର ଲକ୍ଷଣ ନିର୍ଦ୍ଦେଶ ଅସମ୍ଭବ । ଆଧୁନିକ ପଦ୍ୟପାଠ୍ୟ ଗ୍ରନ୍ଥମାନଙ୍କରେ ଯେଉଁ ଯେଉଁ ଛନ୍ଦ ବ୍ୟବହୃତ, ସେମାନଙ୍କ ମଧ୍ୟରୁ ପ୍ରଧାନ କେତେଗୁଡ଼ିଏ ଛନ୍ଦର ଲକ୍ଷଣ ମାତ୍ର ଦେଖାଗଲା ।

ବର୍ତ୍ତମାନ କୌଣସି କୌଣସି ଲେଖକ ୧୪ ଅକ୍ଷର ବିଶିଷ୍ଟ ବୃତ୍ତରେ ଅମିତ୍ରାକ୍ଷର ପଦ୍ୟ ରଚନା କରୁଅଛନ୍ତି । ଏହି ଅମିତ୍ରଛନ୍ଦର ଯତିପାତର ନିୟମ ମିତ୍ରାକ୍ଷର ଛନ୍ଦର ଅନୁରୂପ ଅଟେ । ଉଦାହରଣ ସ୍ୱରୂପ ଏହି ଛନ୍ଦର କେତେକ ନିମ୍ନରେ ଉଦ୍ଧୃତ ହେଲା—

"ସଂସାରର ଲୀଳା ଖେଳା ସକଳି ଅସାର,
ସଂସାର ବିଷୟ-ବିଷେ ଜରଜର ହୋଇ
ସାରତତ୍ତ୍ୱ ପାସୋରନ୍ତି, ସାରନ୍ତି ଅମୃତ,
ଦୁଃଖମୟ ଭବ ସିନା ମହା ସୁଖ ବୋଲି
ବୋଲନ୍ତି ଜଗତେ ଯାକୁ, କହନ୍ତି ସେ ସଦା
ମହାଦୁଃଖେ, ଅନ୍ତେକ ସେ କହନ୍ତି ଉମସେ ।
ହତ ହେଲେ ସୁଯୋଧନ କୁରୁକ୍ଷେତ୍ର ରଣେ,
ଜୟୀ ହୋଇ ଅମ୍ଭେ ତହୁଁ ହେଲୁ ଜୀବନ୍ମୃତ,

ପୁନ ମିଳ ରକ୍ତସ୍ରୋତେ ଜନ୍ମର ସନ୍ତାପେ
ସନ୍ତାପର ସିଂହାସନ ହେଲ ସିନା ଲୟ ?,
ଭଙ୍ଗୁର ଭବର ଭବ, ପୁଣି ଏହୁପର ।'' (ମହାଯାତ୍ରା)

---

## ପଦ ସ୍ୱାତନ୍ତ୍ର୍ୟ

ପଦ୍ୟ ଲେଖକମାନେ ଛନ୍ଦୋନିୟମରେ ଆବଦ୍ଧ ଥିବାରୁ ଶବ୍ଦ ବ୍ୟବହାର ସମ୍ବନ୍ଧରେ କ୍ୱଚିତ୍ ପରିମାଣରେ ସ୍ୱାଧୀନତା ଗ୍ରହଣ କରନ୍ତି । ଗଦ୍ୟରେ ବ୍ୟବହୃତ ମୂଳଶବ୍ଦ ପଦ୍ୟରେ କିପରି ରୂପାନ୍ତରିତ ହୋଇ ବ୍ୟବହୃତ ହୁଏ, ତାହାର କେତୋଟି ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା ।—

| | |
|---|---|
| ମୂଳ—ରୂପାନ୍ତରିତ, | ମୂଳ—ରୂପାନ୍ତରିତ |
| ଧର୍ମ—ଧରମ | ଭ୍ରୂ—ଭୂରୁ |
| କର୍ମ—କରମ | ଶ୍ରୀ—ଶିରୀ |
| ମୁକ୍ତ—ମୁକତ | ମାତ୍ର—ମାତର |
| ଯୁକ୍ତ—ଯୁକତ | ଗୌରୀ—ଗଉରୀ |
| କାର୍ତ୍ତି—କୀରତି | ଖର୍ବ—ଖରବ |
| ମୂର୍ତ୍ତି—ମୂରତି | ଦର୍ଶନ—ଦରଶନ |
| ପ୍ରୀତି—ପୀରତି | ରତ୍ନ—ରତନ |
| ଗର୍ବ—ଗରବ | ଯତ୍ନ—ଯତନ |

ପଦ୍ୟରେ କେତେଗୁଡ଼ିଏ ଶବ୍ଦର ବ୍ୟବହାର ହୁଏ, ଯାହା ଗଦ୍ୟରେ ବ୍ୟବହୃତ ହୁଏ ନାହିଁ; ଯଥା—ଯେହ୍ନୁ, ସେହ୍ନୁ, ଯେସନ, ତେସନ, ଯେତେହ୍ନେ, ତେତେହ୍ନେ, କେନ, କହ୍ନନ ଇତ୍ୟାଦି । କାଢଣି, ଦେଖିଣ ପ୍ରଭୃତି ଅସମାପିକାକ୍ରିୟା କେବଳ ପଦ୍ୟରେ ବ୍ୟବହୃତ ହୁଏ ।

ପଦ୍ୟ ଲେଖକମାନେ ଛନ୍ଦୋନୁରୋଧରେ କେବେ କେବେ ଶବ୍ଦ ଖଣ୍ଡିତ କରି ଦଅନ୍ତି ଯଥା :—

"ବ୍ରହ୍ମା ସର୍ଜନାରେ ବ୍ରହ୍ମାଣ୍ଡେ କାହିଁଛୁ
ଅଚ୍ଛ ମୋ ତନୟ ସରି ।" (ବୈଦେହୀଶ ବିଳାସ)

ଏହି ଉଦାହରଣରେ 'ଅଛୁ' ଖଣ୍ଡିତ ହୋଇ 'ଛୁ' ହୋଇଅଛି । ରଚନାକୁ ଶ୍ରୁତିମଧୁର କରିବା ସକାଶେ ପଦ୍ୟ ଲେଖକମାନେ କେବେ କେବେ ବ୍ୟାକରଣ ନିୟମ ଲଙ୍ଘନ କରନ୍ତି, ଯଥା :—

"ଅସ୍ତଗିରି ଶୃଙ୍ଗେ ଏବେ ପ୍ରବେଶ ତପନ" (କବିତାବଳୀ)

ଏଠାରେ ରଚନା ଶ୍ରୁତିମଧୁର କରିବା ଉପାୟରେ ପ୍ରବିଷ୍ଟ ପରିବର୍ତ୍ତିରେ ପ୍ରବେଶ ଶବ୍ଦ ବ୍ୟବହୃତ ହୋଇଅଛି ।

## ଅଲଙ୍କାର ପ୍ରକରଣ

ଅଲଙ୍କାର ବ୍ୟାକରଣର ଅଙ୍ଗ ନୁହେଁ । ସାହିତ୍ୟ ଶିକ୍ଷା ସଙ୍ଗେ ସଙ୍ଗେ ବାଳକମାନଙ୍କୁ ଅଲଙ୍କାର ସମ୍ବନ୍ଧୀୟ ସ୍ଥୂଳ କଥାମାନ ଶିକ୍ଷା କରିବାକୁ ହୁଏ । ଅଥଚ ଏହି ବିଷୟରେ ପାଠୋପଯୋଗୀ କୌଣସି କ୍ଷୁଦ୍ର ପୁସ୍ତକ ନାହିଁ । ଏହି ହେତୁରୁ ଅଲଙ୍କାରର ମୂଳ ବିଷୟମାନ ଅତି ସଂକ୍ଷେପରୂପେ ଏହି ପୁସ୍ତକରେ ସନ୍ନିବିଷ୍ଟ ହେଲା ।

### କାବ୍ୟ

ରସାତ୍ମକ ବାକ୍ୟକୁ କବିତା ବୋଲଯାଏ । କବିତା ପଦ୍ୟ ଓ ଗଦ୍ୟ ଉଭୟରେ ହୋଇପାରେ । କବିତାରେ ଯେତେ ଅଲଙ୍କାର ବା ଗୁଣ ଥାଉ, ରସ ନ ଥିଲେ ତାହା କବିତାପଦବାଚ୍ୟ ନୁହେଁ ।

କବିତାମୟ ପୁସ୍ତକକୁ କାବ୍ୟ ବୋଲଯାଏ । କାବ୍ୟ ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ । ଯଥା :—ଶ୍ରାବ୍ୟ ଓ ଦୃଶ୍ୟ ।

ଯେଉଁ କାବ୍ୟ କେବଳ ଶ୍ରବଣ କରାଯାଏ, ତାହାର ନାମ ଶ୍ରାବ୍ୟ କାବ୍ୟ, ଯଥା :—ରସକଲ୍ଲୋଳ ।

ଯାହାର ଅଭିନୟ ଦେଖାଯାଏ, ତାହା ଦୃଶ୍ୟ କାବ୍ୟ; ଯଥା :— ଅଭିଜ୍ଞାନ ଶକୁନ୍ତଳା, କାଞ୍ଚିକାବେରୀ ।

ମହାକାବ୍ୟ, ଖଣ୍ଡକାବ୍ୟ, ଗୀତିକାବ୍ୟ, ଚମ୍ପୂ, ଉପାଖ୍ୟାନ ପ୍ରଭୃତି ଭେଦରେ କାବ୍ୟ ନାନାପ୍ରକାର । ବର୍ଣ୍ଣିତ ବିଷୟାଦିର ନାମାନୁସାରେ କାବ୍ୟର ନାମ ହୁଏ ।

## ରସ

କୌଣସି ରଚନା ପାଠ ବା ଶ୍ରବଣ କରି ମନରେ ଯେଉଁ ଚିତ୍ତର ଅପୂର୍ବ ଭାବର ଉଦୟ ହୁଏ, ତାହାର ନାମ ରସ । ସଂସ୍କୃତ ଅଳଙ୍କାରିକମାନେ ନଅ ପ୍ରକାର ରସର ନିର୍ଦ୍ଦେଶ କରିଅଛନ୍ତି, ଯଥା—ଆଦି, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ, ଅଦ୍ଭୁତ, ଶାନ୍ତ ।

ଏଭଳି କ୍ଷୁଦ୍ର ପୁସ୍ତକରେ ଉଦାହରଣଦ୍ୱାରା ପ୍ରତ୍ୟେକ ରସ ବୁଝାଇ ଦେବା ସହଜ କଥା ନୁହେଁ । ପୁଣି କୌଣସି କାବ୍ୟର ଅଂଶ ବିଶେଷର ଅଠ ଦଶ ପଙ୍‌କ୍ତି ଉଦ୍ଧାର କରି ଏପରି ସୂକ୍ଷ୍ମ ବିଷୟକୁ ସେହି କାବ୍ୟର ପ୍ରସଙ୍ଗାନଭିଜ୍ଞ ଛାତ୍ରମାନଙ୍କର ହୃଦୟଙ୍ଗମ କରାଇ ଦେବାର ପ୍ରୟାସ ବିଡ଼ମ୍ବନା ମାତ୍ର; ତେଣୁ ରସ ସମ୍ବନ୍ଧରେ କେତେଗୁଡ଼ିଏ ସ୍ଥୂଳ କଥା ନିମ୍ନରେ ସନ୍ନିବିଷ୍ଟ ହେଲା :—

ଆଦିରସ—ନାୟକ ନାୟିକାର ପରସ୍ପର ଅନୁରାଗ ବିଷୟକ ଭାବକୁ ଆଦିରସ ବୋଲଯାଏ । ଏହାର ଉଦାହରଣ ସୁଲଭ । କୃଷ୍ଣଲୀଳା ପ୍ରଭୃତିରେ ଏହି ରସାତ୍ମକ ଗ୍ରାମ୍ୟ କବିତା ଅନେକ ଶୁଣାଯାଏ । ମାର୍ଜିତ ସ୍ୱାଦର ଆଦିରସାତ୍ମକ ଉଦାହରଣ "କବିତାବଳୀର "ଅଯୋଧ୍ୟା ପ୍ରତ୍ୟାଗମନ"ରେ ଅଛି ।

ହାସ୍ୟରସ—ବିକୃତ କାବ୍ୟ ଶ୍ରବଣ ଓ ବିକୃତ ଆକାରାଦି ଦର୍ଶନଦ୍ୱାରା ଯେଉଁ ରସ ଜାତ ହୁଏ, ତାହା ହାସ୍ୟରସ । ଲୀଳା ...

ସୁପଣ୍ଡିତମାନେ ସମସ୍ତ ସମସ୍ତଙ୍କର ଗ୍ରାମ୍ୟ ଗୀତରେ ହାସ୍ୟରସର ଅବତାରଣା କରନ୍ତି । "ଅଯୋଧ୍ୟା-ପ୍ରତ୍ୟାଗମନ"ର ଯେଉଁ ଅଂଶରେ ନରବେଶଧାରୀ ବାନରମାନଙ୍କର ଗଜାରୋହଣ ବର୍ଣ୍ଣନ ଅଛି, ତାହା ହାସ୍ୟରସାଶ୍ରିତ ।

କରୁଣରସ—ଯଦ୍ୱାରା ଶୋକାବହ ଭାବ ଜାତ ହୁଏ, ତାହା କରୁଣରସ । ରାମାୟଣରେ ଅନ୍ଧକମୁନି ପ୍ରସଙ୍ଗ ଏବଂ ରାମବନବାସ ଓ ସୀତାବନବାସର ପ୍ରସଙ୍ଗ ଏବଂ ମହାଭାରତରେ ଯୁଦ୍ଧାନ୍ତେ କୁରୁ-କାମିନୀମାନଙ୍କର ରଣସ୍ଥଳଦର୍ଶନର ପ୍ରସଙ୍ଗ କରୁଣରସାଶ୍ରିତ କବିତାରେ ପରିପୂର୍ଣ୍ଣ ।

ରୌଦ୍ରରସ—କ୍ରୋଧାଦିଜନକ ଭାବର ନାମ ରୌଦ୍ରରସ । କବିତାବଳୀର ବେଣୀସଂହାରରେ ଦୁଃଶାସନ ପ୍ରତି ଭୀମର ଉକ୍ତି ଏହି ରସାତ୍ମକ ବୋଲି କଥିତ ।

ବୀରରସ—ଯାହାର ଶ୍ରବଣ କିମ୍ବା ଦର୍ଶନ ଦ୍ୱାରା ହୃଦୟରେ ବୀରୋଚିତ ଉତ୍ସାହ ଜାତ ହୁଏ, ତାହା ବୀରରସ । କବିତାବଳୀରେ ଶିବାଜୀଙ୍କର ଉତ୍ସାହବାକ୍ୟ ଏହି ରସାତ୍ମକ ବୋଲି କଥିତ ।

ଭୟାନକରସ—ଯାହା ଶୁଣିଲେ କିମ୍ବା ଦେଖିଲେ ମନରେ ଭୟ ଜାତ ହୁଏ, ତାହାର ନାମ ଭୟାନକରସ । ବେଣୀସଂହାରରେ ଭୀମକର୍ତ୍ତୃକ ଦୁଃଶାସନର ରକ୍ତପାନର ବର୍ଣ୍ଣନା ଏହି ରସାଶ୍ରିତ ବୋଲି କଥିତ ।

ବୀଭତ୍ସରସ—ଯାହାର ଶ୍ରବଣ କିମ୍ବା ଦର୍ଶନଦ୍ୱାରା ମନରେ ଘୃଣାର ଉଦ୍ରେକ ହୁଏ, ତାହା ବୀଭତ୍ସରସ । କବିତାବଳୀର ଶ୍ମଶାନ ବର୍ଣ୍ଣନାରେ ଏହାର ଉଦାହରଣ ଅଛି ।

ଅଦ୍ଭୁତରସ—ବିସ୍ମୟ ଏହି ରସର ଉପାଦାନ । ଅଦ୍ଭୁତରସାତ୍ମକ

କବିତାପାଠଦ୍ୱାରା ମନ ଏକପ୍ରକାର ଅନିର୍ବଚନୀୟ ଭାବରେ ଅଭିଭୂତ ହୋଇଯାଏ । କବିତାବଳୀରେ 'ଅକାଶ' ଏହି ରସାଶ୍ରିତ କବିତା ।

ଶାନ୍ତରସ—ଯାହାର ଶ୍ରବଣ କିମ୍ବା ଦର୍ଶନଦ୍ୱାରା ମନରେ ବୈରାଗ୍ୟ ଜାତ ହୁଏ, ତାହା ଶାନ୍ତରସ । କବିତାବଳୀରେ 'ନିଶୀଥଚିନ୍ତା' ଏବ 'ଜୀବନଚିନ୍ତା'ରେ ଏହାର ଉଦାହରଣ ଅଛି ।

## ଗୁଣ

ରସର ଉତ୍କର୍ଷବିଧାୟକ ଧର୍ମର ନାମ ଗୁଣ । ସଂସ୍କୃତ ଆଲଙ୍କାରିକମାନଙ୍କ ମତରେ ଗୁଣ ତିନି ପ୍ରକାର । ମାଧୁର୍ଯ୍ୟ, ଓଜଃ ଏବ ପ୍ରସାଦ ।

ଯେଉଁ ଗୁଣ ଥିଲେ ଚିତ୍ତ ଆର୍ଦ୍ର ଓ ଦ୍ରବୀଭୂତ ହୁଏ, ତାହାର ନାମ ମାଧୁର୍ଯ୍ୟ । ଅତ, କରୁଣ ଓ ଶାନ୍ତରସାତ୍ମକ କବିତାରେ ଏହି ଗୁଣ ଅଧିକ ଥାଏ । ମାଧୁର୍ଯ୍ୟଗୁଣବିଶିଷ୍ଟ ରଚନାରେ ନ, ର, ତ, ଦ, ଲ, ସ୍ୱକୋଟୀୟ ବର୍ଣ୍ଣ ଅଧିକ ପରିମାଣରେ ଥିବାର କଥିତ ହୁଏ ।

ଯେଉଁ ଗୁଣଦ୍ୱାରା ଚିତ୍ତ ଉଦ୍ଦୀପ୍ତ ହୁଏ, ତାହାର ନାମ ଓଜଃ । ବୀର, ରୌଦ୍ର, ଭୟାନକ ରସାଶ୍ରିତ ରଚନା ଏହି ଗୁଣବିଶିଷ୍ଟ । ଓଜସ୍ୱୀ ରଚନାରେ ଯୁକ୍ତାକ୍ଷର, ଟବର୍ଗ ଏବ ଷ, ସ ପ୍ରଭୃତି ବର୍ଣ୍ଣ ଅଧିକ ପରିମାଣରେ ଥିବାର କଥିତ ହୁଏ

ଯେଉଁ ଗୁଣ ଥିଲେ ଶ୍ରବଣମାତ୍ରେ ରଚନାର ଅର୍ଥ ବୋଧହୁଏ, ତାହା ପ୍ରସାଦ ଗୁଣ । ପ୍ରସାଦ ଗୁଣ ସର୍ବ ରଚନାରେ ଅବଶ୍ୟକ ।

କବିତାବଳୀରୁ ମାଧୁର୍ଯ୍ୟ ଓ ଓଜଗୁଣବିଶିଷ୍ଟ ରଚନାର ଉଦାହରଣ ସଂଗ୍ରହ ହୋଇପାରେ । ଗ୍ରନ୍ଥମାଳାରେ ଷଡ଼ଋତୁ ବର୍ଣ୍ଣନା ପ୍ରସାଦ ଗୁଣର ଉତ୍କୃଷ୍ଟ ଉଦାହରଣ ।

## ଅଲଙ୍କାର

ହାରବଳୟାଦିଦ୍ୱାରା ମନୁଷ୍ୟର ଶରୀର ଯେପରି ସୁଶୋଭିତ ହୁଏ,

ଅନୁପ୍ରାସ ଓ ଉପମାଦିଦ୍ୱାରା ଶବ୍ଦ ଓ ଅର୍ଥ ସେହିପରି ସୁସଜ୍ଜିତ ହୁଏ । ଏହି ହେତୁରୁ ଅନୁପ୍ରାସ ଓ ଉପମା ପ୍ରଭୃତିକୁ ଅଳଙ୍କାର ବୋଲାଯାଏ ।

ଅଳଙ୍କାର ରଚନାର ସୌନ୍ଦର୍ଯ୍ୟ ବୃଦ୍ଧି କରେ ସତ୍ୟ; ମାତ୍ର ସେଥିରେ ଅଯଥା ବହୁଳ ପ୍ରୟୋଗ ଦୂଷଣୀୟ । ତଦ୍ଦ୍ୱାରା ରଚନାର ସ୍ୱାଭାବିକ ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଏ ।

ଅଳଙ୍କାର ଦୁଇ ଭାଗରେ ବିଭକ୍ତ—ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର । ଅର୍ଥାଳଙ୍କାର ତୁଳନାରେ ଶବ୍ଦାଳଙ୍କାର ନିକୃଷ୍ଟ ଶ୍ରେଣୀର ଅଟେ । ଭାଷାନ୍ତରିତ ହେଲେ ଏହି ଅଳଙ୍କାର ନଷ୍ଟ ହୋଇଯାଏ ।

## ଶବ୍ଦାଳଙ୍କାର

ଅନୁପ୍ରାସ ଓ ଯମକାଦି ଭେଦରେ ଶବ୍ଦାଳଙ୍କାର ନାନାପ୍ରକାର ।

ବର୍ଣ୍ଣର ପୁନଃ ପୁନଃ ଆବୃତ୍ତିକୁ ଅନୁପ୍ରାସ ବୋଲାଯାଏ; ଯଥା—

"ପ୍ରଚଣ୍ଡ ପାଣ୍ଡବଯୋଧେ ଅସୂଧ ଭାସ୍ୱର,
ଅତି କ୍ରୋଧେ ମହାଯୁଦ୍ଧେ ଧାଇଁଲେ ସତ୍ୱର ।" (କବିତାବଳୀ)

ପଦ୍ୟରେ ଭିନ୍ନାର୍ଥବୋଧକ ଏକ ପ୍ରକାର ପଦର ବାରମ୍ବାର ବିନ୍ୟାସ ହେଲେ ଯମକାଳଙ୍କାର ହୁଏ; ଯଥା—

"ନୀଳ ନୀରଦମାଳେ ଖେଳେ ଚପଳା,
ଖଳ ପୀରତି ପ୍ରାୟେ ସଦା ଚପଳା ।" (ରୁ, ସୁ,)

ଅନୁପ୍ରାସ କିମ୍ବା ଯମକ ଅକ୍ଳିଷ୍ଟ ଏବଂ ପରିମିତ ହେଲେ ରଚନାର ସୌନ୍ଦର୍ଯ୍ୟ ସମ୍ପାଦନ କରେ ।

## ଅର୍ଥାଳଙ୍କାର

### ଉପମା

ଏକ ଧର୍ମବିଶିଷ୍ଟ ଭିନ୍ନ ଜାତୀୟ ବସ୍ତୁଦ୍ୱୟର ସାଦୃଶ୍ୟ କଥନକୁ ଉପମା ବୋଲାଯାଏ । ବର୍ଣ୍ଣିତ ବସ୍ତୁକୁ ଉପମେୟ ଏବଂ ଯାହା ସହିତ ତାହାର ଉପମା ଦିଆଯାଏ, ତାହାକୁ ଉପମାନ କହନ୍ତି; ଯଥା—

"ସହସ୍ର ଧାରାପାତ ଶଇଳଗଣ, ଖଳବଚନ ଯଥା ସହେ ସୁଜନ;
ପିଇନ୍ତି ଝର ଦେଖ, ଝାଙ୍କର ଅଙ୍ଗେ, ପାଷଣ୍ଡେ ହରିପ୍ରେମ ଯଥା ସୁସଙ୍ଗେ ।"
(ତୁଳସୀସ୍ତବକ)

ଏଠାରେ "ଧାରାପାତ" ସହିତ "ଖଳବଚନ"ର, "ଶଇଳ-ଗଣ" ସହିତ "ସୁଜନ"ର "ଝର" ସହିତ "ହରିପ୍ରେମ"ର ଏବଂ "ଝଙ୍କାର" ସହିତ "ପାଷଣ୍ଡ"ର ଉପମା ଦିଆଯାଇଅଛି । ଉପମାରେ ପ୍ରାୟ, ସମ, ଯଥା, ଯେପରି ପ୍ରଭୃତି ସାଦୃଶ୍ୟବୋଧକ ଶବ୍ଦ ବ୍ୟବହୃତ ହୁଏ ।

ଅନେକଗୁଡ଼ିଏ ଉପମା ଏକତ୍ର ଥିଲେ, ମାଲୋପମା ହୁଏ । କବିତାବଳୀର ଅଯୋଧ୍ୟା-ପ୍ରତ୍ୟାଗମନରେ ଗଙ୍ଗା-ଯମୁନାସଙ୍ଗମ ବର୍ଣ୍ଣନ ସ୍ଥଳରେ ଗୋଟିଏ ମାଲୋପମା ଅଛି । ଅନ୍ୟ ଉଦାହରଣ; ଯଥା—

"ସଖୀସମୂହରେ କୁସୁମବନେ, ଖେଳ କରୁଥିଲା ଏକାନ୍ତ ସ୍ଥାନେ,
କନକ ବଲ୍ଲରୀ ମଧ୍ୟେ ବିଜୁଳି, ଛାୟେ ଦିଶୁଥିଲା ସେ ବନବାଳୀ,
କି ତାରାମଣ୍ଡଳେ ଶଶୀ ଯେ,
ଅପସରୀ ସମୂହରେ କି ବିହରେ ଲୀଳାରେ କମଳା ଅପି ଯେ" (ବ,ଶ,)

## ରୂପକ

ବର୍ଣ୍ଣିତ ବସ୍ତୁ ସହିତ ସାଦୃଶ୍ୟ ହେତୁରୁ ଅନ୍ୟ ବସ୍ତୁର ଅରୋପ କରିବାର ନାମ ରୂପାଳଙ୍କାର ।

ରୂପ, ସ୍ୱରୂପ ଶବ୍ଦ ଏହାର ବୋଧକ; ଯଥା—
"ଯେଉଁ ନାମ କହିଲେ ଶାପୂର୍ଣ୍ଣମାସୀ,
ଚିନ୍ତା-ସିନ୍ଧୁକୁ ହେଲା ସେ ପୌର୍ଣ୍ଣମାସୀ ।" (ବ, ଚ,)

ଚନ୍ଦ୍ରା ଓ ନାମ ସହିତ ସିନ୍ଧୁ ଓ ପୌର୍ଣ୍ଣମାସୀର ସାଦୃଶ୍ୟ ଥିବାରୁ ସେମାନେ ଅଭିନ୍ନ ପଦାର୍ଥରୂପେ ବର୍ଣ୍ଣିତ ହୋଇଅଛନ୍ତି । ଚନ୍ଦ୍ରାସିନ୍ଧୁରୁ ଅର୍ଥାତ୍ ଚନ୍ଦ୍ରାରୂପ ସିନ୍ଧୁରୁ ।

## ଉତ୍ପ୍ରେକ୍ଷା

ଯେଉଁ ସ୍ଥଳରେ ବର୍ଣ୍ଣନୀୟ ବିଷୟ ସହିତ ଅନ୍ୟ ବିଷୟ ଅଭେଦ କଳ୍ପନା କରାଯାଏ, ତାହା ଉତ୍ପ୍ରେକ୍ଷାଳଙ୍କାର ।

କି, ବା, ଅବା, କିମ୍ବା ପ୍ରଭୃତି ଉତ୍ପ୍ରେକ୍ଷାବୋଧକ ଶବ୍ଦ; ଯଥା—

"ଉଜ୍ଜ୍ୱଳ ଛାୟାପଥ ନୟନ ରମେ,
ଧରମଦାଣ୍ଡ କି ସେ ପାପକର୍ଦ୍ଦମେ ?
ଜ୍ୟୋତିଷ୍କବିଭ୍ର କିବା ଉଜ୍ଜ୍ୱଳ ଦଣ୍ଡେ,
ଜ୍ୟୋତିଧାମର କୋଟି ଗବାକ୍ଷ କି ସେ ?" (ତୁଳସୀସ୍ତବକ)

ଏଠାରେ ଛାୟାପଥର ସହିତ ଧର୍ମଦାଣ୍ଡର ଏବଂ ଜ୍ୟୋତିଷ୍କର ସହିତ ଗବାକ୍ଷର ଅଭେଦ କଳ୍ପନା ହୋଇ କି ଏହି ପଦଦ୍ୱାରା ଉତ୍ପ୍ରେକ୍ଷା ସୂଚିତ ହେଉଅଛି ।

ପ୍ରକୃତ କହିବାକୁ ଗଲେ ରୂପକ ଏବଂ ଉତ୍ପ୍ରେକ୍ଷା ଉପମାଳଙ୍କାରର ରୂପଭେଦ ମାତ୍ର ।

## ସ୍ୱଭାବୋକ୍ତି

ପଦାର୍ଥମାନଙ୍କର ଯଥାଯଥ ଅଥଚ ଚମତ୍କାରପୂର୍ଣ୍ଣ ବର୍ଣ୍ଣନାକୁ ସ୍ୱଭାବୋକ୍ତି ଅଳଙ୍କାର କୁହାଯାଏ । ଭାଷାଦର୍ଶ ନାମକ ପୁସ୍ତକ

ବ୍ୟାକରଣରେ ନିମ୍ନୋକ୍ତ ପଙ୍‌କ୍ତିମାନ ଏହି ଅଳଙ୍କାରର ଉଦାହରଣ ସ୍ୱରୂପ ଗୃହୀତ ହୋଇଅଛି :—

ସ୍ତବ୍‌ଧ ବସୁମତୀ, ନୀରବ ସଂସାର
ଗାଢ଼ ନିଦ୍ରାବଶେ ସ୍ତବ୍‌ଧ ସ୍କନ୍ଧାବାର ।
ଦିଗ ଦିଗନ୍ତରେ ଶୁଭେ ଝିଁ ଝିଁ ସ୍ୱନ
କିବା ସେ ଯାମିନୀ ନୂପୁରନିକ୍ୱଣ ।
କ୍ଷଣେ କ୍ଷଣେ କ୍ଷୁବ୍‌ଧ କରୁଅଛି ଜଳ
ଶାନ୍ତ ସ୍ରୋତେ ଚଳ-ଶୈବଳ-ଚଞ୍ଚଳ
ଦେଖୁଛନ୍ତି ବୀର ଅନାଇ ନିଷ୍ଫଳେ
ଶଶିକର କ୍ରୀଡ଼ା ଢାଟଯୋଡ଼ୀ ଜଳେ,
କରବାଳମୁନେ କେବେ ଶୂନ୍ୟମାନେ
ରେଖୁଛନ୍ତି ରେଖା ବସି ବୀରାସନେ । (ନନ୍ଦିକେଶ୍ୱରୀ )

ଅଳଙ୍କାର ମଧ୍ୟରେ ସ୍ୱଭାବୋକ୍ତି ସର୍ବୋତ୍କୃଷ୍ଟ ବୋଲି ପରିଗଣିତ । ଓଡ଼ିଆରେ ଛନ୍ଦମାଳା ଅତି କ୍ଷୁଦ୍ରାବୟବ କାବ୍ୟ, ମାତ୍ର ଆଦ୍ୟୋପାନ୍ତ ସ୍ୱଭାବୋକ୍ତି ଅଳଙ୍କାରରେ ଅଳଙ୍କୃତ ହୋଇଥିବାରୁ ତାହା ଏତେ ଉପାଦେୟ ହୋଇଅଛି ।

## ଅତିଶୟୋକ୍ତି

ପଦାର୍ଥର ଅଯଥା ଆଧିକ୍ୟ ବର୍ଣ୍ଣନାକୁ ଅତିଶୟୋକ୍ତି ଅଳଙ୍କାର ବୋଲଯାଏ; ଯଥା—

"ପର୍ବତ ଆକାରେ ପଡ଼ିଅଛି ଦୁଃଶାସନ ।" (କବିତାବଳୀ)
"ସୁଭଦ୍ରା ଶୁଣି ଯେତେ ବେଶ ହୋଇଲେ
ଶେଷ ନ କରିବେ ଶେଷ ।" (ସୁ, ପ,)

ଅତିଶୟୋକ୍ତିର ବହୁଳ ପ୍ରୟୋଗ କବିତାର ଅପକର୍ଷକ ।

## ଅର୍ଥାନ୍ତରନ୍ୟାସ

ସାମାନ୍ୟ ଘଟନାଦ୍ୱାରା ବିଶେଷର, ବିଶେଷଦ୍ୱାରା ସାମାନ୍ୟର ଅର୍ଥ ସମର୍ଥିତ ହେଲେ ଅର୍ଥାନ୍ତରନ୍ୟାସ ହୁଏ ; ଯଥା—

"ବରଷାକାଳ ଅଟେ ଉଦ୍ଭିଦମିତ୍ର'
ମାତ୍ର ପଙ୍କଜ ମଣ୍ଡ ନୋହେ ବିଚିତ୍ର !
ଜଳ ଗହଳ ହେଲା ତା ପକ୍ଷେ ଯମ;
ଅତି ସମ୍ପଦ ବାରୁ, ମହାବିଷମ !"

## ବିରୋଧାଭାସ

ଦୁଇଟି ପଦଙ୍କୁ ଠାରେ ପାଠ କରିବାବେଳେ ବିରୁଦ୍ଧ ପରି ପ୍ରତୀତ ହୁଏ, ଅର୍ଥ ପ୍ରକାଶଦ୍ୱାରା ସେହି ବିରୋଧର ପରିହାର ହୁଏ, ତାହା ବିରୋଧାଭାସ ; ଯଥା—

"ଜୀବନ ଛାଡ଼ନ୍ତେ ପୁଲିନ ଅବଳୀ
ହୋଇଲା ସୁକାନ୍ତିମତୀ ।" (ଚିଲିକାପୂଜା)

ଏହା ପ୍ରଥମତଃ ଅସଙ୍ଗତ ବୋଧ ହେଉଛି, ମାତ୍ର ଜୀବନର ପ୍ରକୃତାର୍ଥ ବୁଝିଲାରୁ ସେହି ଅସଙ୍ଗତ ଦୂର ହୋଇ ଯାଉଅଛି ।

ସଂସ୍କୃତ ଅଳଙ୍କାରିକମାନେ ଅନେକ ଅଳଙ୍କାର ନିର୍ଦ୍ଦେଶ କରି ଅଛନ୍ତି । କେବଳ ପ୍ରଧାନ କେତେଗୁଡ଼ିଏ ଅଳଙ୍କାର ଦିଆଗଲା ବାହୁଲ୍ୟ ଭୟରେ ଅବଶିଷ୍ଟ ପରିତ୍ୟକ୍ତ ହେଲା ।

# ଦୋଷ

ଯାହାଦ୍ୱାରା ରଚନାର ଅପକର୍ଷ ଜାତ ହୁଏ, ତାହାର ନାମ ଦୋଷ । ଦୋଷ ନାନା ପ୍ରକାର, ଯଥା—ବ୍ୟାକରଣ ଦୁଷ୍ଟତା, ଶ୍ରୁତକଟୁତା, କ୍ଲିଷ୍ଟତା, ଅଶ୍ଳୀଳତା, ଅପ୍ରଯୁକ୍ତତା, ଗ୍ରାମ୍ୟତା ଇତ୍ୟାଦି ।

ଏଠାରେ ସର୍ବ ପ୍ରକାର ଦୋଷର ବିବୃତ ସମ୍ଭବପର ନୁହେ । ନିମ୍ନରେ ପ୍ରଧାନ ପ୍ରଧାନ କେତେଗୁଡ଼ିଏ ଦୋଷ ଉଲ୍ଲେଖ କରାଯାଇଅଛି । ବ୍ୟାକରଣଦୁଷ୍ଟତା ; ଯଥା :—

"ଏସ ମୋର ଭକତ ବିଶ୍ୱାସ ।" ( ଭାଗବତ )
"ବିଭାବରବିଣୀ ଶୁଣି ପୁଲକ ବହୁ,
ବିଭା କର ଲଗ୍ନ ବୃଦ୍ଧି ବିଶିଷ୍ଟେ କହୁ ।" ( ବୈ, ବି, )

ଏ ଦୁଇ ସ୍ଥଳରେ ବିଶ୍ୱାସୀ ପଦବର୍ତ୍ତିରେ 'ବିଶ୍ୱାସ' ଓ 'କହୁଲେ' ପରବର୍ତ୍ତିରେ 'କହୁ' ପ୍ରୟୋଗ ହୋଇ ରଚନା ବ୍ୟାକରଣଦୁଷ୍ଟ ହୋଇଅଛି ।

ଶ୍ରୁତକଟୁତା—ଯଥା—ଚନ୍ଦ୍ରବଦନୀ ପରିବର୍ତ୍ତିରେ ଇନ୍ଦୁ-ବଦନୀ ଏବଂ ପଙ୍କଜମୁଖ ପରିବର୍ତ୍ତିରେ ଅବ୍‌ଜବକ୍ତ୍ର ପ୍ରୟୋଗ ।

କ୍ଲିଷ୍ଟତା, ଯଥା—ବଳରାମ ପରିବର୍ତ୍ତିରେ 'ରାମ-ତାତ-ଭ୍ରାତ' ଏବଂ ଷୋଡ଼ଶୀର ପରିବର୍ତ୍ତିରେ 'ବେଦସ୍ୱଗୁଣତୁବୟସୀ'ର ପ୍ରୟୋଗ ।

ଅଶ୍ଳୀଳତା—ଯଦ୍ୱାରା ରଚନା ସାଧାରଣରେ ପ୍ରକାଶର ଯୋଗ୍ୟ ନୁହେ । ଏହାର ଉଦାହରଣ ଓଡ଼ିଆ ସାହିତ୍ୟରେ ଅପ୍ରୁଲଭ ନୁହେ ।

ଅପ୍ରଯୁକ୍ତତା—ଅପ୍ରଚଳିତ ଅଭିଧାନିକ ଶବ୍ଦର ପ୍ରୟୋଗ, ଯଥା—ପଦ୍ମ ପରିବର୍ତ୍ତିରେ କଞ୍ଜ, ଦନ୍ତ ପରିବର୍ତ୍ତିରେ ଦ୍ୱିଜ, ଗଜ ପରିବର୍ତ୍ତିରେ ଇଭ, ସ୍ୱର୍ଗ ପରିବର୍ତ୍ତିରେ ନାକ, ଜଳ ପରିବର୍ତ୍ତିରେ କ, ଆକାଶ ପରିବର୍ତ୍ତିରେ ଖ, ପକ୍ଷୀ ପରିବର୍ତ୍ତିରେ ବ ଇତ୍ୟାଦି ।

ଗ୍ରାମ୍ୟତା—ଇତର ଲୋକ ବ୍ୟବହାର୍ଯ୍ୟ ଶବ୍ଦ ଥିଲେ ଏ ଦୋଷ ହୁଏ । କବିତାବଳୀରେ ବେଣୀ ସଂହାରରେ ଦୁଃଶାସନ ସମ୍ବନ୍ଧୀୟର 'ଦୁଃଶା' ଶବ୍ଦର ପ୍ରୟୋଗ ଏହି ଦୋଷ ମଧ୍ୟରେ ପରିଗଣିତ ହୋଇ ପାରେ ।

ସ୍ଥୂଳରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଯେଉଁ ରଚନା ଅସଙ୍ଗତ, ଦୁର୍ବୋଧ କିମ୍ବା ସାଧାରଣରେ ଅପାଠ୍ୟ ହୁଏ, ତାହା ଦୋଷ ବୋଲି ପରିଗଣିତ ।

## ଓଡ଼ିଆ ଭାଷା

ଓଡ଼ିଆ ଭାଷା ଆର୍ଯ୍ୟଭାଷା । ଭାରତବର୍ଷରେ ଯେତେ ଭାଷା ପ୍ରଚଳିତ, ସେଗୁଡ଼ିକ ସାଧାରଣତଃ ଦୁଇ ପ୍ରଧାନ ଶ୍ରେଣୀରେ ବିଭକ୍ତ; ଯଥା—ଆର୍ଯ୍ୟ ଓ ଅନାର୍ଯ୍ୟ । ଓଡ଼ିଆ, ବଙ୍ଗଳା, ହିନ୍ଦୀ, ମରହଟ୍ଟୀ, ଗୁଜୁରାଟି ପ୍ରଭୃତି ଭାଷା ସଂସ୍କୃତମୂଳକ ହୋଇଥିବାରୁ ଏମାନଙ୍କୁ ଆର୍ଯ୍ୟଭାଷା ବୋଲାଯାଏ । ତେଲିଙ୍ଗ, ତାମିଲ ପ୍ରଭୃତି ଭାଷାରେ ଅନେକ ସଂସ୍କୃତ ଶବ୍ଦ ଥିଲେହେଁ ସେମାନେ ଅନାର୍ଯ୍ୟ ଭାଷା ।

ସମସ୍ତ ଆର୍ଯ୍ୟଭାଷାମାନଙ୍କର ବୈୟାକରଣିକ ଅବୟବ ସଂଗଠନ ପ୍ରାୟ ଏକ ପ୍ରକାର । ସଂସ୍କୃତ ବ୍ୟାକରଣ ଆଦର୍ଶରେ ଏମାନଙ୍କର ବ୍ୟାକରଣ ସଂଗଠିତ ।

ଏହି ହେତୁରୁ କୌଣସି ଓଡ଼ିଆ, ଅର୍ଯ୍ୟାବର୍ତ୍ତ ଏବଂ ଦାକ୍ଷିଣାତ୍ୟର ଅନ୍ତର୍ଗତ ମହାରାଷ୍ଟ୍ର ପ୍ରଭୃତି ଦେଶରେ ପରିଭ୍ରମଣ କଲେ ସେ ଅଞ୍ଚଳର ଭାଷା ଅଧିକାଂଶ ବୁଝି ପାରନ୍ତି, ମାତ୍ର ତେଲିଙ୍ଗ ଏବଂ ତାମିଲ ଭାଷା ତା' [illegible]ମାନଙ୍କର ନିତାନ୍ତ ଦୁର୍ବୋଧ ।

ଓଡ଼ିଆ ଭାଷାର ଅଧିକାଂଶ ଶବ୍ଦ ଅବିକଳ ସଂସ୍କୃତରୁ ଗୃହୀତ । [illegible] ସମାନ ସଂସ୍କୃତ ଶବ୍ଦର ସମାନ ହେବାରୁ ତତ୍ସମ ନାମରେ [illegible], ଯଥା—କଦଳୀ, ପଦ୍ମ, ଇନ୍ଧନ, ବର୍ତ୍ତନ, ଏକାଦଶୀ ଇତ୍ୟାଦି ।

ଏପରି ଅନେକ ଶବ୍ଦ ଅଛି, ଯାହା ସଂସ୍କୃତମୂଳକ ହୋଇ ସୁଦ୍ଧା ଅପଭ୍ରଷ୍ଟରୂପେ ବ୍ୟବହୃତ ହେଉଅଛି । ସେମାନଙ୍କୁ ତଦ୍ଭବ ଶବ୍ଦ ବୋଲାଯାଏ ; ଯଥା—

| ସଂସ୍କୃତ | ଅପଭ୍ରଷ୍ଟ | ସଂସ୍କୃତ | ଅପଭ୍ରଷ୍ଟ |
|---|---|---|---|
| ନାସିକା ... | ନାକ | କାଷ୍ଠ | କାଠ |
| ଅକ୍ଷି | ଆଖି | ମିଷ୍ଟ | ମିଠା |
| କର୍ଣ୍ଣ ... | କାନ | ଘୃତ ... | ଘିଅ |
| ମସ୍ତକ | ମଥା | ଦୁଗ୍ଧ | ଦୁଧ |
| ହସ୍ତ | ହାତ | ଦଧି | ଦହି |
| ଦନ୍ତ ... | ଦାନ୍ତ | ମଧୁ | ମହୁ |
| ଜିହ୍ୱା | ଜିଭ | ଚକ୍ର | ଚକ |
| ପୃଷ୍ଠ | ପିଠି | ବକ୍ର | ବାଙ୍କ |
| କୂପ | କୂଅ | ଉପାଧ୍ୟାୟ ... | ଓଝା |
| କର୍କଟି ... | କଙ୍କୁଡ଼ି | | |

କେତେଗୁଡ଼ିଏ ଶବ୍ଦ ଅଛି, ଯାହା ସଂସ୍କୃତମୂଳକ ବୋଲି ବୋଧହୁଏ ନାହିଁ , ଯଥା—କୁଣ୍ଡା, ଭଣ୍ଡି, ବେଙ୍ଗ, ଝାଳ ଇତ୍ୟାଦି । ଏ ଶବ୍ଦଗୁଡ଼ିକ ଦେଶଜ ନାମରେ ଅଭିହିତ । ଗବେଷଣାଦ୍ୱାରା ଅନେକ ଦେଶଜ ଶବ୍ଦ ତଦ୍ଭବ ଶ୍ରେଣୀର ଅନ୍ତର୍ଗତ ହେଉଅଛି ।

ହିନ୍ଦୀ ସହିତ ଓ ଓଡ଼ିଆ, ଓ ବଙ୍ଗଳା ଉଭୟ ଭାଷାର ବିଶେଷ ସାଦୃଶ୍ୟ ଦେଖାଯାଏ । ପୁଣି ଓଡ଼ିଆରେ ହିନ୍ଦୀସଦୃଶ କେତେ [illegible] ଦେଖାଯାଏ, ଯାହା କି ବଙ୍ଗଦେଶରେ ପ୍ରଚଳିତ ନୁହେଁ ; [illegible]—

| ହିନ୍ଦୀ | ଓଡ଼ିଆ | ହିନ୍ଦୀ | ଓଡ଼ିଆ |
|---|---|---|---|
| ସାମ୍ନହ ଘାମ୍ନ | ( ସାମ୍ମୁଖ୍ୟ ) | ଛବିଲ | ଛଇଲ |
| ପଷ୍ଟାଡର | ପଷ୍ଟାନ୍ତର | ପାଓଢ଼ା | ପାଏଢ଼ା |
| ହେଡ଼୍ | ହେଡ଼ୁ | ସୋବାବନ | ସୋଆବନ |
| ସାଓଲ୍ଟର | ଓଲଟ | ଗିର | ଗିର |
| ଜୌବନ | ଜୋଗଣ | ହେଉଜ | ହେଉଷା |
| ଉଗର | ଉଗର୍ | ବୃଥାଲ | ବଧାଲ |

ଏହି ଶବ୍ଦ ଏବଂ ଏହିପରି ଅନ୍ୟାନ୍ୟ ଅନେକ ଶବ୍ଦଦ୍ୱାରା ବଙ୍ଗଭାଷାରୁ ଓଡ଼ିଆ ଭାଷାର ସ୍ୱତନ୍ତ୍ର ସତ୍ତା ଅନ୍ତତଃ ଆଂଶିକ ପ୍ରତିପନ୍ନ କରାଯାଇ ପାରେ ।

ବିଦେଶୀୟ ସଂସ୍ରବ ଏବଂ ଅଧିକାର ହେତୁରୁ କେତେଗୁଡ଼ିଏ ପାରସ୍ୟ, ଆରବ୍ୟ, ଇଂରାଜୀ, ପର୍ତ୍ତୁଗୀଜ ପ୍ରଭୃତି ଭାଷାର ଶବ୍ଦ ଓଡ଼ିଆରେ ମିଶ୍ରିତ ହୋଇଅଛି; ଯଥା—

ପାରସ୍ୟ ଶବ୍ଦ—ଜମିଦାର, ପରବାନା, ବାଦତ୍, ନାଲିଶ, ଦଖଲ୍ଫତ୍, ଉମେଦବାର, ଖାନସାମା, ସରୋର, ସେରସ୍ତାଦାର, ପେଶକାର, ଫରଅଦ ଇତ୍ୟାଦି ।

ଆରବ୍ୟ ଶବ୍ଦ—ଓକିଲ୍, ଦୁଆଲତ , ମୋକଦ୍ଦମା, ମୁକ୍ତାର, ଇସ୍ତିହାର, ଅକ୍କଲ, ଅମଲ, ତପସିଲ, ନଜର, ହାଜର, ମୋତାବକ ଇତ୍ୟାଦି ।

ଇଂରାଜୀ ଶବ୍ଦ—ବୋତଲ, ଗ୍ଲାସ, ବାକ୍ସ, ଡେକ୍ସ, ଡାକ୍ତର, [illegible], ବେଞ୍ଚ, ବୋର୍ଡ଼, ରେଲ, କୋର୍ଟ ଇତ୍ୟାଦି ।

ପର୍ତ୍ତୁଗିଜ୍ ଶବ୍ଦ—ଗିର୍ଜା, ମାଦର, ବେହେଲ ଇତ୍ୟାଦି ।

ସମାପ୍ତ

---

Printed by M. A. Hadi, at the L. N. Press
Cuttack. 1945